


ମହିଳା ବିଶ୍ୱକପ୍ ସେମିରେ ଭାରତ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-117 ♦FRIDAY ♦24 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୧୭ ♦ଶୁକ୍ରବାର ♦୨୪ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

### ମାମଲା ସମ୍ପର୍କିତ ଦସ୍ତାବିଜ୍ ହସ୍ତାନ୍ତର କଲା କ୍ରାଇମବ୍ରାଞ୍ଚ

■ **ଭୁବନେଶ୍ୱର, ୨୩।୧୦ (ସମିସ):** ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ ଆଜି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ମାମଲା ରୁଜୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସିବିଆଇର ଏକ ଦୁଇ ଜଣିଆ ଟିମ୍ କ୍ରାଇମ୍‌ବ୍ରାଞ୍ଚ ଅଫିସ୍ ଯାଇ ମାମଲା ସମ୍ପର୍କିତ ଏକାଧିକ ଦସ୍ତାବିଜ୍ ସଂଗ୍ରହ କରିଛି। ଦସ୍ତାବିଜ୍‌କୁ ପରଖିବା ପରେ ସିବିଆଇ ଆଇନଗତ ପ୍ରସ୍ତୁତି ଆରମ୍ଭ କରିବା ସହ ୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର କୋର୍ଟରୁ ଅନୁମତି ନେଇ ସିବିଆଇ ମୁନା ଏବଂ ଅନ୍ୟ ଦଲାଲଙ୍କୁ ଜେଲ୍ ଭିତରେ ପଚରାଉଚରା କରିବ ବୋଲି ସୂଚନା ମିଳିଛି।

**୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ**

ଏହି ମାମଲାରେ ଅଦ୍ୟାବଧି ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗକୁ ଲମ୍ବିଥିବା ଜଣାପଡ଼ିଛି। ଏଥିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଉଛି। ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଆଜି ସୁଦ୍ଧା ୧୨୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୯ ଜଣ ଦଲାଲ୍ ଅଛନ୍ତି।

## ସନ୍ଦେହ ଘେରରେ ତ୍ରିନାଥ, ସୁନିଲ୍ ଓ ଗୋବିନ୍ଦର ଭୂମିକା

■ **ଭୁବନେଶ୍ୱର, ୨୩।୧୦(ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ଯିବା ପରେ ରାଜ୍ୟ ବାହାରେ ବସିଥିବା ଦଲାଲ୍‌ଙ୍କ ନିଦ ହଜିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଦଲାଲ୍ ମୁନ୍ନା ମହାନ୍ତିର ପ୍ରତ୍ୟକ୍ଷ ତତ୍ୱାବଧାନରେ ଆନ୍ଧ୍ର ପ୍ରଦେଶର ଗୋବିନ୍ଦ ରେଡ୍ଡି ନାମକ ଜଣେ ବ୍ୟକ୍ତି ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବା ସହ ତାଙ୍କର ଜଣେ ଖାସ୍ ସହଯୋଗୀ ଭାବେ ସେ ସବୁ ବୁଝାବୁଝି କରୁଥିଲା। ଏପରିକି ଗୋବିନ୍ଦ ହିଁ ପ୍ରଶ୍ନପତ୍ର ପ୍ରିଣ୍ଟିଂ ସ୍ଥାନରୁ ଆଣିବା ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ଘଟଣା ପରେ ଗୋବିନ୍ଦ ଦିଲ୍ଲୀରେ ଡେରା ପକାଇ ସୁପ୍ରିମ୍‌କୋର୍ଟରେ ଆଗୁଆ ଜାମିନ୍ ପାଇଁ ଆବେଦନ କରିବାକୁ ବିଚାରବିମର୍ଶ କରିଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରରେ ସେ ଆସୁ ନ ଥିବା ପ୍ରାୟ ନିଶ୍ଚିତ ହେବା ପରେ ସେ ଆଗୁଆ ଜାମିନ୍ ଆବେଦନ କରି ନ ଥିଲା। ଏବେ ସିବିଆଇକୁ ମାମଲା ହସ୍ତାନ୍ତର ହେଉଥିବା ଆଗୁଆ ଖବର ପାଇବା ପରେ ଗୋବିନ୍ଦ ଓ ତା'ର ଘନିଷ୍ଠ ସହଯୋଗୀ ତ୍ରିନାଥ ଦେଶ ବାହାରକୁ ପଳାଇଯିବାକୁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ୨୦୨୩ ସିଭିଲ୍ ଜେଇଇ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ପଙ୍କା ସୁନିଲ୍ ଓ ଗୋବିନ୍ଦ ତ୍ରୀପାଠୀ ମଧ୍ୟ ପୁଲିସ ଏସ୍ଆଇ ଚାକିରି ବିକ୍ରିରେ ସମ୍ପୃକ୍ତ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ୧୧୦ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଦୀଘା ମଡେଲ୍ ଘଟଣାରେ ଗିରଫ ଅରବିନ୍ଦକୁ ଏମାନେ ସହଯୋଗ କରୁଥିଲେ। ଖାସ୍ କରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରିବାରେ ଏମାନେ ପ୍ରମୁଖ ଭୂମିକା ନେଇଥିଲେ। ଭଦ୍ରକ ଜିଲ୍ଲାର ଜଣେ ପରୀକ୍ଷାର୍ଥୀ ୨ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଅବଶିଷ୍ଟ ଟଙ୍କା ଦୀଘାରେ ଦେବାକୁ କହିଥିଲେ। ଯୋଜନା ଭଣ୍ଡୁର ହେବାରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ସମସ୍ତ ଟଙ୍କା ତୁରନ୍ତ ଫେରାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ଏପରିକି ତାଙ୍କ ନାମ କହିଲେ ପରୀକ୍ଷାର୍ଥୀଙ୍କୁ ମଧ୍ୟ ପୁଲିସ୍ ବାନ୍ଧିବ ବୋଲି ଚେତାବନୀ ଦେଇଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ଡିଜି ପରୀକ୍ଷାର୍ଥୀଙ୍କୁ ତଥ୍ୟ ଦେବାକୁ ଆହ୍ୱାନ କରିବା ପରେ ପରୀକ୍ଷାର୍ଥୀ ଜଣକ ନିଜଆଡୁ ତଥ୍ୟ ଦେବାକୁ ଆଗ୍ରହୀ ଅଛନ୍ତି। ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିକୁ ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ଅଭିହିତ କରି ତଦନ୍ତକୁ ସୀମିତ ରଖିଥିବାରୁ ବିଭିନ୍ନ ଅନାଲୋଚିତ ଦିଗ ଉନ୍ମୋଚନ ହୋଇ ପାରି ନ ଥିବା ଆଇନଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

### କାରବାଇଡ୍ ବନ୍ଧୁକ ବାଣ ହେଲା କାଳ

## ଦୃଷ୍ଟିଶକ୍ତି ହରାଇଲେ ୧୪ ଶିଶୁ





■ **ଭୋପାଲ, ୨୩।୧୦ (ଏଜେନ୍ସି):** ମଧ୍ୟପ୍ରଦେଶରେ ଦୀପାବଳି ଉତ୍ସବ ପାଳନ ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବାଣ ଫୁଟାଇବାର ମଜା ନେବାଲାଗି ପିଲାମାନେ କାରବାଇଡ୍ ବନ୍ଧୁକ ବ୍ୟବହାର କରିବାରୁ ଏହା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଏହି ବନ୍ଧୁକରେ ବାଣ ଫୁଟାଇବାରୁ ବିସ୍ଫୋରଣ ହୋଇ ୧୨୨ ଶିଶୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଶିଶୁଙ୍କର ଆଖି ନଷ୍ଟ ହୋଇଯାଇଛି। ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଏଭଳି କଷ୍ଟଦାୟକ ଖବର ମିଳିବାରେ ଲାଗିଛି।

ପ୍ରତିବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ବିଭିନ୍ନ ପ୍ରକାର ସରଞ୍ଜାମ ବଜାରକୁ ଆସେ। ସେହିଭଳି ଏଥର ମଧ୍ୟପ୍ରଦେଶର ବିଭିନ୍ନ ବଜାରରେ କାରବାଇଡ୍ ଗନ୍ ବା

**୧୨୨ ଶିଶୁ ମେଡିକାଲରେ ଭର୍ତ୍ତି**

ଦେଶୀ ବନ୍ଧୁକ ବାଣ ଆସିଥିଲା। ପ୍ଲାଷ୍ଟିକ୍ ଓ ଟିଣ ପାଇପ୍‌ରେ ନିର୍ମିତ ଏହି ବାଣରେ ଗନପାଉଡର, କାଲସିୟମ କାରବାଇଡ୍ ଓ ମାଚିସ୍ ଭର୍ତ୍ତି ହୋଇ ରହିଥାଏ। ଏଥିରେ ନିଆଁ ଲଗାଇବା ମାତ୍ରେ ଭୀଷଣ ବିସ୍ଫୋରଣ କରେ। ଏହି କାରବାଇଡ୍ ଗନଗୁଡ଼ିକ ମାରାତ୍ମକ ହୋଇଥିବାରୁ ଏହାର ତିଆରି ଓ ବିକ୍ରି ଉପରେ ମଧ୍ୟପ୍ରଦେଶ ସରକାର ଗତ ୧୮ ତାରିଖରେ କଟକଣା ଜାରି କରିଥିଲେ। ଏହାସତ୍ତ୍ୱେ ବିଭିନ୍ନ ଦୋକାନ ବଜାରରେ ଖେଳନା ଭଳି ଏହାର ବିକ୍ରି ହୋଇଥିଲା। ୧୫୦ରୁ ୨୦୦ ଟଙ୍କା ଭିତରେ ବିକ୍ରି ହୋଇଥିବା ▶ପୃଷ୍ଠା-୭

### ଚାକିରି ଦେବା ଆଳରେ ଠକେଇ

## ୨ ହଜାର ଲୋକଙ୍କଠାରୁ ଠକିଛନ୍ତି ୨ କୋଟି





**ମହିଳାଙ୍କ ସମେତ ୨ ଗିରଫ**

**୬୨ ଲକ୍ଷ ଟଙ୍କା, ମୋବାଇଲ, କାଗଜପତ୍ର ଜବତ**

**ସମ୍ବଲପୁର, ସୋନପୁର, ବରଗଡ଼ ଓ ବୌଦ୍ଧରେ ଚାଲିଥିଲା ରାକେଟ୍**

■ **ସମ୍ବଲପୁର, ୨୩।୧୦ (ସମିସ):** ଗ୍ରାମରେ ଛୋଟଛୋଟ ବୈଠକ କରୁଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପରାମର୍ଶ ଦେଉଥିଲେ। ଦିନକୁ ମାତ୍ର ୧ଘଣ୍ଟା କାମ କଲେ ପାରିଶ୍ରମିକ ୪୦୦ ଟଙ୍କା ମିଳିବ ବୋଲି ଲୋଭ ଦେଖାଉଥିଲେ। ଖାଲି ସେତିକି ନୁହେଁ, ୧୨ହଜାର ଟଙ୍କା ଦେଲେ ସମ୍ବଲପୁର ମହାନଗର ନିଗମରେ ଚାକିରି କରାଇଦେବେ ବୋଲି କହୁଥିଲେ। ଏମିତି ଉପାୟରେ ପାଖାପାଖି ୨ ହଜାର ଲୋକଙ୍କଠାରୁ ୨ କୋଟି ଟଙ୍କା ଠକି ନେଇଥିବା ଏକ ରାକେଟ୍‌ର ପର୍ଦ୍ଦାଫାସ କରିଛି ବୁର୍ଲା ପୁଲିସ। ଜଣେ ମହିଳା ସମେତ ମୋଟ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, କ୍ଷେତରାଜପୁର ଥାନା ବଡ଼ବଜାରର ରାହୁଲ ଓରଫ ସମ୍ରାଟ ରାୟ(୩୨) ଓ ବୁର୍ଲା ଥାନା ସତୁପାଲିର ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)। ଅନ୍ୟ ଜଣେ ଅଭିଯୁକ୍ତ ଭୁବନେଶ୍ୱରର ସୌମ୍ୟ ସାହୁ ଫେରାର ରହିଛି। ସେମାନଙ୍କ ନିକଟରୁ ପୁଲିସ ୬୨ଲକ୍ଷ ଟଙ୍କା, ୨ଟି ମୋବାଇଲ ସହ ବିଭିନ୍ନ କାଗଜପତ୍ର ଜବତ କରିଛି। ପଦ୍ମାଳୟା ନାମରେ ଥିବା ଗୋଟାଏ ଟାଟା ମ୍ୟାଜିକ୍ ଭ୍ୟାନ ଓ ରାହୁଲ ନାମରେ ଥିବା କାର୍‌କୁ ମଧ୍ୟ ଜବତ କରିଛି।

ସୂଚନାନୁସାରେ, କିଛି ଦିନ ପୂର୍ବରୁ ସମ୍ବଲପୁର ମହାନଗର ନିଗମ (ଏସଏମସି)ରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଜଣକ ପିଛା ୧୨ହଜାର ଟଙ୍କା ନିଆଯାଉଥିଲା। ଏସଏମସି ଓ ଆରମାକ୍ସ ପ୍ରା. ଲିଃ ନାମକ ଏକ ସଂସ୍ଥା ▶ପୃଷ୍ଠା-୭

## ବିଶ୍ୱର ୧୧ ପ୍ରତିଶତ ସୁନା ଭାରତୀୟ ଗୃହିଣୀଙ୍କ ପାଖରେ

### ଭାରତରେ ରହିଛି ୫୦ ହଜାର ଟନ୍



**ଗୃହିଣୀଙ୍କ ପାଖରେ ୨୮ ହଜାର ଟନ୍**

**ମନ୍ଦିରଗୁଡ଼ିକରେ ୨୨ ହଜାର ଟନ୍**

**ରିଜର୍ଭ ବ୍ୟାଙ୍କରେ ମାତ୍ର ୮୮୦ ଟନ୍**

■ **ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି):** ଭାରତରେ ସୁନା ଭଣ୍ଡାର ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାରତରେ ଏବେ ୫୦ ହଜାର ଟନ୍ ସୁନା ରହିଛି। ଭାରତୀୟ ଗୃହିଣୀମାନଙ୍କ ପାଖରେ ସର୍ବାଧିକ ୨୮ ହଜାର ଟନ୍ ସୁନା ରହିଥିବା ବେଳେ ବିଭିନ୍ନ ମନ୍ଦିରରେ ୨୨ ହଜାର ଟନ୍ ସୁନା ରହିଛି। ଭାରତୀୟ ଗୃହିଣୀଙ୍କ ପାଖରେ ଯେତେ ସୁନା ରହିଛି, ତାହା ସାରା ବିଶ୍ୱରେ ଗଚ୍ଛିତ ରହିଥିବା ସୁନାର ୧୧ ଭାଗ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଆମେରିକା ରିଜର୍ଭ ବ୍ୟାଙ୍କରେ ଯେତେ ସୁନା ରହିଛି, ତାହାର ତିନି ଗୁଣା ସୁନା ଭାରତୀୟ ଗୃହିଣୀଙ୍କ ପାଖରେ ରହିଛି। ତେବେ ଏହା ତୁଳନାରେ ଭାରତୀୟ ରିଜର୍ଭ ▶ପୃଷ୍ଠା-୭

### 'କ୍ରିପ୍ଟୋ କରେନ୍ସି' ମହାଠକେଇ

## କଟକରୁ ୩୨ ସନ୍ଦିଗ୍ଧ ଗିରଫ

### ୪ଟି ପଶ୍ଚିମବଙ୍ଗ କାର୍, ଗୋଟିଏ କ୍ରିପ୍ଟୋ-ୱାଲେଟ୍ ମେସିନ୍, ୩୫ଟି ମୋବାଇଲ୍, ମାଳମାଳ ଆଧାର ଓ ପାନ୍‌କାର୍ଡ ଜବତ



■ **କଟକ, ୨୩।୧୦ (ସମିସ):** କ୍ରିପ୍ଟୋରେ ନିବେଶ ଆଳରେ ପଶ୍ଚିମବଙ୍ଗରୁ ପାଖାପାଖି ୧୦୦ କୋଟି ଟଙ୍କା ଚୂନ ମାରିବା ପରେ ଓଡ଼ିଶାମୁହାଁ ହୋଇଥିଲେ। ଏଠି ବି ଲୋକଙ୍କୁ ସେଇ ସ୍ୱପ୍ନ ଦେଖାଇଥିଲେ। ବୁଢ଼ିଆଣୀ ଜାଲ ଭଳି ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଠକିବା ପାଇଁ ଜାଲ ବିଛାଇଥିଲେ। ଏଥର କିନ୍ତୁ ଲକ୍ଷ୍ୟ ଆହୁରି ବଡ଼ ଥିଲା। ସେଥିପାଇଁ ନେଟ୍‌ୱାର୍କ ତିଆରି କରିଥିଲେ। କିଛି ଲୋକଙ୍କୁ ପାଲରେ ପକାଇଥିଲେ। ପୁରୀ ନେଇ ବୁଲାବୁଲି କରାଇବା ସହ ହୋଟେଲରେ ରଖିଥିଲେ। କିନ୍ତୁ ସବୁ ଫସର ଫାଟିଗଲା; ଠିକ୍ ବେଳେ ପୁଲିସ ମାଡ଼ି ବସିଲା। ଚାଉଳିଆଗଞ୍ଜ ପୁଲିସ ଆଜି ଶିଖରପୁର ଛକରେ ଥିବା ଜସ୍ମିନ୍ ହୋଟେଲ୍‌ରେ ଚଢ଼ଉ କରି ୩୨ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଘର କୋଲକାତାରେ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଆ ଯୁବକ। ଏମାନଙ୍କ ମଧ୍ୟରେ ୨ଜଣ ମାଷ୍ଟରମାଇଣ୍ଡ ଥିବା ଜଣାଯାଇଛି। ସେମାନଙ୍କଠାରୁ ୩୫ଟି ମୋବାଇଲ୍, ୪ଟି କାର୍, ଗୋଟିଏ କ୍ରିପ୍ଟୋ ୱାଲେଟ୍ ମେସିନ୍ ଏବଂ ମାଳମାଳ ଆଧାର ଓ ପ୍ୟାନ୍‌କାର୍ଡ ଜବତ କରାଯାଇଛି। ଖୁବ୍‌ଶୀଘ୍ର ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ପଠାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

## କେନ୍ଦ୍ରାପଡ଼ାରେ ଶିଶୁ ବିକ୍ରି

### ୨ ହଜାର ଟଙ୍କା ଦେଇ ଡାକ୍ତରଖାନାରୁ ମାନସିକ ଭିନ୍ନକ୍ଷମ ଯୁବତୀଙ୍କ ଶିଶୁପୁତ୍ରକୁ ନେଇଗଲେ

■ **ପଟ୍ଟାମୁଣ୍ଡାଇ/ମାଳିପୁର, ୨୩।୧୦ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମାନସିକ ଭିନ୍ନକ୍ଷମ ଅବିବାହିତ ଯୁବତୀଙ୍କ ନବଜାତ ଶିଶୁପୁତ୍ର ବିକ୍ରି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଉଡିକଣ ଅଞ୍ଚଳର ଯୁବତୀଜଣଙ୍କ କିଛି ଦିନ ତଳେ ଗର୍ଭବତୀ ହୋଇଥିଲେ। ପ୍ରସବ ଯନ୍ତ୍ରଣା ହେବାରୁ ଗତ ୧୭ ତାରିଖ ଦିନ ଯୁବତୀଙ୍କ ମାଆ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ଭର୍ତ୍ତି ହେବାର କିଛି ସମୟ ପରେ ଯୁବତୀଜଣଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତେବେ ସେଠାରେ ଜଣେ ଲୋକ ନିଜକୁ ସରକାରୀ ଅଧିକାରୀ ପରିଚୟ ଦେଇ ଶିଶୁଟିକୁ ନେଇଯାଇଥିଲେ। 'ତୁମେ ପିଲାକୁ ସମ୍ଭାଳି ପାରିବ ନାହିଁ, ତାକୁ ଆମକୁ ଦେଇଦିଅ' କହି ତାଙ୍କଠାରୁ ପୁତ୍ର ସନ୍ତାନକୁ ନେଇଯାଇଥିଲେ ବୋଲି ଯୁବତୀଙ୍କ ମାଆ କହିଛନ୍ତି। ପ୍ରତି ବଦଳରେ ସଂପୃକ୍ତ ବ୍ୟକ୍ତି ତାଙ୍କୁ ୨ହଜାର ଟଙ୍କା ଧରାଇ ଦେଇଥିଲେ। ପରେ ତାଙ୍କୁ ତରବରିଆ ଭାବେ ହସ୍ପିଟାଲରୁ ଡିସଚାର୍ଜ କରିଦିଆଯାଇଥିଲା। ଏ ସଂପର୍କରେ ଯୁବତୀଙ୍କ ଗାଁ ଲୋକେ ଜାଣିବା ପରେ ଘଟଣା ପଦାକୁ ଆସିଛି। ଏହି ଘଟଣା ପଛରେ ମେଡିକାଲ କର୍ମଚାରୀଙ୍କ ସଂପୃକ୍ତି ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାସହ ଏହି ଘଟଣାର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି।

**ତଦନ୍ତ ଦାବିକଲେ ଗ୍ରାମବାସୀ**

ଗ୍ରାମବାସୀଙ୍କ କହିବା କଥା, ଯୁବତୀଜଣଙ୍କ ଅବିବାହିତା ହୋଇଥିବା ବେଳେ ଓପିଡି ଏମର୍ଜେନ୍ସି କାର୍ଡ ଟୋକେନ ନଂ୧୯ ରେ ତାଙ୍କ ସ୍ୱାମୀଙ୍କ ନାମ ସୁବ୍ରତ ବାରିକ ବୋଲି ଉଲ୍ଲେଖ ରହିଛି। ସେହିପରି, ସନ୍ତାନ ଜନ୍ମ ଦେବା ପରେ ମାଆ ଓ ଶିଶୁ ୪୮ ଘଣ୍ଟା ମେଡିକାଲରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବାର ନିୟମ ଥିଲେ ହେଁ ତାଙ୍କୁ କିପରି ଘରକୁ ପଠାଇ ଦିଆଗଲା, ତାହା ମଧ୍ୟ ତଦନ୍ତ ସାପେକ୍ଷ। ସୁବ୍ରତ ବାରିକ ▶ପୃଷ୍ଠା-୭




## ଟ୍ରାକ୍ଟର ଧକ୍କାରେ କଲେଜ ଛାତ୍ରୀ ଗୁରୁତର



ବାଲେଶ୍ୱର, ୨୩।୧୦(ସମିସ): ଆଜି ଅପରାହ୍ଣରେ ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଦର୍ଜିପୋଖରୀ ଛକଠାରେ ଏକ ଦୁର୍ଘଟଣା ଘଟିଛି। ବାଲି ବୋଝେଇ ଟ୍ରାକ୍ଟରଟି ଜଣେ କଲେଜ ଛାତ୍ରୀଙ୍କୁ ଧକ୍କା ଦେଇଥିଲା। ଫଳରେ ଛାତ୍ରୀ ଜଣଙ୍କ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଟ୍ରାକ୍ଟର ସହ ଡ୍ରାଇଭରକୁ ଅଟକ ରଖିବା ସହ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଁଚି ଟ୍ରାକ୍ଟର ଡ୍ରାଇଭରକୁ ଥାନାକୁ ନେଇଯିବା ସହ ଗାଡିଟିକୁ ଜବତ କରିଛି। ଆହତ ହୋଇଥିବା ଛାତ୍ରୀ ଜଣକ ହେଉଛନ୍ତି ସଦର ଥାନା ଅର୍ନ୍ତଗତ ସାରଗାଁ ଅଞ୍ଚଳର ସୁଧାକର ବାରିକଙ୍କ ଝିଅ ଜୁଲି ବାରିକ। ଆଜି ଅପରାହ୍ଣରେ ଜୁଲି ଦର୍ଜୀ ପୋଖରୀ ଛକକୁ କୌଣସି କାମରେ ଆସିଥିବା ବେଳେ ବିପରିତ ଦିଗରୁ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଜୁଲି କୁନ୍ତଳାକୁମାରୀ ସାବତ ମହାବିଦ୍ୟାଳୟର ଯୁକ୍ତ ତିନିର ଦ୍ୱିତୀୟ ବର୍ଷର ଛାତ୍ରୀ ବୋଲି ଜଣାପଡ଼ିଛି।

# ଭତ୍ତା ପାଇଁ ସଂଘର୍ଷ; ୫ କିମି ଘୋଷାଡ଼ି ଯାଉଛନ୍ତି ଭିନ୍ନକ୍ଷମ ବୃଦ୍ଧା

ବାଲେଶ୍ୱର, ୨୩।୧୦(ସମିସ)



ଏକ ହଜାର ଭତ୍ତା ଟଙ୍କା ପାଇବା ପାଇଁ ପ୍ରାୟ ୫ କିଲୋମିଟର ସଂଘର୍ଷ କରୁଛନ୍ତି ଜଣେ ଭିନ୍ନକ୍ଷମ ବୃଦ୍ଧା। ଟଙ୍କା ଏବଂ ରାସନ୍ ଆଣିବା ପାଇଁ ଖଣ୍ଡେ ବାଟ ଘୋଷାଡ଼ି ହୋଇ ଯାଉଛନ୍ତି। ପାଦ ନ ଥିବାରୁ ଚାଲିବାରେ ସମସ୍ୟା ଭୋଗୁଛନ୍ତି। ବସି କରି ଘୋଷାଡି ଘୋଷାଡି ହୋଇ ସବୁଆଡେ ଯିବାଆସିବା କରୁଛନ୍ତି। ତାଙ୍କର କେହି ନଥିବାରୁ ଭତ୍ତା ଟଙ୍କା ଭରସାରେ ଜୀବନ କଟୁଥିବାରୁ କଷ୍ଟ ହେଲେ ବି ଘୋଷାଡି ଘୋଷାଡି ଭତ୍ତା ଆଣିବାକୁ ଯାଉଛନ୍ତି ଭିନ୍ନକ୍ଷମ ବୃଦ୍ଧା। ସେ ହେଉଛନ୍ତି ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତ ଆଳଦାରେ ରହୁଥିବା ପାତି ସିଂ (୬୫)। ଏପରି ଅବସ୍ଥାରେ ଜଣେ ଭତ୍ତା ପାଇବାକୁ ଏତେ ବାଟ କଷ୍ଟ କରି ଯାଉଥିବା ବେଳେ ତାଙ୍କ ଭତ୍ତା ଟଙ୍କା ଘରେ ପହଞ୍ଚାଇବାର ବ୍ୟବସ୍ଥା ହୋଇନାହିଁ କି ତାଙ୍କୁ ଖଣ୍ଡିଏ ଟ୍ରାଏ ସାଇକେଲ ପ୍ରଦାନ କରାଯାଇନି। ପାତି ସିଂଙ୍କ କେହି ନଥିବାରୁ ସେ ଏବାବଦରେ କାହାକୁ ଜଣାଇ ନାହାନ୍ତି।

ସୂଚନାଯୋଗ୍ୟ, ପାତି ସିଂ ଆଳଦାରେ ଏକ ପଲା ଘରେ ଏକୁଟିଆ ଜୀବନ କାଟୁଛନ୍ତି। ତାଙ୍କ ସ୍ୱାମୀ କିମ୍ବା ପୁଅଝିଅ କେହି ନାହାନ୍ତି। ପ୍ରତି ମାସରେ ପାଉଥିବା ଏକ ହଜାର ଭତ୍ତା ଟଙ୍କା ଏବଂ ରାସନ ଚାଉଳରେ ଜୀବନ ବିତାଉଛନ୍ତି। ତେବେ ତାଙ୍କ ଗୋଡ଼ ଉପରେ ଗଛଡାଳ ପଡ଼ିଯିବାରୁ ତାହା କାଟିବାକୁ ପଡ଼ିଛି। ମାତ୍ର ଚିକିତ୍ସା ଅଭାବରୁ ତାହା ସମ୍ପୂର୍ଣ୍ଣ ଠିକ ହୋଇନାହିଁ। ସେଥିପାଇଁ ସେ ଆଉ ଚାଲିପାରୁ ନାହାନ୍ତି। ସେଥିପାଇଁ କଷ୍ଟ ହେଲେ ବି ଭତ୍ତା ଟିକକ ଆଣିବାକୁ ଘୋସାଡି ହୋଇ ୪-୫ କିମି ବାଟ ଯାଆନ୍ତି। ଅଧିକ ଅସୁବିଧା ହେଲେ ଅଟୋ ଭଡା କରି ଯାଆନ୍ତି। ଯେଉଁଥିରେ ୩୦୦-୪୦୦ ଟଙ୍କା ଚାଲିଯାଏ। ସେଥିପାଇଁ ସେ ଅନେକ ସମୟରେ ଟଙ୍କା ସଞ୍ଚୟ ପାଇଁ କଷ୍ଟରେ ଭତ୍ତା ଆଣିବାକୁ ଯାଆନ୍ତି ବୋଲି କହିଛନ୍ତି।

**● ଭତ୍ତା ଟଙ୍କା ଘରେ ପହଞ୍ଚାଇବାର ବ୍ୟବସ୍ଥା କରୁନି ପ୍ରଶାସନ**

**● ଟ୍ରାଇ ସାଇକଲଟିଏ ମଧ ମିଳୁନାହିଁ**

'ନିୟମ ରହିଛି ଯେ ଘରେ ଯାଇ ଭତ୍ତା ପ୍ରଦାନ କରିବେ। ହେଲେ ତାଙ୍କର କେହି ନାହାନ୍ତି ବୋଲି ଏବାବଦରେ କେହି ବୁଝୁନାହନ୍ତି। ମୁଁ ତାଙ୍କୁ ରାସ୍ତାରେ ଦେଖି ତାଙ୍କ ସମସ୍ୟା ବାବଦରେ ପଚାରି ବୁଝିଲି। ଘରେ ଭତ୍ତା ଦେବାର ବ୍ୟବସ୍ଥା ନହେବା ଟ୍ରାଏ ସାଇକଲ ପ୍ରଦାନ କରାଗଲେ ସେ ସୁବିଧାରେ ଚଳିପାରନ୍ତେ। ତାହାର ବ୍ୟବସ୍ଥା ମଧ ପ୍ରଶାସନ କରିବା ଉଚିତ। ମୁଁ ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇଛି। ଭିନ୍ନକ୍ଷମ ସାର୍ଟିଫିକେଟ କରିବା ପରେ ସରପଞ୍ଚ ଅନ୍ୟ ସହଯୋଗ କରିବେ ବୋଲି ସ୍ଥାନୀୟ ଅଞ୍ଚଳର ସନ୍ତୋଷ କୁମାର ମାହାଲ ସୂଚନା ଦେଇ କହିଛନ୍ତି।

## ବଙ୍କାଖଜୁରୀ ଛକରେ ଦୁଇ ଗୋଷ୍ଠୀ ମୁହାଁମୁହିଁ



ବାଲେଶ୍ୱର, ୨୩।୧୦(ସମିସ): ଟାଉନ୍ ଥାନା ଅନ୍ତର୍ଗତ ବଙ୍କାଖଜୁରୀ ଛକରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତେଜନା ପ୍ରକାଶ ପାଇଛି। ଫଳରେ ସେଠାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଗୋଟେ ଗୋଷ୍ଠୀର ଜଣେ ବ୍ୟକ୍ତି କୌଣସି ଏକ ଜିନିଷ ଆଣିବା ପାଇଁ ଯାଇଥିଲେ। ଉକ୍ତ ବ୍ୟକ୍ତି ଜଣକ ଫେରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀର ତାଙ୍କୁ ଅଟକାଇ ପଚରା ଉଚରା କରିଥିଲେ। ଫଳରେ ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଗୋଟେ ଗୋଷ୍ଠୀର ଲୋକେ ରାସ୍ତା ରୋକ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ କରଯାଇଛି।

**ବ୍ୟାପକ ପୁଲିସ ମୁତୟନ**

## ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୩।୧୦(ସମିସ): ସିପିଆଇ (ଏମ୍) ଜିଲ୍ଲା କାର୍ଯ୍ୟାଳୟରେ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ରାଜ୍ୟ ସମ୍ପାଦକ ଭଗବତୀ ଚରଣ ପାଣଗ୍ରାହୀଙ୍କ ସ୍ମୃତି ସଭା କରାଯାଇଛି। ସାଥୀ ଦୀପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପାର୍ଟିର ରାଜ୍ୟ କମିଟି ସଭ୍ୟ ସାଥୀ ନିର୍ମଳ ନାୟକ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିବା ସହିତ ମାତ୍ର ୩୭ବର୍ଷ ବୟସ ମଧ୍ୟରେ ସାଥୀ ଭଗବତୀ ପାଣିଗ୍ରାହୀ ଯେଉଁ ଅବଦାନ ଛାଡ଼ି ଯାଇଛନ୍ତି, ତାକୁ ସଂଗଠନ କ୍ଷେତ୍ରରେ କାର୍ଯକାରୀ କରିବା ହିଁ ତାଙ୍କ ର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ପ୍ରେମରଞ୍ଜନ ପାତ୍ର, ଶ୍ୟାମସୁନ୍ଦର ଜେନା, ପ୍ରଭାକର ବେହେରା, ରାଜ କିଶୋର ଲେଙ୍କା, ପ୍ରଶାନ୍ତ ରାୟ, ପଲ୍ଟୁ ଦାସ, ଷ୍ଟାଲିନ ବେହେରା, ଅରୁଣ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ପିସିସି ସଭାପତିଙ୍କ ନାଁରେ ଅପପ୍ରଚାର ଅଭିଯୋଗ

### ସାଇବର ଥାନାରେ ଏତଲା ଦେଲା ଜିଲ୍ଲା କଂଗ୍ରେସ

ବାଲେଶ୍ୱର, ୨୩।୧୦(ସମିସ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ବିରୋଧରେ ତିନୋଟି ୱେବ ଚ୍ୟାନେଲ ଅତ୍ୟନ୍ତ ଅଶାଳୀନ, ମିଥ୍ୟା ତଥା ଅମୂଳକ ଓ ବିଭ୍ରାନ୍ତମୂଳକ ଖବର ପରିବେଷଣ କରି ଓଡ଼ିଶା ବାସୀଙ୍କୁ ବିଭ୍ରାନ୍ତ କରୁଥିବାର ଅଭିଯୋଗ ଆଣି ଆଜି ଦଳ ପକ୍ଷରୁ ସାଂଗଠନିକ ଜିଲ୍ଲା ସଭାପତି ମାନଙ୍କ ନେତୃତ୍ୱରେ ସାଇବର ଥାନାରେ ଏତଲା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳର କର୍ମକର୍ତା ଓ କର୍ମୀ ମାନେ ପୁଲିସ ଲାଇନ ଛକର ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତିଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଇବର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଏତଲା ଦେଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଦୀର୍ଘ ପଚାଶ ବର୍ଷ ଧରି କଂଗ୍ରେସ ଦଳର ସକ୍ରିୟ ରାଜନୀତିରେ ସମ୍ପୃକ୍ତ ରହି ଦଳ ପାଇଁ ସାଲିସ ବିହୀନ ସଂଗ୍ରାମ କରି ଆସୁଥିଲାବେଳେ କୌଣସି ପ୍ରମାଣ ନ ଥାଇ ତାଙ୍କ ବିରୋଧରେ ଏଭଳି ଅମୂଳକ ଓ ବିଭ୍ରାନ୍ତି ମୂଳକ ଖବର ପରିବବଷଣ କରାଯାଇ ତାଙ୍କର ଏବଂ ଦଳର ଭାବମୂର୍ତିକୁ ମଳିନ କରିବା ପାଇଁ ଷଡଯନ୍ତ୍ର କରାଯାଇଥିବା ଜିଲ୍ଲା ସଭାପତି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।



ଏତଲା ପ୍ରଦାନ ସମୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କାଉନସିଲର୍ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ କୁମାର ଗିରି, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ଯୁବନେତା ସରୋଜ ଲେଙ୍କା, ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକା ଜ୍ୟୋସ୍ନା ସେନାପତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁସ୍ତାନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ସମ୍ମାନ ସମାରୋହ

ବାଲେଶ୍ୱର, ୨୩।୧୦(ସମିସ): ହିନ୍ଦୁସ୍ତାନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ଏକ ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଧ୍ୟକ୍ଷତା ଫାଉଣ୍ଡେସନର ଅଧ୍ୟକ୍ଷ ହାମିଦ ରଜା ଖାନ କରିଥିଲେ ଓ ମଞ୍ଚ ସଞ୍ଚାଳନ ଶିକ୍ଷକ ମିନହାଜୁଲ ମଲ୍ଲିକ କରିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ଦିଲ୍ଲୀପ ଆଚାର୍ଯ୍ୟ, ଉର୍ଦ୍ଦୁ ଶିକ୍ଷକ ଓ କବି ଅଜୀମ ବାଲେଶ୍ୱରୀ ଏବଂ ନେହରୁ ଆକାଡେମୀର ସ୍ଥାପକ ଶିକ୍ଷକ ମିନହାଜୁଲ ମଲ୍ଲିକଙ୍କୁ ସମ୍ମାନିତ କରାଗଲା।



ଆଗକୁ ଏହି ଫାଉଣ୍ଡେସନ ଶିକ୍ଷା କ୍ଷେତ୍ରରେ ଏବଂ ନାରୀ ଶକ୍ତିର ଅଗ୍ରଗତି ନିମନ୍ତେ କାର୍ଯ୍ୟ କରିବ। ସମ୍ମାନ ପ୍ରାପ୍ତ ଅତିଥିମାନେ ଏହି ଅବସରରେ ନିଜ ମତାମତ ପ୍ରକାଶ କରି ହିନ୍ଦୁସ୍ତାନ ଡେଭଲପମେଣ୍ଟ ଫାଉଣ୍ଡେସନର ଅଧିକ ଉନ୍ନତି ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ସମ୍ମାନ ସମାରୋହକୁ ସଫଳ କରିବାରେ ଅଧ୍ୟକ୍ଷ ହାମିଦ ରଜା ଖାନ, ଉପାଧ୍ୟକ୍ଷ ଶେଖ ହବିବ, ସଚିବ ଜୁବେଦା ବିବି, ସହ ସଚିବ ଆକିଦା ବିବି, ସଦସ୍ୟ ରହମତ ଅଲି ଖାନ, ଶେଖ ନିଜାମୁଦ୍ଦିନ, ଶେଖ ୱାଜିଦ, ମିରଜା ନଜିମ, ମାଜିଦା ରଜା ଖାନ, ରଞ୍ଜିତ କୁମାର ପରିଡ଼ା, ସଲାମତ ଅଲି ଖାନ, ଶେଖ ମୁସଲିହୁଦ୍ଦିନ, ଅବୁଲ କଲାମ ଅଲି ଖାନ, ଶେଖ ଲିଆକତ ଅଲି, ଅବୁ ବକର ଅଲି ଖାନ, ତବସ୍ସୁମ ରହମାନ, ଶେଖ ନଜରୁଲ ଓ ଶେଖ ମୁସ୍ତାକିମ ପ୍ରମୁଖ ସହଯୋଗ କରିଥିଲେ।

**● ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା**

## ତତ୍କାଳୀନ ଡିଏଫଓ ଓ ରୋଷେୟାଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ, ୨୩।୧୦(ସମିସ): ବହୁ ଚର୍ଚ୍ଚିତ ପାରଳା ଏସିଏଫ(ଆସିଷ୍ଟାଣ୍ଟ କନଜରଭେଟର ଅଫ ଫରେଷ୍ଟ) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ପାରଳାଖେମୁଣ୍ଡିର ତତ୍କାଳୀନ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିବା ସହ ପୂର୍ବରୁ ଜାରି ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି। ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀ ଚାହିଁଲେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ନିୟମିତ ଜାମିନ ଆବେଦନ କରିପାରିବେ ଓ ଯୋଗ୍ୟତା ଆଧାରରେ ଏହି ଆବେଦନର ବିଚାର ସମ୍ପୃକ୍ତ ଅଦାଲତ କରିବେ ବୋଲି କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ଉଭୟଙ୍କ ବିରୋଧରେ ନିମ୍ନ ଅଦାଲତ ଏନବିଡବ୍ଲୁ(ଜାମିନ ବିହୀନ ଗିରଫ ପରୱାନା) ଗତ ଅଗଷ୍ଟ୧୪ରେ ଜାରି କରିଥିଲେ। ଗିରଫଦାରୀ ଏଡାଇବାକୁ ସେମାନେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଗତ ଅକ୍ଟୋବର୧୬ତାରିଖରେ ଏନବିଡବ୍ଲୁ ଆଧାରରେ କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ରୋକ ଲଗାଇଥିଲେ। ଯାହା ହଟିବା ପରେ ସେମାନଙ୍କ ଅଡୁଆ ବଢ଼ିଛି। ଗତ ୨୦୨୧, ଜୁଲାଇ ୧୨ ତାରିଖ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ କ୍ୱାର୍ଟର୍ସରେ ବନ ବିଭାଗରେ କାର୍ଯ୍ୟରତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିଲେ। ପୁଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତରେ ୨୦୨୨ ମସିହାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ହତ୍ୟା ମାମଲାରୁ କ୍ଲିନ୍‌ଚିଟ୍ ମିଳିଥିଲା। ଆବେଦନକାରୀଙ୍କ ବିରୋଧରେ ଆଇପିସିର ଧାରା ୨୮୫ ଓ ୩୦୪-ଏ ଅନୁସାରେ ପୁଲିସ ଚୂଡାନ୍ତ ଚାର୍ଜସିଟ ଦାଖଲ କରିସାରିଥିବା ବେଳେ ପ୍ରତିପକ୍ଷ ମୃତ ଏସିଏଫ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ ଆଧାରରେ ପାରଳା ଏସଡିଜେଏମ ଅଦାଲତ ଆଇପିସିର ଦଫା ୩୦୨(ହତ୍ୟା) ଓ ୧୨୦(ବି)ଅନୁସାରେ ସାନି ମାମଲା ଗ୍ରହଣ କରିଥିଲେ।

## ଗୋଟାଇବା ବେଳେ ବାଣ ଫୁଟିଲା; ନାବାଳକ ଗୁରୁତର

ବାଲେଶ୍ୱର, ୨୩।୧୦(ସମିସ): ଦୀପାବଳି ଦିନ ବାଲେଶ୍ୱରରେ ବାଣ ଫୁଟି ଏକ ଦୋକାନ ଜଳିଯାଇଥିଲା। ଆଜି ଜଣେ ନାବାଳକ କିଛି ଅଫୁଟା ବାଣକୁ ଗୋଟାଉଥିବା ବେଳେ ବାଣଟି ଫୁଟିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଫଳରେ ତାଙ୍କୁ ମେଡିକାଲରେ ଭର୍ତି କରାଯାଇଛି। ରଣସାହି ଅଞ୍ଚଳର ଜୟଦେବ ବେହେରା ଆଜି ନିଜ ଘର ନିକଟରେ ଅଫୁଟା ହୋଇ ପଡ଼ିଥିବା କିଛି ଚକଲେଟ ବାଣକୁ ଗୋଟାଇବା ପାଇଁ ଯାଇଥିଲେ। ହେଲେ ଦୁର୍ଭାଗ୍ୟବଶତଃ ସେଠାରେ ଉକ୍ତ ବାଣଟି ଫୁଟି ଯାଇଥିଲା। ଫଳରେ ତାଙ୍କ ମୁହଁର କିଛି ଅଂଶ ଜଳିଯାଇଥିଲା। ତୁରନ୍ତ ତାଙ୍କୁ ବାଲେଶ୍ୱର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।



# ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଉଦ୍‌ଘାଟିତ

### ନାଟକ 'କଂସ ବଧ' ଏବଂ 'ଶତାବ୍ଦୀର ସ୍ୱର' ମଞ୍ଚସ୍ଥ









ବାଲେଶ୍ୱର, ୨୩।୧୦(ସମିସ)

ଓଡ଼ିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନାଟକ ଓ ସଂସ୍କୃତିର କଳାକାର, ବାଲେଶ୍ୱର ପକ୍ଷରୁ ୨୬ ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ -୨୦୨୫ ଓ ୩୫ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଆଜି ଉଦଘାଟିତ ହୋଇଯାଇଛି। ଶ୍ରୀତମ କୁମାର ସିଂହ ମଞ୍ଚ ଆହ୍ୱାନ କରିଥିଲେ। 'କଳାକାର'ର କାର୍ଯ୍ୟକାରୀ ସଭାପତି ସୌମ୍ୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଶିକ୍ଷପତି ସଂଗ୍ରାମ ଦାସ, ରାମଚନ୍ଦ୍ର ମହାପାତ୍ର ଓ କମଳାକାନ୍ତ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶେଷରେ ଡା. ଅସୀତ କୁମାର ପ୍ରଦାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବର ଉଦଘାଟନୀ ଉତ୍ସବରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ବାଲେଶ୍ୱର ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ କୃଷ୍ଣଙ୍କ ଦ୍ୱାରା କଂସର ନିଧନ ସମ୍ପର୍କିତ ନାଟକ 'କଂସ ବଧ' ଏବଂ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ପକ୍ଷରୁ ବିଜ୍ଞାନ ଭିତ୍ତିକ ନାଟକ 'ଶତାବ୍ଦୀର ସ୍ୱର' ମଞ୍ଚସ୍ଥ ହୋଇଛି। ଏହି ଦୁଇ ନାଟକକୁ ଦର୍ଶକ ମନଭରି ଉପଭୋଗ କରିଛନ୍ତି। ସ୍କୁଲ ପିଲାମାନେ ନାଟକରେ ଅଭିନୟ ମାଧ୍ୟମରେ ସମସ୍ତଙ୍କର ମନମୁଗ୍ଧ କରିପାରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ 'କଳାକାର'ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**● ଇଜିପ୍ଟ ଜୁନିଅର ଇଣ୍ଟରନ୍ୟାସନାଲ**

## ପ୍ରଥମ ଅନ୍ତର୍ଜାତୀୟ ପଦକ ପାଇଲେ ବାଲେଶ୍ୱରର ମୟଙ୍କ

ବାଲେଶ୍ୱର, ୨୩।୧୦(ସମିସ): ବାଲେଶ୍ୱରର ବ୍ୟାଡମିଣ୍ଟନ ଖେଳାଳି ମୟଙ୍କ ଭରଦ୍ୱାଜ ତୁର୍କୀ ଜୁନିଅର ଇଣ୍ଟରନ୍ୟାସନାଲ ୨୦୨୫ରେ ରୌପ୍ୟ ପଦକ ଜିତିଛନ୍ତି। ବାଲେଶ୍ୱରର ବାଳକ ମୟଙ୍କ ଭରଦ୍ୱାଜ ଇଜିପ୍ଟ ଜୁନିଅର ଇଣ୍ଟରନ୍ୟାସନାଲରେ ଅନ୍ତର୍ଜାତୀୟ ପଦକ ଜିତି ବାଲେଶ୍ୱର ପାଇଁ ଗୌରବ ଆଣିଛନ୍ତି। ଏଥିର ସେ ଜୁନିଅର ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ମୟଙ୍କ ୧୪ ଅକ୍ଟୋବରରୁ ୨୨ ଅକ୍ଟୋବର ପର୍ଯ୍ୟନ୍ତ କାଇରୋରେ ସମ୍ପ୍ରତି ଶେଷ ହୋଇଥିବା ଇଜିପ୍ଟ ଜୁନିଅର ଇଣ୍ଟରନ୍ୟାସନାଲ ୨୦୨୫ରେ ରୌପ୍ୟ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ୩୩ ଟି ଦେଶର ୧୫୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ସମସ୍ତ ବାଲେଶ୍ୱର ଏବଂ ଓଡ଼ିଶାର ବ୍ୟାଡମିଣ୍ଟନ ଖେଳାଳିମାନେ ଖୁସିବ୍ୟକ୍ତ କରିଛନ୍ତି। ଏହା ବାଲେଶ୍ୱର ବ୍ୟାଡମିଣ୍ଟନରେ ଖେଳାଳିଙ୍କ ଦ୍ୱାରା ପ୍ରଥମ ଅନ୍ତର୍ଜାତୀୟ ପଦକ ହାସଲ। ବାଲେଶ୍ୱର ବ୍ୟାଡମିଣ୍ଟନ ଆସୋସିଏସନ ମୟଙ୍କଙ୍କୁ ଅଭିନନ୍ଦନ ଜଣାଇଛି ଏବଂ ଭବିଷ୍ୟତରେ ଆହୁରି ଅନେକ ଅନ୍ତର୍ଜାତୀୟ ପଦକ କାମନା କରିଛି। ମୟଙ୍କ ଏହି ସଫଳତାକୁ ତାଙ୍କ ପିତା ତନ୍ମୟ ଜେନା ଏବଂ ବାଲେଶ୍ୱରର ସମସ୍ତ ବ୍ୟାଡମିଣ୍ଟନ ଖେଳାଳିଙ୍କ ପାଇଁ ଉତ୍ସର୍ଗ କରିଛନ୍ତି, ଯେଉଁମାନଙ୍କ ସମର୍ଥନ ତାଙ୍କୁ ଏହି ସଫଳତା ହାସଲ କରିବାରେ ସାହାଯ୍ୟ କରିଥିଲା। ଏଥିସହିତ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନକୁ ମଧ ଧନ୍ୟବାଦ ଜଣାଇଥିଲେ।



# କଟକ ସିଟି





**ଆଜି କାଳୀ ମା'ଙ୍କ ଭସାଣି**

# ଟ୍ରାଫିକ୍ କଟକଣା ସକାଳ ୭ରୁ

## ସହରରେ ୭୦ ପ୍ଲାଟୁନ୍ ଫୋର୍ସ; ଦରଘାବଜାର ଅଞ୍ଚଳରେ 'ରୁଫଟପ୍ ସିକ୍ୟୁରିଟି'

କଟକ,୨୩।୧୦(ସମିସ):

କାଳୀ ମା'ଙ୍କ ଭସାଣି ଉତ୍ସବ ପାଇଁ କମିଶନରେଟ୍ ପୁଲିସର ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଚେକିଂ ଓ ବ୍ଲକିଂ ଚାଲିଛି। ଯେହେତୁ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳରେ ଛାତ ଉପରୁ ପ୍ରଥମେ ଢ଼େଲା, ପଥର ଓ କାଚ ବୋତଲ ମାଡ ହୋଇଥିଲା, ତେଣୁ ଏଥର ସମ୍ବେଦନଶୀଳ ଅଞ୍ଚଳର ଛାତ ଉପରେ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯାଇଛି। ରୁଫ୍ ଟପ୍ ସିକ୍ୟୁରିଟିକୁ କଡ଼ାକଡ଼ି କରାଯାଇଛି। ଯେମିତି ଅନ୍ଧାରରେ ରହୁଥିବା ଛାତ ଉପରେ କେହି ଶୋଭାଯାତ୍ରା ଉପରକୁ ଆକ୍ରମଣ କରି ପାରିବେ ନାହିଁ, ସେଥିନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ଏଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି। ଏଥିପାଇଁ ୨୪ ତାରିଖ ଶୁକ୍ରବାର ସକାଳ ୭ଟାରୁ ୨୫ ତାରିଖ ଭସାଣି ଶେଷ ହେବା ପର୍ଯ୍ୟନ୍ତ ବିଭିନ୍ନ କଟକଣା ବଳବତ୍ତର ରହିବ। ପୁଲିସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ଟ୍ରାଫିକ କଟକଣା ପାଇଁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି।

ଭସାଣ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୭୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।




ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ସହିତ ଗୋଟିଏ ପ୍ଲାଟୁନ୍ ମହିଳା ସୁରକ୍ଷାକର୍ମୀ ଏବଂ ୨କମ୍ପାନୀ ସିଆରପିଏଫ୍, ବିଏସଏଫ୍ ଯବାନ ସାମିଲ ହୋଇଛନ୍ତି। ରିଜର୍ଭ ଅଫିସ କର୍ମଚାରୀଙ୍କ ସମେତ କଟକ ଯୁପିଡ଼ିର ସମସ୍ତ ଥାନା ପୁଲିସ, ସପ୍ତମ ବାଟାଲିୟନ ସିପାହୀ, ସ୍ପେସାଲ୍ ଟାକ୍ଟିକାଲ ୟୁନିଟ୍ ସହିତ ୮୦୦ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏଥିରେ ଓଏସଏପି, ଏସଓଜି, କୁଇକ ଆକ୍ସନ ଫୋର୍ସ ସାମିଲ ହୋଇଛନ୍ତି। ସେହିପରି ୪୦ ଜଣ ଡିଏସପି, ୫୫ ଜଣ ଇନ୍ସପେକ୍ଟର, ୩୦୦ ଜଣ ଏସଆଇ ଓ ଏଏସଆଇ ର୍‍ୟାଙ୍କର ଅଫିସରଙ୍କ ସମେତ ୮୪ ହାବିଲଦାର, ୬୦୦ କନେଷ୍ଟବଳ, ୭୦୦ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହଛନ୍ତି। ପୂଜା ମଣ୍ଡପ ଓ ସହରର ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନାରେ ସହଯୋଗ କରିବା ପାଇଁ ୭୦୦ ପୁଲିସ ଭଲ୍ୟୁଣ୍ଟିଅର(ସ୍ୱେଚ୍ଛାସେବୀ)ଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟି ସ୍ପେସାଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିବ। ଏହାସହ କ୍ୟୁଆରଟି, କ୍ୟୁଏଟି, ବମସ୍କ୍ୱାଡ ଓ ସ୍ପେସାଲ ସ୍କ୍ୱାଡ ଟିମ ମଧ୍ୟ ୨୪ ଘଣ୍ଟା ସଜାଗ ରଖାଯାଇଛି। ସେହିଭଳି ଗଣ୍ଡଗୋଳକାରୀଙ୍କ ଉପରେ ନଜର ରଖିବାକୁ ସିଟିସି-୬୦ ସ୍କ୍ୱାଡ ଗଠନ କରାଯିବା ସହିତ ସେମାନଙ୍କ ନିୟୋଜିତ କରାଯାଇଛି।

ସେହିପରି କାଳୀ ଭସାଣି ପାଇଁ କଟକ ସହରରେ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। କଲେଜ ଛକଠାରୁ ବକ୍ସିବଜାର ଓ ତିନିକୋଣିଆ ବଗିଚା ଦେଇ ଚାନ୍ଦିନଚୌକ, ଚୌଧୁରୀ ବଜାର ଛକରୁ ପୂର୍ଣ୍ଣସାହୁ ଛକ, ଯାଉଳିଆପଟି ଓ ଫିରିଙ୍ଗିବଜାର ଦେଇ ଦେବୀଗଡା ପର୍ଯ୍ୟନ୍ତ ଏବଂ ଚଣ୍ଡୀଛକରୁ ଶେଖବଜାର ଓ ମହମ୍ମଦିଆ ବଜାର ରାସ୍ତାରେ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ କୌଣସି ଗାଡି ଯାଇପାରିବ ନାହିଁ। ମୁଖ୍ୟରାସ୍ତାର ଛକରେ ମେଢ ଯାଉ ନଥିବା ସମୟରେ ଗୋଟିଏ ପଟରୁ ଅନ୍ୟପଟକୁ ଟ୍ରାଫିକ ନିର୍ଦ୍ଦେଶ ଅନୁଯାୟୀ ଗାଡି ଯାଇପାରିବ। କଟକଣା ଅନୁଯାୟୀ ହାୱଡାମୋଟର ଛକଠାରୁ କୌଣସି ଯାନବାହନ ସିଧା ମଙ୍ଗଳାବାଗ ଛକ ଆଡକୁ ଯାଇପାରିବ ନାହିଁ। ଏହି ଗାଡିଗୁଡିକ ହାୱଡାମୋଟର ଛକଠାରୁ ମାତାମଠ ଛକ ଦେଇ ମହାନଦୀ ରିଂରୋଡରେ ଯାଇପାରିବେ। ରେଭେନ୍ସା କଲେଜ ପାଖ ସିଡିଏ ମାର୍କେଟ କମ୍ପ୍ଲେକ୍ସ ଛକରୁ କୌଣସି ଗାଡି ସିଧା ରାଣୀହାଟ ଘଣ୍ଟା ଘର ଆଡକୁ ଯାଇପାରିବ ନାହିଁ। ସେମାନେ ବମ୍ବେ ହୋଟେଲ ଛକ ଦେଇ ଯୋବ୍ରା ଆନିକଟ ଛକ ଦେଇ ଯିବେ। ମାଲେଗୋଦାମ ଷ୍ଟେଟ ବ୍ୟାଙ୍କ ପଟୁ କୌଣସି ଗାଡି ସିଧା ପିଲିଗ୍ରୀମ ରୋଡ ଦେଇ କଲେଜ ଛକ ଆଡକୁ ଆସିପାରିବ ନାହିଁ। ମୋଚି ସାହି ଛକରୁ କୌଣସି ଗାଡି ରାଣୀହାଟ ହାଇସ୍କୁଲ ଦେଇ ଘଣ୍ଟା ଘର ଛକ ଆଡକୁ ଯାଇପାରିବ ନାହିଁ। ସେହି ଗାଡି ଗୁଡିକ ଡକ୍ଟର ତେଜେଶ୍ୱର ରାଓ ଛକ ଦେଇ କେନାଲ କୂଳ ରାସ୍ତାରେ ଯୋବ୍ରାକୁ ବାହାରିପାରିବେ। ମେଢ ଗୁଡିକ ରାଣୀହାଟ ଛକ ଅତିକ୍ରମ କରୁଥିଲା ବେଳେ ବଜ୍ରକବାଟୀ ଛକ ଠାରୁ କୌଣସି ଗାଡି ରାଣୀହାଟ ଆଡକୁ ଯାଇପାରିବ ନାହିଁ। କାଠଗୋଲା ଛକରୁ କୌଣସି ଗାଡି ସିଧା ମଙ୍ଗଳାବାଗ ଆଡକୁ ଆସିପାରିବ ନାହିଁ। ସେମାନେ ମଲ୍ଲାସାହି ଦେଇ ମହାନଦୀ ରିଂରୋଡରେ ଯାତାୟତ କରିପାରିବେ। ଭିଜିଲାନ୍ସ ଗଡ଼ାଠାରୁ କୌଣସି ଗାଡ଼ି ସହର ଭିତରକୁ ପ୍ରବେଶ କରିପାରିବ ନାହିଁ। ସେମାନେ ମହାନଦୀ ରିଂରୋଡରେ କିମ୍ବା ବକ୍ସ ଡ୍ରେନ ଦେଇ ଯାତାୟତ କରିପାରିବେ। ଦମକଳ କେନ୍ଦ୍ର ଛକରୁ କୌଣସି ଗାଡି ବକ୍ସିବଜାର ଓ କ୍ଲବ ଆଣ୍ଡ କ୍ଲବ ମୁଖ୍ୟ ରାସ୍ତାରେ ଯାଇପାରିବ ନାହିଁ। ଗ୍ରୀନାର ହୋଟେଲ ଛକରୁ କୌଣସି ଗାଡି ସିଧା ମଣିସାହୁ ଛକ କିମ୍ବା ମସ୍ତାନ ଦରଘା ଛକ ଆଡ଼କୁ ଆସିପାରିବ ନାହିଁ। ସେମିନାର ଛକ ପଟୁ କୌଣସି ଗାଡି ସିଧା ଜେଲରୋଡ ଅଭିମୁଖେ ଯାଇପାରିବ ନାହିଁ। ଭସାଣି ସମୟରେ ଖାନନଗର ମଲାଚଣ୍ଡିଆ ଛକରୁ ବେଲିଭ୍ୟୁ ଛକ ପର୍ଯ୍ୟନ୍ତ ରିଂରୋଡରେ ଭାରୀଯାନ ଚଳାଚଳ ବନ୍ଦ ରହିବ।

## ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



କଟକ,୨୩।୧୦(ସମିସ): ଭଗବତୀ ଚରଣ ପାଣିଗ୍ରାହୀ ଜଣେ ସାମ୍ୟବାଦୀ ଚିନ୍ତାଧାରାର ବ୍ୟକ୍ତିତ୍ୱ। ସେ ସାହିତ୍ୟ ମାଧ୍ୟମରେ ସାମ୍ୟବାଦୀ ଚିନ୍ତାଧାରାକୁ ଆଗେଇ ନେଇଥିଲେ। ବାମପନ୍ଥୀ ପ୍ରତି ତାଙ୍କର ଅତୁଟ ବିଶ୍ୱାସ ଥିଲା ଯାହାଫଳରେ ସେ ବାମପନ୍ଥୀ ଚିନ୍ତାଧାରାକୁ ଗ୍ରହଣ କରିଥିଲେ। ଏକ ଶୋଷଣମୁକ୍ତ ଓ ଶ୍ରେଣୀହୀନ ସମାଜ ଗଠନ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା। ସାଂପ୍ରତିକ ପରିସ୍ଥିତିରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ବ୍ୟକ୍ତିତ୍ୱର ପ୍ରାସଙ୍ଗିକତା ରହିଛି ବୋଲି ବହୁ ବିଶିଷ୍ଟ ବକ୍ତା ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପ୍ରକାଶ କରିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ଆଜି ଗୁରୁବାର ସିଡିଏ ସେକ୍ଟର ୬ ଭଗବତୀ ପାଣିଗ୍ରାହୀ ଉଦ୍ୟାନ ଠାରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ମେୟର ସୁବାସ ସିଂହଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ସିଏମସି କମିଶନର କିରନଦୀପ କୌର ସହୋତା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମୋନାଲିଶା ଦାସ, ପ୍ରଦୀପ ରାଉତ, କର୍ପୋରେଟର ରିତାଞ୍ଜଳି ବେହେରା, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଆଇନଜୀବୀ ସୌରିବନ୍ଧୁ ମହାପାତ୍ର, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ସମାଜସେବୀ ଡା. ରବିରଞ୍ଜନ ସାହୁ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, ଗଣେଶ୍ୱର ପରିଡ଼ା, ଡା. ସତ୍ୟ ରାୟ, ରବି ମଲ୍ଲିକ, କିଶୋର ଜେନା, ଦେବେନ୍ଦ୍ର ସୂତାର, ବସନ୍ତ ସାମଲ, ବିଜୟ ପଢ଼ିହାରୀ, ଜୟନ୍ତ ଦାସ, ପ୍ରଫୁଲ୍ଲ ସିଂ, ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚାନ୍ଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତଃ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ।

## ଦଶହରା ଭସାଣି ହିଂସା ମାମଲାରେ ୨୨ ଜଣଙ୍କୁ ଜାମିନ୍

କଟକ,୨୩।୧୦(ସମିସ): କଟକ ଦଶହରା ଭସାଣି ଗଣ୍ଡଗୋଳକୁ ନେଇ ପରଦିନ ଶୋଭାଯାତ୍ରା ବେଳେ ହୋଇଥିବା ହିଂସାକାଣ୍ଡ ଘଟଣାରେ ଗିରଫ ହୋଇଥିବା ୨୨ଜଣଙ୍କୁ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ୨୨ ଜଣଙ୍କ ଜାମିନ ଆବେଦନର ଶୁଣାଣି କରି କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଅଦାଲତ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ଆବେଦନକାରୀମାନେ କୌଣସି ପ୍ରକାର ଅପରାଧିକ କାର୍ଯ୍ୟରେ ସଂପୃକ୍ତ ହେବେ ନାହିଁ, ତଦନ୍ତରେ ସହଯୋଗ କରିବେ ଓ ଦରକାର ପଡିଲେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଦରଘାବଜାର, ମଙ୍ଗଳାବାଗ ଓ ମର୍କତନଗର ଥାନାରେ ରୁଜୁ ମାମଲାରେ ଏହି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ନିମ୍ନ ଅଦାଲତରେ ଜାମିନ ଖାରଜ ହେବା ପରେ ଅଭିଯୁକ୍ତମାନେ ଜିଲ୍ଲା ଓ ଦୌରା ଜଜ୍ ଅଦାଲତରେ ଜାମିନ ପାଇଁ ଆବେଦନ କରିଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ସାମନ୍ତ ସମାଜର ଚିତ୍ରଗୁପ୍ତ ପୂଜା



କଟକ,୨୩।୧୦(ସମିସ): ଶ୍ରୀ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜା ଉତ୍କଳ ସାମନ୍ତ ସମାଜର ଥୋରିଆ ସାହିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ କେତେକ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ରବୀନ୍ଦ୍ରନାଥ ମହାନ୍ତି, ଗୋକୁଳାନନ୍ଦ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସାଦ ଦାସ, ପ୍ରିୟରଞ୍ଜନ ମହାପାତ୍ର, ଭୁବନାନନ୍ଦ ମହାନ୍ତି, ଦ୍ୱୀପାୟନ ପଟ୍ଟନାୟକ, ଅଜୟ ଦାସ, ଚୌଧୁରୀ ସତ୍ୟ ପ୍ରକାଶ ଦାସ, ନିର୍ମଳ ପଟ୍ଟନାୟକ, ଜ୍ୟୋତି ପ୍ରକାଶ ଦାସ, ପଙ୍କଜ ଦାସ, ପ୍ରଶାନ୍ତ ମହାନ୍ତି, ଭକ୍ତ ବଲ୍ଲଭ ଦାସ, ପ୍ରଶାନ୍ତ କାନୁନଗୋ, ସୁମନ ମହାନ୍ତି, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ବିଦ୍ୟାଳୟରେ ପୋଷାକ ବଣ୍ଟନ



କଟକ,୨୩।୧୦(ସମିସ): ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପ୍ୟାଣ୍ଟ, ସାର୍ଟ ଓ ଚୁଡ଼ିଦାର ପଞ୍ଜାବୀ ବଣ୍ଟନ କରାଯାଇଛି। ପ୍ରଧାନଶିକ୍ଷକ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ତିନିଘରିଆ କ୍ଲଷ୍ଟର ସିଆରସିସି ଲକ୍ଷ୍ମୀପ୍ରିୟା ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ଚିନ୍ମୟୀ ମହାରଣା, ଲିଲି ମଲ୍ଲିକ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ସ୍ୱାଇଁ, ରିନାକ୍ଷୀ ଷଡଙ୍ଗୀ, ଜୟଶ୍ରୀ ସାହୁ, ସୁଶାନ୍ତ ପରିଡ଼ା, ବିଶ୍ୱଜିତ୍ ଜେନା, ଭାଗ୍ୟଶ୍ରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ।

## ଡା. ପ୍ରଦୀପ ରାଓଙ୍କୁ ଶ୍ରଦ୍ଧାଞ୍ଜଳି



କଟକ,୨୩।୧୦(ସମିସ): ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ହୋମିଓପାଥି ଡାକ୍ତର ତଥା ରେଭେନ୍ସା କଲିଜିଏଟ୍ ସ୍କୁଲ ପୁରାତନ ଛାତ୍ର ସଂସଦର ପୂର୍ବତନ ସଭାପତି ଡାକ୍ତର ପ୍ରଦୀପ ରାଓଙ୍କ ବିୟୋଗରେ ଏକ ଶୋକସଭା ଚାନ୍ଦିନୀଚୌକଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଡଭୋକେଟ ନରେନ୍ଦ୍ର କିଶୋର ମିଶ୍ର, ଶଶାଙ୍କ ଶେଖର ମହାପାତ୍ର, ସୁବ୍ରତ ଶତପଥୀ, ଶ୍ରୀଜୟ କର, ରାମାଶିଷ ହାଜରା, ସୁପ୍ରଭା ମହାନ୍ତି, ସଞ୍ଜୀବ ସାହୁ, ମନୋଜ ମହାପାତ୍ର, ଉମାଶଙ୍କର ମିଶ୍ର, ଅଶୋକ ମହାନ୍ତି, ଦେବାଶିଷ ଦାସ, ଦେବଦତ୍ତ ଦାଶ, ଦେବକାନ୍ତ ମହାନ୍ତି, ଦୀପକ ମହାରଣା, ପରେଶ କାନୁନଗୋ, ଭାସ୍କର ପଣ୍ଡା, ଅମିତ ବୋଷ, ସୁମିତ ଗୋସ୍ୱାମୀ, ପ୍ରଶାନ୍ତ ବେହେରା, ବିକ୍ରମ ସିଂ, ଶୁଭକାନ୍ତ ଦାସ, ସୂର୍ଯ୍ୟ ଦାସ, ମନୋଜ ସାହୁ, ଦୀପକ ସାହୁ ପୁରାତନ ଛାତ୍ର ସଂସଦ ରେଭେନ୍ସା କଲିଜିଏଟ ସ୍କୁଲର ଉନ୍ନତି ପାଇଁ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

**■ ଗାନ୍ଧୀ ସଦ୍‌ଭାବନା ସମାରୋହ**

## ଭାଇଚାରା ଗୀତ 'ଝୁଲ୍‌ରେ କଟକ ଝୁଲ୍' ଉନ୍ମୋଚିତ



କଟକ,୨୩।୧୦(ସମିସ): କଟକ ଶାନ୍ତି ସଦଭାବନା ସମିତି ପକ୍ଷରୁ ମହାନଦୀବିହାରସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପରେ ସମିତିରସଭାପତିତଥାପୂର୍ବତନନ୍ୟାୟଧୀଶମନୋରଞ୍ଜନ ମହାନ୍ତିଙ୍କ ଆବାହକତ୍ୱରେ କଟକ ଶାନ୍ତି ଓ ସଦଭାବନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମିତିର ସଂଯୋଜକ ତଥା ଗାନ୍ଧୀବାଦୀ ଡ. ବିଶ୍ୱଜିତ୍ ସହରର ଭାଇଚାରା ଅତୁଟ ରହିବା ପାଇଁ ଉଦବୋଧନ ଦେଇଥିବା ବେଳେ ଏମଡିଏ ସଭାପତି ତଥା କଟକ ଭାଇଚାରା ସଂସ୍କୃତିକୁ ନେଇ ରଚନା କରାଯାଇଥିବା ଭିନ୍ନ ସ୍ୱାଦର ସଚେତନଧର୍ମୀ ଗୀତର ନିର୍ମାତା ସଞ୍ଜୟ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହରର ସମସ୍ତ ସମ୍ପ୍ରଦାୟର କର୍ମକର୍ତ୍ତା ସର୍ବଦା ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ବଜାୟ ରଖିବା ପାଇଁ ସମିତିର ସଦସ୍ୟ ତାପସ ମହାନ୍ତି ଆହ୍ୱାନ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଜୀବନକୁ ନେଇ ପ୍ରଦର୍ଶିତ ଫଟୋଚିତ୍ରକୁ ବରିଷ୍ଠ ରାଜନେତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଲଲାଟେନ୍ଦୁ ବଡ଼ୁ, ଗୁରୁଦ୍ୱାର କମିଟିର ସଭାପତି ଗୁରୁଦେବ ସିଂହ, ବୋର୍ଡ ଅଫ ୱାକଫର ପ୍ରାକ୍ତନ ଅଧ୍ୟକ୍ଷ ସୟଦ ଏକ୍ରାମ ହୁସେନ, ମହମ୍ମଦ ଫରିଦ୍, କର୍ପୋରେଟର ଇଂ ସୁବ୍ରତ ଘଡାଇ, ସୌଭାଗିନୀ ଜେନା, ଇଂ ଗୋପାଳକୃଷ୍ଣ ବେହେରା, ଇଂ ପ୍ରମୋଦ ନାୟକ, ସରୋଜ ପ୍ରସାଦ ସ୍ୱାଇଁ, ଜଗନ୍ନାଥ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରହ୍ଲାଦ ମହାନ୍ତି, ରାଜେଶ ରଣା, ବିଷ୍ଣୁ ସାହୁ, ଜୟଦେବ ଜେନା ପ୍ରମୁଖ ବୁଲି ଦେଖିଥିଲେ। ଏମଡିଏ ସଭାପତି ସଞ୍ଜୟ ଜେନାଙ୍କ ଉଦ୍ୟମରେ ନିର୍ମିତ ଭିନ୍ନ ସ୍ୱାଦର ସଚେତନ ଧର୍ମୀ ଗୀତ ଝୁଲରେ କଟକ ଝୁଲ ସମିତିର ସଭାପତି ପୂର୍ବତନ ନ୍ୟାୟଧୀଶ ମନୋରଞ୍ଜନ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଗୀତର ସ୍ୱର ସଂଯୋଜନା ଏବଂ କଣ୍ଠଦାନ କୃଷ୍ଣଚନ୍ଦ୍ର କରିଥିବା ବେଳେ ଗୀତ ରଚନା କରିଛନ୍ତି ବିଭୂତି ସ୍ୱାଇଁ ଏବଂ ସରୋଜ ଜେନା ନିର୍ଦ୍ଦେଶନା ଦେଇଛନ୍ତି। କଟକ ସହର ବିଭିନ୍ନ ସ୍ଥାନରେ ଏହି ଗୀତର ସୁଟିଂ କରାଯାଇଥିବା ବେଳେ ଏହି ସଚେତନଧର୍ମୀ ଗୀତଟି ସମସ୍ତ ବର୍ଗ ଲୋକଙ୍କ ମନକୁ ବେଶ୍ ଛୁଇଁପାରିଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ହାଇକୋର୍ଟରେ କଟକ ସହର ସମସ୍ୟା**

# ଶିଶୁଭବନରେ ଲାଗିବ ୧୨ କୋଟି ଟଙ୍କାର ସିଟି ସ୍କାନ୍ ମେସିନ୍

କଟକ,୨୩।୧୦(ସମିସ) :

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ଏସସିବି ମେଡିକାଲ କଲେଜ ହସପିଟାଲ ସମ୍ପର୍କିତ କେତେକ ସମସ୍ୟା ପ୍ରସଂଗରେ ଶୁଣାଣି କରିଛନ୍ତି। ଏସସିବିରେ ସ୍ଥାନାଭାବରୁ ଓଏସଏମସିଏଲ ଦେବାକୁ ଥିବା ୧୨କୋଟି ଟଙ୍କାର ୧୨୮ ସ୍ଲାଇସ ସିଟି ସ୍କାନ ମେସିନକୁ ଶିଶୁଭବନରେ ସ୍ଥାପନ କରିବା ସଂକ୍ରାନ୍ତରେ ଆଜି ସରକାର ଜବାବ ଦାଖଲ କରିଛନ୍ତି। ଏହି ମେସିନ ସ୍ଥାପନ ପାଇଁ ସର୍ଦ୍ଦାରବଲ୍ଲଭଭାଇ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)କୁ ମେସିନ ଭେଣ୍ଡର ୱିପ୍ରୋଜି, ଟିପିସିଓଡିଏଲ ଓ ପୂର୍ତ୍ତ ବିଭାଗର ପ୍ରତିନିଧି ଦଳ ପରିଦର୍ଶନ କରିଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଶିଶୁଭବନ ଅଧୀକ୍ଷକ। ଆସନ୍ତା ୪ମାସ ମଧ୍ୟରେ ଏହି ମେସିନ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଅଦାଲତଙ୍କୁ କୁହାଯାଇଛି। ଆସନ୍ତା ୩ମାସ ପରେ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏହି ମେସିନ ଶିଶୁଭବନରେ ସ୍ଥାପନର ସ୍ଥିତି ସମ୍ପର୍କରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

### ଏସସିବିରେ ଦକ୍ଷ ଟେକ୍ନିସିଆନ ନିଯୁକ୍ତି ପ୍ରସଂଗରେ ଜବାବ ତଲବ

ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତି ଆସୁଥିବା ବେଳେ ଆବଶ୍ୟକ ସଂଖ୍ୟକ ଦକ୍ଷ ଟେକ୍ନିସିଆନ ନଥିବାରୁ ଚାପ ବୃଦ୍ଧି ପାଉଥିବା ନେଇ ଆଡଭୋକେଟ କମିଟି ଦାଖଲ କରିଥିବା ରିପୋର୍ଟକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଦୁଇଟି ସିଟି ସ୍କାନ ଓ ଗୋଟିଏ ଏମଆରଆଇ ମେସିନ ସହ ଅନ୍ୟ ମେସିନ ରହିଛି। ଏମଆରଆଇ ମେସିନ ପିପିପି ଜରିଆରେ ଚାଲୁଛି। ଏସସିବିରେ ଦୈନିକ ୨୦୦ଟି ସିଟି ସ୍କାନ କରାଯାଉଥିବା ନେଇ ଅଧୀକ୍ଷକଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏଣୁ ଅଧିକ ସଂଖ୍ୟାରେ ଟେକ୍ନିସିଆନ ନିଯୁକ୍ତି ପ୍ରସଂଗରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ।

### ତାଳଦଣ୍ଡା ସୌନ୍ଦର୍ଯ୍ୟକରଣରେ ଅବହେଳା ନେଇ ଅସନ୍ତୋଷ

ତାଳଦଣ୍ଡା କେନାଲ ପାଶ୍ୱର୍ ଦୁଇ ରାସ୍ତାରେ କୁଢକୁଢ ଆବର୍ଜନା ଗଦା ହୋଇରହୁଥିବା, କେନାଲ ରାସ୍ତା କାମ ଅସମ୍ପୂର୍ଣ୍ଣ ରହିଥିବା, ଏପରିକି ଏନଏଚ-୧୬ରୁ ନୂଆବଜାର ପର୍ଯ୍ୟନ୍ତ ଅନ୍ଧକାରମୟ ହୋଇରହିବା ଓ ଯୋବ୍ରା ଠାରେ ବୋଟିଂ ବ୍ୟବସ୍ଥା ବନ୍ଦ ରହିବାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗକୁ କାର୍ତ୍ତିକ ପୂର୍ଣ୍ଣିମାରେ ସ୍ଥାନୀୟ ଲୋକେ ଡଙ୍ଗା ଭସାଇବାର ପରମ୍ପରା ରହିଛି। ଏଣୁ କେନାଲ ପାଶ୍ୱର୍ ପରିମଳ ବିପର୍ଯ୍ୟସ୍ତ ଥିବାରୁ ଅଦାଲତ କ୍ଷୁବ୍ଧ ହୋଇଥିଲେ। ଆସନ୍ତା ୩୦ତାରିଖ ପରବର୍ତ୍ତୀ ଶୁଣାଣି ରେ ସିଏମସି ଡେପୁଟି କମିସନର (ପରିମଳ) ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।



### ଡିଜିଟାଲ ଡିସପ୍ଲେ ବୋର୍ଡରେ ଏସସିବି ଆଉଟଡୋର ରୋଗୀଙ୍କ କ୍ରମିକ ନମ୍ବର ରହିବ

ଏସସିବି ମେଡିକାଲ ଆଉଟଡୋରକୁ ଆସୁଥିବା ରୋଗୀ ମାନେ ଅନେକ ସମୟରେ ଟିକଟ କରି ସେମାନଙ୍କର କ୍ରମିକ ନମ୍ବର କେଉଁ ସମୟରେ ଆସିବ ଓ କେଉଁ ଡାକ୍ତର ଦେଖୁଛନ୍ତି ତାହା ଜାଣିପାରୁନାହାନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଉଟଡୋରର ବିଭିନ୍ନ ବିଭାଗରେ ଡିଜିଟାଲ ଡିସପ୍ଲେ ବୋର୍ଡ ଲାଗିଥିଲେ ସୁଦ୍ଧା ଏଥିରେ କେବଳ ଡାକ୍ତରଙ୍କ ନାମ ପ୍ରଦର୍ଶୀତ ହେଉଥିଲା। ହେଲେ ଆଡଭୋକେଟ କମିଟିର ସୁପାରିସ କ୍ରମେ ଏହି ବୋର୍ଡରେ ରୋଗୀଙ୍କ କ୍ରମିକ ନମ୍ବର ଓ ନାମ ପ୍ରଦର୍ଶନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ମର୍ମରେ ପରବର୍ତ୍ତୀ ଶୁଣାଣି ବେଳେ ଏସସିବି ଅଧୀକ୍ଷକ ଅବଗତ କରାଇବେ ବୋଲି ଅଦାଲତ କହିଛନ୍ତି। ନିରାମୟ କେନ୍ଦ୍ର ଗୁଡିକରେ ବୋର୍ଡ ଲଗାଯାଇଛି ହେଲେ, ଏଥିରେ ବିଜୁଳି ସଂଯୋଗ ଓ ସଫ୍ଟୱେର କାମ ୨ସପ୍ତାହରେ ଶେଷ ହେବ ବୋଲି କୁହାଯାଇଛି।

### ଦିବ୍ୟାଙ୍ଗ ଛାତ୍ରୀଙ୍କ ଜବାବ ଦାଖଲ କରିବେ ସରକାର

ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜରେ ୭୦ରୁ ଅଧିକ ଦିବ୍ୟାଙ୍ଗ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଂଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଶୈଳବାଳା କଲେଜ ପରିଦର୍ଶନ କରି ଏକ ରିପୋର୍ଟ ଦାଖଲ କରିଛି। ଆଜି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଭର୍ଚୁଆଲରେ ହାଜର ହୋଇ ଜବାବ ରଖିଥିଲେ। ତେବେ ଉକ୍ତ ରିପୋର୍ଟ ଆଧାରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସଏସଇପିଡି ବିଭାଗ ସଚିବ, ଜିଲ୍ଲା ପ୍ରଶାସନ ଓ କଲେଜ ଅଧ୍ୟକ୍ଷ ମିଳିତ ବୈଠକ କରିବେ। ପରବର୍ତ୍ତୀ ଶୁଣାଣି ବେଳେ କମିଟି ରିପୋର୍ଟ ଉପରେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଜଣାଇବାକୁ ହାଇକୋର୍ଟ କହିଛନ୍ତି।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ସଇଁତଳା,୨୩ା୧୦(ସମିସ): ସଇଁତଳା ଦେଇ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ସଇଁତଳା ଥାନା ସମ୍ମୁଖରେ ଗୁରୁବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ପଟକୁ ଯାଉଥିବା ଏକ ଟ୍ରକ୍ ସଇଁତଳା ଥାନା ସମ୍ମୁଖରେ ଗୋପବନ୍ଧୁ ପଡ଼ାର ସୁଶାନ୍ତ ଦାନୀ (୫୦)ଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା ପାର ହେଉଥିଲେ। ଏହା ଫଳରେ ସେ କିଛି ଦୂର ଘୋଷାଡ଼ି ହୋଇଯାଇଥିଲା। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତୁରନ୍ତ ସଇଁତଳା ଥାନା ଅଧିକାରୀ ରଶ୍ମିତା ବେହେରା ସଦଳବଳ ପହଞ୍ଚିଥିଲେ। ଏହି ଘଟଣା ଜଣା ପଡ଼ିବା ପରେ ସହରର ଜନସାଧାରଣ କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ। ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ସୁଶାନ୍ତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଦୁଇଟି ଛୋଟ ଛୁଆ ରହିଛନ୍ତି। ଏହି ଘଟଣା ପରେ ତାଙ୍କ ପରିବାର ଭାଙ୍ଗି ପଡିଛି।

## କାର୍ ଧକ୍କାରେ ପାର୍ସଲ ଭ୍ୟାନ୍ ଚାଳକଙ୍କ ମୃତ୍ୟୁ

ବଙ୍ଗୋମୁଣ୍ଡା,୨୩ା୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ୪୨ ନଂ ରାଜ୍ୟ ରାଜପଥର ବଙ୍ଗୋମୁଣ୍ଡା ପାଟଖଣ୍ଡା ମନ୍ଦିର ନିକଟରେ ଦୁର୍ଘଟଣା ଘଟିଛି। ଏହି ଭୟାବହ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେଓଗାଁ ଥାନା ବେଲାରପାଲି ଗାଁର ପୂର୍ଣ୍ଣଚନ୍ଦ୍ର ନନ୍ଦ (୩୨)। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ରାସ୍ତାରେ ଅଟକିଥିବା ଓଡ଼ି-୦୩ଏଇ ୧୪୫୯ ନମ୍ବର ବିଶିଷ୍ଟ ଏକ ପାର୍ସଲ ଭ୍ୟାନ୍‌କୁ ଏକ କାର୍ (ଓଡି -୦୩ସି୯୨୮୯) ପଛ ପଟୁ ଧକ୍କା ଦେଇଥିଲା। ଏହା ଫଳରେ ଭ୍ୟାନ୍ ଡ୍ରାଇଭର ପୂର୍ଣ୍ଣଚନ୍ଦ୍ରଙ୍କ ଗୋଡ କଟି ଯାଇଥିଲା। କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ଘଟିଥିଲା।

## ୯ ଦାଦନ ଶ୍ରମିକ ଉଦ୍ଧାର, ୨ ସର୍ଦ୍ଦାର ଗିରଫ




କଣ୍ଟାବାଞ୍ଜି,୨୩ା୧୦(ସମିସ): କଣ୍ଟାବାଞ୍ଜି ପୁଲିସ ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଗୁରୁବାର କଣ୍ଟାବାଞ୍ଜି ସହରର କଦଳୀପଡାଠାରେ ଏକ ବୋଲେରୋରେ କିଛି ଦାଦନ ଶ୍ରମିକ ରେଳଷ୍ଟେସନକୁ ଆସୁଥିବା ଖବର ପାଇ ପାଟ୍ରୋଲିଂ କରୁଥିବା ଏକ ପୁଲିସ ଟିମ୍ ଏମାନଙ୍କୁ କାବୁ କରିଥିଲା। ଏହି ଦାଦନ ଶ୍ରମିକମାନେ ମୁରିବାହାଲ ବ୍ଲକ୍ ଅଞ୍ଚଳର ବୋଲି ଜଣାପଡଛି। ଦାଦନ ଶ୍ରମିକମାନଙ୍କ ମଧ୍ୟରେ ୭ଜଣ ପୁରୁଷ ଓ ୨ଜଣ ମହିଳା ଶ୍ରମିକ ଅଛନ୍ତି। ସମସ୍ତଙ୍କ କାଗଜ ପତ୍ର ଯାଞ୍ଚ କରି ପୁଲିସ ନିଜ ନିଜ ଘରେ ଛାଡିବାର ବ୍ୟବସ୍ଥା କରିଛି। ଏମାନଙ୍କୁ ବେଆଇନ ଭାବେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ପଠା ଯାଉଥିବା ଜଣାପଡିଥିଲା। ତେବେ ଏଥିରେ ସଂପୃକ୍ତ ଦାଦନ ସର୍ଦ୍ଦାର ଅନନ୍ତ ବାଗ ଓ ସହଯୋଗୀ ଶଙ୍କର୍ଷଣ ବିଶିକୁ ପୁଲିସ ଗିରଫ କରିଛି। ଏମାନେ ମଧ୍ୟ ମୁରିବାହାଲ ବ୍ଲକ୍ ଗୁଡିଘାଟ ଓ ଚଲକିର ବୋଲି ଜଣାପଡିଛି। ଦୁଇ ସର୍ଦ୍ଦାରଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଗୋପାଳ ଚନ୍ଦ କର୍ଣ୍ଣ କହିଛନ୍ତି।

## ବାସନ୍ତୀ ଅଗ୍ରୱାଲଙ୍କ ପରଲୋକ



କଣ୍ଟାବାଞ୍ଜି,୨୩ା୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ବିବେକାନନ୍ଦ ନଗର ନିବାସୀ ସତ୍ୟନାରାୟଣ ଅଗ୍ରୱାଲଙ୍କ ମା' ବାସନ୍ତୀ ଅଗ୍ରୱାଲଙ୍କ ବୁଧବାର ପରଲୋକ ଘଟିଛି। ପୂର୍ବରୁ ସେ ଧାମନଡଙ୍ଗାରେ ରହୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ପକ୍ଷରୁ ମିଳିଥିବା ସୁଚନା ଅନୁସାରେ ଅନେକ ଦିନ ହେଲା ସେ ହୃଦ୍‌ରୋଗ ଭଳି ଜଟିଳ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି। ବଡ ପୁଅ ସତ୍ୟନାରାୟଣ ମୁଖାଗ୍ନି ଦେଇଥିଲେ। ସାନ ପୁଅ ସୁରେଶ ଅଗ୍ରୱାଲା, ଆଶିଷ ଅଗ୍ରୱାଲ, ନାତୁଣୀ ଆଇରା ଅଗ୍ରୱାଲଙ୍କ ସହ କଣ୍ଟାବାଞ୍ଜି ସହରର ଅନେକ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟକର୍ତ୍ତା ଓ ବୁଦ୍ଧୀଜୀବୀ ଶେଷ ଦର୍ଶନ କରିଥିଲେ।

## ଦିବ୍ୟାଙ୍ଗ ସ୍କୁଲରେ ଶୌଚାଳୟ ଓ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ସଇଁତଳା,୨୩ା୧୦(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନା ପକ୍ଷରୁ ସଇଁତଳାସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ଏକ ଶୌଚାଳୟ ଓ ଶୀତଳ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି।

ଏହି ଅବସରରେ ଦୁଇ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ ଦାଶ, ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ର ମହିଳା କଲ୍ୟାଣ ସଂସ୍ଥାନ ବଲମାନ ଶାଖାର ଅଧକ୍ଷା ଇପସିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାରଖାନାର ବରିଷ୍ଠ ପ୍ରବନ୍ଧକ ହିମାଂଶୁ ତ୍ରିପାଠୀ ଏଥିରେ ସଂଯୋଜନା କରିଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

# ମଣିଷ ଜୀବନକୁ ସହଜ କରିଛି ବିଜ୍ଞାନ




ବଲାଙ୍ଗିର,୨୩ା୧୦(ସମିସ)

ବଲାଙ୍ଗିର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଣିଷ ଜୀବନକୁ ବିଜ୍ଞାନ ସହଜ କରିଛି ବୋଲି ଏଥିରେ ମତ ପ୍ରକାଶ ପାଇଛି।

"ମାନବ ଜାତିର ହିତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ବିଷୟ ଉପରେ ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ନୀଳାଞ୍ଚଳ ଚିର୍ଗୁନ ଓ ମିର୍ଦ୍ଧାପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ନାୟକ ଯୋଗ ଦେଇଥିଲେ। ବିଜ୍ଞାନ ନିରୀକ୍ଷକ ନବଘନ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାର ଆଭିମୁଖ୍ୟ ଓ ପ୍ରତିଯୋଗିତାର ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ ଅଏଁଲାଚୁଆଁ ହାଇସ୍କୁଲର ନାଟକ ପାଉଁଶରୁ ଫୁଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବୁବେଲ ହାଇସ୍କୁଲର ନାଟକ କୃଷକର ସପନ ଚାଷରେ ପରିବର୍ତ୍ତନ ଦ୍ୱିତୀୟ ସ୍ଥାନ ଓ ଲୋଇସିଂହା ବ୍ଲକ ଝାରମୁଣ୍ଡା ଓଏଭିର ନାଟକ ସ୍ମାର୍ଟ ଏଗ୍ରୀକଲଚର ତୃତୀୟ ସ୍ଥାନ ଅଧିକାର କରିଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଶ୍ରୀକୃଷ୍ଣ ପଟେଲ ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ଶର୍ମିଷ୍ଠା ହୋତାଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଯୋଗଦେଇ। ଦୈନନ୍ଦିନ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ମଣିଷ ଜୀବନକୁ ସହଜ କରିବା ସହ ମାନବତାର ରକ୍ଷକ ଭାବେ ଠିଆ ହୋଇଛି। ବିଜ୍ଞାନର ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଏଡିଇଓ ରୀନା କୁମାରୀ ବେହେରା, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ ରାମଗୋପାଳ ଖମାରୀ ଶର୍ମା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜୟକୃଷ୍ଣ ନାଏକ ଧନ୍ୟବାଦ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ନାଟକ ଆସନ୍ତା ୨୫ତାରିଖରେ ବୌଦ୍ଧ ଟାଉନ ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ମଞ୍ଚସ୍ଥ ହେବ।

> ଅଏଁଲାଚୁଆଁ ହାଇସ୍କୁଲର 'ପାଉଁଶରୁ ଫୁଲ' ଶ୍ରେଷ୍ଠ ନାଟକ
>
> ବୁବେଲ ହାଇସ୍କୁଲର 'କୃଷକର ସପନ ଚାଷରେ ପରିବର୍ତ୍ତନ' ଦ୍ୱିତୀୟ
>
> ଝାରମୁଣ୍ଡା ଓଏଭିର 'ସ୍ମାର୍ଟ ଏଗ୍ରୀକଲଚର ତୃତୀୟ ସ୍ଥାନ ଅଧିକାର କଲା
>
> ଶ୍ରେଷ୍ଠ ନିର୍ଦ୍ଦେଶକ ଶ୍ରୀକୃଷ୍ଣ ପଟେଲ, ଶ୍ରେଷ୍ଠ ସଂଳାପ ଲେଖକ ଶର୍ମିଷ୍ଠା ହୋତା

## ଅଜଣା ରୋଗରେ ଉଜୁଡ଼ିଗଲା ଧାନଚାଷ

ଟିଟିଲାଗଡ଼,୨୩ା୧୦(ସମିସ): ପ୍ରକୃତିର ଦାଉ ଚାଷୀଙ୍କୁ କଲବଲ କରୁଛି। ଟିଟିଲାଗଡ ବ୍ଲକ ଅଦାବାହାଲ ପଞ୍ଚାୟତ ଚାଣ୍ଟିପଲା ଗ୍ରାମର ଚାଷୀ ପର୍ଶୁରାମ ବଗର୍ତ୍ତି ବର୍ତ୍ତମାନ ପ୍ରକୃତିର ତାଡ଼ନାରେ ପଡିଛନ୍ତି। ସେ ୨ ଏକର ଜମିରେ ଧାନଚାଷ କରିଥିଲେ; ହେଲେ ଅଜଣା ରୋଗରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଯେତେ ଔଷଧ ପ୍ରୟୋଗ କଲେ ମଧ୍ୟ କିଛି ଫଳ ମିଳିନାହିଁ। ପାଚିବା ଅବସ୍ଥାରେ ଥିବା ଧାନ ବର୍ତ୍ତମାନ ପାଳ ହୋଇପଡିଛି। ପ୍ରଥମ ଥର ଏଭଳି ରୋଗ ଧରିଥିବା ବେଳେ କ'ଣ ହୋଇଛି ସେ ଜାଣି ପାରୁନାହାନ୍ତି। ଗାଁରୁ ବ୍ଲକ୍ ସରକାର କୃଷି ଅଧିକାରୀ, କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି; ହେଲେ ଅଦ୍ୟାବଧି ତାଙ୍କ ଜମିରେ କୃଷି ଅଧିକାରୀ କି କର୍ମଚାରୀଙ୍କ ପାଦ ପଡିନାହିଁ। ଜମି ହଳଠାରୁ ଆରମ୍ଭ କରି ଧାନ ବିହନ କ୍ରୟ, ପହ୍ଲାରୁଆ, ସାର, ଔଷଧ ଆଦି ନେଇ ସେ ପ୍ରାୟ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ଧାନ ଅମଳ ହୋଇଥିଲେ ଅତିକମ୍‌ରେ ୩ ଲକ୍ଷ ଟଙ୍କା ଆୟ କରି ଉପକୃତ ହୋଇଥାନ୍ତେ ବୋଲି ପର୍ଶୁରାମ କହିଛନ୍ତି। ବିଭିନ୍ନ ସୂତ୍ରରୁ ଧାର୍ ଆଣି ସେ ଧାନ ଫସଲ କରିଥିଲେ। ଚଳିତ ବର୍ଷ ଭଲ ବର୍ଷା ଯୋଗୁଁ ଭଲ ଅମଳ ହେବ ବୋଲି ସେ ଅନେକ ଆଶା ବାନ୍ଧିଥିଲେ। ସବୁ କିନ୍ତୁ ଆଶାରେ ହିଁ ରହିଗଲା। ଅନ୍ୟପକ୍ଷରେ ଅଦାବାହାଲ ପଞ୍ଚାୟତ ଅଏଁଲାଭଟା ଗ୍ରାମର ହେମନ୍ତ ପୁଟେଲଙ୍କ ପ୍ରାୟ ୧ ଏକର ଜମିର ଧାନଚାଷ ମଧ୍ୟ ଅଜଣା ରୋଗରେ ନଷ୍ଟ ହୋଇଛି। ହେମନ୍ତ ମଧ୍ୟ ଫସଲ ରକ୍ଷା ପାଇଁ ପର୍ଶୁରାମଙ୍କ ପରି ଟିଟିଲାଗଡ ସହରର ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ କ୍ରୟ କରିଥିଲେ। ତେବେ ଟିଟିଲାଗଡ ଅଞ୍ଚଳରେ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନରେ ବର୍ଷ ବର୍ଷ ଧରି ଚଢା ଦରରେ ନକଲି ଧାନ ତଥା ଅନ୍ୟାନ୍ୟ ପନିପରିବା ବିହନ, ନକଲି ଔଷଧ ବିକ୍ରୟ ହେଉଥିବା ଅଭିଯୋଗ ହୋଇଆସୁଛି। ନକଲି ଔଷଧ ଯୋଗୁଁ ଚାଷୀଙ୍କ ଧାନରେ ରୋଗ ଭଲ ନ ହୋଇ ନଷ୍ଟ ହୋଇଆସୁଥିବା ଚାଷୀଙ୍କ କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିବା ବିଜେପି ନେତା ସଞ୍ଜୟ ତ୍ରିପାଠୀ, ଅଦାବାହାଲ ସରପଞ୍ଚଙ୍କ ପ୍ରତିନିଧି ବେଦବର ନାଗ ଅଭିଯୋଗ କରିଛନ୍ତି। ଏନେଇ କୃଷି ଅଧିକାରୀ ତଦନ୍ତ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ପାଇଁ ଉଭୟ ନେତା ଦାବି କରିଛନ୍ତି।

## ଅଏଲ୍ ପାମ୍ ଚାଷ ଉପରେ ତାଲିମ



ଦେଓଗାଁ,୨୩ା୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୃଷି ପରାମର୍ଶ କେନ୍ଦ୍ର ସଭା କକ୍ଷରେ ଗୁରୁବାର ଜିଲ୍ଲା ଉଦ୍ୟାନ ବିଭାଗ ତରଫରୁ ଅଏଲ୍ ପାମ୍ ଚାଷ ଉପରେ ଚାଷୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉଦ୍ୟାନ ଅଧିକାରୀ ସୁଦେଶ ଚୌଧୁରୀ ଯୋଗ ଦେଇଥିଲେ।

ଅର୍ଥକାରୀ ଅଏଲ୍ ପାମ୍ ଚାଷ ଉପରେ ସେ ଚାଷୀଙ୍କୁ ଆଗ୍ରହ ପ୍ରକାଶ କରବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହ ଉଦ୍ୟାନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଦିଆଯାଉଥିବା ରିହାତିର ସୁଯୋଗନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଏଲ୍ ପାମ୍ କଞ୍ଚାମାଲ କ୍ରୟ କରିବା ପାଇଁ ଦାୟିତ୍ୱରେ ଥିବା କମ୍ପାନୀର ଜିଲ୍ଲା ମୁଖ୍ୟ ଶମ୍ଭୁ ସ୍ୱାଇଁ ଯୋଗଦେଇ ଅଏଲ୍ ପାମ୍ ଚାଷ ପ୍ରଣାଳୀ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଭାବେ ଗୁଡଭେଲା ବ୍ଲକ ଉଦ୍ୟାନ ଅଧିକାରୀ ଗୀତିକ୍ରୀଷ୍ଟା ନାଏକ ଓ ବଲାଙ୍ଗିର ବ୍ଲକ ଉଦ୍ୟାନ ଅଧିକାରୀ ସୁଚିସ୍ମିତା ମେହେର ପ୍ରମୁଖ ଯୋଗଦେଇ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରିଥିଲେ। ଏଫଇଏସର ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ କୃଷି ଉପରେ ଅବଗତ କରିଥିଲେ। ଦେଓଗାଁ ବ୍ଲକ୍ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ସଂଯୋଜନା କରିଥିଲେ। ଏଚ୍‌ଇଡବ୍ଲୁ ବିବେକ ମେହେର, ସୁଜିତ କୁଦେଇ ତଥା ଅନ୍ୟମାନେ ସହଯୋଗ କରିଥିଲେ।

■ ୧୧ତମ ଭୀମପାହାଡ ମହୋତ୍ସବର ଦ୍ୱିତୀୟ ଦିବସ

## ଐତିହ୍ୟ, କିଂବଦନ୍ତିର ଗବେଷଣା ଆବଶ୍ୟକ




ଦେଓଗାଁ,୨୩ା୧୦(ସମିସ): ଭୀମପାହାଡ ପାଦଦେଶରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ଚାଲିଥିବା ୧୧ତମ ଭୀମପାହାଡ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମ୍ମାନୀତ ଅତିଥି ଭାବେ ସୋନପୁର ଏସ୍‌ପି ନାରାୟଣ ନାୟକ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ, ନିମନ୍ତ୍ରୀତ ଅତିଥିଭାବେ ସ୍ଥାନୀୟ ବିଡିଓ ପ୍ରିୟ ରଞ୍ଜନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଦେଓଗାଁ ବ୍ଲକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ପର୍ଯ୍ୟଟନସ୍ଥଳର ସର୍ବାଙ୍ଗିନ ବିକାଶ ଦିଗରେ ଦଳମତ ନିର୍ବିଶେଷରେ ଉଦ୍ୟମ କରିବା ଜରୁରୀ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଏହାସହିତ ଭୀମପାହାଡରେ ରହିଥିବା ଐତିହ୍ୟ, କିଂବଦନ୍ତି ଓ ଶିଳାଲିପିଗୁଡିକର ଆହୁରୀ ଗବେଷଣା କରାଗଲେ ଅନେକ ତଥ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମହଲାଇ ପଞ୍ଚାୟତ କଟାପାଲି ଗାଁର ସହିଦ ସୁଧୀର ତ୍ରିପାଠୀ ଓ ଯୁବ କଳାକାର ଭାବେ ବରକାନୀ ଗାଁର ସୁନୀଲ ମେହେରଙ୍କୁ ଭୀମପାହାଡ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଲକ୍ଷ୍ମଣ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସୂଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁଇଁନ୍ତଲାର ଘୁଙ୍ଗୁରୁ କଳାପରିଷଦ, ସୋନପୁରର ପର୍ଏଁରୀ ଓ ବଲାଙ୍ଗିରର କୋଶଳ ଫୋକ୍ ଏକାଡେମୀ ଦ୍ୱାରା ପାରମ୍ପାରିକ ଲୋକକଳା ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପ୍ରତ୍ୟହ ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ ଓ ସାଥିଙ୍କ ଦ୍ୱାରା କଂସ ଦରବାର ଚାଲିଛି। ଭୀମପାହାଡ ମହୋତ୍ସବ କମିଟି ସଭାପତି ପ୍ରମୋଦ ବହିଦାର, ଅଭିମନ୍ୟୁ ମାଝୀ, ଗୋବର୍ଦ୍ଧନ ସାହୁ, ନନ୍ଦିକିଶୋର ନାଏକ, ପୂର୍ବତନ ସରପଞ୍ଚ ବାଳକ ପଧାନ, ରୂପାଧର ପୁଟା, ଦୟାସାଗର ନାଏକ, ପିତାମ୍ବର ପଧାନ ପ୍ରମୁଖ ସହଯୋଗ କରୁଛନ୍ତି।

## କରଣ ସମାଜର ଚିତ୍ରଗୁପ୍ତ ପୂଜା




ଟିଟିଲାଗଡ଼, ୨୩ା୧୦(ସମିସ): ଟିଟିଲାଗଡ କରଣ ସମାଜ ପକ୍ଷରୁ ସହର ଉପକଣ ସତୀଘାଟ ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପ ପରିସରରେ ୧୮ତମ ବାର୍ଷିକ ଚିତ୍ରଗୁପ୍ତ ପୂଜା ତଥା ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ମୁଖ୍ୟଅତିଥି ଓ ସଞ୍ଜିବ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜର ସଭାପତି ଦୟାସାଗର ପଟ୍ଟନାୟକ, ଉପସଭାପତି ସୁଭାଷ ବହିଦାର, ସାଧାରଣ ସମ୍ପାଦକ ସେବା ନିବୃତ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୋଷାଧକ୍ଷ ଶଙ୍କର୍ଷଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ମାଠିଆ ଭଙ୍ଗା, ମ୍ୟୁଜିକ ଚେୟାର, ବୟସ୍କଙ୍କ ମଧ୍ୟରେ ତାମ୍ବୁଲା ଆଦି ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମାଜର ଆଇନ ପରାମର୍ଶଦାତା ମହେଶ ମହାନ୍ତି, ପ୍ରଦୀପ ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ସିତାରାମ ପଟ୍ଟନାୟକ, ଚକ୍ରପାଣୀ ପଟ୍ଟନାୟକ, ଗୌରୀଶଙ୍କର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ମହାନ୍ତି, ସୌମେନ୍ଦ୍ର ପଟ୍ଟନାୟକ, ଦେବୁ ପଟ୍ଟନାୟକ, ଜିତେନ ପଟ୍ଟନାୟକ, ରମେଶ ପଟ୍ଟନାୟକ, ବାବୁ ପଟ୍ଟନାୟକ, ସେଫାଳି ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ନିରୋଜ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଗତ ଶିକ୍ଷା ବର୍ଷ ବ୍ଲକସ୍ତରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଘନଶ୍ୟାମ ସାହୁ, ଯୁକ୍ତ ଦୁଇରେ ସର୍ବୋଚ୍ଚ ନମ୍ବ ରଖିଥିବା ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ତୃପ୍ତି ସାହୁ, ଯୁକ୍ତ ୩ରେ ସର୍ବୋଚ୍ଚ ମାର୍କ ରଖିଥିବା ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସୁମନ୍ତ ବାଗଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କପିଲାଭଟାରେ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଘାଟିତ



ବଙ୍ଗୋମୁଣ୍ଡା,୨୩ା୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ କପିଲାଭଟା ଗ୍ରାମରେ ୩ୟ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଗିରିଗୋବର୍ଦ୍ଧନ ମହୋତ୍ସବ କମିଟି ଓ ମାଁ ସାହାଜି ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଭାପତି ମନ୍ମଥ ହଂସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କପିଲାଭଟା ପଞ୍ଚାୟତ ସରପଞ୍ଚ ତୁଳସେ ଭୋଇ, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜର ଅଧ୍ୟାପକ ଭବାନୀଶଙ୍କର ଭୋଇ, ସମ୍ମାନୀୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା କୃଷକ ସାଥି ସଂଘର ସଭାପତି ସୌଦାଗର ସାହୁ, ପରମେଶ୍ୱର ମହାନନ୍ଦ, ମାଁ ସାହାଜି ଯୁବକ ସଂଘର ସଭାପତି ଜିତାମିତ୍ର ବିଶି, ସ୍ୱେଚ୍ଛାସେବୀ ଧର୍ମେନ୍ଦ୍ର ଦାସ, ମାଁ ସାହାଜି ଯୁବକ ସଂଘର ପୂର୍ବତନ ସମ୍ପାଦକ ପରମାନନ୍ଦ ଛତ୍ରିଆ, ଆୟୋଜକ କମିଟିର ସମ୍ପାଦକ ବିଷ୍ଣୁପ୍ରସାଦ ଗହିର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଜ୍ଜୀବିତ କରିବା ସହ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବାର ଗିରିଗୋବର୍ଦ୍ଧନ ମହୋତ୍ସବ ଏକ ମଞ୍ଚ ପାଲଟିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆବାହକ ତଥା ସାମ୍ବାଦିକ ହୁଲେଶ୍ୱର ହଂସ ସଂଯୋଜନା କରିଥିଲେ। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଯାଜପୁରର ଗୁରୁ ସନ୍ତୋଷ ସ୍ୱାଇଁ ଓ ସାଥିଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ସେହିପରି କେନ୍ଦ୍ରାପଡାର ଉଷାରାଣୀ ଗୀତିନାଟ୍ୟ ପରିଷଦ ଏବଂ ସଂଗୀତ ସଦନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲେ।

## ୧୩ ବର୍ଷରେ କୋକଡୁଙ୍ଗୁରି ଗିରିଗୋବର୍ଦ୍ଧନ ପୂଜା



ମୁରିବାହାଲ,୨୩ା୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତର କୋକଡୁଙ୍ଗୁରୀରେ ପଞ୍ଚସଖା ସତସଙ୍ଗ କମିଟି ଆନୁକୂଲ୍ୟରେ ୧୩ତମ ଗିରିଗୋବର୍ଦ୍ଧନ ପୂଜା ଏବଂ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ସମ୍ମାନିତ ଅତିଥି ଭାବେ ନାରିନେତ୍ରୀ ନିରୂପମା ମାଝୀ, ହଂସରାଜ ଜୈନ, ଡଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁର, ମୁଖ୍ୟବକ୍ତା ସୁରେଶ ଭୋଇ, ଶିକ୍ଷାବିତ ଡ. ନାରାୟଣ ମିଶ୍ର, ତେଜରାମ ବାଗ, ପ୍ରଦୀପ ଟାହାଣି, କଶ୍ୟପ ସରାଫ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ଲିମ୍ବବନ୍ଧ ପୋଖରୀରୁ କଳସ ଅଣାଯାଇ ସ୍ଥାପନ କରାଯାଇଥିଲା। ପୂଜା କର୍ତ୍ତା ଭାବେ ନରେନ୍ଦ୍ର ଜାନୀ, ଡାଣ ଜାନୀ ଏବଂ ପୂଜକ ଭାବେ ନାରାୟଣ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି। ପୂଜା ଆୟୋଜନ କମିଟି ସଭାପତି ବଳିୟାର ମାଝୀ, ଉପସଭାପତି ତେଜୁରାମ ବାଗ, ସମ୍ପାଦକ ମାଲିକ ମହାକୁର, ସହ ସମ୍ପାଦକ କପିଳାସ ଭୋଇ, କୋଷାଧକ୍ଷ ଶଙ୍କର ତାଣ୍ଡି, କାର୍ଯ୍ୟକର୍ତ୍ତା ଦିଗସନ ଭୋଇ, ରଥ ମାଝୀ, ରାଏଧର ମହାକୁର, ହୀରା ମାଝୀ ପ୍ରମୁଖ ଙ୍କ ସହ କମିଟି ସଦସ୍ୟ ସହଯୋଗ କରିଥିଲେ।

## ଜଗୁଆରେ ୧୬ତମ ବାର୍ଷିକ ଗିରିଗୋବର୍ଦ୍ଧନ ପୂଜା

ଟିଟିଲାଗଡ, ୨୩ା୧୦(ସମିସ): ଟିଟିଲାଗଡ ବ୍ଲକ୍ ଜଗୁଆରେ ଯାଦବ ସମାଜ ପକ୍ଷରୁ ୧୬ତମ ବାର୍ଷିକ ଗିରିଗୋବର୍ଦ୍ଧନ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ମାନସ ରଞ୍ଜନ ପାଣି, କର୍ତ୍ତା ଭାବେ ଯୁଗେଶ୍ୱର ନାଗ ଏବଂ ତାଙ୍କ ପତ୍ନୀ ମୁକ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା ଯାଦବ ମହାସଂଘ ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ବରିଷ୍ଠ ଆଇନଜୀବୀ ତୁଳସୀ ସାହୁ, ପ୍ରଫୁଲ୍ଲ ବିଶି, ବିକାଶ ପାଣିଗ୍ରାହୀ, ଲଳିତମୋହନ ସାହୁ, ଧ୍ରୁବ ସାହୁ ପ୍ରମୁଖ ଗିରିଗୋବର୍ଦ୍ଧନଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଖରିଆର ଯାଦବ ସମାଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲେ। ପୂଜା କମିଟି ସଭାପତି ପିତାମ୍ବର ବାଗ, ଉପସଭାପତି ବାବୁଲାଲ ନାଗ ଓ ବିଦ୍ୟାଧର ଖର୍ସେଲ, ସମ୍ପାଦକ ଟଙ୍କଧର ଛତର, ଯୁଗ୍ମ ସମ୍ପାଦକ ଛତ୍ରପତି ଭିଶି, କୋଷାଧକ୍ଷ ଝସକେତନ ଆଡଯୁଆଡ, ସଦସ୍ୟ ହେମ ସାଗର ଖର୍ସେଲ, ଉପଖଣ୍ଡ ଯାଦବ ମହାସଭା ସାଧାରଣ ସମ୍ପାଦକ ପ୍ରଦୀପ ଖରସେଲ, ନିରାକାର ସୁନାନୀ, ପଙ୍କଜ ଘିବେଲା, ପୁରୁଷୋତ୍ତମ ଆଡଯୁଆଡ, ଆନନ୍ଦ ଆଡଯୁଆଡ, ଜଳେଶ୍ୱର ଆଡଯୁଆଡ, କଦମ ଠେଲା, ଶଙ୍କର ବାଗ, ତ୍ରିନାଥ ଠେଲା, ସାଧୁ ସୁନାନୀ, ଖଗେ ବିଶି, ଜିରା ନାଗ ପ୍ରମୁଖ ଆୟୋଜନରେ ସହାୟତା କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଖପ୍ରାଖୋଲ,୨୩ା୧୦(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଅଧକ୍ଷତା କରିଥିଲେ। ପଦ୍ମ କୁମାର ସିଂ ବରିହା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ରୁଦ୍ରଦେବ ଷଡ଼ଙ୍ଗୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନିକେତନ ବରିହା, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେହ୍ରିଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ଅୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକସ୍ତରର ପ୍ରତିଯୋଗୀଙ୍କୁ ନେଇ ଚିତ୍ରାଙ୍କନ, ଶ୍ରୁତ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ ଓ ସଂଗୀତ ପ୍ରମୁଖ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଯୋଗଦେଇ କୃତୀ ପ୍ରତିଯୋଗଙ୍କୁ ପୁରସ୍କୃତ କରିଥିଲେ। ନମିତା ମଣ୍ଡଳ, ଖୁସିରାମ ସାହୁ, ଶ୍ରୀପତି କୁମ୍ଭାର, ଚୂଡ଼ାମଣି ବରିହା, ଶାନ୍ତନୁ ମିଶ୍ର, ସୁବାଷ ଚନ୍ଦ୍ର ନାଗ, ଦୀନବନ୍ଧୁ ବାଗ, ମିତ୍ରଭାନୁ ପଧାନ, ଟୁନୁ ଶବର, ଉପେନ୍ଦ୍ର ସୁନା, ଚକ୍ରଧର ଭୋଇ, ସତ୍ୟବ୍ରତ ବେହେରା, ସୁନୀଲ ମହାନନ୍ଦ, ଗୋକୁଳାନନ୍ଦ ମେହେର,ବିଘ୍ନରାଜ ପଧାନ, ସୁଶାନ୍ତ ଦାଶ, ଜଗନ୍ନାଥ ପାଣ୍ଡେ, ସନାତନ ବାରିକ ପ୍ରମୁଖ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇ ଥିଲେ।

ସକାଳ THE SAKALA



## ମନରେଗାରେ ଅନିୟମିତତା ଅଭିଯୋଗ



**ନାଉଗାଁ, ୨୩।୧୦(ସମିସ):** ଓଷକଣା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଜିଏସ୍ (ମନରେଗା) କାମରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଆସିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍ କାର୍ଡଧାରୀଙ୍କ ପାଇଁ ବିଭିନ୍ନ ପ୍ରକଳ୍ପ କାମ କରାଯାଉଛି। ତେବେ ଏଥିରେ ଅନିୟମିତତା ହେଉଥିବା ନେଇ ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତରେ ଦେଖିବାକୁ ମିଳିଛି। ପଞ୍ଚାୟତରେ ମନରେଗା ଜରିଆରେ ମା'କେ ନାମ୍ ଏକ ପେଡ୍ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଏଥିରେ ଅନିୟମିତତା ସାମ୍ନାକୁ ଆସୁଛି। ମାଷ୍ଟରରୋଲ ସଂଖ୍ୟା ୮୩୦ରେ ନୟାସିଙ୍ଗଡ଼ା ପାଲାମଣ୍ଡପ ନିକଟରେ ଗତ ସେପ୍ଟେମ୍ବର ୨୯ ତାରିଖରେ ହୋଇଥିବା କାର୍ଯ୍ୟର ଫଟୋ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ସକାଳ ସମୟରେ ୧୦ଜଣ ଜବ୍ କାର୍ଡଧାରୀଙ୍କ ଦିଆଯାଇଥିବା ବେଳେ ଅପରାହ୍ଣରେ ୮ଜଣ ଜବକାର୍ଡଧାରୀଙ୍କ ଉପସ୍ଥାନ ଫଟୋଆପ୍‌ରେ ଅପଲୋଡ୍ କରାଯାଇଛି। ଏହି କାର୍ଯ୍ୟରେ ୧୦ ଜଣ ଜବ୍ କାର୍ଡଧାରୀଙ୍କ ଉପସ୍ଥାନ ଦିଆଯାଇଥିବା ବେଳେ ଏହା ଏବେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ବୋଲି ଦେଖାଯାଇଛି। ଫଳରେ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଅଧିକାରୀ ମନଇଚ୍ଛା ଭାବେ ଫଟୋ ଉଠାଇ ଅର୍ଥ ହଡ଼ପ କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

## ଝିମାଣି ଗ୍ରାମରୁ ନାଗସାପ ଉଦ୍ଧାର

**ପାରାଦୀପ, ୨୩।୧୦(ସମିସ):** ଆଜି ପାରାଦୀପ ଉପକଣ୍ଠ ବଗଦିଆ ପଞ୍ଚାୟତର ଝିମାଣି ଗ୍ରାମର ପବିତ୍ର ରାଉତଙ୍କ ଘରୁ ଏକ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। ବିନୋରି ସେବା ଫାଉଣ୍ଡେସନ ସଭାପତି ପ୍ରଭାତ ବେହେରା ଓରଫ ବାବୁନି ବାବାଙ୍କ ସହଯୋଗୀ ଜ୍ୟୋତିରଞ୍ଜନ ମହାପାତ୍ର, ସତ୍ୟଜିତ ରାଉତ, ପଙ୍କଜ ତରାଇ, ଭବାନୀ ଆଚାର୍ଯ୍ୟ, ଶଶୀଭୂଷଣ ସାହୁ ଓ ପ୍ରଭୁ ପ୍ରସାଦ ସୂତାରଙ୍କ ସହଯୋଗରେ ଉକ୍ତ ନାଗ ସାପକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ପଟ୍ଟାମୁଣ୍ଡାଇ, ୨୩।୧୦(ସମିସ):** ପିଉସୀ ଘରେ ରହି +୩ କଳା ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଅମ୍ବେର ଗ୍ରାମର ଉକ୍ତ ଛାତ୍ରୀ ଜଣକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ମାଟିଆ ଗ୍ରାମର ତାଙ୍କ ପିଉସୀଙ୍କ ଘରେ ଦୀର୍ଘଦିନ ଧରି ରହିଆସୁଥିବାବେଳେ ସ୍ଥାନୀୟ କଲେଜରେ ପଢୁଥିଲେ। ତାଙ୍କ ପିଉସୀ ଶିକ୍ଷକତା କରୁଥିବାରୁ ସବୁଦିନ ଭଳି ଆଜି ସକାଳେ ବିଦ୍ୟାଳୟକୁ ଚାଲିଯାଇଥିଲେ। ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେବା ପରେ ଶିକ୍ଷୟିତ୍ରୀ ଘରକୁ ଫେରି ତାଙ୍କ କଲେଜ ପଢୁଆ ଝିଆରୀ ବେକରେ ଫାଶୀ ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ତିରୁଣା ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



**ନାଉଗାଁ, ୨୩।୧୦(ସମିସ):** ତିରୁଣା ଉଚ୍ଚବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଉଗାଁ ବ୍ଲକ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର କୃତୀ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରତିପାଦନ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍-୧ ସଭ୍ୟା ଶ୍ରୀମତୀ ଅମିତା ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସଭାରେ ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ଜୋନ୍-୨ ସଭ୍ୟା ଶ୍ରୀମତୀ ମମତା ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଶରତ ରାଉତ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ମହାନ୍ତି, ରାମଚନ୍ଦ୍ର ପୁହାଣ, ସୁକାନ୍ତ ଲେଙ୍କା ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ ରାଉତ, ପୀତାମ୍ବର ପରିଡ଼ା, ସରୋଜିନୀ ସାହୁ, ସୁକାନ୍ତ ଝଙ୍କାର, ଗଙ୍ଗାଧର ବିଶ୍ୱାଳ, ଚୈତନ୍ୟ ମଲିକ, କାଶୀନାଥ ବେହେରା, କମଳଲୋଚନ ନାୟକ ଓ ଶିକ୍ଷକ ବସନ୍ତ ଦାସ, ସୀତାନାଥ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁଧୀର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ। ନରେଶ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶୈଳବାଳା ବିଦ୍ୟାଳୟରେ ପ୍ରତିଷ୍ଠାତା ପ୍ରଧାନଶିକ୍ଷକଙ୍କ ଶ୍ରାଦ୍ଧବାର୍ଷିକୀ

**ବାଲିକୁଦା, ୨୩।୧୦(ସମିସ):** ବାଲିକୁଦା ବ୍ଲକ ଅଳାବୋଳ ପଞ୍ଚାୟତ ପଞ୍ଚପାଣ୍ଡବ ଶୈଳବାଳା ଉଚ୍ଚବିଦ୍ୟାଳୟରେ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ବୀରକିଶୋର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏ ଅବସରରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ କରାଯାଇ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ତଥା ପୂର୍ବତନ ପ୍ରଧାନଶିକ୍ଷକ ବଂଶୀଧର କୁଅାଁରଙ୍କ



ପୌରୋହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ଛାତ୍ର ସଂସଦର ପୂର୍ବତନ ସଭାପତି ରଞ୍ଜିତ ଦାସ, ମନମୋହନ ସ୍ୱାଇଁ, ଗୁରୁଚରଣ ଦାସ, ଗୋପୀନାଥ ସ୍ୱାଇଁ, ଚିତ୍ତରଞ୍ଜନ ମନ୍ତ୍ରୀଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

### ମାଲିକଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ୧୦ ଲକ୍ଷ ୪୫ ହଜାର ହଡ଼ପ ମାମଲା

# ଅଭିଯୁକ୍ତ ସେଲ୍ସମ୍ୟାନକୁ ଗିରଫ କଲା ପୁଲିସ

**ଜଗତସିଂହପୁର/ରଘୁନାଥପୁର, ୨୩।୧୦(ସମିସ)**

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳରେ ଘଟିଥିବା ଅର୍ଥ ହଡ଼ପ ମାମଲାର ପର୍ଦ୍ଦାଫାସ କରିଛି ସ୍ଥାନୀୟ ପୁଲିସ। ଏଥିସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅୟର ଗ୍ରାମର ସୁରେନ୍ଦ୍ର ନାଥ ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ରଘୁନାଥପୁର ବଜାରରେ ମେଡିସିନ ଷ୍ଟୋର ରହିଛି। ଏହି ଷ୍ଟୋରରେ ବିରିଡ଼ି ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ରଶ୍ମିରଞ୍ଜନ ପଣ୍ଡା ସେଲ୍ସମ୍ୟାନ ଭାବେ



କାମ କରୁଥିଲେ। ତେବେ ୨୦୨୪ ସେପ୍ଟେମ୍ବର ମାସରେ କର୍କଟ ରୋଗରେ ପୀଡ଼ିତ ହୋଇ ମେଡିସିନ ଷ୍ଟୋର ମାଲିକ ସୁରେନ୍ଦ୍ରନାଥ ଚିକିତ୍ସା ପାଇଁ ମୁମ୍ବାଇସ୍ଥ ଟାଟା ମେମୋରିଆଲ ହସ୍ପିଟାଲକୁ ଯାଇଥିଲେ। ମେଡିସିନ ଷ୍ଟୋରର ସମସ୍ତ ଦାୟିତ୍ୱ ସେଲ୍ସମ୍ୟାନ ରଶ୍ମିରଞ୍ଜନଙ୍କୁ ଦେଇଥିଲେ ମାଲିକ ଶ୍ରୀ ପଣ୍ଡା। ଏହାର ସୁଯୋଗ ନେଇ ସୁରେନ୍ଦ୍ର ନାଥଙ୍କ ଏଟିଏମ୍ ବ୍ୟବହାର କରି ତାଙ୍କ ଆକାଉଣ୍ଟରୁ ସେଲ୍ସମ୍ୟାନ ରଶ୍ମୀ ୧୦ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଉଠାଇ ନେଇଥିଲେ। ମୁମ୍ବାଇରୁ ଫେରିବା ପରେ ଆକାଉଣ୍ଟରୁ ଏତେ ଟଙ୍କା ଗାଏବ ହୋଇଥିବା ଜାଣିବା ପରେ ସୁରେନ୍ଦ୍ର ନାଥ ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ରଶ୍ମୀ ଏହି ଟଙ୍କା ଉଠାଇଥିବା ଜଣାପଡ଼ିଥିଲା। ଭଦ୍ର ଲୋକଙ୍କ ଉପସ୍ଥିତିରେ ଏହି ଘଟଣାର ସମାଧାନ ପାଇଁ ପ୍ରଥମେ ଉଦ୍ୟମ ହୋଇଥିଲା। ଏଥିରେ ସଫଳତା ନ ମିଳିବାରୁ ବାଧହୋଇ ସୁରେନ୍ଦ୍ର ନାଥ ଗତ ୨୦୨୫ ଏପ୍ରିଲ ୩୦ ତାରିଖରେ ଟଙ୍କା ହଡ଼ପ ସମ୍ପର୍କରେ ରଘୁନାଥପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ୮୦/୨୫ ନମ୍ବରରେ ଏକ ଚିଟିଂ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲା ରୁଜୁ ପରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅଭିଯୁକ୍ତ ଟଙ୍କା ଫେରସ୍ତ କରିବ ବୋଲି ପୁଲିସ ଆଗରେ ପ୍ରତିଶ୍ରୁତି ଦେଇଥିଲା। ତେବେ ଟଙ୍କା ଫେରାଇବାରେ ବିଫଳ ହେବାରୁ ଗତକାଲି ରାତିରେ ସାଦେଇପୁର ନିକଟରୁ ଅଭିଯୁକ୍ତ ରଶ୍ମିରଞ୍ଜନକୁ ରଘୁନାଥପୁର ପୁଲିସ ଗିରଫ କରିଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଭିତ୍ତିହୀନ

## ଗିରଫ ପ୍ରତିବାଦରେ ଛାତ୍ରଛାତ୍ରୀ, ଗ୍ରାମବାସୀଙ୍କ ରାସ୍ତାରୋକ



**ଜଗତସିଂହପୁର, ୨୩।୧୦(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପୁରୁଣାଗଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗତ ୧୮ ତାରିଖରେ ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଏକ ମାମଲା ରୁଜୁ କରି ୧୯ ତାରିଖରେ ପ୍ରଧାନଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ପ୍ରଧାନଶିକ୍ଷକଙ୍କ ଗିରଫଦାରୀକୁ ବିରୋଧ କରିଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ। ଏପରିକି ବିଦ୍ୟାଳୟ ପରିଚଳନା କମିଟିକୁ ନ ଜଣାଇ ଥାନାରେ ଅଭିଯୋଗ କରିବା ଘଟଣାକୁ ନାପସନ୍ଦ କରିଛନ୍ତି କମିଟି କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟା। ଏହାର ପ୍ରତିବାଦରେ ଆଜି ବିଦ୍ୟାଳୟ ସମ୍ମୁଖରେ ପୁରୁଣାଗଡ଼-ଖଇରା ରାସ୍ତା ଅବରୋଧ କରିଥିଲେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ। ସେମାନେ କହିଛନ୍ତି, ପ୍ରଧାନଶିକ୍ଷକ ଏଠାରେ ୮ ବର୍ଷ ଧରି ପଢ଼ାଇ ଆସୁଛନ୍ତି। ସେ ଜଣେ ଅତ୍ୟନ୍ତ ଭଦ୍ର, ମେଳାପୀ, ଅମାୟିକ ବ୍ୟକ୍ତି ଓ ଛାତ୍ରବତ୍ସଳ ଶିକ୍ଷକ। ତେଣୁ ଫେରାଇ ଆଣିବାକୁ ସେମାନେ ଦାବି କରୁଛନ୍ତି। ରାସ୍ତା ଅବରୋଧ ଖବର ପାଇ ସଦର ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥଲା।

## ତିର୍ତ୍ତୋଲ ପଞ୍ଚାୟତ ସମିତି ଷଷ୍ଠ ସାଧାରଣ ବୈଠକ

**ତିର୍ତ୍ତୋଲ, ୨୩।୧୦(ସମିସ):** ତିର୍ତ୍ତୋଲ ପଞ୍ଚାୟତ ସମିତି ସଭଗୃହାରେ ସମିତିର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଗିରିଜା ଶଙ୍କର ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଉପେକ୍ଷା କରାଯାଇଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ସରପଞ୍ଚ, ସମିତି ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ



ସରକାରୀ ଅଧିକାରୀଙ୍କ ସହଯୋଗରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତି ସଭ୍ୟ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ବ୍ୟାହତ ହେଉଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ରାସନ କାର୍ଡ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟ ସୁନୀଲ ବେହେରା, ଗଙ୍ଗାଧର ବିଶ୍ୱାଳ, ସରପଞ୍ଚ ଶିବପ୍ରସାଦ ସାହୁ, ସୁଶାନ୍ତ ନାୟକ, ଅଶୋକ ନାୟକ, ସମିତି ସଭ୍ୟ ଦେବପ୍ରସାଦ ନାୟକ, ବସନ୍ତ ମହାପାତ୍ର, ପ୍ରବୀର ରାୟଙ୍କ ସମେତ ୨୯ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜଗତସିଂହପୁର, ୨୩।୧୦(ସମିସ):** ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହେବ। ବିଭିନ୍ନ ବିଭାଗର ଡାକ୍ତରଙ୍କୁ ଏଥିପାଇଁ ନିୟୋଜିତ କରଯାଇଛି। ଆଜି ପ୍ରଥମ ଦିବସରେ ରଘୁନାଥପୁର ବ୍ଲକର ପିସି ବିଦ୍ୟାମନ୍ଦିରରେ ଏହି ଶିବିର ଆୟୋଜିତ ହୋଇଯାଇଛି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ୨୦୬ ଜଣ ପଞ୍ଜୀକରଣ କରିଥିବାବେଳେ ୧୪୬ ଜଣ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ପରୀକ୍ଷା ପରେ ନାକଚ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗରେ ୬୧, ଇଏନ୍‌ଟିରେ ୧୩, ଭେଷଜ ବିଭାଗରେ ୧୩, ଚକ୍ଷୁ ବିଭାଗରେ ୯, ମାନସିକ ଅନଗ୍ରସର ୧୫, ସ୍ନାୟବିକ ଅନଗ୍ରସର ୧୪ ଜଣଙ୍କ ପରୀକ୍ଷା କରଯାଇଥିଲା। ଆଜି ଶିବିରରେ ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତା ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

ଆସନ୍ତା ୨୪ ତାରିଖ ଦିନ କୁଜଙ୍ଗ ବ୍ଲକ ଓ ପାରାଦୀପ ପୌର ପରିଷଦ ପାଇଁ ବନବିହାରୀ ଉଚ୍ଚବିଦ୍ୟାଳୟ, ୨୮ ତାରିଖରେ ନାଉଗାଁ ବ୍ଲକ ପାଇଁ ନାଉଗାଁ ହାଟ ଉଚ୍ଚବିଦ୍ୟାଳୟ, ୨୯ ତାରିଖରେ ବାଲିକୁଦା ବ୍ଲକ ପାଇଁ ଅମ୍ବାସାଳ ଉଚ୍ଚବିଦ୍ୟାଳୟ, ୩୦ ତାରିଖରେ ବିରିଡ଼ି ବ୍ଲକ ପାଇଁ ବ୍ଲକ ପରିସର, ୩୧ ତାରିଖରେ ତିର୍ତ୍ତୋଲ ବ୍ଲକ ପାଇଁ ମଣିଚରଣ ସାରଳା ଏକାଡେମୀ, ନଭେମ୍ବର ୧ ତାରିଖରେ ଏରସମା ବ୍ଲକ ପାଇଁ ବ୍ଲକ କ୍ୟାମ୍ପସ, ମାସ ୪ ତାରିଖରେ ଜଗତସିଂହପୁର ବ୍ଲକ ଓ ଜଗତସିଂହପୁର ପୌର ପରିଷଦ ପାଇଁ ଏସ୍‌କେ ଏକାଡେମୀରେ ଶିବିର ଆୟୋଜନ ପାଇଁ ସ୍ଥିର କରାଯାଇଛି।

## ହରିଅଙ୍କ ହାଇସ୍କୁଲରେ ଶିଶୁ ମହୋତ୍ସବ



**ଡେରାବିଶ, ୨୩।୧୦(ସମିସ):** ହରିଅଙ୍କ ହାଇସ୍କୁଲ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ହରିଅଙ୍କ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ପରିହାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଡେରାବିଶ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ଜେନା, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ପରିଡ଼ା, ଶରତ ଜେନା ଯୋଗ ଦେଇଥିଲେ। ଦୁଇଟି ଆଞ୍ଚଳିକ ସାଧନ କେନ୍ଦ୍ର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଦୁଇଟି ସାଧନକେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୋନମଲକ୍ଷ୍ମୀ ସ୍ୱାଇଁ ଓ ମନୋଜ ନାୟକ ପରିଚାଳନା କରିଥିବାବେଳେ ଶିକ୍ଷକ ରଘୁନାଥ ଶତପଥି, ପ୍ରତାପ ଶତପଥି, ପ୍ରଫୁଲ୍ଲ ବାରିକ, ପ୍ରଶାନ୍ତ ମଣ୍ଡଳ, ଆଲୋକ ମଲିକ, ନାରାୟଣ କାଣ୍ଡି, ଦୀପ୍ତିମୟୀ ବେହେରା, ଦିଲ୍ଲୀପ ନାୟକ, ପ୍ରଦୀପ୍ତ ଶତପଥି, ଲୋକନାଥ ମିଶ୍ର, ଜୟଶ୍ରୀ ସ୍ୱାଇଁ, ସୁଚିସ୍ମିତା ମିଶ୍ର, ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ଗତିଗଙ୍ଗୋତ୍ରୀ ମିଶ୍ର, ନିରୂପମା ସାହୁ, ପ୍ରିୟଦର୍ଶିନୀ ପଣ୍ଡା ଓ ଦେବାଶିଷ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

### ପାଇକା ନଦୀରେ ଭାସିଯାଇ ୩ ନାବାଳକ ମୃତ ଘଟଣା

## କୃଷ୍ଣାନନ୍ଦପୁର ସାଇଫନ୍ ଛକ ରାସ୍ତା ଅବରୋଧ କଲେ ଗ୍ରାମବାସୀ



**ତିର୍ତ୍ତୋଲ, ୨୩।୧୦(ସମିସ):** ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ନିକଟ ପାଇକା ନଦୀରେ ଗତକାଲି ଅପରାହ୍ନରେ ସ୍ଥାନୀୟ କୃଷ୍ଣାନନ୍ଦପୁର ଗ୍ରାମ କେଉଟ ସାହି ଓ ମଲ୍ଲିକ ସାହିର ୩ ଜଣ ନାବାଳକ ଗାଧୋଉଥିବାବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଗତକାଲି ଅଗ୍ନିଶମ କର୍ମଚାରୀ ଦୁଇଜଣଙ୍କ ମୃତ ଦେହ ଉଦ୍ଧାର କରିଥିବାବେଳେ ଆଜି ଅପରାହ୍ନରେ ନିଖୋଜ ଅମନଜିତ ମଲ୍ଲିକଙ୍କ ମୃତଦେହ ଉଦ୍ଧାର କରିଥିଲେ। ବେଆଇନ ବାଲି ଖନନ ଯୋଗୁଁ ନଦୀରେ ଗଣ୍ଡ ସୃଷ୍ଟି ହୋଇ ନାବାଳକଙ୍କ ଜୀବନ ଯାଇଥିବା ଅଭିଯୋଗ କରି ବେଆଇନ ବାଲି ଖନନ ବନ୍ଦ ଓ ମୃତ ନାବାଳକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ଓ ନାବାଳକଙ୍କ ପରିବାର ଲୋକେ କୃଷ୍ଣାନନ୍ଦପୁର ଛକରେ ଆଜି ପୂର୍ବାହ୍ନରେ ରାସ୍ତା ଅବରୋଧ କରିଥିଲେ। ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ, କୃଷ୍ଣାନନ୍ଦପୁର ଥାନା ଅଧିକାରୀ ସୁବ୍ରତ ଦାସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ରାଜ୍ୟ ଉପସଭାପତିଙ୍କୁ ସମ୍ବର୍ଦ୍ଧନା



**ଜଗତସିଂହପୁର, ୨୩।୧୦(ସମିସ):** ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁ ଦାସ ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ମା 'ଶାରଳାଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀ ଦାସ ଜଗତସିଂହପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏ ଅବସରରେ ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ, ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ମହାନ୍ତି, ସାଂସଦ ପ୍ରତିନିଧି ଶିଶିର ପାତ୍ର ଓ ସମୀର ନାୟକ, ଚିତ୍ତରଞ୍ଜନ ପଣ୍ଡା, ମଣ୍ଡଳ ସଭାପତି ବିଦୁଭୂଷଣ ସାହୁ, ପବିତ୍ର ଜେନା, ମହିଳା ନେତ୍ରୀ ମିନତୀ ଜେନା, ସମ୍ବିତ ଷଡ଼ଙ୍ଗୀ ପ୍ରମୁଖ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ନେତା ରାଜକିଶୋର ବେହେରା, ସୁବାସ ଜେନା, ରୂପକ ଖୁଣ୍ଟିଆ, ସ୍ୱରାଜ ସାମଲ, ବନୋଜ ନାୟକ, ଦୀପ୍ତି ପରିଜା, ଶୁଭ୍ରଜ୍ୟୋତି ସାହୁ ପ୍ରମୁଖ ଶାରଳା ମନ୍ଦିର ନିକଟରେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜଗତସିଂହପୁର ଆସିବା ବାଟରେ ସୋମପୁର, ବିରିଡ଼ି, ରଘୁନାଥପୁର ଓ ଜୟପୁରରେ ମଧ୍ୟ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମିଥ୍ୟା ଖବର ପରିବେଷଣ କରୁଥିବା ୱେବ୍ ଚ୍ୟାନେଲ ବିରୋଧରେ କଂଗ୍ରେସର ଏତଲା

**ଜଗତସିଂହପୁର, ୨୩।୧୦(ସମିସ)**

ପିସିସି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ଦଳ ବିରୋଧରେ କୁତ୍ସାରଟନାକରୀଙ୍କୁ ଗିରଫ କରିବା ଦାବିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ସଦର ଥାନାରେ ଏତଲା ଦିଆଯାଇଛି। ନିର୍ଦ୍ଦିଷ୍ଟ ଏକ ୱେବ୍ ଚ୍ୟାନେଲ ଓ ଅନ୍ୟ କେତେଜଣ ଉଦ୍ଦେଶ୍ୟମୂଳକ ଭାବେ କଂଗ୍ରେସକୁ ବଦନାମ କରିବାକୁ କପୋଳକଳ୍ପିତ ଖବର ବାରମ୍ବାର ସାମାଜିକ ଗଣମାଧ୍ୟମରେ ପରିବେଷଣ କରିଆସୁଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ଦଳକୁ ବଦନାମ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ଜିଲ୍ଲା ସଭାପତି ଦେବପ୍ରସାଦ ନାୟକ କହିଛନ୍ତି। ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ନାୟକ ଓ ଅନ୍ୟ ଦଳୀୟ ନେତାମାନେ




ପୁଲିସ ନିକଟରେ ଦାବି ଜଣାଇଛନ୍ତି।

ଦଳୀୟ ନେତା ଓ କର୍ମୀ ଟାଉନ ହଲ୍‌ସ୍ଥ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ସଦର ଥାନାରେ ଏତଲା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ପ୍ରତିମା ମଲ୍ଲିକ, ଜିଲ୍ଲା କଂଗ୍ରେସ ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମନୋରଞ୍ଜନ ଜେନା, ପାରାଦୀପ ମ୍ୟୁନିସିପାଲିଟି ପୂର୍ବତନ ସଭାପତି କେଦାର ବିଶ୍ୱାଳ, ଏରସମା ବ୍ଲକ ପୂର୍ବତନ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ମହନି ରାଉତ, କୁଜଙ୍ଗ ବ୍ଲକ ପୂର୍ବତନ ସଭାପତି ନିହାର ଦାସ, ରାଜ୍ୟ ମହିଳା କଂଗ୍ରସ ସମ୍ପାଦିକା ବିନତି ପଢ଼ିହାରୀ, ସରସ୍ୱତୀ ସାହୁ, ରୂପଶ୍ରୀ ରାଗିଣୀ, ଆର୍ତ୍ତତ୍ରାଣ ପଣ୍ଡା, ରାଜକିଶୋର ସାହୁ, ମହନି ରାଉତ, ବିଭୂତି ସ୍ୱାଇଁ, ବିଭୂତି ଜେନା, ସୁବ୍ରତ ରାୟ, ସୁଶାନ୍ତ ଦାସ, ଲକ୍ଷ୍ମୀଧର ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ରଞ୍ଜନ ସାହୁ, ଅଶ୍ୱିନୀ ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଦେବୀପ୍ରସାଦ ପାଳ, ପ୍ରଦୀପ୍ତ ଶତପଥୀ, ବିକ୍ରମ ଦାଶ, ନାରାୟଣ ନାୟକ, ବସନ୍ତ ନାୟକ, ପ୍ରଦୀପ୍ତ ଦାସ, ଚୌଧୁରୀ ବିମଳାକାନ୍ତ ଦାଶ, ବିଭୁରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଗଁଦିଆରେ ମା’ କାଳୀଙ୍କ ପୂଜା



**ଗଁଦିଆ, ୨୩।୧୦(ସମିସ):** ମା’ କାଳୀଙ୍କ ଆବାହନ ପାଇଁ ସୋମବାରଠାରୁ ଗଁଦିଆ ଉତ୍ସବମୁଖର ହୋଇପଡ଼ିଛି। ଗଁଦିଆ ବସଷ୍ଟାଣ୍ଡଠାରେ ଆକର୍ଷଣୀୟ ମଣ୍ଡପରେ ପୂଜା କରାଯାଇଛି। ରଙ୍ଗୀନ ଆଲୋକମାଳାରେ ମଣ୍ଡପ ଝଲସି ଉଠିଛି। ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟର ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ମା’ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହୁଛି।

# ବିଭିନ୍ନ ସ୍ଥାନରେ ଶିଶୁ ମହୋତ୍ସବ ସୁରଭି



**ଗଁଦିଆ, ୨୩।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଲାଉଲଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବେଗା, ଲାଉଲଇ, ଖଙ୍କିରା ଅଞ୍ଚଳର ୧୭ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏଥିରେ ୧୨୨ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଲାଉଲଇ ସରପଞ୍ଚ ବିଜୟଲକ୍ଷ୍ମୀ ରାଉଳ, ପ୍ରାକ୍ତନ ସିଆରସିସି ହରପ୍ରସାଦ ସେଠୀ, ହେମନ୍ତ କୁମାର ବ୍ରହ୍ମ ଓ ବିଚିତ୍ରାନନ୍ଦ ଦାସଙ୍କ ସହ ସିଆରସିସି ବୈକୁଣ୍ଠ ଚରଣ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ପ୍ରବୀଣା ଭୂୟାଁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀପ୍ରିୟା ସାହୁ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା, ଶିଳ୍ପକଳା, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଦେଶାତ୍ମବୋଧକ ସଙ୍ଗୀତ ଓ ଶିକ୍ଷା ସଂସ୍କୃତି ବିଭାଗରେ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଲଭଲି ସାହୁ, ଯାଜ୍ଞସେନୀ ରାଉତ, ସଂଘମିତ୍ରା ସାହୁ, ସୌମ୍ୟରଞ୍ଜନ ଧଳ, ପଦ୍ମିନୀ ସାହୁ, ଆଶୁତୋଷ ପତି, କିଞ୍ଜଲ ମହାପାତ୍ର, ନିରଞ୍ଜନ ଦାସ, ମଧୁଶ୍ରେୟା ଭଞ୍ଜ ପ୍ରମୁଖ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଛନ୍ତି।

**ଗଁଦିଆ:** ଗଁଦିଆ ବ୍ଲକ ମଠତେନ୍ତୁଲିଆ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଠତେନ୍ତୁଲିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ସାହୁ



ଯୋଗଦେଇଥିଲେ। ମଠତେନ୍ତୁଲିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତା ସାହୁ, ଜ୍ୟୋତିର୍ମୟୀ ମଲ୍ଲିକ, ଶିକ୍ଷକ ଗୋଲକ ବିହାରୀ ଲେଙ୍କାଙ୍କ ସହଯୋଗରେ ଗୌରହରି ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରକ ଭାବେ ଶଙ୍କର୍ଷଣ ବେହେରା, ପ୍ରତାପ ତରାଇ, ଖଗେଶ୍ୱର ବେହେରା, ଦିଲୀପ ସାହୁ, ତରଙ୍ଗ ଦେହୁରୀ, ନିରଞ୍ଜନ ନାୟକ, ପରମେଶ୍ୱର ମହାନ୍ତ, ଶେଷଦେବ ସେଠୀ, ବିପିନ ବିହାରୀ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

**ଢେଙ୍କାନାଳ:** ସ୍ଥାନୀୟ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଢେଙ୍କାନାଳ ସଦର ବ୍ଲକ ପୁଲିସ ଲାଇନ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ଝସକେତନ ପ୍ରଧାନଙ୍କ ଆବାହକତ୍ୱ ତଥା ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହାଶ୍ୱେତା



ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ରବିନ କୁମାର ଶତପଥୀ, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ କର ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ଏବିଇଓ ଦେବବ୍ରତ ନାଥ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

### ଜରଡ଼ା ଦେହୁରୀହତା ଜଳବିଭାଜିକା ସହାୟତା ରାଶି ହଡ଼ପ ଘଟଣା

# ପୋଖରୀ ଖନନ ଅନିୟମିତତାର ତଦନ୍ତ କଲେ ଉପନିର୍ଦ୍ଦେଶକ

**କଙ୍କଡ଼ାହାଡ଼, ୨୩।୧୦(ସମିସ)**



ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଲାଶୁଣି ପଞ୍ଚାୟତ ଜରଡ଼ା ଦେହୁରୀହତା ବାଲିଚେତନା ନାଳ-୧ ଜଳ ବିଭାଜିକା ସହାୟତା ରାଶି ହଡ଼ପ ଅଭିଯୋଗର ତଦନ୍ତ ବୁଧବାର ହୋଇଥିବା ବେଳେ ଗୁରୁବାର ଦ୍ୱିତୀୟ ଦିନରେ ପୋଖରୀ ଖୋଳା ଅନିୟମିତତା ଅଭିଯୋଗର ତଦନ୍ତ କରିଛନ୍ତି ଜଳ ବିଭାଜିକା ଉପନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ। ବୁଧବାର ଉପନିର୍ଦ୍ଦେଶକ ସାମଲ ହିତାଧିକାରୀଙ୍କ ପାଖକୁ ଯାଇ ସହାୟତା ରାଶି ହଡ଼ପ ହୋଇଥିବା ଉପରେ ତଦନ୍ତ କରିଥିଲେ। ଗୁରୁବାର ସାମଲ ଜରଡ଼ା ଗ୍ରାମ ଦାଣ୍ଡିକିଆରୀ, ମାଟିଆନାଳୀ, ଦେହୁରୀହତା ଗାଁର କୁସୁମମୁଣ୍ଡା ପୋଖରୀକୁ ଯାଇ ତଦନ୍ତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଦାଣ୍ଡିକିଆରୀ ପୋଖରୀ ପ୍ରଥମେ ଜଣେ ବ୍ୟକ୍ତିଙ୍କ ନାଁରେ ବ୍ୟକ୍ତିଗତ ଫାର୍ମପଣ୍ଡ ଖୋଳାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ପୋଖରୀକୁ ସାମୂହିକ ପୋଖରୀ ଦର୍ଶାଯାଇ ଜଳ ବିଭାଜିକାରୁ ଅର୍ଥ ବ୍ୟୟ ହୋଇ ଖୋଳାଯାଇଥିଲା। ପୁଣି ସମାନ ସମୟରେ ମନରେଗା ଯୋଜନାର ଟଙ୍କା ବ୍ୟୟ ହୋଇଥିବା ମନରେଗା ୱେବସାଇଟ୍‌ରୁ ଜଣାପଡ଼ିଛି। ସେହିପରି ଦେହୁରୀହତା ଗ୍ରାମ କୁସୁମମୁଣ୍ଡା ପୋଖରୀ ପ୍ରଥମେ ଜଳବିଭାଜିକା ବିଭାଗରୁ ଅର୍ଥ ମଞ୍ଜୁର ହୋଇ ଖୋଳା ଯାଇଥିବା ବେଳେ ତଞ୍ଚକତା କରି ସେହି ପୋଖରୀରେ ମନରେଗା ଯୋଜନା ଅର୍ଥ ଉଠାଯାଇଥିବା ଅଭିଯୋଗ ହୋଇଥିଲା। ଜରଡ଼ା ଗ୍ରାମ ମାଟିଆନାଳୀ ପୋଖରୀ ଜଙ୍ଗଲ ଜମିରେ ବିନା ଅନୁମତିରେ ଅଳ୍ପ କାମ ହୋଇ ଅଧିକ ଅର୍ଥ ବ୍ୟୟ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବିଭାଗୀୟ ଉପନିର୍ଦ୍ଦେଶକ ସାମଲ ଏହି ସମସ୍ତ ପୋଖରୀକୁ ଯାଇ ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି ଜଳ ବିଭାଜିକାରେ ଉଭୟ ଗ୍ରାମର ୮୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା, ଅନୁଗୋଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ ବିଭାଗର ଅବହେଳା

# ୧୧ କେଭି ସଂସ୍ପର୍ଶରେ ଆସି ଯୁବକ ଗୁରୁତର



**ହିନ୍ଦୋଳ/ଖଜୁରିଆକଟା, ୨୩।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସି ଅଞ୍ଚଳରେ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ହିନ୍ଦୋଳ ଏନଏସି ୱାର୍ଡ ନଂ-୩ ଚମ୍ପତିସାହିର ଡମ୍ବରୁ ଗଡ଼ନାୟକଙ୍କ ପୁଅ ବିପ୍ର ଗଡ଼ନାୟକ (୪୦)। ବିପ୍ର ରାଜମିସ୍ତ୍ରି ଭାବେ କାମ କରନ୍ତି। ଗୁରୁବାର ସକାଳେ କାମ ଚାଲିଥିବା ବେଳେ ବିପ୍ର ରଡ୍ ବନ୍ଧୁଥିଲେ। ମାତ୍ର ଘର ନିକଟକୁ ଲାଗି ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ରଡ୍ ଲାଗିଯିବାରୁ ବିପ୍ର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କ ହାତଗୋଡ଼ ପୋଡ଼ିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ତୁରନ୍ତ ହିନ୍ଦୋଳ ମେଡିକାଲ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବିପ୍ର ବର୍ତ୍ତମାନ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି।

ହିନ୍ଦୋଳରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପାଇଁ ବାରମ୍ବାର ବିଦ୍ୟୁତ କାଟ୍ ହେବା ସହ ୧୧କେଭି ତାର ଜନବସତିକୁ ଲାଗି ଟଣାଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ବିଦ୍ୟୁତ ବିଭାଗର ଅବହେଳା ପାଇଁ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ବିପ୍ରଙ୍କ ଜୀବନ ଆଜି ବାଜିରେ ଲାଗିଛି। ତାଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ସହ ପରିବାର ପ୍ରତିପୋଷଣ ପାଇଁ ବିଦ୍ୟୁତ ବିଭାଗ ତଥା ପ୍ରଶାସନ ପକ୍ଷରୁ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା ସହ ଅନେକ ସ୍ଥାନରେ ଓହଳି ପଡ଼ିଥିବା ଏବଂ ଜନବସତି ମଧ୍ୟ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ହୋଇଛି।

# ବିଦ୍ୟୁତ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

**ପରଜଙ୍ଗ, ୨୩।୧୦(ସମିସ):** ପରଜଙ୍ଗ ଥାନା ସରାଙ୍ଗ ଗ୍ରାମରେ ଗୁରୁବାର ସକାଳ ସାଢ଼େ ୮ଟାରେ ବିଦ୍ୟୁତ କର୍ମଚାରୀମାନେ ଘର ଲୋକଙ୍କୁ ନ ଜଣାଇ ଘର ଭିତରେ ପଶିବାରୁ ସେମାନଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସକାଳେ ବିଦ୍ୟୁତ ବିଭାଗ ପରଜଙ୍ଗ ସେକ୍ସନ ଇନଚାର୍ଜ ଲିଙ୍ଗରାଜ ବେହେରା ଏବଂ ଅନ୍ୟ କର୍ମଚାରୀମାନେ ମିଟର ଚେକିଂ ପାଇଁ ସରାଙ୍ଗ ତନ୍ତୀସାହିକୁ ଯାଇଥଲେ। ଗୋଟିଏ ଘର ଚେକିଂ କରି ଫେରିବା ବେଳେ ସେହି ଗ୍ରାମର ନିର୍ମଳ ଚନ୍ଦ୍ର ବେହେରା (୫୫) କିଛି ସାଥୀଙ୍କୁ ନେଇ ବିଦ୍ୟୁତ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଟାଙ୍ଗିଆରେ ହାଣିବା ପାଇଁ ଉଦ୍ୟମ କରିଥିଲେ। ଏପରିକି ମହିଳା କର୍ମଚାରୀଙ୍କୁ ଅସଦାଚରଣ ମଧ୍ୟ କରିଥିଲେ। ଏ ନେଇ ଲିଙ୍ଗରାଜ ପରଜଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ହିତାଧିକାରୀଙ୍କୁ ପଟ୍ଟା ଓ ଭତ୍ତା ବଣ୍ଟନ



**କାମାକ୍ଷାନଗର, ୨୩।୧୦(ସମିସ):** ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ ଗୁରୁବାର ଖଟୁଆହତା ଡାକବଙ୍ଗଳା ପରିସରରେ ହିତାଧିକାରୀଙ୍କୁ ଭତ୍ତା, ଜମିପଟ୍ଟା ଓ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ୧୬ ଜଣଙ୍କୁ ଗୃହ, ୪ ଜଣଙ୍କୁ ଭତ୍ତା ଓ ୨୪ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ରାସନ ଓ ଭତ୍ତା ସମେତ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ କାମାକ୍ଷାନଗର ତହସିଲଦାର ଶୁଭ୍ରକାନ୍ତ ମହାନ୍ତି, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ପ୍ରସାଦ ନନ୍ଦ, ମୀନକେତନ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ଏବଂ ପିଆରଆଇ ସଭ୍ୟ ଉପସ୍ଥିତ ଥିଲେ।

# ମାରୱାଡି ସମାଜ ପକ୍ଷରୁ ଦୀପାବଳି ମିଳନ



**ଭୁବନ, ୨୩।୧୦(ସମିସ):** ସ୍ଥାନୀୟ ମାରୱାଡି ସମାଜ ପକ୍ଷରୁ ଦୀପାବଳି ଉତ୍ସବ ବିଷ୍ଣୁପ୍ରିୟା ଗ୍ୟାଲାକ୍ସିଠାରେ ପାଳିତ ହୋଇଛି। ଏଥିରେ ମାରୱାଡି ସମାଜର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। ମହିଳାମାନଙ୍କୁ ନେଇ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇଥିଲା। ସମାଜର ବରିଷ୍ଠ ସଦସ୍ୟ ଈଶ୍ୱର ଚନ୍ଦ୍ର ଲାଲ, କ୍ଷମାଚାନ୍ଦ ଅଗ୍ରୱାଲ, କୈଳାସ ଚନ୍ଦ୍ର ଅଗ୍ରୱାଲ ଓ ଯୁଗଳ କିଶୋର ଅଗ୍ରୱାଲ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାତ କୁମାର ଅଗ୍ରୱାଲ ଓ ରାଜେଶ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୀନେଶ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁନା ଅଗ୍ରୱାଲ, ଦିଲୀପ ଅଗ୍ରୱାଲ, ପବିନି ଅଗ୍ରୱାଲ, ପବନ ଅଗ୍ରୱାଲ, ସୂରଜ ଅଗ୍ରୱାଲ, ଶିବ ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଚିଉଳପୁର ଆମ ଐତିହ୍ୟର ଜୀବନ୍ତ ସ୍ମାରକୀ’

**ଢେଙ୍କାନାଳ, ୨୩।୧୦(ସମିସ):** ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୦ତମ ସଂସ୍କରଣ ହିନ୍ଦୋଳ ଉପଖଣ୍ଡ ଚିଉଳପୁର ଗ୍ରାମ ଶ୍ରୀ ଉଗ୍ରେଶ୍ୱର ଶୈବପୀଠରେ ଅନୁଷ୍ଠିତ ହୋଇଛି। ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ମନ୍ଦିର ସେବାୟତ, ଗ୍ରାମ କମିଟି ଏବଂ ସ୍ଥାନୀୟ ପରମେଶ୍ୱର ଯୁବକ ସଂଘ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା।




ଓଡ଼ିଶାର ଶୈବ ଉପାସନା କ୍ଷେତ୍ରରେ ଉଗ୍ରେଶ୍ୱର ମହାଦେବଙ୍କ ମନ୍ଦିରର ଏକ ସ୍ୱତନ୍ତ୍ରତା ରହିଛି। ଏକଦା କୋଦାଳକ ମଣ୍ଡଳ ଅଧୁନା କୁଆଁଲୋର ଶୁଲ୍କୀ ରାଜବଂଶର ରାଜତ୍ୱ ସମୟର ତିନିଟି ତାମ୍ର ଶାସନ ଚିଉଳପୁର ଗ୍ରାମରୁ ଉଦ୍ଧାର କରାଯାଇ ଥିବାରୁ ଏହି ଗ୍ରାମ ନବମ ଶତାବ୍ଦୀ ବେଳକୁ କୋଦାଳକ ମଣ୍ଡଳ ଅନ୍ତର୍ଗତ ଥିଲା। ଶିଳ୍ପୀମାନେ ଶୈବ ଥିବାରୁ ସମ୍ଭବତଃ ଉଗ୍ରେଶ୍ୱର ମନ୍ଦିର ସେହି ସମୟର ବୋଲି ସ୍ୱୀକାର କରାଯାଏ। ମନ୍ଦିରଟି କାରୁକାର୍ଯ୍ୟ ବିହୀନ କଳିଙ୍ଗ ସ୍ଥାପତ୍ୟର ଏକ ରେଖ ଦେଉଳ। ସାଧାରଣତଃ ପ୍ରାଚୀନ ଶିବ ମନ୍ଦିରଗୁଡ଼ିକରେ ପାର୍ବତୀ ପାର୍ଶ୍ୱ ଦେବୀ ଭାବେ କିମ୍ବା ଏକ ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଇଥାନ୍ତି। ମାତ୍ର ଚିଉଳପୁର ମନ୍ଦିରରେ ପାର୍ବତୀ ମନ୍ଦିର ଗର୍ଭଗୃହ ବାଡ଼ରେ ଏକ ସ୍ୱତନ୍ତ୍ର ଆସନରେ ପୂଜିତ ହେଉଛନ୍ତି। ଏଠାରେ ପାର୍ବତୀଙ୍କୁ ଗୋଷାମଣୀ ଭାବେ ସମ୍ବୋଧନ କରାଯାଏ। ଉଭୟ ଶାକ୍ତ ଓ ବୈଷ୍ଣବ ମତରେ ଗୋଷାମଣୀଙ୍କ ଆରାଧନା ହୋଇଥାଏ। ଏକ ବିଶାଳ ଶକ୍ତି ମଧ୍ୟରେ ଏଠାରେ ସ୍ୱୟଂଭୂ ଲିଙ୍ଗ ବିରାଜମାନ କରିଛନ୍ତି। ନବମ ଶତାବ୍ଦୀ ପରେ ପର୍ଯ୍ୟାୟକ୍ରମେ ଏହି ମନ୍ଦିରର ଉନ୍ନତି ହିନ୍ଦୋଳ ରାଜବଂଶର ରାଜାମାନଙ୍କ ଦ୍ୱାରା କରାଯାଇଛି। ଏହି ପୀଠ ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭାବେ ସହସ୍ର ବର୍ଷ ଧରି ଢେଙ୍କାନାଳ ଜିଲ୍ଲାର ପ୍ରାଚୀନ ଐତିହ୍ୟକୁ ଧାରଣ କରିଥିବା ଆଲୋଚନା ହୋଇଥିଲା। ପରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପଦଯାତ୍ରୀମାନେ ଚିଉଳପୁରରେ ଥିବା ପ୍ରାଚୀନ ଗଜବାରଣ ମଣ୍ଡପ ପରିଦର୍ଶନ କରିଥିଲେ। ଏହି ମଣ୍ଡପରେ ଏକଦା ଢେଙ୍କାନାଳର ଆରାଧ୍ୟ ଦେବତା ସିଦ୍ଧ ବଳରାମ ପୂଜିତ ହେଉଥିଲେ। ମଣ୍ଡପରେ ଥିବା ସ୍ତମ୍ଭେଶ୍ୱରୀ ପ୍ରାଚୀନ ଶୁଲ୍କୀ ବଂଶର ଆରାଧ୍ୟ ଦେବୀ ଥିଲେ। ଐତିହ୍ୟ ପଦଯାତ୍ରାରେ ବିଶିଷ୍ଟ ଗବେଷକ ତପନ କୁମାର ଶତପଥୀ, ଡ. ଦୁର୍ଗାଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ରମେଶ କୁମାର ପତି, ବିଶ୍ୱରଞ୍ଜନ ଦେହୁରୀ, ନାରାୟଣ ପଟ୍ଟନାୟକ, ସୁନୀତା ମହାପାତ୍ର, ସୁମିତ୍ରା ଦେବତା, ସୁଜିତ ଦେବତା, ବିକାଶ ପ୍ରଧାନ, ଆଦିତ୍ୟ ମିଶ୍ର, ପୀୟୂଷ ଅଗ୍ରୱାଲ, ଜ୍ଞାନରଞ୍ଜନ ପ୍ରଧାନ, ଗ୍ରାମ କମିଟି ସଭାପତି ଦିବାକର ପାଣିଗ୍ରାହୀ, ପ୍ରଭଞ୍ଜନ ପାଣିଗ୍ରାହୀ, ଋତୁପର୍ଣ୍ଣା ପାଣିଗ୍ରାହୀ, ହୃଦାନନ୍ଦ ବେହେରା, ଚିଉଳପୁର ଗ୍ରାମ କମିଟିର ବହୁ ସଦସ୍ୟ, ପରମେଶ୍ୱର ଯୁବକ ସଂଘର ସଦସ୍ୟ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ୨୫ ଜଣ ଛାତ୍ରଛାତ୍ରୀ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ହାତୁରାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ଖଜୁରିଆକଟା, ୨୩।୧୦(ସମିସ):** ହିନ୍ଦୋଳ ଉପଖଣ୍ଡ ହାତୁରା କ୍ଲଷ୍ଟର ଜନମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ହେମନ୍ତ ଗୋଛାୟତଙ୍କ ସଂଯୋଜନାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଜୟ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଦାସ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଶୋକ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମୁରଲୀଧର ସାହୁ, ସାମ୍ବାଦିକ ପ୍ରଶାନ୍ତ ଜେନାମଣି, ମାନସ ମାଝୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ଲଷ୍ଟରର ମୋଟ ୧୫ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ବିଦ୍ୟାଧର ବେହେରା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ହିନ୍ଦୋଳ ବ୍ଲକର ୧୭ କ୍ଲଷ୍ଟରରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲଷ୍ଟର ସ୍ତରରୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# କୁଡୁମୀ ମହାନ୍ତ ସମାଜର ଗୋଠପୂଜା ଓ ବନ୍ଦନା ପରବ

**ଭୁବନ, ୨୩।୧୦(ସମିସ)**

ଆଲୋକର ପର୍ବ ଅବସରରେ କୁଡୁମୀ ସମାଜର ମହାନ ଗଣପର୍ବ ବନ୍ଦନା ପରବ ପାଳନ ହେଉଛି। ପ୍ରକୃତି ପୂଜକ କୁଡୁମୀ ସମ୍ପ୍ରଦାୟ ସବୁବେଳେ ଉପକାରୀଙ୍କୁ କୃତଜ୍ଞତା ଜ୍ଞାପନ କରେ। ଏଣୁ ପ୍ରାକୃତିକ ଶକ୍ତି, ଗୋମାତା ଏବଂ କୃଷି ଉପକରଣଙ୍କୁ କୃତଜ୍ଞତା ଜଣାଇବା ପାଇଁ ବନ୍ଦନା ପରବ ପାଳନ କରିଥାଏ। ଏହି ପର୍ବ ତିନିଦିନ ଧରି ନିଷ୍ଠାର ସହ ପାଳନ କରାଯାଏ। ପରବର ପ୍ରଥମ ଦିନରେ କୁଡୁମୀ (ମହାନ୍ତ) ସମାଜର ଲୋକମାନେ ଗୋଠପୂଜା ବା ଗୋଠଣା ପୂଜା କରିଥାନ୍ତି। କୁଡୁମୀ ପରମ୍ପରାର ମାନ୍ୟତା ଅନୁଯାୟୀ ଗାଈ ଗୋଠରେ ଏକ କୁକୁଡ଼ା ଅଣ୍ଡାକୁ ସୃଷ୍ଟିର ପ୍ରତୀକ ରୂପେ ସ୍ଥାପନା କରି ଧରମ ରାଇ ସୂର୍ଯ୍ୟ ଗରାମ ଗ୍ରାମ ଦେବତୀ, ବସୁମତୀ ପୃଥିବୀ, ଗରୟା ଗୋରକ୍ଷାକାରୀ ଦେବତା, ବାଘୁତ ବାୟୁ ବଡ଼ ପାହାଡ଼ ବାନସିନି ଜଳ ଦେବତା, ବୁଲହାବାବା ଶିବ, ମହାମାଇଁ ମହା ପ୍ରାକୃତିକ ଶକ୍ତି ଆଦିଙ୍କୁ ପୂଜା କରାଯାଇଥାଏ। ସୂର୍ଯ୍ୟ କିରଣ, ବାୟୁ, ଜଳ, ହଳ, ଗୋରୁ ବିନା କୃଷି ସମ୍ଭବ ନୁହେଁ। ଏଣୁ କୃଷି ଉତ୍ପାଦନ ପରେ ଏହାଙ୍କୁ କୃତଜ୍ଞତା ଜଣାଇବା ପାଇଁ ବନ୍ଦନା ପରବ ପାଳନ କରାଯାଏ। ପୂଜା କରାଯାଇଥିବା ଅଣ୍ଡାକୁ ଯେଉଁ ଲୋକର ଗାଈ କିମ୍ବା ବାଛୁରୀ ବା ବଳଦ ଗୋଡ଼ରେ ସ୍ପର୍ଶ କରିଥାଏ, ସେହି ଗାଈକୁ ଶିରମତି ଗାଈ କୁହାଯାଏ ଓ ସେହି ପରିବାର ମୁଖ୍ୟଙ୍କୁ ଭାଗ୍ୟବାନ କୁହାଯାଏ। ସେହି ଗାଈର ମାଲିକଙ୍କୁ ଗ୍ରାମବାସୀ କାନ୍ଧରେ ବସାଇ ବନ୍ଦନା ଗୀତ ଓ ମାଦଳର ତାଳେ ତାଳେ ନାଚ, ଗୀତ ଗାନ କରି ସମ୍ବର୍ଦ୍ଧନା ପୂର୍ବକ ତାଙ୍କ ଘରକୁ ନିଆଯାଏ। ଗୋଠ ପୂଜାରେ ବଳି ଦେଇଥିବା କୁକୁଡ଼ା ମାଂସରେ ପୋଡ଼ପିଠା ଓ ଲେଟ ଅଧୁନା ବିରିୟାନି ପ୍ରସ୍ତୁତ କରାଯାଇ ପ୍ରସାଦ ଭାବେ ଉପସ୍ଥିତ ସମସ୍ତ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଏ। ଗୁହାଳ ପୂଜାଦିନ ମଧ୍ୟ ଗାଈଗୋରୁଙ୍କୁ ଗୁହାଳରେ ଅନୁରୂପ ପୂଜାସେବା କରିଥାନ୍ତି। ଶେଷଦିନକୁ ବୁଢ଼ୀ ବନ୍ଦନା କରାଯାଏ। ପୁରୁଷ ଓ ମହିଳାମାନେ ମାଦଳ ବାଦ୍ୟର ତାଳେତାଳେ ନାଚି ଖୁସି ମନାଇଥାନ୍ତି। ପରସ୍ପର ମଧ୍ୟରେ ଭାଇଚାରା ଅତୁଟ ରଖିବା ପାଇଁ ଗୋଟିଏ ଗାଁର ଲୋକେ ପଡ଼ୋଶୀ ଗାଁକୁ ଧୀଙ୍ଗୁଆଁନ ଯାଇଥାନ୍ତି। ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ବଡ଼କାଠିଆ, ଓଡ଼ିଶ ମହାନ୍ତ ସାହି, ଭେରୁପଣିଆ, କୋଲହଣିଆ, ସାପୁଆ, ବାରୁଁଆ ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ଧୁମଧାମରେ ପାଳିତ ହୋଇଛି ବନ୍ଦନା ପର୍ବ। ସୋମବାର ଆଣ୍ଡମଡ଼ା, ମଙ୍ଗଳବାର ଗୁହାଳ ପୂଜା, ବୁଧବାର ସାମୂହିକ ଭୋଜନ ଅନୁଷ୍ଠିତ ହୋଇଛି। କୋଲହଣିଆ ଓଡ଼ିଶ ସରପଞ୍ଚ ମୋହନ ମହାନ୍ତ, ବଡ଼କାଠିଆ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ନିଜେ ଗୋଠଣା ପ୍ରଧାନ ଭୂମିକାରେ ପୂଜାର୍ଚ୍ଚନା କରିଥିଲେ। କୁଡୁମୀ ସମ୍ପ୍ରଦାୟର ଏହି ଲୋକପର୍ବ କେଉଁ ଅନାଦି କାଳରୁ ଚାଲି ଆସିଥିବା ପୂର୍ବତନ ସରପଞ୍ଚ ଡମ୍ବରୁଧର ମହାନ୍ତ କହିଛନ୍ତି।

# ଅଁଳାବେରେଣି ମେଡିକାଲରେ ନୂତନ ପରୀକ୍ଷାଗାର ଶିଳାନ୍ୟାସ



**କାମାକ୍ଷାନଗର, ୨୩।୧୦(ସମିସ):** କାମାକ୍ଷାନଗର ବ୍ଲକ ଅଁଳାବେରେଣି ମେଡ଼ିକାଲରେ ନୂତନ ପ୍ରାଥମିକ ପରୀକ୍ଷା ଗାର ଗୃହ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଶିଳାନ୍ୟାସ ହୋଇଯାଇଛି। ଏଠାରେ ମୁଖ୍ୟଅତିଥି ଭାବରେ ପରଜଙ୍ଗ ବିଧାୟକ ବିଭୁତି ପ୍ରଧାନ ଉପସ୍ଥିତ ରହି ଶିଳାନ୍ୟାସ କରିଥିଲେ। ଏହି ଗୃହ ନିର୍ମାଣ ହେବା ଦ୍ୱାରା ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସୁଥିବା ରୋଗୀ ଏହାର ସୁବିଧା ନେଇ ପାରିବେ ବୋଲି ବିଧାୟକ କହିଥିଲେ। ୬୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି ଗୃହ ନିର୍ମାଣ ହେବ। ଏଠାରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶିବଜ୍ୟୋତି ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇତିଶ୍ରୀ ସାହୁ, ମେଡ଼ିକାଲର ଡାକ୍ତର ମୀରା ବେହେରା, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ପ୍ରସାଦ ନନ୍ଦ, ଜିଲା ଉପ ସଭାପତି ଶିବ ପ୍ରସାଦ ସାହୁ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବେହେରା, ମୀନକେତନ ନାୟକ, ପ୍ରଭାତୀ ସେଠୀ, ଦୀପକ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ।



## ଭୁବନେଶ୍ୱର | କଟକ

# ପର୍ଯ୍ୟଟନ ଋତୁ ପାଇଁ ପ୍ରସ୍ତୁତ ହେଉଛି ନନ୍ଦନକାନନ

## ଆସିବ ଚିତା, ଚଷମା ଓ ଆସାମୀୟ ମାଙ୍କଡ଼, ହିମାଳୟ ଗିଫନ ସାଙ୍ଗକୁ ଶାଗୁଣା

ନନ୍ଦନକାନନ, ୨୩ା୧୦(ସମିସ): ପର୍ଯ୍ୟଟନ ଋତୁର ଆଗମନ ଅବସରରେ ନନ୍ଦନକାନନରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଯେମିତି କି ନୂତନ ଆକର୍ଷଣୀୟ ଜୀବଜନ୍ତୁ ଆଣିବା, ଆକର୍ଷଣୀୟ ଖୁଆଡ଼, ସୁନ୍ଦର ଗମନାଗମନ ପଥ ନିର୍ମାଣ କରିବା, ପର୍ଯ୍ୟଟକ ସୁରକ୍ଷିତ ବୁଲିବା ପାଇଁ ବ୍ୟବସ୍ଥା କରିବା ଆଦି ନେଇ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରିରହିଛି। ଆକର୍ଷଣୀୟ ଜୀବଜନ୍ତୁ ଆଣିବା ପ୍ରକ୍ରିୟାରେ ବିଦେଶରୁ ଚିତା ବାଘ, ଚଷମା ଆଖିଆ ମାଙ୍କଡ, ଖଣ୍ଡି ଲାଞ୍ଜି ମାଙ୍କଡ, ଘୁଷୁରି ଲାଞ୍ଜିଆ ମାଙ୍କଡ, ଆସାମୀୟ ମାଙ୍କଡ଼, ହିମାଳୟ କଳା ଭାଲୁ, ହିମାଳୟ ଗ୍ରିଫନ୍ ଶାଗୁଣା, କୁଜି ହରିଣ, ମଣିପୁରୀ ହରିଣ,



■ ନର୍ଥ ଇଷ୍ଟ ପାନୋରାମା ଥିମ୍ ଅଧୀନରେ ତିଆରି ହେଉଛି ୯ ଖୁଆଡ଼

ବଡ଼ ହାଡ଼ଗିଳା ପକ୍ଷୀ ଆଦି ନନ୍ଦନକାନନ ୬୬ତମ ପ୍ରତିଷ୍ଠା ଦିବସ ସୁଦ୍ଧା ଆସିବାକୁ ପ୍ରୟାସ ଜାରି ରହିଛି। ନନ୍ଦନକାନନରେ ଏକ ମିନି ନନ୍ଦନକାନନ ହେଲା ଭଳି ଉତ୍ତର-ପୂର୍ବ ପାନୋରାମା ଥିମ୍ ଅଧୀନରେ ନଅଟି ଖୁଆଡ଼ ତିଆରି ଚାଲିଛି। ସେଠାରେ ଉତ୍ତର ପୂର୍ବର ବିଭିନ୍ନ ଜୀବଜନ୍ତୁଙ୍କୁ ରଖାଯିବ। ପ୍ରାକୃତିକ ବାସସ୍ଥାନ ଭଳି ରହିଲା ଭଳିଆ ଛୋଟ ବିଲେଇ ପ୍ରଜାତିଙ୍କ ପାଇଁ ଖୁଆଡ଼ ପ୍ରସ୍ତୁତ କରାଯାଉଛି। ଲିଓପାର୍ଡଙ୍କୁ ସୁବିଧାରେ ଓ ସୁରକ୍ଷିତ ଭାବରେ ଦେଖି ପରିବାପାଇଁ ଆଧୁନିକ ଏବଂ ସୁରକ୍ଷିତ ଦର୍ଶନ ଅଭିଜ୍ଞତା ପ୍ରଦାନ କରୁଥିବା କାଚ-ଖୁଆଡ଼ କରାଯାଉଛି। ପରିଦର୍ଶକମାନେ ଆରାମ ଏବଂ ସୌନ୍ଦର୍ଯ୍ୟ ପରିବେଶରେ ନନ୍ଦନକାନନ ବୁଲିବାର ମଜା ନେବା ପାଇଁ ପ୍ରବେଶ ପଥରୁ ନନ୍ଦନକାନନ ଭିତରେ ବିଭିନ୍ନ ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଉଛି। କାଞ୍ଜିଆ ହ୍ରଦପାର୍ଶ୍ୱ ରାସ୍ତା ବିକାଶ (ଜଳ ପକ୍ଷୀ ଘେରାରୁ ଡଙ୍ଗା ଘାଟ ପର୍ଯ୍ୟନ୍ତ) କାଞ୍ଜିଆ ହ୍ରଦ କୂଳରେ ସଂଯୋଗୀକରଣ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ କରଣକୁ ନବୀକରଣ କରାଯାଉଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଉଦ୍ୟାନ କୃଷି ୱିଙ୍ଗ ନର୍ସରୀ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ଏକ ନୂତନ ନର୍ସରୀ ପ୍ରତିଷ୍ଠା କରାଯାଉଛି। ତେବେ ଚିତା ବାଘ ଆସିବାକୁ ବିଦେଶର କିଛି ସଂସ୍ଥାଙ୍କ ସହ ଯୋଗାଯୋଗ ଜାରିରହିଛି। ଏହି ପ୍ରକ୍ରିୟା ବିଭିନ୍ନ ସୋପାନ ରହିଛି। ଯାହା କି ପୂରଣ କରି ଚିତା ବାଘ ଆସିବାକୁ ଆହୁରି ୭/୮ ମାସ ଲାଗି ଯିବା ନେଇ କର୍ତ୍ତୃପକ୍ଷ କହିଛନ୍ତି। ପର୍ଯ୍ୟଟକଙ୍କ ଆରାମ ଓ ସୁରକ୍ଷିତ ବୁଲିବାକୁ ୧୦ଟି ନିଃଶୁଳ୍କ ଉନ୍ନତ ଶୌଚାଳୟ, ୧୨ଟି ପାନୀୟ ଜଳ କେନ୍ଦ୍ର, ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ନଜର ରଖିବାକୁ ୩୦ଟି ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି।

ପ୍ରକାଶ ଥାଉ କି ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ନନ୍ଦନକାନନକୁ ବୁଲିବାକୁ ଲକ୍ଷାଧିକ ସଂଖ୍ୟାରେ ରାଜ୍ୟ, ରାଜ୍ୟ ବାହାରୁ ତଥା ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଗତ ୨୦୨୩-୨୪ବର୍ଷ ଅକ୍ଟୋବର ମାସରୁ ମାର୍ଚ୍ଚ ମାସ ମଧ୍ୟରେ ୨୨ ଲକ୍ଷ ୮୩ ହଜାର ୩୯୭ ପର୍ଯ୍ୟଟକ ଏବଂ ୨୦୨୪-





୨୫ ବର୍ଷରେ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧ୍ୟରେ ୨୩ ଲକ୍ଷ ୬୪ ହଜାର ୧୭ ୯ ଜଣ ପର୍ଯ୍ୟଟକ ଆସିଥିଲେ। ୨୦୨୩-୨୪ବର୍ଷ ପର୍ଯ୍ୟଟନ ଋତୁଠାରୁ ୨୦୨୪-୨୫ପର୍ଯ୍ୟଟନ ଋତୁରେ ୮୦ହଜାର ୮୦୦ପର୍ଯ୍ୟଟକ ଅଧିକ ଆସିଥିଲେ। ବର୍ଷକୁ ବର୍ଷ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ଲକ୍ଷାଧିକ ଭାବରେ ବଢୁଥିବା ଲକ୍ଷ କରାଯାଇଛି। ଏହି ଦୃଷ୍ଟିରୁ ଆହୁରି ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ଏବଂ ନନ୍ଦନକାନନ ବୁଲି ଏକ ସୁଖଦ ଅନୁଭବ ନେଇକି ଯିବେ ସେ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ବହୁ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

## ୩ ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଲେଖାଏଁ ଜେଲ୍

କଟକ, ୨୩।୧୦ (ସମିସ): ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରାଯିବା ଘଟଣାରେ ଜଗତସିଂହପୁର ତିର୍ତ୍ତୋଲ ଥାନା ଅଞ୍ଚଳର ସୁଧୀର ମଲ୍ଲିକ(୨୮), ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗାନ୍ଧୀପଲ୍ଲୀର ଦୀପୁ ଓରଫ ଦୀପକ ନାୟକ(୩୯) ଓ ଅନୁଗୋଳ ରେଙ୍ଗାଲି ଥାନା ଅଞ୍ଚଳର ଚନ୍ଦୁ ଓରଫ ବସନ୍ତ ନାୟକ(୩୨)କୁ ୨୦ବର୍ଷ ଲେଖାଏଁ ଜେଲ୍ ଓ ୬୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି କଟକ ଅଡ୍-ହକ୍ ଅତିରିକ୍ତ ଦୌରା ଅଦାଲତ। ଆଇପିସିର ଦଫା ୩୭୬ଏବି, ୩୭୬(୨)(ଏନ) ଓ ପୋକସୋ ଆଇନର ଧାରା ୬ରେ ତିନି ଆସାମୀଙ୍କୁ ଦୋଷୀସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ନାବାଳିକା ପୀଡ଼ିତା ଦୁଷ୍କର୍ମର ଶିକାର ହୋଇଥିବା ନେଇ କଟକ ସିଡବ୍ଲୁସି ଅଧକ୍ଷା ମନ୍ଦାକିନୀ ଜେମା ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ବସୁନ୍ଧରାର ଶିଶୁଗୃହ ମହିଳା କାଉନସିଲରଙ୍କ ସହିତ ସେ ପୀଡ଼ିତାଙ୍କ ବୟାନ ରେକର୍ଡ କରୁଥିବା ବେଳେ ତିନିଜଣ ଆସାମୀ ନାବାଳିକାଙ୍କ ସହିତ ଦୁଷ୍କର୍ମ କରିଥିବା ପ୍ରସଙ୍ଗ ଜାଣିବାକୁ ପାଇଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଥିଲା। ୨୦୨୨ ଏପ୍ରିଲ ୧୬ରେ ଚାଉଳିଆଗଞ୍ଜ ଥାନା ପୁଲିସ ଏତଲା ପଞ୍ଜୀକରଣ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ନାବଳିକା ଦୁଷ୍କର୍ମର ଶିକାର ହେବା ପରେ ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ପ୍ରସିକ୍ୟୁସନ୍ ତରଫରୁ ୩୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ.ଏମ.ବେଗ୍ ମାମଲା ପରିଚାଳନା କରୁଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

କଟକ, ୨୩।୧୦ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି କଟକ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ କୋର୍ଟ ଆଜି ନିଆଳି ଥାନା କଣ୍ଟାପଡା ଶାସନ କପିଳେଶ୍ୱର ଅଞ୍ଚଳର ଟୁକୁନା ଭୋଇ (୫୫)କୁ ୨୦ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଦୁଇବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଭାରତୀୟ ନାଗରିକ ନ୍ୟାୟ ସଂହିତା (ବିଏନଏସଏସ)ର ଦଫା ୬୪(୨)ଆଇ, ୬୫(୨) ଓ ପୋକସୋ ଆଇନର ଧାରା ୬ରେ ଟୁକୁନାକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଗଣଶିକ୍ଷକଙ୍କ ଚାକିରି ନିୟମିତୀକରଣ ନ ହେବା ପ୍ରସଙ୍ଗ | ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ, ୨୩।୧୦ (ସମିସ): ୮ବର୍ଷ ଧରି ଗଣଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ଆବେଦନକାରୀଙ୍କ ଚାକିରିକୁ ଗତ ୨୦୧୬ ଡିସେମ୍ବର ୨୨ର ଓଡ଼ିଶା ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ, ବିଜ୍ଞପ୍ତି ଅନୁଯାୟୀ ନିୟମିତୀକରଣ କରାନଯିବା ପ୍ରସଙ୍ଗକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାସନ୍ତୀ ସ୍ୱାଇଁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଏମ.ଏସ୍ ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଗତ ୨୦୧୮ ଜୁଲାଇରେ ଗଣଶିକ୍ଷକ ଭାବରେ ଯୋଗ ଦେଇଥିଲେ। ସରକାରଙ୍କ ୨୦୧୬ର ବିଜ୍ଞପ୍ତି ଅନୁସାରେ ତାଙ୍କୁ ୮ ବର୍ଷ କାର୍ଯ୍ୟ ପୂରଣ ପରେ ଚାକିରିରେ ନିୟମିତ କରାଯିବା କଥା। କିନ୍ତୁ, ୧୧.୦୬.୨୦୧୮ରେ ଓଡ଼ିଶା ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ଜାରି ସାନି ବିଜ୍ଞପ୍ତି ଅନୁସାରେ ଚାକିରି ନିୟମିତୀକରଣ ପାଇଁ ଓଟିଇଟି ଯୋଗ୍ୟତା ଅର୍ଜନ କରିବାର ସର୍ତ୍ତ ରଖି ଆବେଦନକାରୀଙ୍କ ଦାବିକୁ ଆଠଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରତ୍ୟାଖ୍ୟାନ କରିଥିଲେ।

## ଚଳିତ ଶିକ୍ଷାବର୍ଷରୁ ପଞ୍ଚମ ଓ ଅଷ୍ଟମରେ ପାସ୍-ଫେଲ୍ ବ୍ୟବସ୍ଥା

ଭୁବନେଶ୍ୱର,୨୩।୧୦(ସମିସ): ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ରହିବ ପାସ୍ ଫେଲ୍ ବ୍ୟବସ୍ଥା। ଫେଲ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ସେମାନଙ୍କୁ ପାସ୍ କରିବାକୁ ଆଉ ଏକ ସୁଯୋଗ ଦିଆଯିବ। ୨ମାସ ମଧ୍ୟରେ ସେମାନେ ଆଉ ଏକ ପରୀକ୍ଷା ଦେବେ। ଏହି ସମୟରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯିବ। ଏହା ପରେ ମଧ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନପାରିଲେ ସେମାନଙ୍କୁ ଫେଲ୍ କରାଯିବ। ସେହି ଶ୍ରେଣୀରେ ରହି ଆଉ ବର୍ଷେ ପଢ଼ିବେ।

ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଉଭୟ ଲିଖିତ ଓ ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ୍ ୫୦ ମାର୍କ ମଧ୍ୟରୁ ୪୦ ମାର୍କ ଲିଖିତ ଓ ୧୦ ମାର୍କ ମୌଖିକ ପରୀକ୍ଷା ରହିବ। ସେହିପରି ୮ମ ଶ୍ରେଣୀ ଛାତ୍ରଛାତ୍ରୀମାନେ କେବଳ ୫୦ ମାର୍କର ଲିଖିତ ପରୀକ୍ଷା ଦେବେ। ପ୍ରଶ୍ନପତ୍ରରେ ସମ୍ମେଟିଭ୍ ଆସେସ୍‌ମେଣ୍ଟ-୧ରୁ ୩୦% ଓ ପରେ ପଢ଼ାଯାଇଥିବା ପାଠ୍ୟକ୍ରମରୁ ୭୦% ପ୍ରଶ୍ନ ପରୀକ୍ଷାରେ ଆସିବ। ପରୀକ୍ଷା ସୁପରିଚାଳନା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରକାଶ ପାଇବା ସହ ତ୍ରି-ସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯାଇଛି।

■ ୨ ମାସରେ ପାସ୍ କରିବାକୁ ମିଳିବ ସୁଯୋଗ
■ ପରୀକ୍ଷା ଦିନ ସକାଳୁ ପହଞ୍ଚିବ ପ୍ରଶ୍ନପତ୍ର

ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଗଠନ ହୋଇଛି। ତହିଁରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ମାଧ୍ୟମିକ, ପ୍ରାଥମିକ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି, ଟେକ୍ସଟ୍‌ବୁକ୍ ପ୍ରଡକ୍ସନ୍ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସଦସ୍ୟ ଅଛନ୍ତି। ସେହିପରି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲାସ୍ତରୀୟ ପରିଚାଳନା କମିଟିରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ମୋଟ୍ ୧୨ଜଣ ସଦସ୍ୟ ଅଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପ୍ରିଣ୍ଟିଂ, ପରୀକ୍ଷାସୂଚୀ ପ୍ରସ୍ତୁତ କରିବା ସହ ଖାତାଦେଖା ଓ ପରୀକ୍ଷା ଫଳ ଘୋଷଣାର ତଦାରଖ କରିବେ। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ପରୀକ୍ଷା ସମୟରେ କମିଟି ବ୍ୟାପକ ଯାଞ୍ଚ କରିବ। ବିଇଓଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ମୋଟ୍ ୬ଜଣ ସଦସ୍ୟ ରହିବେ। ବ୍ଲକ୍‌ସ୍ତରରେ ପରୀକ୍ଷା ପରିଚାଳନା ତଦାରଖ କରିବା ସହ ସିଆର୍‌ସିସିଙ୍କ ମାଧ୍ୟମରେ ପ୍ରତି ବିଦ୍ୟାଳୟରେ ପ୍ରଶ୍ନପତ୍ର ପହଞ୍ଚାଇବା, ବ୍ଲକ୍‌ସ୍ତରୀୟ ସ୍କ୍ୱାଡ୍ ଗଠନ କରି ପରୀକ୍ଷା ବେଳେ ଯାଞ୍ଚ କରିବା ଆଦି କାର୍ଯ୍ୟ ଏହି କମିଟି କରିବ। ପରୀକ୍ଷା ୭ଦିନ ପୂର୍ବରୁ ବିଇଓଙ୍କୁ ପ୍ରଶ୍ନପତ୍ର ଦିଆଯିବ। ସିଆର୍‌ସିସିଙ୍କ ନେତୃତ୍ୱରେ ବିଇଓ ଗଠନ କରିଥିବା ଦଳ ପରୀକ୍ଷାର ତିନି ଦିନ ପୂର୍ବରୁ ପ୍ରଶ୍ନପତ୍ର ସଂଗ୍ରହ କରିବେ। ପରୀକ୍ଷା ଦିନ ସକାଳୁ କଡ଼ା ସୁରକ୍ଷା ଓ ଗୋପନୀୟ ଭାବେ ସମସ୍ତ ସ୍କୁଲକୁ ବିଇଓଙ୍କ ଦ୍ୱାରା ଗଠିତ ଦଳମାନେ ପ୍ରଶ୍ନପତ୍ର ପହଞ୍ଚାଇବେ।

## ଅଙ୍ଗୁର ଓ ବେଦେନା ଟ୍ରେ'ରେ ଓଜନ ଠକେଇ

# ୯ କେଜିର ଟଙ୍କା ନେଇ ଦେଉଛନ୍ତି ୮ କେଜିର ଫଳ

**ଅଣଓଡ଼ିଆ ଫଳ ବ୍ୟବସାୟୀ ମାଲାମାଲ୍**

କଟକ, ୨୩।୧୦(ସମିସ): ଅଣଓଡ଼ିଆ ଫ୍ରୁଟ କମ୍ପାନୀ ଓଡ଼ିଆ ଫଳ ବ୍ୟବସାୟୀଙ୍କୁ ଲୁଟୁଛନ୍ତି। ଓଜନରେ ଠକେଇ କରି କୋଟି କୋଟି ଟଙ୍କା ଲାଭବାନ ହେଉଥିବା ଏହି ରାଜ୍ୟ ବାହାରର ଫଳ ବ୍ୟବସାୟୀଙ୍କ ଯୋଗୁଁ ଶୋଷଣର ଶିକାର ହେଉଛନ୍ତି ସାଧାରଣ ଖାଉଟି। ବିଶେଷ କରି ଓଡ଼ିଶା ବାହାରୁ ଆସୁଥିବା ବେଦେନା ଓ ଅଙ୍ଗୁର ଟ୍ରେ ରେ ଓଜନରେ ଠକେଇ କରି ସମ୍ପୃକ୍ତ ସଂସ୍ଥା ଗୁଡ଼ିକ ମାଲାମାଲ ହେଉଥିଲେ ମଧ୍ୟ ମାପ ଏବଂ ଓଜନ ବିଭାଗ ଏଥି ପ୍ରତି ଆଖିବୁଜି ଦେଇଛି।



ଖବର ନେବାରୁ ଜଣାପଡ଼ିଛି ଯେ, ବେଙ୍ଗାଲୁରୁ ଏବଂ ମହାରାଷ୍ଟ୍ରର ସୋଲାପୁରରୁ ପ୍ରତିଦିନ ଛତ୍ରବଜାରକୁ ବେଦେନା ଓ ଅଙ୍ଗୁର ଆସିଥାଏ। ସେଠାକାର ଫ୍ରୁଟ୍ସ କମ୍ପାନୀ ମାନେ କଟକ ଛତ୍ରବଜାର ଫଳ ବ୍ୟବସାୟୀଙ୍କୁ କମିଶନ ମାଧ୍ୟମରେ ମାଲ ବିକ୍ରି କରିଥାନ୍ତି। ଦୈନନ୍ଦିନ ପ୍ରାୟ ୩୦ ଟନ ବେଦେନା ଓ ଅଙ୍ଗୁର ଛତ୍ରବଜାରକୁ ଆସିଥାଏ। ଏହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ୫୦ ହଜାର ଟଙ୍କା ହେବ। ଏସକେଏଲ, ଡିଡିପି, ଏସଏସବି ସମେତ ଅନ୍ୟାନ୍ୟ ଫଳ ଯୋଗାଣକାରୀ ସଂସ୍ଥା ଅଙ୍ଗୁର ଓ ବେଦେନା ଛତ୍ରବଜାର ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି। ଖୁଚୁରା ବ୍ୟବସାୟୀମାନେ ଛତ୍ରବଜାରରୁ ହୋଲସେଲ ଦରରେ ଫଳ କିଣି ଖାଉଟିଙ୍କୁ ବିକ୍ରୟ କରିଥାନ୍ତି। ତେବେ ଅଭିନବ ଉପାୟରେ ରାଜ୍ୟ ବାହାରର ଏହି ସଂସ୍ଥାର କମିଶନ ଏଜେଣ୍ଟ ଓଜନରେ ଠକେଇ କରି କୋଟି କୋଟି ଟଙ୍କା ଲୁଟୁଛନ୍ତି। ସାଧାରଣତଃ ଏକ ଟ୍ରେରେ ୧୦ କେଜି ଓଜନର ଅଙ୍ଗୁର ଏବଂ ବେଦେନା ବୋଝେଇ ହୋଇ ଛତ୍ରବଜାରକୁ ବିକ୍ରୟ ପାଇଁ ଆସୁଥିବା ବେଳେ ୯ କେଜି ଓଜନର ଟଙ୍କା ସେମାନେ ବ୍ୟବସାୟୀଙ୍କ ଠାରୁ ନେଇଥାନ୍ତି। କାରଣ ଟ୍ରେର ଓଜନ ରହିଥାଏ ଏକ କେଜି। ତେବେ ରାଜ୍ୟ ବାହାରର ଏହି ଫଳ କମ୍ପାନୀ ଗୁଡ଼ିକ ପ୍ରତ୍ୟେକ ଟ୍ରେରେ ୯ କେଜି ପରିବର୍ତ୍ତେ ୮ କେଜି ଓଜନର ବେଦେନା ଓ ଅଙ୍ଗୁର ରଖିଥାନ୍ତି। ଅର୍ଥାତ ଗୋଟିଏ ଟ୍ରେ ରେ ୯ କେଜି ଫଳ ଥିବା ଦର୍ଶାଇ ଅଙ୍ଗୁର ଓ ବେଦେନା ପିଛା ୧ କେଜି ଓଜନର ଠକେଇ କରି ଏହି ଟଙ୍କାକୁ ଅସଦ ଉପାୟରେ ଲୁଟୁଛନ୍ତି। ଛତ୍ରବଜାରର ଫଳ ହୋଲସେଲର ମାନେ ଅଙ୍ଗୁର ଓ ବେଦେନାରେ ଏଭଳି ଓଜନ ଠକେଇ ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ ରାଜ୍ୟ ବାହାରର ସମ୍ପୃକ୍ତ ଅଣଓଡ଼ିଆ ସଂସ୍ଥା ଏ ଦିଗରେ କର୍ଣ୍ଣପାତ କରୁ ନ ଥିବା ଛତ୍ରବଜାର ଫ୍ରୁଟ୍ସ ହୋଲସେଲରଙ୍କ ପକ୍ଷରୁ ଅଭିଯୋଗ ଉଠିଛି।

ଅନ୍ୟପକ୍ଷରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଙ୍ଗୋଲୋର ଓ ମହାରାଷ୍ଟ୍ରରୁ ଫଳ କିଣି ଏହାକୁ ଖୁଚୁରା ବିକ୍ରେତାଙ୍କୁ ବିକ୍ରୟ କରିବାକୁ ବାଧ ହେଉଛନ୍ତି ଛତ୍ରବଜାର ଫ୍ରୁଟ୍ସ ହୋଲସେଲର। ଖୁଚୁରା ବିକ୍ରେତାମାନେ ଟ୍ରେ ପ୍ରତି ୯ କେଜି ଓଜନର ଅର୍ଥ ଦେଇ ଅଙ୍ଗୁର ଓ ବେଦେନା କିଣି ଗ୍ରାହକଙ୍କୁ ବିକ୍ରୟ କରୁଛନ୍ତି। ଖୁଚୁରା ବିକ୍ରେତା ଟ୍ରେ ରେ ୮ କେଜି ଓଜନର ଫଳ ରହିଥିଲେ ମଧ୍ୟ ସେମାନେ ଆହୁରି ଅଧିକ ୧ କେଜିର ଟଙ୍କା ଛତ୍ରବଜାର ଫ୍ରୁଟ୍ସ ହୋଲସେଲଙ୍କୁ ଦେଉଛନ୍ତି। ତେଣୁ କ୍ଷତି ଭରଣା ପାଇଁ ଗ୍ରାହକଙ୍କୁ ଚଢ଼ା ଦରରେ ବିକ୍ରୟ କରିବାକୁ ବାଧ ହେଉଛନ୍ତି। ଫଳରେ ଗ୍ରାହକ ଅଙ୍ଗୁର ଓ ବେଦେନା କେଜି ପିଛା ଅଧିକ ମୂଲ୍ୟରେ କ୍ରୟ କରି କ୍ଷତି ସହୁଛନ୍ତି। କମ୍ପାନୀମାନେ ଓଜନରେ ଏଭଳି କୋଟି କୋଟି ଟଙ୍କା ଠକେଇ କରିବା ଯୋଗୁଁ ଗ୍ରାହକ ଶୋଷଣର ଶିକାର ହେଉଛନ୍ତି। ମାପ ଓ ଓଜନ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏଭଳି ଠକେଇ ହେଉଥିବା ଅଭିଯୋଗ ଉଠିଛି। ତେଣୁ ରାଜ୍ୟ ସରକାର ପ୍ରଶାସନିକସ୍ତରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଜେଲ୍‌ରେ ଚାଲିଛି ଅପରାଧୀଙ୍କ ରାଜୁତି

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା ବ୍ୟବସ୍ଥା। ଦିନକୁ ଦିନ ବଢ଼ି ଚାଲିଛି ଅପରାଧୀଙ୍କ ରାଜ। ଜେଲ ବି ଏଥିରୁ ବାଦ ପଡ଼ିନାହିଁ। ଜେଲ ଭିତରେ ମାରପିଟ୍, ଗ୍ୟାଙ୍ଗୱାର, ମର୍ଡର ଓ ଡ୍ରଗ୍ସ କାରବାର କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଥିବା ବେଳେ ଏବେ ଜେଲରୁ କଏଦୀ ଚମ୍ପଟ ମାରିବାକୁ ଆରମ୍ଭ କଲେଣି। ଜେଲ ଭିତରେ ବଢୁଥିବା ଏପରି ଅରାଜକତା ପାଇଁ ଦାୟୀ କିଏ? ଏହାର କାରଣ ଖୋଜି ବାହାର କରିବା ବଦଳରେ ତଳିଆ କର୍ମଚାରୀଙ୍କୁ ଦୋଷ ଦେଇ ଖସିବାକୁ ଉଦ୍ୟମ ଚାଲିଛି। ଚୌଦ୍ୱାର ଜେଲରୁ ଫେରାର ଦୁଇ ହାର୍ଡକୋର କଏଦୀ ଧରାପଡ଼ିନଥିବା ବେଳେ ପୁଣି ବାଲେଶ୍ୱର ସୋର ଜେଲରୁ ଆଉ ୨ଜଣ କଏଦୀ ଫେରାର ହୋଇଛନ୍ତି। ଏହି ଦୁଇ ଘଟଣାରେ କେବଳ ଜେଲ ୱାର୍ଡରଙ୍କୁ ନିଲମ୍ବିତ କରି ଦୋଷ ଖସାଇ ଦେଉଛି ଜେଲ ବିଭାଗ। ଏବେ ପୁଣି ଚୌଦ୍ୱାର ଜେଲରେ କଲଦୀଙ୍କ ମଧ୍ୟରେ ଗ୍ୟାଙ୍ଗୱାର ଘଟଣା ସାମନାକୁ ଆସିଛି। ଏହାର ସିସିଟିଭି ଫୁଟେଜ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜେଲ ବିଭାଗ ଘର ସଜାଡ଼ିବା ବଦଳରେ ସିସିଟିଭି ଫୁଟେଜ ବାହାରକୁ କିଏ ଛାଡ଼ିଲା, ଉକ୍ତ କର୍ମଚାରୀଙ୍କୁ ଧରିବାକୁ ଖୋଳତାଡ଼ କରୁଛି। କିଛିମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜେଲରେ ୩୦ରୁ ଅଧିକ ଏଭଳି ଘଟଣା ଘଟିଲାଣି।

ଜେଲ ଏବେ କାଳ କୋଠରୀ ନୁହେଁ, ବରଂ ସୁଧାର ଗୃହ। ଏଭଳି ଏକ ଗଠନମୂଳକ ପ୍ରୟାସ ନେଇ କିଛି ଦିନ ତଳେ ଆଗେଇ ଚାଲିଥିଲା ଜେଲ ବିଭାଗ। ଏବେ କିନ୍ତୁ ଜେଲ ବିଭାଗ ଗୋଟିଏ ପରେ ଗୋଟିଏ କଳଙ୍କ ମୁଣ୍ଡେଇବାରେ ଲାଗିଛି। ଗତକାଲି ଚୌଦ୍ୱାର ସର୍କଲ ଜେଲରେ ଘଟିଥିଲା ତୁମୁଳକାଣ୍ଡ। କବି ସେଠ ନାମକ ଅନ୍ତେବାସୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଛନ୍ତି ଅନ୍ୟ ଅନ୍ତେବାସୀ। ଏହା ଗ୍ୟାଙ୍ଗୱାରର ପରିଣାମ ବୋଲି କୁହାଯାଉଛି। ସେହିପରି ଆଜି ସକାଳୁ ଏକ ପକସୋ ମାମଲାର ଅଭିଯୁକ୍ତଙ୍କ ଦେହରେ କରେଣ୍ଟ ଲାଗିବା ଦ୍ୱାରା ବରଗଡ଼ ଜେଲରେ ତାଙ୍କର ମୃତ୍ୟୁ ହୋଇଛି। ହାଇ ସିକ୍ୟୁରୀଟି ମଧ୍ୟରେ ଜଣେ ଅନ୍ତେବାସୀ ବିଦ୍ୟୁତ ତାରକୁ କେମିତି ଧରିଲେ ତାକୁ ପ୍ରଶନ ଉଠିଲାଣି। ସେହିପରି ଗତ ୩ ତାରିଖରୁ ଚୌଦ୍ୱାର ଜେଲର ସେଲ କାଟି ଚମ୍ପଟ ମାରିଥିବା ଦୁଇ ହତ୍ୟାକାରୀ କଏଦୀଙ୍କ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଏଯାଏଁ ମିଳିନାହିଁ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶେଷଜ୍ଞ।

■ ବଢୁଛି ମାରପିଟ୍, ନିଶା କାରବାର
■ ଚମ୍ପଟ ମାରୁଛନ୍ତି କଏଦୀ, କର୍ତ୍ତୃପକ୍ଷ ବେଫିକର

ସେଣ୍ଟ୍ରାଲ ଜେଲ ଭଳି ସୁବିଧା ସୁଯୋଗ ଥିବା ଚୌଦ୍ୱାର ସର୍କଲ ଜେଲ ମଧ୍ୟ ଆଦୌ ସୁରକ୍ଷିତ ନୁହେଁ। କିନ୍ତୁ ଏପଟେ ଲୋକବଳ ଅଭାବକୁ ଢାଲ କରିଛି ଜେଲ ବିଭାଗ। ଜେଲ କର୍ମଚାରୀ ଙ୍କୁ ବଡି କ୍ୟାମେରା, ପୁରସ୍କାର ଆଦି ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ସେମାନଙ୍କ ଘନିଷ୍ଠତା କଏଦୀଙ୍କ ସହ ବଢୁଛି। ଯାହା ଫଳରେ କାରାଗାର ଭିତରକୁ ବେଧଡକ ପଶୁଛି ଗଞ୍ଜେଇ, ଅଫିମ ଓ ମାଦକ ଦ୍ରବ୍ୟ। ବିସ୍କୁଟ ମିକସ୍‌ଚର ପ୍ୟାକେଟ ଭିତରେ ଯା ଆସ କରୁଛି ମୋବାଇଲ। ସୁ ଉଚ୍ଚ କାନ୍ଥକୁ ଭେଦ କରି ଟେନିସ ବଲ ଜରିଆରେ ଜେଲ ଭିରରକୁ ଫିଙ୍ଗା ଯାଉଛି ଆବଶ୍ୟକ ସାମଗ୍ରୀ। ଆଉ ଏସବୁକୁ ରୋକିବା ପାଇଁ ଆକ୍ସନ ପ୍ଲାନ ହୋଇଥିବା ସଫେଇ ଦେଉଛି ବିଭାଗ। କିନ୍ତୁ ବାସ୍ତବରେ ଜେଲ ବିଭାଗର ଏକ ପ୍ରକାର କୋମାରେ ରହିଯାଇଥିବା କୁହାଯାଉଛି। ବଡ଼ କଥା ହେଲା ଜେଲରୁ କଏଦୀ ଫେରାର ହେବା ପାଇଁ ମୁଖ୍ୟତଃ ଜେଲ ୱାର୍ଡର ଦାୟୀ। ସେମାନେ ଗୋଟିଏ ଜେଲରେ ଦୀର୍ଘ ବର୍ଷ ରହୁଥିବାରୁ ହାର୍ଡକୋର କଏଦୀଙ୍କୁ ପରୋକ୍ଷରେ ସହଯୋଗ କରୁଛନ୍ତି। ସେମାନଙ୍କ ନିକଟକୁ ମୋବାଇଲ, ଗଞ୍ଜେଇ ଏବଂ ଅନ୍ୟାନ ଜରୁରୀ ସାମଗ୍ରୀ ଦେଉଛନ୍ତି। ଆହୁରି ମଧ୍ୟ କିଭଳି ଜେଲରୁ ଫେରାର ହେବ, ତାହାର ବାଟ ମଧ୍ୟ ବତାଉଛନ୍ତି। ଯାହାକି ଚୌଦ୍ୱାର ଜେଲରୁ ସ୍ପଷ୍ଟ ହୋଇଛି। କାରଣ ଚୌଦ୍ୱାର ଜେଲ ପଛରେ ରେଲୱେ ଷ୍ଟେସନ ଥିବା କିଭଳି କଏଦୀ ଜାଣି ଉକ୍ତ ପଛ ବାଟ ଦେଇ ଫେରାର ହୋଇଥିଲେ। ତେଣୁ ଏସବୁ ଘଟଣା ପଛରେ ଜେଲ ୱାର୍ଡରଙ୍କ ହାତ ରହିଥିବା କୁହାଯାଉଛି।

## ଯୋ ବ୍ୟାରେ ରୁ େ ଇଁଯୁବତୀ ନିଖୋଜ

କଟକ, ୨୩।୧୦(ସମିସ): ଜଗତପୁର ଥାନା ଅନ୍ତର୍ଗତ ଯୋବ୍ରା ବ୍ୟାରେଜ୍‌ରୁ ମହାନଦୀକୁ ଡେଇଁ ଜଣେ ଯୁବତୀ ନିଖୋଜ ହୋଇଯାଇଛନ୍ତି। ସମ୍ପୃକ୍ତ ଯୁବତୀଙ୍କ ଘର ଜଗତପୁର ପିର୍‌ବଜାରର ଅଣ୍ଡେଇ ସାହିରେ ବୋଲି ଜଣାପଡ଼ିଛି। ଯେଉଁ ଗେଟ୍‌ରେ ପାଣି ଛଡାଯାଉଛି, ଉକ୍ତ ଗେଟ୍ ତଳକୁ ଯୁବତୀ ଜଣଙ୍କ ଡେଇଁ ପଡ଼ିଥିବାରୁ ସେ ନଦୀ ସୁଅରେ ବହୁ ଦୂରକୁ ଚାଲିଯାଇଥିବା ଅଗ୍ନିଶମ କର୍ମଚାରୀ ଅନୁମାନ କରୁଛନ୍ତି। ଦୀର୍ଘ ସମୟ ଧରି ଉଦ୍ଧାର ଅଭିଯାନ କରାଯାଇଥିବା ବେଳେ ଯୁବତୀଙ୍କ ପତ୍ତା ମିଳି ପାରିନାହିଁ। ଯୁବତୀ ଜଣକ ବ୍ରହ୍ମପୁରରେ ନର୍ସିଂ କରୁଥିଲେ। ପରିବାର ପକ୍ଷରୁ ତାଙ୍କୁ ବିରୋଧ କରାଯିବାରୁ ସେ ଗତକାଲି ଆତ୍ମହତ୍ୟା ଉଦ୍ୟମ କରିଥାଇପାରନ୍ତି।


**NATIONAL COMPETITIVE BIDDING THROUGH e-Procurement** O-1094
**Tel. No.06752222092, e-mail id-eerwpuri@gmail.com**
**TCN NO. TENDER ONLINE - 09 OF 2025-26**
**No. 8445 / Dt. 10.10.2025**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.

1.Total no. of works: **74 nos.**
2 .Tender cost of packages: Amount varies from **Rs.5.04 lakh to Rs.42.02 lakh**
3.Class of contractor: **As per DTCN.**
4.Period of completion: **2 (Two) Calendar months.**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 1.30 P.M. | 13.11.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W., Division, Puri

OIPR-25065/11/0029/2526



### ଇନ୍ସପେକ୍ଟରଙ୍କ ଲଭ୍, ସେକ୍ସ, ଧୋକା

# ପୁଲିସ ନାଁରେ ପୁଲିସର ସାଂଘାତିକ ଅଭିଯୋଗ

ଭୁବନେଶ୍ୱର, ୨୩।୧୦ (ସମିସ): ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ଘଟଣା ନୂଆମୋଡ଼ ନେଇଛି। ବୁଧବାର ଅଭିଯୁକ୍ତ ତଥା ଇନ୍ସପେକ୍ଟର ତୋଷବନ୍ତ ଆଚାର୍ଯ୍ୟ ଗିରଫ ହୋଇଥିଲେ ମଧ୍ୟ ପୁଲିସ ଦଫା କାଟି ଦେଇଥିବା ନେଇ ପୀଡ଼ିତା ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ; ମହିଳା ଥାନାରେ ତାଙ୍କୁ ଆତିଥେୟତା ମିଳି ନ ଥିବା ଅଭିଯୋଗ ଆଣିଛନ୍ତି। ପୀଡ଼ିତା ତଥା ଖୋଦ୍ କମିସନରେଟ ପୁଲିସରେ କାର୍ଯ୍ୟରତ ମହିଳା ସବ୍ ଇନ୍ସପେକ୍ଟରଙ୍କ ଏଭଳି ଅଭିଯୋଗ ପୁଲିସର ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି।

- ଦଫା କାଟି ଦିଆଯାଇଛି: ପୀଡ଼ିତା ଏସ୍ଆଇ
- ଥାନାରେ ମିଳି ନ ଥିଲା ଆତିଥେୟତା
- ପ୍ରତାରିତ ଅଧିକାରିଣୀଙ୍କ ବୟାନ ରେକର୍ଡ



ସୂଚନା ଅନୁସାରେ, ଅଭିଯୋଗକାରିଣୀ ମହିଳା ସବ୍‌ଇନ୍ସପେକ୍ଟର ଓ ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଗୋଟିଏ କଲେଜରେ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ୨୦୧୩ ମସିହାରେ ତୋଷବନ୍ତ ଡେପୁଟି ସୁବେଦାର ଭାବେ ଯୋଗ ଦେଇଥିବା ବେଳେ ପୀଡ଼ିତା ୨୦୧୭ରେ ସବ୍ ଇନ୍ସପେକ୍ଟର ଚାକିରି ପାଇଥିଲେ। ଉଭୟ ଚାକିରି ପାଇବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ତାଙ୍କୁ ବିବାହ କରିବା ପରିବର୍ତ୍ତେ ଅନ୍ୟତ୍ର ବିବାହ କରି ଦେଇଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରିବା ସହ ତୋଷବନ୍ତଙ୍କୁ ଗିରଫ କରି କରିଥିଲା।

ହେଲେ ମହିଳା ଥାନାକୁ ଏତଲା ଦେବାକୁ ଯାଇଥିବା ବେଳେ ପୁଲିସ ତାଙ୍କୁ ଆତିଥେୟତା ପ୍ରଦାନ କରିନଥିଲା। ପାଣି ପିଇବାକୁ ଦିଆଯାଇ ନ ଥିବା ବେଳେ ବସିବାକୁ ଚେୟାର ମଧ୍ୟ ମିଳି ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହିତ ସାଙ୍ଗେସାଙ୍ଗେ ଏଫ୍ଆଇଆର୍ ନଦେଇ ଆସନ୍ତାକାଲି ଆସିବାକୁ କୁହାଯାଇଥିଲା। ସବୁଠାରୁ ସଙ୍ଗୀନ କଥା ହେଉଛି ପରଦିନ ଏଫ୍ଆଇଆର୍ କପି ପାଇବା ପରେ ଅଭିଯୋଗ ଅନୁସାରେ ଦଫା ଲାଗି ନଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମ ଓ ଗର୍ଭ ନଷ୍ଟ ନେଇ ଅଭିଯୋଗ ଆଣିଥିଲେ ମଧ୍ୟ ତତ୍ ସମ୍ବନ୍ଧୀୟ ଦଫା ମହିଳା ଥାନା ପୁଲିସ ଲଗାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ତୋଷବନ୍ତ ତାଙ୍କ ଅନିଚ୍ଛା ସତ୍ତ୍ୱେ ଗର୍ଭ ନଷ୍ଟ କରିଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଦଫା ନ ଲଗାଇବା ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଥାନାକୁ ଆସୁଥିବା ଅଭିଯୋଗକାରୀ ମାନଙ୍କୁ ଚା', ପାଣି ବା ଆତିଥେୟତା ପ୍ରଦାନ କରିବାକୁ ସରକାର ପ୍ରତି ମାସରେ ଟଙ୍କା ଦେଉଛନ୍ତି। ହେଲେ ଖୋଦ୍ ମହିଳା ସବ୍ ଇନ୍ସପେକ୍ଟରଙ୍କ ଏଭଳି ଅଭିଯୋଗ ଆସିବା ପରେ ସେ ଟଙ୍କାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି ଗତକାଲି ପୀଡ଼ିତା ମହିଳା ସବ୍ ଇନ୍ସପେକ୍ଟରଙ୍କର ଡାକ୍ତରୀ ମାଇନା କରାଯାଇଥିବା ବେଳେ ଆଜି ବୟାନ ରେକର୍ଡ ହୋଇଛି। ବିଏନ୍ଏସ୍ଏସ୍ ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କୋର୍ଟରେ ତାଙ୍କର ବୟାନ ରେକର୍ଡ କରାଯାଇଛି।

### ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ

# ଥାନା ଭିତରେ ପୁଲିସକୁ ମାଡ଼

ଭୁବନେଶ୍ୱର, ୨୩।୧୦ (ସମିସ): ଥାନା ଭିତରେ ପୁଲିସକୁ ମାଡ଼ ମାରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତର୍ତ୍ତୋଲ ଥାନା କନକପୁରର ଶୁଭ୍ରାଂଶୁ ଦାସ (୩୪) ଓ ପ୍ରକାଶ କୁମାର ପଣ୍ଡା (୪୨)।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ ଶୁଭ୍ରାଂଶୁ ଓ ପ୍ରକାଶ ଏକ ଗାଡ଼ିକୁ ଧକ୍କା ଦେବା ପରେ ପିସିଆର କର୍ମଚାରୀମାନେ ଉଭୟଙ୍କୁ ନିଶାଗ୍ରସ୍ତ କାର ସହ ଥାନାକୁ ଆଣିଥିଲେ। ଡିସିଓ ତଥା ସୁକୁଲ ଚରଣ ହେମ୍ବ୍ରମ ବ୍ରେଥ ଆନାଲାଇଜର ମେସିନ ଦ୍ୱାରା ଚାଳକ ଶୁଭ୍ରାଂଶୁର ନିଶାର ପରିମାଣ ଯାଞ୍ଚ କରୁଥିଲେ। ହଠାତ୍ ଶୁଭ୍ରାଂଶୁ ଓ ପ୍ରକାଶ ତାଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଅନ୍ୟ ପୁଲିସ କର୍ମଚାରୀମାନେ ହସ୍ତକ୍ଷେପ କରିବାରୁ ଉଭୟ ମିଶି ଆକ୍ରମଣ କରିଥିଲେ। ଏଥିସହିତ ଉପସ୍ଥିତ ଥିବା ଅନ୍ୟ ମହିଳା ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଏସ୍ଆଇ ହେମ୍ବ୍ରମଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।





# ସ୍ତ୍ରୀକୁ ନିର୍ଯାତନା ଅଭିଯୋଗ; ଜେଲ୍‌ଗଲା ସ୍ୱାମୀ

ବାଲିଅନ୍ତା, ୨୩।୧୦(ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ପତ୍ନୀକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ମାମଲାରେ ସ୍ଥାନୀୟ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଜିତିକାରସୁଆଁଲୋ ଗ୍ରାମର ସନ୍ତୋଷ ବେହେରା (୪୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ କୋର୍ଟରେ ଜାମିନ ଖାରଜ ହୋଇଯିବାରୁ ସନ୍ତୋଷକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ବୀଣାପାଣି ବେହେରା ୨୦ ବର୍ଷ ପୂର୍ବେ ସନ୍ତୋଷକୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ ଏବଂ ସେମାନଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛି। ବିବାହ ପରେ ସନ୍ତୋଷ ବୀଣାପାଣିଙ୍କୁ ନିରନ୍ତର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲା।

ଗତ ୨୦ ତାରିଖ ରାତିରେ, ସନ୍ତୋଷ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପଥରରେ ଆକ୍ରମଣ କରିଥିଲେ। ଏହାରେ ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା ଏବଂ ଅଭିଯୁକ୍ତ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଚେଷ୍ଟା କରିଥିଲେ। କିନ୍ତୁ ବୀଣା ଅଳ୍ପକେ ଖସି ପଳାଇ ଯାଇଥିଲେ। ପରେ ସନ୍ତୋଷ ପୁଣି ଥରେ ଗାଳିଗୁଲଜ କରି ତାଙ୍କୁ ପୋଲିସକୁ ଖବର ଦେଲେ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ପୁଲିସ କହିବାନୁସାରେ ଅଭିଯୁକ୍ତ ସନ୍ତୋଷ ଘରୋଇ ହିଂସାର ଜଣେ ଅଭ୍ୟାସଗତ ଅପରାଧୀ ଓ ସେ ପ୍ରାୟତଃ ମଦ୍ୟପାନ କରି ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ କରୁଥିଲେ। ଘଟଣା ଦିନ ସେ ଜାଣିଥିଲେ ଯେ ତାଙ୍କ କାର୍ଯ୍ୟ ଅଭିଯୋଗକାରିଣୀଙ୍କ ଜୀବନକୁ ବିପଦରେ ପକାଇପାରେ, ତଥାପି ସେ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ବୁଧବାର ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ସମସ୍ତ ଆଇନି ଔପଚାରିକତା ପାଳନ କରି ଆଜି ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁଅଛି।

## କାମକରୁନି କମିସନରେଟ୍ ପୁଲିସର ଜରୁରିକାଳୀନ ହ୍ୱାଟ୍‌ସଆପ୍



ଭୁବନେଶ୍ୱର, ୨୩।୧୦ (ସମିସ): କମିସନରେଟ୍ ପୁଲିସ ପକ୍ଷରୁ ଜରୁରୀକାଳୀନ ସେବା ଭାବେ ଏକ ୱାଟ୍‌ସପ୍ ନମ୍ବର ଜାରି କରାଯାଇଥିଲା। ଏହି ନମ୍ବରଟି ହେଲା ୭୦୭୭୭୯୮୧୧୧। ରାସ୍ତାରେ ସୁବିଧା ଅସୁବିଧା ହେଲେ ଲୋକେ ଏହି ସେବାକୁ ବ୍ୟବହାର କରିପାରିବେ। ହ୍ୱାଟ୍ସଆପ୍ ମାଧ୍ୟମରେ ଅପରାଧୀଙ୍କ ତଥ୍ୟ ପ୍ରଦାନ କରାଯାଇ ପାରିବ। ଏହା ସହ ମାମଲାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହା ସାହାର୍ଯ୍ୟ କରିବ। ରାସ୍ତାରେ ଘଟୁଥିବା ଅପରାଧ ଏବଂ ଲୁଟ୍ ରୋକିବାକୁ ଏହା ଏକ ପ୍ରୟାସ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଥିଲା।

୨୦୨୧ ମସିହାରେ ଏହି ନମ୍ବର ଜାରି ହେବା ପରେ ଏହାକୁ ଜୋରସୋରରେ ପ୍ରଚାର ପ୍ରସାର କରାଗଲା। କିଛି ଅଭିଯୋଗ ମଧ୍ୟ ଏଥିରେ ଗ୍ରହଣ କରାଗଲା। ଅଭିଯୋଗ ଗୁଡ଼ିକର ସମାଧାନ ମଧ୍ୟ ହେଲା। କିନ୍ତୁ ଏବେ ଲୋକେ ଏହି ନମ୍ବର ଯୋଗେ ଅଭିଯୋଗ କଲେ ସେହି ଆଉ ଶୁଣୁ ନାହାନ୍ତି। ଏପରିକି ମେସେଜ୍ କଲେ ଦିନ ଦିନ ଧରି ମେସେଜ୍ କେହି ଦେଖୁ ବି ନାହାନ୍ତି ବୋଲି ଅଭିଯୋଗକାରୀ ଅଭିଯୋଗ କରୁଛନ୍ତି। ପୁଲିସ ପକ୍ଷରୁ କରାଯାଇଥିବା ଦାବି ମାତ୍ର ୪ବର୍ଷ ବି ପୂରଣ ହୋଇପାରିଲା ନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଏବେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଓରୋରା ଆକ୍ଟିଭିଷ୍ଟ ବିମଳେନ୍ଦୁ ପ୍ରଧାନ କହିଛନ୍ତି ପୂର୍ବରୁ ଏହି ନମ୍ବରରେ ମୁଁ ଅନେକ ବାର ଅଭିଯୋଗ କରିଛି। ଏହାର ସମାଧାନ ମଧ୍ୟ ହେଉଥିଲା। ହେଲେ ଏବେ ଅଭିଯୋଗ କଲେ ମେସେଜ୍ ବି କେହି ପଢୁ ନାହାନ୍ତି। ଏନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୨୧୨ ହର୍ଣ୍ଣ ଜବତ; ୬୨ ବସ୍‌ରୁ ୩୧ ହଜାର ଦଣ୍ଡ ଆଦାୟ

ଭୁବନେଶ୍ୱର, ୨୩।୧୦ (ସମିସ): ଗାଡ଼ିରେ ବିକଟାଳ ହର୍ଣ୍ଣ ଲଗାଇବା ମହଙ୍ଗା ପଡ଼ିଛି। ବସ୍ ଗୁଡ଼ିକରୁ ହର୍ଣ୍ଣ ଜବତ କରିବା ସହ ଜରିମାନା ଆଦାୟ କରିଛି ଭୁବନେଶ୍ୱର ଟ୍ରାଫିକ ପୁଲିସ।

ସୂଚନା ଅନୁସାରେ, କିଛି ଦିନ ହେବ ବିକଟାଳ ହର୍ଣ୍ଣରେ ରାଜଧାନୀବାସୀ ଅତିଷ୍ଠ ହୋଇଛନ୍ତି। ହର୍ଣ୍ଣ ବିକଟାଳ ଓ ପ୍ରଚଣ୍ଡ ଶବ୍ଦ ସାଧାରଣ ଲୋକ ବି ପ୍ରଭାବିତ ହେଉଥିବା ବେଳେ ବୃଦ୍ଧ, ଶିଶୁ ଓ ଗର୍ଭବତୀ ମହିଳାମାନଙ୍କ ଉପରେ ଏହା ଅଧିକ କୁପ୍ରଭାବ ପକାଉଛି। ବାରମ୍ବାର ଅଭିଯୋଗ ଆସିବା ପରେ ଧରପଗଡ଼ ଆରମ୍ଭ କରିଛି ଭୁବନେଶ୍ୱର ଟ୍ରାଫିକ ପୁଲିସ। ବରମୁଣ୍ଡା, କ୍ରାଉନ ହୋଟେଲ ଓ ବାଣୀବିହାର ଛକରେ ଜୋରଦାର ଯାଞ୍ଚ କରାଯାଇଛି। ବିକଟାଳ ହର୍ଣ୍ଣ ଲଗାଇଥିବା ବସ୍ ଗୁଡ଼ିକୁ ଅଟକାଇ ହର୍ଣ୍ଣ ଖୋଲାଯାଇଛି। ହର୍ଣ୍ଣକୁ ଜବତ କରିବା ସହ ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ ଥାନା ୧ ପକ୍ଷରୁ ୨୬ଟି ବସ୍ ଓ ଟ୍ରାଫିକ ଥାନା ୨ ପକ୍ଷରୁ ୩୬ଟି ବସରୁ ହର୍ଣ୍ଣ ଖୋଲାଯାଇଛି। ମୋଟ ୬୨ଟି ବସରୁ ୨୧୨ଟି ହର୍ଣ୍ଣ ଜବତ ହୋଇଛି। ସେହିପରି ପ୍ରତ୍ୟେକ ବସରୁ ୫୦୦ ଲେଖାଏଁ ହିସାବରେ ୩୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଟ୍ରାଫିକ ଡିସିପି ତପନ କୁମାର ମହାନ୍ତି ଓ ଟ୍ରାଫିକ ଏସିପି ଉମାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଧରପଗଡ଼ ଚାଲିଛି।




# ବିବାହ ନାଁରେ ମହିଳାଙ୍କୁ ପ୍ରତାରଣା; ପ୍ରେମିକ ଗିରଫ

ଭୁବନେଶ୍ୱର, ୨୩।୧୦ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ରାହୁଲ ଦେବ ବେହେରା (୩୭)। ପୁଲିସ ସୂଚନା ଅନୁସାରେ, ମହିଳାଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି। ବ୍ୟକ୍ତିଗତ ସମସ୍ୟାକୁ ନେଇ ସେ ସ୍ୱାମୀଙ୍କ ଠାରୁ ଅଲଗା ହୋଇଯାଇଥିଲେ। ୪ ବର୍ଷ ପୂର୍ବେ ରାହୁଲ ସହ ତାଙ୍କର ପରିଚୟ ହୋଇଥିଲା। ରାହୁଲ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଏଥିସହିତ ତାଙ୍କର ଦୁଇ ସନ୍ତାନଙ୍କ ଦାୟିତ୍ୱ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରେ ବିବାହ କରିବାକୁ କହିବାରୁ ରାହୁଲ ରାଜି ହୋଇନଥିଲା। ରାହୁଲର ପରିବାର ଲୋକେ ପୀଡ଼ିତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ଭିତରେ ରାହୁଲ ପୀଡ଼ିତାଙ୍କ ଠାରୁ ୧୦ ହଜାର ଟଙ୍କା ଓ ସୁନା ମୁଦି ଚୋରି କରି ନେଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଯୁବକ ମୃତ

ବାଲିପାଟଣା, ୨୩।୧୦ (ସମିସ): ଗୁରୁବାର ସନ୍ଧ୍ୟାରେ ନୂଆସାହି ନିମାପଡ଼ା କେନାଲ ବନ୍ଧ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ହୋଇଛି। ମିସ୍ତ୍ରି କାମ କରୁଥିବା ପୂର୍ଣ୍ଣଚନ୍ଦ୍ର ଭୋଇ ମଟର ସାଇକେଲରେ ନିମାପଡ଼ା ପଟୁ ତାଙ୍କର ନିଜ ଗ୍ରାମ ମୁଣ୍ଡହଣାପାଟଣା ଫେରୁଥିବା ବେଳେ ନୂଆସାହି ପଟୁ ଦ୍ରୁତଗତିରେ ଯାଉଥିବା ସ୍କୁଟି ସହିତ ମୁହଁମୁହିଁ ଧକ୍କା ହୋଇଥିଲା। କୁଞ୍ଜପଦା ଠାରେ ପୂର୍ଣ୍ଣ, ମଟର ସାଇକଲ ସହିତ ରାସ୍ତାକଡ ଗଛ ରେ ପିଟି ହେଇ ଯିବାରୁ ମୁହଁ ଛାତିରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଅଠାନ୍ତର ହସ୍ପିଟାଲ ଅଣା ଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଉ ଅଳ୍ପ ବାଟ ଯାଇଥିଲେ ସେ ଘରେ ପହଞ୍ଚି ଯାଇଥାନ୍ତେ। ମୃତ ପୂର୍ଣ୍ଣ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ଘରେ ତାଙ୍କର ବୃଦ୍ଧ ବାପା, ପତ୍ନୀ ଓ ଦୁଇଟି ସନ୍ତାନ ଅଛନ୍ତି। ବାଲିପାଟଣା ପୋଲିସ ଘଟଣାର ତଦନ୍ତ କରୁଛି। ଘଟଣା ଘଟିବା ପରେ ସ୍କୁଟି ଚାଳକ ଫେରାର ହୋଇଯାଇଛନ୍ତି।

# ସାମ୍ବାଦିକଙ୍କ ଠାରୁ ଲୁଟ୍; କୁଖ୍ୟାତ କାଳିଆ ଗିରଫ

ଭୁବନେଶ୍ୱର, ୨୩।୧୦ (ସମିସ): ସାମ୍ବାଦିକଙ୍କ ଠାରୁ ଟଙ୍କା ଛଡ଼ାଇବା ଅଭିଯୋଗରେ କୁଖ୍ୟାତ କାଳିଆକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମୁଣ୍ଡ ମୁହାଁଣର ଗୋପବନ୍ଧୁ ପ୍ରଧାନ ଓରଫ୍ କାଳିଆ (୪୦)।

ପୁଲିସ ସୂଚନା ଅନୁସାରେ, ସାମ୍ବାଦିକ ମାନସ ରଞ୍ଜନ ଦାଶ ଘରେ ଥିବାବେଳେ କାଳିଆ ଓ ପ୍ରଦୀପ ରାଉଳ ତାଙ୍କୁ ଯାଁଳା ମାର୍କେଟକୁ ଆସିବା ଲାଗି କହିଥିଲେ। ସେ ଯାଁଳା ମାର୍କେଟକୁ ଆସି ପହଞ୍ଚିବା ପରେ ଦୁଇ ଜଣ ତାଙ୍କୁ ୧୦ ହଜାର ଟଙ୍କା ଦେବା ପାଇଁ କହିଥିଲେ। ଟଙ୍କା ମାଗିବାର କାରଣ ପଚାରିବାରୁ, ୧୫ ବର୍ଷ ତଳେ ମାନସ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ଟଙ୍କା ଦେବା ଲାଗି କହିଥିଲେ ବୋଲି କାଳିଆ କହିଥିଲା। ମାନସ ସେପରି କୌଣସି ପ୍ରତିଶ୍ରୁତି ଦେଇନଥିବାରୁ ଟଙ୍କା ଦେବା ଲାଗି ମନା କରିଥିଲେ। କାଳିଆ ଓ ପ୍ରଦୀପ ତାଙ୍କୁ ଟଣାଓଟରା କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏଥିସହିତ ମାନସଙ୍କ ଠାରୁ ୭ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାର ପରଦିନ ଦୁଇ ଜଣ ଯାକ ପୁଣି ମାନସଙ୍କୁ ଫୋନ କରି ବାକି ୩ ହଜାର ଟଙ୍କା ଦେବା ଲାଗି କହିଥିଲେ। ଏନେଇ ମାନସ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ କାଳିଆକୁ ଗିରଫ କରିଥିଲା। ତା' ଠାରୁ ୨ ହଜାର ଟଙ୍କା ଜବତ କରିଥିଲା। କାଳିଆ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୮ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



## ନାବାଳିକା ଶାଳୀକୁ ଅପହରଣ କରି ଭିଣୋଇ ଗିରଫ

ଭୁବନେଶ୍ୱର, ୨୩।୧୦ (ସମିସ): ନାବାଳିକା ଶାଳୀକୁ ଅପହରଣ କରିଥିବା ଅଭିଯୋଗରେ ଭିଣୋଇକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ଚାରିଛକ ଥାନା ପଥରପଦା ଗାଁର ମଣ୍ଟୁ ବାରିକ (୨୩)।



ପୁଲିସ ସୂଚନା ଅନୁସାରେ କଳାରାହାଙ୍ଗ ଅଞ୍ଚଳରେ ରହୁଥିବା ଜଣେ ୨୦ ବର୍ଷୀୟା ଯୁବତୀ ଓ ମଣ୍ଟୁ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତମାସ ୧୮ ତାରିଖ ଦିନ ଯୁବତୀ ଓ ତାଙ୍କ ନାବାଳିକା ଭଉଣୀ ମ୍ୟାଗନେଟ ଛକକୁ ବୁଲିବା ଲାଗି ଯାଇଥିଲେ। ସେହି ସମୟରେ ମଣ୍ଟୁ ଦୁଇ ଭଉଣୀଙ୍କୁ ସେଠାରୁ ଅପହରଣ କରି ନେଇଥିଲା। ଯୁବତୀଙ୍କୁ ବିବାହ କରିଥିବା ବେଳେ ୪ ଦିନ ଧରି ପରେ ନାବାଳିକାକୁ ଛାଡ଼ି ଦେଇଥିଲା। ଏନେଇ ନାବାଳିକାର ବାପା ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସେ ନିଜ ଇଚ୍ଛାରେ ମଣ୍ଟୁକୁ ବିବାହ କରିଥିବା ଯୁବତୀ ତାଙ୍କ ବୟାନରେ କହିଥିଲେ। ହେଲେ ମଣ୍ଟୁ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକା କହିବା ପରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅସ୍ଥାୟୀ ବ୍ୟବସାୟୀଙ୍କ କବ୍‌ଜାରେ ରାଜଧାନୀ ହାଟ

ଭୁବନେଶ୍ୱର, ୨୩।୧୦ (ସମିସ): ରାଜଧାନୀର ଗ୍ରାହକଙ୍କୁ ସୁଲଭ ଦରରେ ଏବଂ ସୁବ୍ୟବସ୍ଥିତ ଭାବେ ବଜାର ସୁବିଧା ଦେବା ପାଇଁ ବିଏମ୍‌ସି ପକ୍ଷରୁ ହାଟର ପରିକଳ୍ପନା କରାଯାଇଥିଲା। କିନ୍ତୁ ସମୟକ୍ରମେ ରାଜଧାନୀର ପ୍ରମୁଖ ହାଟଗୁଡ଼ିକରେ ଅସ୍ଥାୟୀ ବ୍ୟବସାୟୀ ଏବଂ ଜବରଦଖଲକାରୀମାନେ ମାଡ଼ି ବସିବା ଯୋଗୁଁ ଲୋକେ ସେଭଳି ସୁବିଧାରୁ ବଞ୍ଚିତ ହେଉଛନ୍ତି।

ବିଏମ୍‌ସି ଅଧୀନରେ ଥିବା ହାଟଗୁଡ଼ିକ ଏବେ ଅସ୍ଥାୟୀ ବ୍ୟବସାୟୀଙ୍କ କବଜାକୁ ଚାଲିଯାଇଛି। ପ୍ରତ୍ୟେକ ହାଟରେ ଆବଣ୍ଟନ କରାଯାଇଥିବା ଦୋକାନୀଙ୍କ ସଂଖ୍ୟା ଠାରୁ ବ୍ୟବସାୟ କରୁଥିବା ଦୋକାନୀଙ୍କ ସଂଖ୍ୟା ଢେର ଅଧିକ। ମନଇଚ୍ଛା ହାଟକୁ ମାଡି ବସୁଛନ୍ତି ବ୍ୟବସାୟୀ। ଫଳରେ ଏଠାରେ ଆଉ ଖାଲି ସ୍ଥାନ ରହୁନାହିଁ। କିଛି ସ୍ଥାନରେ ହାଟ ଭିତରକୁ ଯିବା ପାଇଁ ହୋଇଥିବା ରାସ୍ତାକୁ ଏପରି ମାଡ଼ି ବସିବା ଯୋଗୁଁ ରାସ୍ତା ସଂକୁଚିତ ହେଉଛି। ଫଳରେ ଯାନବାହାନ ତଥା ଲୋକଙ୍କର ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ହାଟରେ ଗୋଟିଏ ପଟେ ଟ୍ରାଫିକ ସମସ୍ୟା ଅଣାୟତ ହୋଇପଡୁଛି। ଆଉ ଗୋଟିଏ ପଟେ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ଦୁଇଗୁଣିତ ହୋଇଯାଉଛି। ଏପରିକି ହାଟ ଭିତରକୁ ଅଗ୍ନିଶମ ଗାଡି ବି ପ୍ରବେଶ କରିବା କଷ୍ଟକର ହୋଇପଡୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ହାଟ ଭିତରେ ଦୋକାନ ଆଗକୁ ମଡ଼ାଇ ପାଲ ଟାଣିଥିବାରୁ ତଥା ସାମଗ୍ରୀ ରଖିଥିବାରୁ ଯାତାୟତ କରିବା ସମ୍ଭବ ହେଉନାହିଁ। କୌଣସି ଅଘଟଣ ଘଟିଲେ ଭିତରକୁ ସୁରକ୍ଷା କର୍ମୀ ଏବଂ ଦମକଳ ଗାଡ଼ି ପ୍ରବେଶ କରିବା କାଠିକର ପାଠ ହୋଇପଡୁଛି। ଏମିତି କି କୌଣସି ଅଗ୍ନିକାଣ୍ଡ ଘଟିଲେ ଭିତରୁ ଗ୍ରାହକ ଏବଂ ଦୋକାନୀ ବାହାରିବା କାଠିକର ପାଠ ହୋଇପଡୁଛି।

ବୁଧବାର ୟୁନିଟ୍-୧ ହାଟରେ ବହୁ ସଂଖ୍ୟାରେ ଦୋକାନ ଜଳିଗଲା। ପେଟ୍ରୋଲ ପମ୍ପ ନିକଟରେ ଏକାଧିକ ଟିଣ ନିର୍ମିତ ଦୋକାନ ରହିଛି। ଏହି ଦୋକାନ ଗୁଡ଼ିକ କେମିତି ନିର୍ମାଣ ହେଲା। କିଏ ଏହାକୁ ଅନୁମତି ଦେଲା। ଏହି ଦେକାନ ଗୁଡ଼ିକ କଣ ବିଏମ୍‌ସି ଅନୁମୋଦିତ ନାଆ। କିଛି ମୁଷ୍ଟିମେୟଙ୍କ ସୁବିଧା ପାଇଁ ନିର୍ମାଣ କରାଯାଇଛି ବୋଲି କିଛି ବ୍ୟବସାୟୀ ଅଭିଯୋଗ ଆଣିଛନ୍ତି। ଏଠାରେ ପ୍ରାୟ ୧୬୪୦ଜଣ ବ୍ୟବସାୟୀଙ୍କୁ ଅବଣ୍ଟନ କରାଯାଇଛି। ହେଲେ ରାଜନୈତିକ ପୃଷ୍ଠପୋଷକତାରେ ବହୁ ସଂଖ୍ୟାକ ଦୋକାନୀ ଏଠାରେ ଡେରା ପକାଇଛନ୍ତି।

କେବେଳ ୟୁନୁଟ୍- ୧ ନୁହେଁ ଭୁବନେଶ୍ୱର ପ୍ରାୟ ୨୦ଟି ହାଟ ରହିଛି। ଅଧିକାଂଶ ହାଟରେ ସମାନ ଅବସ୍ଥା। ମନଇଚ୍ଛା କାହାକୁ ପିଣ୍ଡି ବଣ୍ଟନ କରାଯାଉଛି। କେଉଁ ଅସ୍ଥାୟୀ ବ୍ୟବସାୟୀଙ୍କୁ ସ୍ଥାୟୀ କରାଯାଇ ଦିଆଯାଉଛି। ହାଟ ଏକ ବାଣିଜ୍ୟିକ ଅନୁଷ୍ଠାନ ହେଉଥିଲେ ରାଜନେତାଙ୍କ ହାକିମାତି ଚାଲିଛି। ସେମାନଙ୍କ ଇଙ୍ଗିତରେ ଜବରଦଖଲ କରାଯାଉଛି। ଆଉ ବିଏମ୍‌ସି ଏମାନଙ୍କ ସାମ୍ନାରେ ନାଚାର ପାଲଟି ଯାଉଛି।

## ୨୦ ହାଟ ପାଇଁ ଏସ୍‌ଓପି ଆଣିବ ବିଏମ୍‌ସି

- ବିଏମ୍‌ସି ଅଧିକାରୀଙ୍କ ଉପସ୍ଥିତିରେ ହାଟ କମିଟି ନିର୍ବାଚନ ହେବ
- ହାଟ ଦୋକାନୀଙ୍କ ପାଇଁ ହେବ ଗ୍ରୁପ ଇନସ୍ୟୁରାନ୍ସ
- ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ

ରାଜଧାନୀର ୧ ନମ୍ବର ହାଟରେ ଅଗ୍ନିକାଣ୍ଡ ଘଟଣା ପରେ ହାଟଗୁଡ଼ିକ ପାଇଁ ଏସ୍‌ଓପି ଆଣିବ ବିଏମ୍‌ସି। ରାଜଧାନୀର ୨୦ଟି ବଡ଼ ହାଟ ପାଇଁ ଏସ୍‌ଓପି ଲାଗୁହେବ। ହାଟରେ ହେବ ବିଧିବଦ୍ଧ ନିର୍ବାଚନ ହେବ। ବିଏମ୍‌ସି ଅଧିକାରୀଙ୍କ ଉପସ୍ଥିତିରେ ହାଟ କମିଟି ନିର୍ବାଚନ ହେବ। ହାଟ ଦୋକାନୀଙ୍କ ପାଇଁ ବିଏମ୍‌ସି ଗ୍ରୁପ ଇନସ୍ୟୁରାନ୍ସ କରିବ। ରାଜଧାନୀର ବିଭିନ୍ନ ହାଟରେ ଏନଫୋର୍ସମେଣ୍ଟକୁ କଡା କଡ଼ି କରାଯିବ। ହାଟ ଭିତରେ ବ୍ୟବସାୟୀ ଜରିପାଲ ଟାଣି ପାରିବେନି। ହାଟରେ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ସେହିପରି ରାସ୍ତା ବ୍ୟବସାୟୀ ଉପରକୁ ମାଡ଼ି ପାରିବେନି। ଏକ ନମ୍ବର ମାର୍କେଟକୁ ମଡର୍ଣ୍ଣ ମାର୍କେଟ କରିବାକୁ ୧୮୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ପାତ୍ରପଡ଼ା ଭଗବାନପୁର ହୋଲସେଲ୍‌ଫ ମାର୍କେଟ ପାଇଁ ଟଙ୍କାର ଅଭାବ ରହିଛି। ଏସବୁ ପାଇଁ ସରକାର ଅର୍ଥ ଯୋଗେଇ ଦେଲେ କାମ ଆଗକୁ ବଢ଼ିବ ବୋଲି ମେୟର କହିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସିଏମ୍ଆର୍ଏଫ୍ ସହ ବିଏମ୍‌ସି ନିଜସ୍ୱ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ବିଚାରବିମର୍ଶ କରାଯାଉଥିବା ନେଇ ମେୟର କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ରାଜଧାନୀର ସର୍ବାଧିକ ଜନଗହଳିପୂର୍ଣ୍ଣ ୧ନମ୍ବର ହାଟର ବିକାଶ ପାଇଁ ପରିକଳ୍ପନା କରିଥିଲା ବିଏମସି। ୩ ଏକର ଜାଗାରେ ପ୍ରାୟ ୨ ହଜାର ବ୍ୟବସାୟୀ ବସିବା ଭଳି ଏକ ଅତ୍ୟାଧୁନିକ ମାର୍କେଟ୍ କମ୍ପେଲକ୍ସର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ୪୨ଟି ସରକାରୀ କ୍ୱାର୍ଟର୍ସ ସହ ଦୁଇଟି ବସ୍ତି ଉଚ୍ଛେଦ କରାଯାଇଥିଲା। ୧୧ ବର୍ଷ ପରେ ଏହି ପ୍ରକଳ୍ପ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ବିଳମ୍ବିତ ପ୍ରକ୍ରିୟା କାରଣରୁ ପରିବା ମାର୍କେଟ ଚାରିପାଖରେ ପୁଣି ଥରେ ବସ୍ତି ଗଢି ଉଠିଥିବା ବେଳେ ୧ନଂ ହାଟକୁ ସବୁ ସମୟରେ ଅଗ୍ନିକାଣ୍ଡର ଭୟ ରହିଛି। ସେପଟେ ନାଳିଫିତା ତଳେ ଚାପି ହୋଇ ରହିଛି ୟୁନିଟ ୧ ମାର୍କେଟ ବିକାଶ ନକସା। ଏହି ବିଳମ୍ବିତ ପ୍ରକ୍ରିୟା କାରଣରୁ ଯେଉଁ ବସ୍ତି ଉଚ୍ଛେଦ ହୋଇଥିଲା, ତାହା ପୁଣି ଗଢ଼ି ଉଠିଲାଣି। ଏଣେ ହାଟର ବ୍ୟବସାୟୀମାନେ ପ୍ରତି ମୁହୂର୍ତ୍ତରେ ଭୟର ବାତାବରଣ ଭିତରେ ରହୁଛନ୍ତି। ବିଶେଷକରି ହାଟକୁ ସବୁବେଳେ ନିଆଁ ଡର ଲାଗିରହିଛି।








**ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଗିରଫକୁ ବିରୋଧ କରି ବ୍ରହ୍ମପୁରରେ ବିଜେଡ଼ି ପକ୍ଷରୁ ବିଶାଳ ଶୋଭାଯାତ୍ରା**

# ଏମ୍‌କେସିଜିରେ ଖୁବ୍‌ଶୀଘ୍ର ୧୦ ଶଯ୍ୟା ବିଶିଷ୍ଟ ଏମ୍‌ଏନ୍‌ସିୟୁ

## ଏକାଠି ଚିକିତ୍ସିତ ହେବେ ମା’ ଓ ନବଜାତକ

## ଭିତ୍ତିଭୂମି ଯୋଗାଇବ ଏନ୍‌ଏଚ୍‌ଏମ୍ ଓ ୟୁନିସେଫ୍

ବ୍ରହ୍ମପୁର,୨୩।୧୦(ସମିସ)




ଅସୁସ୍ଥ ମା’ ଓ ନବଜାତ ଶିଶୁଙ୍କୁ ଏକାଠି ଚିକିତ୍ସା କରିବା ନିମନ୍ତେ ଏମକେସିଜି ମେଡ଼ିକାଲରେ ପ୍ରକ୍ରିୟା ଆରମ୍ଭ ହୋଇଛି। ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ୫ମ ମହଲାରେ ଖୁବଶୀଘ୍ର ଏମଏନସିୟୁ(ମାତୃ ଓ ନବଜାତ ଶିଶୁ ଯତ୍ନ ୟୁନିଟ) ଆରମ୍ଭ ହେବାକୁ ଯାଉଛି। ଫଳରେ ଚିକିତ୍ସା ସମୟରେ ଉଭୟ ମା ଓ ଶିଶୁ ଏକାଠି ଚିକିତ୍ସା ସେବା ପାଇପାରିବେ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି। ରାଜ୍ୟରେ ଅନ୍ୟ କୌଣସି ସରକାରୀ ହସ୍ପିଟାଲରେ ମାତୃ ଓ ନବଜାତ ଶିଶୁଙ୍କ କେୟାର ୟୁନିଟ ନଥିବା ବେଳେ ଏମ୍‌କେସିଜି ମେଡ଼ିକାଲରେ ଏହି ସେବା ପ୍ରଥମ କରି ଆରମ୍ଭ ହେବାକୁ ଯାଉଛି।

ପୂର୍ବରୁ ମେଡ଼ିକାଲରେ ନବଜାତଙ୍କ ଚିକିତ୍ସା ନିମନ୍ତେ ଏସ୍‌ଏନ୍‌ସିୟୁ(ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍) ରହିଥିବା ବେଳେ ଏଠାର ଗୁରୁତର ନବଜାତ ଶିଶୁଙ୍କ ଚିକିତ୍ସା କରାଯାଏ। କିନ୍ତୁ ଏହି ସମୟରେ ଉକ୍ତ ଶିଶୁଙ୍କ ମା’ମାନଙ୍କ ରହିବା ଏବଂ ଚିକିତ୍ସା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଏଭଳି କ୍ଷେତ୍ରରେ ଉଭୟ ମା’ ଓ ଶିଶୁଙ୍କୁ ପୃଥକ ପୃଥକ ବିଭାଗରେ ରଖି ଚିକିତ୍ସା କରାଯାଉଥିଲା। ଫଳରେ ଚିକିତ୍ସିତ ମା’ ଆବଶ୍ୟକ ସ୍ଥଳେ ଶିଶୁଙ୍କୁ ସାକ୍ଷାତ କରିବା ସହ ସ୍ତନ୍ୟପାନ କରାଇବାରେ ସମସ୍ୟା ରହିଥିଲା।

ଯାହାକୁ ଦୃଷ୍ଟିରେ ରଖି ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ଏମକେସିଜି ମେଡିକାଲରେ ୧୦ଶଯ୍ୟା ବିଶିଷ୍ଟ ନୂତନ ଏମଏନସିୟୁ ସ୍ଥାପନ ହେବାକୁ ଯାଉଛି। ଏନେଇ ଗୁରୁବାର ୟୁନିସେଫ ଟିମ ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଏହା ସହ ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ କୋଠାରେ ହେବାକୁ ଥିବା ୟୁନିଟ ପରିଦର୍ଶନ କରିଛନ୍ତି। ନୂତନ ଏମ୍‌ଏନ୍‌ସିୟୁ କେଉଁ ଢାଞ୍ଚାରେ ନିର୍ମାଣ ହେବ ସେନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦୁଇମାସ ମଧ୍ୟରେ ଏହି ଏମ୍‌ଏନ୍‌ସିୟୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରହିଛି। ଏଥିନିମନ୍ତେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଏନ୍‌ଏଚ୍‌ଏମ୍ ଓ ୟୁନିସେଫ ପକ୍ଷରୁ ଯୋଗାଇଦିଆଯିବ ବୋଲି ଜଣାପଡିଛି। ସେହିପରି ଗୁରୁତର ଶିଶୁଙ୍କ ନିମନ୍ତେ ଫଟୋ ଥେରାପି ୟୁନିଟ ସହ ମା’ଙ୍କ ପାଇଁ ଉନ୍ନତମାନର କିଚେନର ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ଏଭଳି ଭାବେ ନୂତନ ମାତୃ ଓ ନବଜାତ ଶିଶୁ କେୟାର ୟୁନିଟକୁ ସମସ୍ତ ଅତ୍ୟାବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ। ସେହିପରି ଉଭୟ ମା’ ଓ ଶିଶୁଙ୍କ ଚିକିତ୍ସା ପାଇଁ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଓ ଶିଶୁରୋଗ ବିଭାଗର ଡାକ୍ତର ଉକ୍ତ ସ୍ଥାନରେ ନିୟୋଜିତ ହେବେ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ଦ୍ୱାରା ଉଭୟ ମା ଓ ଶିଶୁ ଏକା ସାଙ୍ଗରେ ଗୋଟିଏ ସ୍ଥାନରେ ଚିକିତ୍ସିତ ହୋଇପାରିବେ। ଫଳରେ ବହୁ ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଇଛି।

# ବ୍ରହ୍ମପୁରରୁ ଏମ୍ ଫାର୍ମା ଛାତ୍ର ନିଖୋଜ

**● ପୁଅର ଫଟୋ ଧରି ଖୋଜୁଛନ୍ତି ବାପା**

ବ୍ରହ୍ମପୁର,୨୩।୧୦(ସମିସ): ବ୍ରହ୍ମପୁରରେ ଜଣେ ଏମ୍ ଫାର୍ମା ଦ୍ୱିତୀୟ ବର୍ଷର ଛାତ୍ର ମଙ୍ଗଳବାର ଠାରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ଛାତ୍ର ହେଲେ ଅନୁଗୁଳ ଜିଲ୍ଲା କଳମଛୁଇଁ ଗ୍ରାମର ରଞ୍ଜିତ ସାହୁଙ୍କ ପୁଅ ଦେବାଶିଷ ସାହୁ (୨୩)। ପୁଅର ଖୋଜଖବର ନମିଳିବାରୁ ବାପା ରଞ୍ଜିତ ସାହୁ ବ୍ରହ୍ମପୁର ସହରରେ ନିଖୋଜ ପୁଅର ଫଟୋକୁ ଧରି ଖୋଜାଖୋଜି କରୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଦେବାଶିଷ ରୟାଲ କଲେଜରେ ଏମ୍ ଫାର୍ମା ଦ୍ୱିତୀୟ ବର୍ଷର ଛାତ୍ର ଏବଂ କଲେଜ ନିକଟସ୍ଥ ତାରିଣୀ ନିବାସରେ ଭଡ଼ାରେ ରହୁଥିଲେ। ବାପା ରଞ୍ଜିତ ପୁଅକୁ ଫୋନ କରିବାରୁ ତାହା ସୁଇଚ୍ ଅଫ୍ ଥିଲା। ପରେ ସେ ଗୃହମାଲିକଙ୍କୁ ଫୋନ୍ କରିବାରୁ ଦେବାଶିଷ ବୁଧବାର ଘରକୁ ଯିବେ ବୋଲି କହୁଥିବା ସେ କହିଥିଲେ। ତେବେ ଦେବାଶିଷ ଘରକୁ ଯାଇନଥିଲେ। ଫଳରେ



ମଙ୍ଗଳବାର ଠାରୁ ଦେବାଶିଷ ରହୁଥିବା ଭଡ଼ା ଘରୁ ନିଖୋଜ ଥିବା ନେଇ ବାପା ରଞ୍ଜିତ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଦେବାଶିଷଙ୍କୁ ଖୋଜାଖୋଜି କରୁଛି। ସେପଟେ ପୁଅର ସନ୍ଧାନରେ ବାପା ରଂଜିତ ମଧ୍ୟ ଫଟୋ ଧରି ବିଭିନ୍ନ ସ୍ଥାନରେ ବୁଲି ଖୋଜୁଛନ୍ତି।

# ଏମ୍‌କେସିଜିରେ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଦାବି

ବ୍ରହ୍ମପୁର,୨୩।୧୦(ସମିସ)




ଏମ୍‌କେସିଜି ମେଡିକାଲ୍ ଉପରେ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ରୋଗୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବାରେ ଏବଂ ଏଥିରେ ସୁଧାର ଆଣିବାରେ ମେଡିକାଲ୍ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଦୃଷ୍ଟିଗୋଚର ହେଉଥିବା ଅଭିଯୋଗ ହୋଇଛି। ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ବରିଷ୍ଠ ନାଗରିକମାନେ ନିଦାନ ପଞ୍ଜୀକରଣ କାଉଣ୍ଟର(ଆର୍‌ଡିସି) ଠାରୁ ଆରମ୍ଭ କରି ପ୍ରତ୍ୟେକ କାଉଣ୍ଟରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି।

ଏଭଳି ସ୍ଥିତିରେ ଚିକିତ୍ସା ଆଶାରେ ମେଡ଼ିକାଲକୁ ଆସିଥିବା ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ସ୍ୱରୁପ ପୂର୍ବରୁ ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବି ଫଳରେ ପୂର୍ବତନ ମେଡିକାଲ୍ ଅଧୀକ୍ଷକ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲି ବୃଦ୍ଧ ବୃଦ୍ଧାଙ୍କ ପାଇଁ ସୁବିଧା କରିଥିବା ବେଳେ ବର୍ତ୍ତମାନ ଏହି ସୁବିଧା ବନ୍ଦ ରହିଥିବା ମଞ୍ଚ ଅଭିଯୋଗ କରିଛି। ଫଳରେ ଚିକିତ୍ସା ନିମନ୍ତେ ଆସୁଥିବା ବରିଷ୍ଠ ନାଗରିକଙ୍କୁ ପୁଣିଥରେ ଭିଡ଼ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି। ମେଡିକାଲ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ବୟସକୁ ଆଦୌ ଦୃଷ୍ଟି ଦିଆଯାଉନାହିଁ। ଏଣୁ ବରିଷ୍ଠ ନାଗରିକଙ୍କ ପାଇଁ ଆରଡିସିରେ ତୁରନ୍ତ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଉପଦେଷ୍ଟା କେ. ନନ୍ଦେସୁ ସେନାପତି ଦାବି କରିଛନ୍ତି।

**ବ୍ରହ୍ମପୁର ଜେଲ୍‌ରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ରହିଛି ବିପଦ!**

# ଫୁଲବାଣୀ ଜେଲ୍‌କୁ ସ୍ଥାନାନ୍ତର ପାଇଁ କୋର୍ଟରେ ଜେଲର୍‌ଙ୍କ ଆବେଦନ

ବ୍ରହ୍ମପୁର,୨୩।୧୦(ସମିସ): ବ୍ରହ୍ମପୁର ଜେଲରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ରହିଛି। ଏଭଳି ଆଶଙ୍କା କରି ପିଣ୍ଟୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଛନ୍ତି ବ୍ରହ୍ମପୁର ମଣ୍ଡଳ କାରାଗାରର ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝି। ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ। ତେବେ ପିଣ୍ଟୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ତଥା ପିଣ୍ଟୁଙ୍କ ଉପରକୁ ପୂର୍ବରୁ ବିଭିନ୍ନ ସମୟରେ ହୋଇଥିବା ଗୁଳିକାଣ୍ଡ ଓ ବୋମାମାଡ ଘଟଣାର ଅଭିଯୁକ୍ତମାନେ ବର୍ତ୍ତମାନ ଜେଲରେ ସଜା କାଟୁଛନ୍ତି।

ସେମାନଙ୍କ ଠାରୁ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ପିଣ୍ଟୁଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର



କରିବାକୁ ଜେଲର କୋର୍ଟରେ କରିଥିବା ଆବେଦନକୁ କୋର୍ଟ ଗ୍ରହଣ କରିଥିବା ଜଣାପଡିଛି। ଫଳରେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପିଣ୍ଟୁଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଇପାରେ ବୋଲି ଜେଲ ସୂତ୍ରରୁ ସୂଚନା ମିଳିଛି।

# ବୃନ୍ଦାବନ ନାୟକଙ୍କ ଜୟନ୍ତୀ ପାଳିତ, ସ୍ମରଣିକା ଉନ୍ମୋଚିତ

ବ୍ରହ୍ମପୁର,୨୩।୧୦(ସମିସ): ହିଲପାଟଣା ସ୍ଥିତ ଏସ୍‌ଏମଆଇଟି ସମ୍ମିଳନୀ କକ୍ଷରେ ବୃନ୍ଦାବନ ନାୟକ ସ୍ମୃତି କମିଟି ପକ୍ଷରୁ କର୍ମବୀର ବୃନ୍ଦାବନ ନାୟକଙ୍କ ୧୧୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଡ. ଭଗବାନ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବାୟାମନୁ ଚର୍ଚ୍ଚି ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ କମିଟି ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ ସହ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ପକ୍ଷରୁ କମାପଲ୍ଲୀ ଛକ ନିକଟରେ ଥିବା ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଦୈନିକ ଆଶା ସମ୍ପାଦକ ପ୍ରମୋଦ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଏସ୍‌ଏମଆଇଟି ସଂପାଦକ ଜାମୁଲା ଶଙ୍କର ନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଡ. ସୋନାଲି ଗନ୍ତାୟତ, ଏସଏମଆଇଟିର ଅଧ୍ୟକ୍ଷ ଡ଼. ହରିଶ ବେହେରା, ପ୍ରଭାକର ସାହୁ ଓ ରବି ପଟ୍ଟନାୟକଙ୍କ ସମେତ ବହୁ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ସଂସ୍କାରବାଦୀ ପକ୍ଷରୁ ମଧ୍ୟ ବୃନ୍ଦାବନ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନର ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତରେ କମାପଲ୍ଲୀ ଛକରେ ପୁଷ୍ପମାଲ୍ୟା ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଶେଷରେ ଲଳିତ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର, ବୃନ୍ଦାବନ ଖଟେଇ, ପ୍ରଭାତ କୁମାର ମିଶ୍ର, ସୁରେଶ ଜେନା, କବିରାଜ ସାହୁ, ବିଜୟ କୁମାର ବେହେରା, କାହ୍ନୁ ଚରଣ ପତି, ପ୍ରଣବ କୁମାର ପଣ୍ଡା, ଶିବ ପ୍ରସାଦ ମିଶ୍ର, ଅଶୋକ ଦଳାଇ, ଭଗବାନ ଗନ୍ତାୟତ, ପ୍ରମୋଦ କୁମାର ସାହୁ, ବିଦ୍ୟାଧର ମହାରଣା, ଟି. ସଦାନନ୍ଦ ରାଓ, ଟି. ଗୋପୀ, ଶରତ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





# ଶ୍ରୀକ୍ଷେତ୍ର ସିଟି

୨୩/୧୦/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୪,୦୦୯/-
ସୁନା: ୦୫.୬୫୦ ଗ୍ରାମ୍
ରୁପା: ୦୮.୪୦୦ ଗ୍ରାମ୍







# ପରିକ୍ରମା ମାର୍ଗରେ ଭକ୍ତଙ୍କୁ ଶୋଷଣ

## ବାଇକ୍ ପାର୍କିଂ ନାଁରେ ଦୁର୍ବୃତ୍ତ ଲୁଟୁଛନ୍ତି ଟଙ୍କା

ପୁରୀ,୨୩।୧୦(ସମିସ)



ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କୁ ମୌଳିକ ସେବା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ପରେ ଏହି ପ୍ରକଳ୍ପ ଆଜି ଭକ୍ତଙ୍କୁ ସେବା ଯୋଗାଇ ଦେଉଛି। ପରିକ୍ରମା ମାର୍ଗରେ ବାଇକ୍ ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି। ବାଇକ୍ ଆଣି ଆସୁଥିବା ଶ୍ରଦ୍ଧାଳୁମାନେ ଏହି ଜାଗାରେ ପାର୍କିଂ କରି ଯେପରି ସହଜରେ ମନ୍ଦିରକୁ ଯାଇପାରିବେ ସେଥିଲାଗି ବ୍ୟବସ୍ଥା କରାଯାଇଛି। ହେଲେ କିଛି ଦୁର୍ବୃତ୍ତ ଏବେ ପରିକ୍ରମା ମାର୍ଗକୁ ନିଜ ଆୟର ପନ୍ଥା ଭାବେ ବାଛି ନେଇଛନ୍ତି। ପାର୍କିଂ ସ୍ଥଳରେ ବାଇକ୍ ରଖିଲେ ସେମାନେ ଫି’ ଆଦାୟ କରୁଛନ୍ତି। ବାଇକ୍ ପିଛା ୨୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ବାହାରୁ ଆସୁଥିବା ଭକ୍ତମାନେ ନିଜ ଗାଡ଼ି ସୁରକ୍ଷିତ ରହିବ ଭାବି କିଛି ନ କହି ଟଙ୍କା ବି ବଢ଼ାଇ ଦେଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ନା ସେମାନଙ୍କୁ କେହି ରସିଦ୍ ଦେଉଛି ନା ଗାଡ଼ି ସୁରକ୍ଷିତ ରହିବାର କିଛି ଗ୍ୟାରେଣ୍ଟି ଅଛି। ଏମିତି ପ୍ରତିଦିନ କିଛି ନିର୍ଦ୍ଦିଷ୍ଟ ଦୁର୍ବୃତ୍ତ ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ରହି ଭକ୍ତଙ୍କୁ ଏଭଳି ଶୋଷଣ କରୁଛନ୍ତି।

ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ ତିଆରି କରାଯାଇଛି। ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ଅଞ୍ଚଳରେ ଥିବା ବିଭିନ୍ନ ନିର୍ମାଣ ଉଚ୍ଛେଦ କରାଯାଇ ଭକ୍ତମାନଙ୍କ ନିମନ୍ତେ କେତେକ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ବାଇକ୍ ପାର୍କିଂ ଅନ୍ୟତମ। ପରିକ୍ରମା ମାର୍ଗର ଶେଷ ଭାଗରେ ସ୍ୱତନ୍ତ୍ର ଭାବେ ବାଇକ୍ ପାର୍କିଂର ସୁବିଧା କରାଯାଇଛି। ଯେଉଁ ଭକ୍ତମାନେ ବାଇକ୍‌ରେ ଆସିବେ ସେମାନେ ଗାଡ଼ି ପାର୍କିଂ କରି ଦର୍ଶନ ପାଇଁ ଯାଇପାରିବେ। ତେବେ ଏହାକୁ କିଛି ଦଲାଲ୍ ଶ୍ରେଣୀର ଲୋକେ ଆୟର ଏକ ପନ୍ଥା ଧରି ନେଇଛନ୍ତି। ସେମାନେ ଶ୍ରୀମନ୍ଦିର ଚତୁଃପାଶ୍ୱର୍ ବିଭିନ୍ନ ସ୍ଥାନରେ ଛିଡ଼ା ହେଉଛନ୍ତି।

ହେଲ୍‌ମେଟ୍, ବ୍ୟାଗ୍ ଆଦି ପକାଇ ବାଇକ୍‌ରେ ଆସୁଥିବା ଭକ୍ତଙ୍କୁ ଟାର୍ଗେଟ୍ କରୁଛନ୍ତି। ସେମାନେ ବାହାରୁ ଆସିଥିବା ଅନୁମାନ ଲଗାଇବା ପରେ ପହଞ୍ଚି ଯାଉଛନ୍ତି। ସମ୍ପୃକ୍ତ ଶ୍ରଦ୍ଧାଳୁ ବାଇକ୍ ପାର୍କିଂ କରିବାକ୍ଷଣି ତାଙ୍କ ପାଖରେ ପହଞ୍ଚି ପାର୍କିଂ ଫି’ ୨୦ ଟଙ୍କା ମାଗୁଛନ୍ତି। ଯେହେତୁ ସେ ଦୂରରୁ ଆସିଛନ୍ତି ଏଠାରେ ପାର୍କିଂ ପାଇଁ ଟଙ୍କା ଦେବାକୁ ପଡୁଛି କି ନାହିଁ ଜାଣୁନାହାନ୍ତି, ତେଣୁ ଗାଡ଼ି ଯେପରି ସୁରକ୍ଷିତ ଭାବେ ରହିବ ତେଣୁ ୨୦ ଟଙ୍କା ବଢ଼ାଇ ଦେଉଛନ୍ତି। ରସିଦ୍ ମାଗିଲେ ଏହା ଦରକାର ନାହିଁ, ଆପଣ ଦର୍ଶନ କରି ଆସନ୍ତୁ ଆମେ ଅଛୁ ବୋଲି ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି କହୁଛନ୍ତି। ଏଥିରେ ବିଶ୍ୱାସ କରି ଭକ୍ତଟିଏ ବାଇକ୍ ରଖି ୨୦ ଟଙ୍କା ଦେଇ ଚାଲିଯାଉଛି। ଏମିତି ପ୍ରତିଦିନ ହଜାର ହଜାର ଟଙ୍କା ଅସାମାଜିକ ବ୍ୟକ୍ତିମାନେ ପାର୍କିଂ ନାଁରେ ପରିକ୍ରମା ମାର୍ଗରୁ ଲୁଟ୍ କରୁଛନ୍ତି। ବଡ଼ କଥା ହେଉଛି ଶ୍ରୀମନ୍ଦିର ଚତୁଃପାଶ୍ୱର୍ରେ ମାଳମାଳ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ହେଲେ ସେମାନେ କିପରି ଏହା ଜାଣିପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଶ୍ରୀକ୍ଷେତ୍ରରେ ଭ୍ରାତୃ ଦ୍ୱିତୀୟା

# ଭାଇଙ୍କ ଶୁଭ ମନାସିଲେ ଭଉଣୀ

ପୁରୀ,୨୩।୧୦(ସମିସ): ଭ୍ରାତୃ ଦ୍ୱିତୀୟାରେ ଭଉଣୀମାନେ ଭାଇଙ୍କ ଶୁଭ ମନାସିବା ସହ ମିଷ୍ଟାନ୍ନ ଖୁଆଇ ସନ୍ତୁଷ୍ଟ କରିବାର ପରମ୍ପରା ରହିଛି। ସ୍ୱୟଂ ଯମରାଜଙ୍କ ଭଉଣୀ ଯମୁନା ତାଙ୍କ ଭାଇ ଯମଙ୍କୁ ମିଷ୍ଟାନ୍ନ ଖୁଆଇଥିଲେ। ସେହି ଉପଲକ୍ଷେ ଗୁରୁବାର ଯମେଶ୍ୱରଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଭଉଣୀମାନେ ପ୍ରଭୁ ଯମେଶ୍ୱରଙ୍କୁ ଆରାଧନା କରି ନିଜ ଭାଇଙ୍କ ଶୁଭ ମନାସିଥିଲେ। କାର୍ତ୍ତିକ ଅମାବାସ୍ୟାର ଦ୍ୱିତୀୟ ଦିନରେ ପାଳିତ ହୋଇଥାଏ ଏହି ଭ୍ରାତୃ ଦ୍ୱିତୀୟା। ଯମେଶ୍ୱରଙ୍କ ପୀଠରେ ଏହା ପ୍ରମୁଖ ପର୍ବ। ଏଥିପାଇଁ ରାତିରୁ ଦ୍ୱାର ଫିଟାଯାଇ ମନ୍ଦିର ଶୋଧ କରାଯାଇଥିଲା। ଏହାପରେ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତି ସମ୍ପନ୍ନ ହୋଇଥିଲା। ପ୍ରଭୁ ଯମେଶ୍ୱରଙ୍କ ଆରାଧନା କରି ଝିଅମାନେ ନିଜ ଭାଇଙ୍କ ଶୁଭ ମନାସିଥିଲେ। ଏଥିସହ ଯମଙ୍କ ମୂର୍ତ୍ତି ନିକଟରେ ବେଣ୍ଟମୁଆଁ, କଦଳୀ, ଖଇକୋରା ଆଦି ପୂଜା କରିଥିଲେ। ସେହିପରି ହବିଷ୍ୟାଳିମାନେ ସ୍ୱର୍ଗପ୍ରାପ୍ତି ଆଶାରେ ପ୍ରଭୁ ଯମେଶ୍ୱରଙ୍କୁ ଦର୍ଶନ କରିବା ସହିତ ମନ୍ଦିର ପରିସର ଅଶ୍ୱତ୍ଥ ବୃକ୍ଷ ମୂଳରେ ନିଶୁଣି ଚିତ୍ର ଆଙ୍କିଥିଲେ। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର)ଙ୍କ ମନ୍ଦିର ରହିଛି। ଗୌଡ଼ବାଡ଼ ସାହିରେ ପ୍ରତିଷ୍ଠିତ ଶ୍ରୀଯମେଶ୍ୱର ପଞ୍ଚପାଣ୍ଡବଙ୍କ ମଧ୍ୟରେ ଧର୍ମରାଜ ଯୁଧିଷ୍ଠିର ରୂପେ ପରିଗଣିତ। କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ବା ଯମ ଦ୍ୱିତୀୟା ଏଠାରେ ଆଡ଼ମ୍ବର ସହକାରେ ପାଳିତ ହୁଏ। କାର୍ତ୍ତିକ ବ୍ରତଧାରୀ ଯମେଶ୍ୱରଙ୍କୁ ଦର୍ଶନ ପାଇଁ ଆସନ୍ତି। ବିଶ୍ୱାସ ରହିଛି ଏହିଦିନ ଯମେଶ୍ୱରଙ୍କୁ ଦର୍ଶନ କଲେ ଯମଦଣ୍ଡ ଭୋଗିବାକୁ ପଡ଼େନାହିଁ। ଏଥିସହ ସ୍ୱର୍ଗପ୍ରାପ୍ତି ମଧ୍ୟ ମିଳିଥାଏ।

## ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

# ପ୍ରାଚୀନ ଐତିହ୍ୟ ପୁରୀର ମୂଳ ପରିଚୟ

ପୁରୀ,୨୩।୧୦(ସମିସ)

ପୁରୀ ବିକାଶ ପରିଷଦ ପକ୍ଷରୁ ଗୁରୁବାର ସରକାରୀ ମହିଳା ମହାବିଦ୍ୟାଳୟରେ ପୁରୀ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ପ୍ରମୋଦ କୁମାର ଷଡ଼ଙ୍ଗୀ ଏବଂ ସମାଜସେବୀ ଚକ୍ରଧର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ କହିଥିଲେ, ପୁରୀର ଆଧ୍ୟାତ୍ମିକ ପରିବେଶ, ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ବିଶ୍ୱରେ ଅଦ୍ୱିତୀୟ। ଭବିଷ୍ୟତ ବଂଶଧରଙ୍କ ପାଇଁ ଏସବୁର ସୁରକ୍ଷା କରାଯିବା ଉଚିତ୍। ରାଜ୍ୟ ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ଦେବା ଦରକାର। ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ବ୍ୟାପକ ପ୍ରଚାରପ୍ରସାର ଆବଶ୍ୟକ। ପୁରୀକୁ ସମ୍ପୂର୍ଣ୍ଣ ମଦମୁକ୍ତ ଏବଂ ଆମିଷମୁକ୍ତ କରାଯିବାର ଆବଶ୍ୟକତା ରହିଛି। ପୁରୀ ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଏବଂ ସର୍ବଧର୍ମ ସମନ୍ୱୟ କେନ୍ଦ୍ର। ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ପରିଚୟ। ପ୍ରାଚୀନ ଐତିହ୍ୟ ଏବଂ ଭକ୍ତଙ୍କ ଧାର୍ମିକ ଭାବାବେଗକୁ ଦୃଷ୍ଟିରେ ରଖି ବିକାଶ ଯୋଜନା ପ୍ରସ୍ତୁତ ହେବା ଦରକାର। ପ୍ରାଚୀନ ଐତିହ୍ୟ ଏହାର ମୂଳ ପରିଚୟ। ତାହାର ସୁରକ୍ଷାରେ ସରକାର, ସ୍ଥାନୀୟ ଅଧିବାସୀ ଓ ଭକ୍ତଙ୍କ ମିଳିତ ଉଦ୍ୟମ କରାଯିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସେହିପରି ଶ୍ରୀଜଗନ୍ନାଥ ଚେତନା ବିଶ୍ୱର କୋଟି କୋଟି ଲୋକଙ୍କୁ ଅନୁପ୍ରାଣିତ କରିଛି। ଯୁବଗୋଷ୍ଠୀ ସାଂସ୍କୃତିକ ବିଭବର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ କରିଛନ୍ତି। ଏହାଛଡ଼ା ଶ୍ରୀଜଗନ୍ନାଥ ସଂସ୍କୃତିର ଅପପ୍ରଚାର କରି ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଥିବା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେଥିରେ ମତପ୍ରକାଶ ପାଇଛି। ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ବିଭୁପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦ ଉପସଭାପତି ସୁକାନ୍ତ କୁମାର ପଣ୍ଡା, ଡ. ରାଧେଶ୍ୟାମ ରଥ, ସଂଗଠନ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ଗୋବିନ୍ଦ ଦାସ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## କମିଶନ ଲୋଭ

# ଡାକ୍ତର ଭୁଲି ଯାଉଛନ୍ତି କି ଧର୍ମ !

**ଉଦ୍‌ବେଗ ପ୍ରକାଶ କଲା ଆପ୍**

ପୁରୀ,୨୩।୧୦(ସମିସ)

ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ ହେଉଛି। ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଯେପରି ମାଗଣାରେ ଯଥାସମ୍ଭବ ଉତ୍ତମ ଚିକିତ୍ସା ସୁବିଧା ପାଇବେ ସେଥିପାଇଁ ଭିତ୍ତିଭୂମିର ବିକାଶଠାରୁ ଆରମ୍ଭ କରି ବିଭିନ୍ନ ଡାକ୍ତରୀ ପରୀକ୍ଷା, ଔଷଧ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ଏମିତି କିଛି ଡାକ୍ତର ଅଛନ୍ତି ଯେଉଁମାନଙ୍କର ଘରୋଇ ହସ୍ପିଟାଲ, ପାଥୋଲାବ୍ ଏବଂ ମେଡିସିନ୍ ଦୋକାନ ପ୍ରୀତି ରହିଛି। କମିଶନ ଲୋଭରେ ସେମାନେ ତାଙ୍କ ଧର୍ମକୁ ଭୁଲି ଯାଉଛନ୍ତି। ରୋଗୀଙ୍କୁ ଘରୋଇ ହସ୍ପିଟାଲ, ପାଥୋଲାବ୍ ଏବଂ ମେଡିସିନ ଦୋକାନକୁ ପଠାଇଥା’ନ୍ତି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମିତି କିଛି ଡାକ୍ତରଙ୍କ ନାଁରେ ପୂର୍ବରୁ ଅଭିଯୋଗ ରହି ଆସିଥିବାବେଳେ ପୁଣି ଏହାର ପୁନରାବୃତ୍ତି ଘଟିଛି। ଗୋଡ଼, ହାତ ଦରଜ ଏବଂ ଆଣ୍ଠୁଗଣ୍ଠି ଫୁଲି ଯାଇଥିବା ଜଣେ ରୋଗୀଙ୍କୁ ଅଲ୍‌ଟ୍ରାସାଉଣ୍ଡ ଏବଂ ରକ୍ତ ପରୀକ୍ଷା କରିବା ଲାଗି ଡାକ୍ତର ଘରୋଇ ପାଥୋଲାବ୍‌କୁ ପଠାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

ସନ୍ଧ୍ୟାରାଣୀ ସିହ୍ନା ନାମକ ଜଣେ ମହିଳାଙ୍କ ଗୋଡ଼, ହାତ ଦରଜ ହେବା ସହ ଆଣ୍ଠୁଗଣ୍ଠି ଫୁଲି ଯାଇଥିଲା। ତେଣୁ ଡାକ୍ତରଙ୍କୁ ଦେଖାଇବା ପାଇଁ ସେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଆଉଟ୍‌ଡୋର୍‌ରେ ଥିବା ଜଣେ ଡାକ୍ତରଙ୍କୁ ସେ ତାଙ୍କ ରୋଗ ସମ୍ପର୍କରେ କହିଥିଲେ। ଡାକ୍ତର ତାଙ୍କୁ ଅଲ୍‌ଟ୍ରାସାଉଣ୍ଡ ଏବଂ ସିବିସି ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅଲ୍‌ଟ୍ରାସାଉଣ୍ଡ ଏବଂ ରକ୍ତ ପରୀକ୍ଷା କରିବେ ବୋଲି କହିଥିଲେ। ହେଲେ ସମ୍ପୃକ୍ତ ଡାକ୍ତର ତାଙ୍କୁ ମନା କରିଥିଲେ। ବାହାରେ ଥିବା ଏକ ଘରୋଇ ପାଥୋଲାବ୍‌ରେ କରିବା ପାଇଁ କହିଥିଲେ। ଏଥିରେ ତାଙ୍କର ସନ୍ଦେହ ହୋଇଥିଲା। ତାଙ୍କର ଗୋଡ଼, ହାତ ଦରଜ ହେଉଛି, ସେ ଅଲ୍‌ଟ୍ରାସାଉଣ୍ଡ କାହିଁକି କରିବେ ବୋଲି ପଚାରିବାରୁ ଡାକ୍ତର ବିରକ୍ତି ଭାବ ପ୍ରକାଶ କରିଥିଲେ। ଅଲ୍‌ଟ୍ରାସାଉଣ୍ଡ ଏବଂ ରକ୍ତ ପରୀକ୍ଷା କରିଆଣିବା ପରେ ସେ ଔଷଧ ଲେଖିବେ ବୋଲି କହିଥିବା ସନ୍ଧ୍ୟାରାଣୀ କହିଛନ୍ତି। କେବଳ ସନ୍ଧ୍ୟାରାଣୀ ନୁହନ୍ତି, ଏକାଧିକ ରୋଗୀ ଡାକ୍ତର ‘ନିରାମୟ’ରୁ ଔଷଧ ନ ଲେଖି ବାହାର ଔଷଧ ଦୋକାନରୁ ଆଣିବା ପାଇଁ ଲେଖୁଥିବା ପ୍ରାୟ ପ୍ରତିଦିନ ଅଭିଯୋଗ ହେଉଛି। ଏନେଇ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଅନେକ ଦିନରୁ ଅଭିଯୋଗ ଆସୁଥିଲା ଯେ, ଜଣେ ବରିଷ୍ଠ ଡାକ୍ତର ସବୁବେଳେ ବାହାରୁ ମେଡିସିନ୍ ଲେଖୁଛନ୍ତି। ସେହିପରି ଅଯଥା ଘରୋଇ ପାଥୋଲାବ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ବିଭିନ୍ନ ପ୍ରକାର ପରୀକ୍ଷା କରିବାକୁ କହୁଛନ୍ତି। ନିକଟରେ ଜଣେ ବରିଷ୍ଠ ନାଗରିକଙ୍କୁ ଘରୋଇ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ପଠାଇଥିଲେ। ସେଠାରେ ତାଙ୍କଠାରୁ ୧୨୦୦ ଟଙ୍କା ନିଆଯାଇଥିଲା। ଏ ନେଇ ଆପ୍ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା। ଏହାର ତଦନ୍ତ କରାଯାଉଥିବା ସିଡିଏମ୍‌ଓ କହିଥିଲେ। ଏବେ ପୁଣି ସମାନ ଅଭିଯୋଗ ଆସିଛି। ନିର୍ଦ୍ଦିଷ୍ଟ ପାଥୋଲାବ୍‌କୁ ସମ୍ପୃକ୍ତ ଡାକ୍ତର ବିଭିନ୍ନ ପରୀକ୍ଷା ଏପରିକି ଅନାବଶ୍ୟକ ମନେ ହେଉଥିବା ପରୀକ୍ଷା କରାଇବାକୁ ରୋଗୀଙ୍କୁ ପଠାଉଛନ୍ତି। ଯଦି ସରକାର ରୋଗୀଙ୍କ ପାଇଁ ଏତେ ସୁବିଧା ଯୋଗାଇ ଦେଇଛନ୍ତି ତେବେ ସାଧାରଣ ଜନତା ସୁଫଳ ପାଉନାହାନ୍ତି କାହିଁକି? ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଲ୍‌ଟ୍ରାସାଉଣ୍ଡ, ରକ୍ତ ପରୀକ୍ଷା ସୁବିଧା ଯଦି ନାହିଁ ତେବେ ଏଠାରେ କେଉଁ ପ୍ରକାର ସେବା ମିଳିପାରୁଛି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ଡାକ୍ତରମାନଙ୍କ ଧର୍ମ ହେଉଛି ରୋଗୀ ସେବା। ହେଲେ କିଛି ଡାକ୍ତର କମିଶନ ଲୋଭରେ ନିଜ ଧର୍ମକୁ ଭୁଲି ଯାଉଛନ୍ତି। ଡାକ୍ତରମାନେ ଘରୋଇ ହସ୍ପିଟାଲ, ପାଥୋଲାବ୍ ଏବଂ ଔଷଧ ଦୋକାନ ସହିତ ଭିତିରିଆ ବୁଝାମଣା କରି ରୋଗୀଙ୍କୁ ପଠାଉଥିବା ସେ ଅଭିଯୋଗ କରିଛନ୍ତି।

● **ହାବିଲ୍‌ଦାର ଓ କନଷ୍ଟେବଳ ସଂଘର ବାର୍ଷିକ ଉତ୍ସବ**

# ‘ଲୋକଙ୍କ ଭରସା, ବିଶ୍ୱାସକୁ ଅତୁଟ ରଖ’



ପୁରୀ,୨୩।୧୦(ସମିସ): ପୁରୀ ପୁଲିସ ଲାଇନ୍‌ରେ ବୁଧବାର ଓଡ଼ିଶା ପୁଲିସ ହାବିଲ୍‌ଦାର ଏବଂ କନଷ୍ଟେବଳ ଆସୋସିଏସନ ପୁରୀର ୪୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପୁରୀ ପୁଲିସ ଭଲ କାମ କରୁଛି। ପୁଲିସ ଉପରେ ଲୋକଙ୍କ ଯଥେଷ୍ଟ ଭରସା ଏବଂ ବିଶ୍ୱାସ ରହିଛି। ଆମେ ସେହି ଭରସା ଏବଂ ବିଶ୍ୱାସକୁ ଅତୁଟ ରଖିବା ସହିତ ଜନସାଧାରଣଙ୍କୁ ଯେପରି ଉତ୍ତମ ସେବା ପ୍ରଦାନ କରିବା ତା’ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ହାବିଲ୍‌ଦାର କନଷ୍ଟେବଳ ଆସୋସିଏସନ ପୁରୀର ସଭାପତି ସନ୍ତୋଷ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ୍ଷ ଦିଲ୍ଲୀପ ଭୋଇଙ୍କ ସହ ନିର୍ବାଚିତ ସଦସ୍ୟ ବଳରାମ ମଲ୍ଲିକ, ହେମନ୍ତ ସାହୁ, ଗୋଲେଖ ସାହୁ ଏବଂ ଆରତି ମହାରଣା ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ। ଏଥିରେ ପୁରୀ ଜିଲ୍ଲାର ସମସ୍ତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ହୋଇ ସଭାକୁ ଗୌରବାନ୍ୱିତ କରିଥିଲେ। ଏହି ଅବସରରେ ପୁଲିସ କର୍ମଚାରୀମାନଙ୍କ ମାନସିକ ଓ ସାମାଜିକ ଉନ୍ନତି ସହିତ ସଂଗଠନର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ସମାରୋହରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାନସଙ୍କୁ ଧନ୍ୟବାଦ ଜଣାଇଲେ ଅମିତ୍ ଶାହ

ପୁରୀ,୨୩।୧୦(ସମିସ): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଜନ୍ମଦିନ ଅବସରରେ ଗତ ମଙ୍ଗଳବାର ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁ ସ୍ୟାଣ୍ଡ ଆନିମେସନ୍ ମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ଏହି ବାର୍ତ୍ତାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଜ ‘ଏକ୍ସ’ ହ୍ୟାଣ୍ଡେଲରେ ପ୍ରଶଂସା କରି ମାନସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଥାଉ କି, ଏହି ସ୍ୟାଣ୍ଡ ଆନିମେସନକୁ ପ୍ରସ୍ତୁତ କରିବା ଲାଗି ମାନସଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ୧ ମିନିଟ୍‌ର ଏହି ସ୍ୟାଣ୍ଡ ଆନିମେସନ ଭିଡିଓଟିକୁ ମାନସ ପୁରୀରେ ଥିବା ତାଙ୍କ ସ୍ୟାଣ୍ଡ ଆନିମେସନ ଷ୍ଟୁଡିଓରେ ପ୍ରସ୍ତୁତ କରିଥିଲେ।

# ପିଲାଙ୍କ ଇଚ୍ଛା ଓ ଆଗ୍ରହକୁ ସମ୍ମାନ ଦେବା ଦରକାର

**ଅଦ୍ୱିକା ପ୍ରତିଭା ଚୟନ**

ପୁରୀ,୨୩।୧୦(ସମିସ)



ପୁରୀ ପୌରପାଳିକା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସଂସ୍କୃତି ଭବନଠାରେ ଅଦ୍ୱିକା କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତିଭା ଚୟନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରତ୍ୟେକ ପିଲା ମଧ୍ୟରେ ପ୍ରତିଭା ରହିଛି। ଏହାର ଉନ୍ମେଷ ଓ ବିକାଶ ପାଇଁ ପିତାମାତା, ଅଭିଭାବକ, ଗୁରୁମାନେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନେକ ସମୟରେ ପିଲାମାନଙ୍କ ପ୍ରତି ଚାପ ସୃଷ୍ଟି କରି ପିତାମାତା ନିଜର ଇଚ୍ଛାକୁ ତାଙ୍କ ଉପରେ ଲଦି ଦିଅନ୍ତି। ଯାହା ତାହାର ପ୍ରାକୃତିକ ପ୍ରତିଭାକୁ ପ୍ରଭାବିତ କରିଥାଏ ବୋଲି କହିବା ସହ ପିଲାଙ୍କ ଇଚ୍ଛା ଓ ଆଗ୍ରହକୁ ସମ୍ମାନ ଦେବାକୁ ଅନୁରୋଧ କରିଥିଲେ। ପୌରପାଳିକାର ସିଡିପିଓ ବିନୋଦିନୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ, ମମତାର ଡିପିସି ପ୍ରଣତି ମହାନ୍ତି ପ୍ରମୁଖ ଯୋଗଦେଇ କିଶୋର କିଶୋରୀଙ୍କ ସର୍ବାଙ୍ଗୀଣ ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ପାଇଁ ଅନୁରୋଧ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପୋଷଣର ବିସି ସର୍ବଶ୍ରୀ ପୃଷ୍ଟି, ପିଏ ପ୍ରଜ୍ଞା ପ୍ରିୟଦର୍ଶିନୀ, ସୁପରଭାଇଜର ପ୍ରଣତି ଟିନାରା, ଅଞ୍ଜଳି ମଲ୍ଲିକ, ଅଙ୍ଗନବାଡ଼ି କର୍ମୀ, ସହାୟକ ଓ କିଶୋରୀମାନେ ଯୋଗଦେଇଥିଲେ।

# ୬.୭୧ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ପୁରୀ,୨୩।୧୦(ସମିସ): ବ୍ରାଉନ୍‌ସୁଗର ବିକ୍ରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ତ୍ରିଦେବ ନଗରର ଆଶିଷ କୁମାର ରଥ। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଥାନା କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲେ। ସଙ୍ଗେ ସଙ୍ଗେ ଚଢ଼ଉ କରି ଆଶିଷଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୬.୭୧ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲେ। ଏ ନେଇ ଏକ ମାମଲା (ନଂ.୪୯୨/୨୫) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ନଗ୍ନ ଫଟୋ ଓ ଭିଡିଓ ଭାଇରାଲ ଧମକ; ଅଭିଯୁକ୍ତ ଗିରଫ

ପୁରୀ,୨୩।୧୦(ସମିସ): ଜଣେ ମହିଳାଙ୍କୁ ବଦ୍‌ନାମ କରିବା ପାଇଁ ତାଙ୍କ ନାମରେ ନଗ୍ନ ଫଟୋ ଓ ଭିଡିଓ ଭାଇରାଲ କରିଦେବାର ଧମକ ଦେବା ଅଭିଯୋଗରେ ତାଳବଣିଆ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭଦ୍ରକ ତିହିଡ଼ି ଥାନା ଅନ୍ତର୍ଗତ ରାଢ଼ଙ୍ଗର ପଙ୍କଜ ଦାସ (୨୮)। ପୁଲିସ ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ସେ ଦୁଇବର୍ଷ ହେବ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ବାହାରେ ରହୁଛନ୍ତି। ସେ ଓ ତାଙ୍କ ଝିଅ ପୁରୀରେ ରହୁଥିବାବେଳେ ଦେଢ଼ଶୁର ପ୍ରଦ୍ୟୁମ୍ନ ବିଶ୍ୱାଳ ୨୦୦୦ ଟଙ୍କା ଦାବି କରିଥିଲେ। ନଚେତ୍ ତାଙ୍କୁ ବଦ୍‌ନାମ କରିବା ପାଇଁ ତାଙ୍କ ନାମରେ ନଗ୍ନ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏ ନେଇ ସମ୍ପୃକ୍ତା ମହିଳା ଗତ ୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ନିକଟକୁ ଏକ ମୋବାଇଲ୍‌ରୁ ବାରମ୍ବାର କଲ୍ ଏବଂ ଭିଡିଓ କଲ୍ ଆସୁଥିଲା। ତାଙ୍କ ଦେଢ଼ଶୁର ଏବଂ ଜଣେ ଅଜଣା ବ୍ୟକ୍ତି ଦୀର୍ଘଦିନ ଧରି ଏକ ମୋବାଇଲ୍‌ରୁ ମହିଳାଙ୍କ ନଗ୍ନ ଫଟୋ ପଠାଇ ଟଙ୍କା ଦାବି କରୁଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା (ନଂ.୨୧୦/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଗୁରୁବାର ଅଭିଯୁକ୍ତ ପଙ୍କଜକୁ ଗିରଫ କରି କୋର୍ଟଚାଲାଣ କରିଛି।

# ପ୍ୟାନେଲ ଆଡ୍‌ଭୋକେଟ୍‌ଙ୍କୁ ଶିଶୁ ଅଧିକାର ସୁରକ୍ଷା ତାଲିମ

## ୭୦ ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କୁ ଦିଆଗଲା ପ୍ରଶିକ୍ଷଣ

ପୁରୀ,୨୩।୧୦(ସମିସ)




ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ୭୦ ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଆଡ୍‌ଭୋକେଟ୍‌ଙ୍କୁ ନେଇ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ତାଲିମ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ପ୍ରଶାସନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପୁରୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସେ କହିଥିଲେ, ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସେବାଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟିକରି ଶିଶୁମାନଙ୍କୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିବା ଜରୁରୀ। କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକାରୀ ହେଉଥିବା ସମସ୍ତ ଆଇନ ଯଥା- କିଶୋର ନ୍ୟାୟ ଆଇନ, ଶିଶୁମାନଙ୍କୁ ଯୌନ ଶୋଷଣ ସୁରକ୍ଷା ଆଇନ, ଶିଶୁ ଶ୍ରମ ନିଷେଧ ଅଧିନିୟମ, ବାଲ୍ୟବିବାହ ନିଷେଧ ଆଇନ ବିଷୟରେ ବିଷଦ୍ ଆଲୋଚନା ଓ ତାଲିମ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ ବିପଦରେ ପଡ଼ିଥିବା ବା ବିପଦବଳୟକୁ ଚାଲିଯିବାର ସମ୍ଭାବନା ଥିବା ଶିଶୁମାନଙ୍କୁ ଉଦ୍ଧାର, ଥଇଥାନ, ସାମାଜିକ ସମ୍ମିଶ୍ରଣରେ ପାରାଲିଗାଲ ଭଲ୍ୟୁଣ୍ଟରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏଣୁ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ଆଇନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ହୋଇ ତୃଣମୂଳସ୍ତରରେ ଜନସାଧାରଣଙ୍କୁ ସଚେତନ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ, କିଶୋର ନ୍ୟାୟ ବୋର୍ଡ ଅଧ୍ୟକ୍ଷ ଶୋଭେନ୍ କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ୟୁନିସେଫ୍‌ର ପରାମର୍ଶଦାତା ଘାସିରାମ ପଣ୍ଡା ତାଲିମଦାତା ଭାବରେ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଓ ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ସମ୍ବନ୍ଧରେ ଆଇନ, ଯୋଜନା ଏବଂ ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ ଆଇନ ସହିତ ଦ୍ୱନ୍ଦ୍ୱରେ ଥିବା ଶିଶୁମାନଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଯୋଜନା ସହିତ ଏହି ଶିଶୁମାନଙ୍କୁ ଯୋଡ଼ିବା ସହିତ ସେମାନଙ୍କର ସର୍ବାଙ୍ଗୀଣ ଉନ୍ନତି ପାଇଁ ସାମୂହିକ ସହଯୋଗରେ କାମ କରିବାକୁ କହିଥିଲେ। ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।





## ବଢୁଛି ବାସ୍ତୁ ଉପରେ ବିଶ୍ୱାସ

# ‘ନମ୍ବର’ ପାଇଁ ନମ୍ବର ଲଗାଉଛନ୍ତି ଗ୍ରାହକ

ଭୁବନେଶ୍ୱର, ୨୩।୧୦(ସମିସ): ବାସ୍ତୁ ବିଚାର ମୁତାବକ ସଂଖ୍ୟା ଜୀବନର ଉଦ୍‌ଥାନ ପତ୍ତନକୁ ପ୍ରଭାବିତ କରିପାରେ। ଏଭଳି ବିଶ୍ୱାସ ପାଇଁ ଗତ ପାର୍ବଣ ଋତୁରେ ଗାଡ଼ି ଏବଂ ମୋବାଇଲ୍ ନମ୍ବର ପାଇଁ ଅନେକ ଗ୍ରାହକ ଢେର୍‌ଦିନ ଆଗରୁ ନମ୍ବର ଲଗାଇଥିଲେ। ଏମିତି କି ଭଲ

■ ସଂଖ୍ୟା ଦେଖି ଗାଡ଼ି ଓ ଫୋନ ନମ୍ବର ବାଛୁଛନ୍ତି ଲୋକ
■ ମନପସନ୍ଦର ନମ୍ବର ପାଇଁ ଅଟକିଗଲେ ଅନେକ ଗ୍ରାହକ

ନମ୍ବର ନ ମିଳିବାରୁ ଅନେକ ଗ୍ରାହକ ଏଥର ଯାନବାହାନ କିଣିପାରି ନାହାନ୍ତି। ନିକଟରେ ବାସ୍ତୁ ବିଚାର ମୁତାବକ ଗାଡ଼ି ଏବଂ ମୋବାଇଲ୍ ନମ୍ବର ପାଇଁ ଅଧିକ ଟଙ୍କା ମଧ୍ୟ ଦେଇଥିବା କୁହାଯାଉଛି।

ରଙ୍ଗ ଆଉ ସଂଖ୍ୟାର ଉପସ୍ଥିତି ଲୋକଙ୍କ ଜୀବନର ଭାଗ୍ୟ ବଦଳାଇ ପାରେ। କାହାକୁ ସର୍ବସ୍ୱ ଦେଇପାରେ ତ ଆଉକାହାଠାରୁ ସବୁକିଛି ନେଇ ବି ପାରେ। ଏହାକୁ କିଏ ବିଶ୍ୱାସ, ଅବିଶ୍ୱାସ କିମ୍ବା ଅନ୍ଧବିଶ୍ୱାସ ବୋଲି ବି ଭାବିପାରେ। ଏନେଇ ଅନେକଙ୍କର ଭିନ୍ନ ଭିନ୍ନ ମତ ବି ରହିଛି। ହେଲେ ବର୍ତ୍ତମାନ ସମୟରେ ଏହା ଏକ ଧାରାରେ




ପରିଣତ ହେଲାଣି। ସବୁକ୍ଷେତ୍ରରେ ତଥା ଯେକୌଣସି ଜିନିଷ କିଣିବା ଆଗରୁ ବାର, ରଙ୍ଗ ଆଉ ସଂଖ୍ୟା ଚୟନ କରିବାକୁ ଏବେ ସଭିଏଁ ପସନ୍ଦ କରୁଛନ୍ତି। ବିଶେଷକରି ଏହା କୌଣସି ଗାଡି କିଣିଲାବେଳେ ନିଜ ଗାଡ଼ିର ନମ୍ବର ବାଛିବା ହେଉ କିମ୍ବା ସିମ୍ କିଣିଲାବେଳେ ଫୋନ ନମ୍ବର ପାଇଁ ରାଶିକୁ ସୁହାଇଲା ଭଳି ସଂଖ୍ୟା ବାଛିବା କ୍ଷେତ୍ରରେ ଅଧିକ ଦେଖିବାକୁ ମିଳୁଛି। ବାସ୍ତୁବିତ୍ ବା ଜ୍ୟୋତିର୍ବିଦ୍‌ଙ୍କ ସହ ପରାମର୍ଶକ୍ରମେ ନିଜ ନିଜ ରାଶିକୁ କେଉଁ ସଂଖ୍ୟା ସୁହାଇବ ସେହିକ୍ରମରେ ଗାଡିର ନମ୍ବର ଏବଂ ସିମ୍ ବାଛୁଛନ୍ତି ଲୋକ। ନିକଟରେ ଭୁବନେଶ୍ୱର ଆର୍‌ଟିଓ କାର୍ଯ୍ୟାୟରେ ଶତାଧିକ ଯାନବାହାନ ନମ୍ବର ପାଇଁ ଲୋକେ ବାସ୍ତୁ ମୁତାବକ ନମ୍ବର ଖୋଜିଥିଲେ। ମନପସନ୍ଦ ନମ୍ବର (ଫ୍ୟାନ୍ସି) ପାଇଁ ସେମାନେ ନିୟମ ମୁତାବକ ଅର୍ଥ ମଧ୍ୟ ପଇଠ କରିଥିବା ଜଣାପଡ଼ିଥିଲା। ସେହିଭଳି ମୋବାଇଲ୍ ନମ୍ବର ପାଇଁ ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥା ନିକଟରେ ଅନେକ ଲୋକେ କର୍ମଚାରୀଙ୍କ ସହଯୋଗରେ ତାଙ୍କ ନମ୍ବର ବାଛିଥିଲେ। ଗୋଟିଏ ବାସ୍ତୁ ବିଚାର ମୁତାବକ ନମ୍ବର ପାଇଁ ଢେର୍ ଦିନ ପର୍ଯ୍ୟନ୍ତ ଅପେକ୍ଷା ମଧ୍ୟ କରିଥିଲେ ଗ୍ରାହକ। ବିଶେଷକରି ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଏବେ ସ୍ୱତନ୍ତ୍ର ଅଫର୍ ଯୋଜନା ଯୋଗୁଁ ଲୋକେ ନୂଆ ସିମ୍ କ୍ରୟ କରିଥିଲେ।

ଏ ସମ୍ପର୍କରେ ଜ୍ୟୋତିର୍ବିଦ୍ ଡ. ଲକ୍ଷ୍ମୀଧର ସାହୁ କୁହନ୍ତି, ସଂଖ୍ୟାକୁ ଦେଖି ଗାଡି କିମ୍ବା ଫୋନ୍ ନମ୍ବର ବ୍ୟବହାରରେ ନିଶ୍ଚିତ ରୂପେ ମହତ୍ତ୍ୱ ରହିଛି। କାରଣ ରାଶି ଅନୁଯାୟୀ ପ୍ରତ୍ୟେକ ଲୋକଙ୍କ ଉପରେ ସଂଖ୍ୟାର ପ୍ରଭାବ ରହିଥାଏ। ଏହା ଲୋକଙ୍କ ମାନସିକ ସନ୍ତୁଳନ ରକ୍ଷା କରିଥାଏ। ସେଥିପାଇଁ ଗାଡିର ବ୍ୟବହାର ହେଉ କିମ୍ବା ଫୋନ ନମ୍ବର ସବୁ କାର୍ଯ୍ୟ ସହ କେଉଁଠି ନା କେଉଁଠି ସମ୍ବନ୍ଧ ରହିଥାଏ। ଯେଉଁ ରାଶି ସହ ଯେଉଁ ସଂଖ୍ୟା ଜୁଟିଲା ଲୋକ ତାକୁ ନେଇ ହିଁ ବ୍ୟବହାର କରନ୍ତି। ଯାହାର ପ୍ରଭାବ ତାଙ୍କ ଜୀବନ ଶୈଳୀ ଉପରେ ପଡ଼ିଥାଏ। ଯେପରି, ମେଷ ରାସି ପାଇଁ ଶୁଭ ସଂଖ୍ୟା ୯, ୮, ୨୭ ଓ ବୃଷ ରାଶିର ୬, ୧୫, ୨୪ ଏବଂ ମିଥୁନ ରାଶିର ୫, ୧୪, ୨୩ ରହିଛି। ଏହିଭଳି ପ୍ରତ୍ୟେକ ରାଶିର ପାଇଁ ଭିନ୍ନ ଭିନ୍ନ ସଂଖ୍ୟା ରହିଛି। ଯାହାର ସିଧାସଳଖ ପ୍ରଭାବ ସେମାନଙ୍କ ଜୀବନଶୈଳୀ ଉପରେ ପଡ଼ିଥାଏ। ତେଣୁ ଲୋକ କୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଏହିସବୁ ସଂଖ୍ୟାକୁ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିରେ ଗାଡିର ନମ୍ବର ଏବଂ ଫୋନ ନମ୍ବର ମଧ୍ୟ ସାମିଲ ରହିଛି।

## ସାଇବର ଅପରାଧ ନିରାକରଣ ସଚେତନତା

ହଂସପାଳ, ୨୩।୧୦(ସମିସ): ନହରକଣ୍ଟାସ୍ଥିତ ଜୟଦେବ କଲେଜ ପରିସରରେ ସାଇବର ଅପରାଧ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନାଙ୍କ ଅଧ୍ୟକ୍ଷତାରେ ସାଇବର ଥାନା ସବ୍‌ଇନ୍ସପେକ୍ଟର ମାନସ ତ୍ରିପାଠୀ ଓ ଶୁଭଶ୍ରୀ ନାୟକ ବିଭିନ୍ନ ସାଇବର ଅପରାଧ ସମ୍ପର୍କିତ ସୂଚନା ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଏଥିରୁ ବିରତ ରହିବାକୁ କହିଥିଲେ। ଆଜିକାଲି ସାଇବର ଅପରାଧୀମାନେ ବିଭିନ୍ନ ନୂଆନୂଆ ପନ୍ଥାରେ ଲୋକଙ୍କୁ ଠକୁଛନ୍ତି। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ସାଇବର ଠକାମିର ଶିକାର ହୋଇଥିବା ଛାତ୍ର ଛାତ୍ରୀ ଅଧିକ ସତର୍କ ହେବା ଜରୁରୀ ଏବଂ କିଭଳି ଘରୁ ଅଭିଯୋଗ କରିପାରିବେ ସେ ବିଷୟରେ ପାହାଳ ଥାନା ଏସ ଆଇ ବିଭୂତି ଭୂଷଣ ମୁଦୁଲି ଛାତ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ପ୍ରଫେସର ଅରୁଣ କୁମାର ରଥ ଓ ଅତିରିକ୍ତ ଅଧ୍ୟକ୍ଷା ସୁପ୍ରିୟା ଦାଶ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ବାହ’ଇ ବିଶ୍ୱାସର ପ୍ରତିଷ୍ଠାତାଙ୍କ ଜନ୍ମ ବାର୍ଷିକୀ




ଭୁବନେଶ୍ୱର, ୨୩।୧୦ (ସମିସ): ଭୁବନେଶ୍ୱରର ବାହଇ ସମୁଦାୟ ଦ୍ୱାରା, ବାହଇ ବିଶ୍ୱାସର ପ୍ରତିଷ୍ଠାତା ଦିବ୍ୟାତ୍ମା “ବାବ୍ ଏବଂ ବାହ’ ଓ ’ଲ୍ଲହଙ୍କ ଜନ୍ମ ବାର୍ଷିକୀ, ଭୁବନେଶ୍ୱରର ବାହଇ କନଭେନସନ୍ ହଲ୍ ଠାରେ ଆନନ୍ଦର ସହିତ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱରର ବାହ’ଇ ସ୍ଥାନୀୟ ଆଧ୍ୟାତ୍ମିକ ସଭା ଦ୍ୱାରା ଆୟୋଜିତ ହୋଇଥିଲା। ସନ୍ଧ୍ୟାଟି ସହରର ଯୁବକମାନଙ୍କ ଦ୍ୱାରା ବିଶ୍ୱ ଏକତା ନିମନ୍ତେ ଏକ ଭାବମୟ ଆଧ୍ୟାତ୍ମିକ ପ୍ରାର୍ଥନା ଆବୃତିରୁ ଆରମ୍ଭ ହୋଇଥିଲା। ବାହଇ ବକ୍ତା ସୁବ୍ରତ ନାୟକ, ପବିତ୍ର ବାର୍ଷିକୀ ଉତ୍ସବର ଆଧ୍ୟାତ୍ମିକ ମହତ୍ତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ, ନିୟନ୍ତ୍ରକ- ଆଇନଗତ ମାପ ବିଜ୍ଞାନ ଏବଂ ନିର୍ଦ୍ଦେଶକ, ଗ୍ରାହକ କଲ୍ୟାଣ ସଚେତନତା, ବିସିକେଶନ ଦେହୁରୀ, ବିଶ୍ୱଶାନ୍ତି ଏବଂ ସଭାବନାକୁ ପ୍ରୋତ୍ସାହିତ କରିଥିଲେ। ଭୁବନେଶ୍ୱର ସହରର କିଶୋର କିଶୋରୀ ଏବଂ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଆଧ୍ୟାତ୍ମିକ ସଭାର ସଦସ୍ୟ ଆଡ଼ଭୋକେଟ ସଂଗ୍ରାମ ସ୍ୱାଇଁ କାର୍ଯ୍ୟକ୍ରମଟିରେ ସଭାପତିତ୍ୱ କରିଥିବାବେଳେଧନ୍ୟବାଦଅର୍ପଣକରିଥିଲେଆଧ୍ୟାତ୍ମିକସଭାରସଚିବଡଃକାବ୍ୟତାରପତି।

## ଲିଙ୍ଗରାଜ ମନ୍ଦିରରେ ଯମଦ୍ୱିତୀୟା ଯାତ୍ରା

ଭୁବନେଶ୍ୱର, ୨୩।୧୦ (ସମିସ): ଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିରରେ ହେଉଥିବା ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ହେଇଛି ଯମଦ୍ୱିତୀୟା ଯାତ୍ରା। ଯମେଶ୍ୱର ପାଟଣା ସାହିରେ ଅବସ୍ଥିତ ଯମେଶ୍ୱର ମନ୍ଦିରକୁ ଗୁରୁବାର ଲିଙ୍ଗାରଜଙ୍କ ସପରିବାର ବିଜେ କରିଥିଲେ। ଏହି ଅବସରରେ ମହାପ୍ରଭୁଙ୍କ ଭୋଗମଣ୍ଡପ ଭୋଗ ପରେ ପୁନଶ୍ଚ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ଲିଙ୍ଗରାଜ ଦେବଙ୍କ ମହାସ୍ନାନ ଏବଂ ବେଶ ଅନୁଷ୍ଠିତ ହୋଇଥିଲା। ଯାତ୍ରା ପୂଜା ସମାପନ ପରେ ବିଧି ମୁତାବକ ଦକ୍ଷିଣୀ ଘରୁ ଚଳନ୍ତି ଚନ୍ଦ୍ରଶେଖର ଲିଙ୍ଗରାଜ, ଦେବୀ ପାର୍ବତୀ, ଦେବୀ ଦୁର୍ଗା ଏବଂ



ବାସୁଦେବଙ୍କୁ ବିମାନ ଓ ପାଲିଙ୍କିରେ ଆରୁଢ଼ କରାଯାଇଥିଲା। ଦ୍ୱିପ୍ରହର ପହୁଡ ପରେ ସନ୍ଧ୍ୟା ସମୟରେ ଦିଅଁମାନେ ଯମେଶ୍ୱର ମନ୍ଦିରକୁ ବିଜେ କରିଥିଲେ। ପରେ ସେଠାରେ ଦିଅଁଙ୍କୁ ଫଳନ୍ତି ଭୋଗ ସମର୍ପଣ କରାଯାଇଥିଲା। ଶେଷରେ ପୂଜାପଣ୍ଡା ଙ୍କ ଦ୍ୱାରା ଆଳତୀ କରାଯାଇ ଧର୍ମରାଜ ଯମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଯମେଶ୍ୱର ମହାଦେବଙ୍କ ନିକଟରେ ଭେଟଆଳତୀ ନିମନ୍ତେ ଦିଅଁ ମାନଙ୍କୁ ବିଜେ କରାଯାଇଥିଲା।

## ଧଉଳିଠାରେ ‘କଳାରେ ଦକ୍ଷତା ବିକାଶ’

# ଶିଳ୍ପୀ ଗଢ଼ିଲେ ପରିବେଶ ଅନୁକୂଳ କଳାକୃତି

ଭୁବନେଶ୍ୱର, ୨୩।୧୦(ସମିସ): ଆମ ଐତିହ୍ୟ, ସଂସ୍କୃତି ଓ ପାରମ୍ପରିକ କଳାର ଆଦର ଧୀରେ ଧୀରେ ଲୋପ ପାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର କାରୁକଳାର ପ୍ରଚାର, ପ୍ରସାର ଓ ବର୍ଜ୍ୟବସ୍ତୁରୁ କଳାକୃତି ତିଆରିରେ ଦକ୍ଷତା ବିକାଶ ପାଇଁ ଭାରତ ସରକାରଙ୍କ ଅନୁଦାନ ପ୍ରାପ୍ତ ସିଇଏସ ଏବଂ ଶାନ୍ତିସ୍ତୂପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଏକ କାରୁ କଳା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନେ ପାରମ୍ପାରିକ ଗୁରୁ ଟେରାକୋଟାରେ ସରୋଜ ରାଉତ, ଗୋବର କଣ୍ଢେଇରେ ଅବନ୍ତି ମହାରଣା, ଚାନ୍ଦୁଆ କାମରେ ସୁଜାସ୍ମିତା ତିୱାରୀ ଓ କାଗଜ ମୁଖାରେ ପୁରୁଷୋତ୍ତମ ମହାପାତ୍ରଙ୍କ ଠାରୁ ଏହି ପାରମ୍ପରିକ କଳାର ତିଆରି ପଦ୍ଧତି ଶିଖି ନିଜେ ସୁନ୍ଦର କଳା କୃତିମାନ ଗଢିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଶାନ୍ତ କୁମାର ସାହୁ, ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଓ ଅଧ୍ୟାପିକା ସୋଫିୟା ୟସ୍ମିନ, ଅଧ୍ୟାପକ ରାମ ଶଙ୍କର ସାହୁ, ଯାନିତା ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଅନ୍ତା, ୨୩।୧୦(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଯଶୁଆପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୀତା କୁମାରୀ ଦେଈଙ୍କୁ ପୁରାତନ ଛାତ୍ର କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ସିଂହ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ବାଲିଅନ୍ତା ଶିକ୍ଷା ଗୋଷ୍ଠୀ ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ନାରାୟଣ ବେଉରା, ଶିକ୍ଷାବିତ୍ ସିଦ୍ଧେଶ୍ୱର ମହାନ୍ତି, ସାମ୍ବାଦିକ ସୋମନାଥ ସ୍ୱାଇଁ, ସରପଞ୍ଚ ରମାଲତା ନାୟକ, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରିୟବ୍ରତ ପାତ୍ର, ଗ୍ରାମର ବରିଷ୍ଠ ବ୍ୟକ୍ତି ଜୟକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ ଉପସ୍ଥିତ ଥିଲେ।

## ବିପି ନ ସଆଇ ପକ୍ଷରୁ ।ନ ଆଦାନପ୍ରଦାନ କର୍ମଶାଳା



ଭୁବନେଶ୍ୱର, ୨୩।୧୦(ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରାଳୟର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଏବଂ ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ କଟକର ଆଠଗଡ଼ରେ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିକେ ଷ୍ଟିଲ୍‌ର ଡିଜିଏମ ମନୋରଞ୍ଜନ ମିଶ୍ର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ଉଦଘାଟନ କରିଥିଲେ। ବିପିଏନଏସଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟରତ ପେଶାଦାରମାନଙ୍କୁ କାର୍ଯ୍ୟକ୍ରମ ସୂଚୀ ଉପସ୍ଥାପନ କରିଥିଲେ। ଆଇଆଇଟି ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡ. ରାମକୃଷ୍ଣ ସାବତ ଡିଆରଆଇ ଉତ୍ପାଦନ ପ୍ରକ୍ରିୟାର ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କର ବକ୍ତୃତା ଉପସ୍ଥାପନ କରିଥିଲେ। ଅପରାହ୍ନ ଅଧିବେଶନରେ ଡ. ରାମକୃଷ୍ଣ ସାବତ ବିକେ ଷ୍ଟିଲର ଇଞ୍ଜିନିୟରମାନଙ୍କୁ ଇଣ୍ଡକସନ ଫର୍ଣ୍ଣେସ୍, ରିଫାଇନିଂ ଫର୍ଣ୍ଣେସ୍, ନିରନ୍ତର କାଷ୍ଟିଂ ଏବଂ ରୋଲିଂ ଉପରେ ଏକ ବିସ୍ତୃତ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟ ଓ ସମାଜ ସେବା ସଭିଁଙ୍କର ବ୍ରତ ହେଉ: ସୁରେଶ ପାଣିଗ୍ରାହୀ



ଭୁବନେଶ୍ୱର,୨୩।୧୦(ସମିସ): ଏକବିଂଶ ଶତାବ୍ଦୀରେ ମଣିଷ ଯେତେ ଆଗକୁ ଗଲେ ମଧ୍ୟ ଅନେକ ମୌଳିକ ସମସ୍ୟା ଏବଂ ଆବଶ୍ୟକତା ଭିତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସଦା ସର୍ବଦା ସଭିଁଙ୍କ ପାଖରେ ପହଁଞ୍ଚିବା ଦରକାର ବୋଲି ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ସିଇଓ ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଦୈନିକ ‘ସମୟ’ର ୨୯ ତମ ସ୍ୱର୍ଣ୍ଣ କ୍ଷେତ୍ର ଦିବସରେ ମୁଖ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହାଇଟେକ୍‌ର ସ୍ୱାସ୍ଥ୍ୟ ସେବାକୁ ଭୂୟଶୀ ପ୍ରଶଂସା କରିଥିବାବେଳେ ବିଶିଷ୍ଟ ସମାଜ ସେବୀ ଡ. ଶ୍ରୁତି ମହାପାତ୍ର ହାଇଟେକ୍‌ର ସମସ୍ତ ସେବାକୁ ରାଜ୍ୟ ପାଇଁ ଉତ୍ସର୍ଗୀକୃତ କହିଥିଲେ। ଏହାସହ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ଡକ୍ଟର କୁମର ବର ଦାସ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ହାଇଟେକ୍‌ରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀଙ୍କୁ ମୁଖ୍ୟ ଅତିଥି ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି।

## ରାଜ୍ୟସ୍ତରୀୟ ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ସମାରୋହ

ଭୁବନେଶ୍ୱର, ୨୩।୧୦(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଆନୁକୁଲ୍ୟରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୨ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଗୁରୁବାର ଭଗବତୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱ କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର ପ୍ରଖ୍ୟାତ ବିପ୍ଳବୀ ଭଗବତୀ ଚରଣଙ୍କ ଜୀବନୀ ସମ୍ପର୍କରେ ସଂକ୍ଷିପ୍ତରେ ମତ ପ୍ରଦାନ କରିଥିଲେ। ଆମେ ତାଙ୍କର ୮୨ତମ ସ୍ମୃତି ବାର୍ଷିକୀ ପାଳନ କରୁଥିବା ଅବସରରେ ଫାସିବାଦୀ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣାଧୀନ ବିଜେପି ଶାସନର ଅନ୍ତ ଘଟାଇବା ପାଇଁ ଭଗବତୀ ଦେଖାଇଯାଇଥିବା ପଥରେ ଭାରତର ସମ୍ବିଧାନକୁ ରକ୍ଷାକରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଶକ୍ତିଙ୍କ ଐକ୍ୟବଦ୍ଧ ସଂଗ୍ରାମକୁ ଜୋରଦାର କରିବାକୁ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ ଜଣାଇଥିଲେ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏହି ସମାରୋହରେ ବକ୍ତବ୍ୟରଖିଥିଲେ। ଏହି ଅବସରରେ ନୂଆଦୁନିଆ ସାପ୍ତାହିକର ‘ଭଗବତୀ ବିଶେଷାଙ୍କ୨୦୨୫’ ସଂଖ୍ୟା ଅତିଥିମାନେ ଉନ୍ମୋଚନ କରିଥିଲେ। ‘ହେନା-ଧନଞ୍ଜୟ ଫାଉଣ୍ଡେସନ୍’ ଆନୁକୂଲ୍ୟରେ ଜୀବନବ୍ୟାପୀ ଶ୍ରମଜୀବୀ ଜନତାଙ୍କ ଲାଗି ସଂଗ୍ରାମର ନେତୃତ୍ୱ ପାଇଁ ଯାଜପୁର ଜିଲ୍ଲାର ସାଥୀ ବନମାଳି ବାଇଙ୍କୁ ‘ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ସଂଗଠକ ସମ୍ମାନ’ ଏବଂ ଶିକ୍ଷାକ୍ଷେତ୍ରରେ ଜୀବନବ୍ୟାପୀ ନେତୃତ୍ୱକାରୀ ଅବଦାନ ପାଇଁ ଶିକ୍ଷାବିତ୍ ବିବେକାନନ୍ଦ ଦାଶଙ୍କୁ ‘ଭଗବତୀ ଚରଣ ପାଣିଗ୍ରାହୀ ସ୍ମୃତି ଶିକ୍ଷା ସମ୍ମାନ’ ପ୍ରଦାନ କରିଥିଲେ ବିଶ୍ୱ ଶିକ୍ଷକ ସଂଘର ଅଧ୍ୟକ୍ଷ ଡ. ଅମିୟ ମହାନ୍ତି ଏବଂ ଶିକ୍ଷକ ମହାସଂଘର ନେତା ଧନଞ୍ଜୟ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜାତୀୟ ପରିଷଦ ସଭ୍ୟ ଏନ୍ ନାରାୟଣ ରେଡି, ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ଖୋର୍ଦ୍ଧା ଜିଲ୍ଲା ସିପିଆଇ ସମ୍ପାଦକ ଅମୀୟ ପଟ୍ଟନାୟକ, ସୁର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।



ଇମେଜ୍ କ୍ୟାମ୍ପସରେ ଓଡ଼ିଆ ସିନେମା ‘ଶମ୍ଭୁ’ର ଅଡିଓ ଏବଂ ଟ୍ରେଲର ରିଲିଜ୍ ଅବସରରେ ଫିଲ୍ମର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା, ପ୍ରଯୋଜକ ବିଭୁତି ଭୂଷଣ ଜେନା, ଅଭିଷେକ୍ ଜେନା ଓ ବିବେକ ଜେନା, ସଂଳାପକାର ଡ. ରଜନୀ ରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ଦୀପକ କୁମାର, ହରିହର ମହାପାତ୍ର, ସୁଧାକର ବସନ୍ତ, ଜୀବନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍ଯ୍ୟସମାଜରେ ଋଷି ନିର୍ବାଣ ମହୋତ୍ସବ



ଭୁବନେଶ୍ୱର, ୨୩।୧୦(ସମିସ): ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜର ୧୫୦ତମ ପ୍ରତିଷ୍ଠା ଅବସରରେ ତଥା ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ‘ଋଷି ନିର୍ବାଣ’ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆର୍ଯ୍ୟସମାଜର ସଭାପତି ବିଶିଷ୍ଟ ବେଦବିତ୍ ଇଂ ପ୍ରିୟବ୍ରତ ଦାସ ଉତ୍ସବରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ସଦସ୍ୟ ଡାକ୍ତର ଗୋପାଳ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କର, ଯୁଗ୍ମ ସମ୍ପାଦିକା ଶନ୍ମୋଦେବୀ, ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ବାନପ୍ରସ୍ଥି ଦିବ୍ୟ ଜ୍ଞାନାନନ୍ଦ ପ୍ରମୁଖ ସ୍ୱାମୀ ଦୟାନନ୍ଦଙ୍କ ବେଦଭାଷ୍ୟ ହିଁ ଆଲୋକବର୍ତ୍ତିକା ସଦୃଶ ଆମକୁ ଜୀବନ ନିର୍ମାଣର ଦିଶା ଦେଖାଇଛି ବୋଲି କହିଥିଲେ। ପ୍ରାରମ୍ଭରେ ଅମୂଲ୍ୟ କୁମାର ଦାସ, ସଦସ୍ୟା ବନ୍ଦନା ଦାଶ, ମମିତା ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେଆୟୋଜିତସତ୍‌ସଙ୍ଗରେବରିଷ୍ଠସଦସ୍ୟବାଲ୍ମିକୀପଟ୍ଟନାୟକଓନମିତାପଟ୍ଟନାୟକ ଯଜମାନ ଭାବେ ରହିଥିବା ବେଳେ ଶାନ୍ତିପାଠ କରିଥିଲେ ଯୁଗ୍ମ ସମ୍ପାଦକ ସୁନୀଲ କୁମାର ଦେ।

# ଖାଲଖମାରେ ଭର୍ତ୍ତି ‘ଆମ ବସ୍‌ଷ୍ଟାଣ୍ଡ’ ରାସ୍ତା

■ ଦେଢ଼ବର୍ଷ ହେଲା ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ଲୋକେ
■ ହନ୍ତସନ୍ତ ହେଉଛନ୍ତି ବସଯାତ୍ରୀ ଓ ଅଟୋଚାଳକ

ଭୁବନେଶ୍ୱର, ୨୩।୧୦(ସମିସ): ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି। ଅଟୋ ହେଉ ଅବା ବସ୍‌ରେ ଯାତାୟତ କରୁଥିବା ଯାତ୍ରୀମାନେ ଡ଼ରରେ ଯିବା ଆସିବା କରୁଛନ୍ତି। ଯେ କୌଣସି ସମୟରେ ଲାଗିବ ଗାଡ଼ି ଓଲଟି ପଡ଼ିବ। ଏମିତି ସବୁଦିନ ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି ଶହ ଶହ ଯାତ୍ରୀ। ଏମିତି ରାସ୍ତା ଦେଖିବାକୁ ମିଳିଛି ଖୋଦ୍ ରାଜଧାନୀର ମେରୁଦଣ୍ଡ କୁହାଯାଉଥିବା ମାଷ୍ଟର କ୍ୟାଣ୍ଟିନ୍ ଛକରେ ଥିବା ଆମ ବସ୍‌ଷ୍ଟାଣ୍ଡ ରାସ୍ତାରେ।

ପ୍ରତିଦିନ ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡରୁ ଶତାଧିକ ଆମ ବସ୍ ସହିତ ଘରୋଇ ବସ୍, ଅଟୋ ଯାତ୍ରୀମାନଙ୍କୁ ନେଇ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ଛାଡୁଛନ୍ତି। ବସ୍‌ଷ୍ଟାଣ୍ଡ ପାଖରେ ଷ୍ଟେସନ୍ ରହିଥିବାରୁ ବାହାର ଜିଲ୍ଲା ହେଉ ଅବା ରାଜ୍ୟରୁ ଆସୁଥିବା ଯାତ୍ରୀମାନେ ମଧ୍ୟ ଏହି ବସ୍ ଷ୍ଟାଣ୍ଡରୁ ଆଟୋ, ବସ୍ ଧରି ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି। ହେଲେ ଏହି ରାସ୍ତାରେ ମାଳମାଳ ଖାଲଖମା ଭର୍ତ୍ତି ହୋଇ ରହିଛି। ଏହାଠୁ ବେଶି ବଳିପଡୁଛି ବର୍ଷା ହେଲେ ଖାଲଗୁଡ଼ିକରେ ପାଣି ଜମିବା ସହ ରାସ୍ତା କାଦୁଅରେ ପଚପଚ ହୋଇ ପଡୁଛି। ପାଦେ ପାଦେରେ ବିପଦ ଆଁ କରି ରହିବା ସହ କୌଣସି ମୁହୂର୍ତ୍ତରେ କିଛି ବି ଘଟି ପାରେ। ହେଲେ ଏହି ରାସ୍ତା ପ୍ରତି କେହି



ଧ୍ୟାନ ଦେଉନାହାନ୍ତି। ପ୍ରାୟ ଦେଢ଼ ବର୍ଷରୁ ଅଧିକ ଦିନ ହେଲାଣି ଏହି ରାସ୍ତା ଏମିତି ଖାଲ ଖମାରେ ଭର୍ତ୍ତି ହୋଇ ରହିଛି। ବିଏମ୍‌ସି ଓ ପୂର୍ତ୍ତ ବିଭାଗର ସମନ୍ୱୟ ଅଭାବରୁ ଏହି ରାସ୍ତାକୁ ଅଣଦେଖା କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ସରକାରୀସ୍ତରର ଅବହେଳା ହେତୁ ପ୍ରତିଦିନ ଯାତ୍ରୀମାନଙ୍କ ସମେତ ବସ୍‌ଡ୍ରାଇଭର ଓ ଅଟୋ ଚାଳକ ହନ୍ତସନ୍ତ ହୋଇ ଯିବା ଆସିବା କରୁଛନ୍ତି।

ବସ୍ ହେଉ କି ଅଟୋରେ ବସିକି ଗଲେ ଲାଗୁଛି ଗାଡ଼ି ଓଲଟି ପଡ଼ିବ। ଗାଡ଼ି ଏପଟସେପଟ ହେଲେ ଛାତିରେ ଛନକା ପଶୁଛି। ତଥାପି ସବୁଦିନ ଆମକୁ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି ବୋଲି ଯାତ୍ରୀ ଶକୁନ୍ତଳା ମିଶ୍ର କହିଛନ୍ତି। ଏହି ବସ୍‌ଷ୍ଟାଣ୍ଡ ଆଉ ରାସ୍ତା ଉପରେ ନିର୍ଭର କରି ଆମେ ଯାତ୍ରୀଙ୍କୁ ନେବା ଆଣିବା କରୁଛୁ। ହେଲେ ରାସ୍ତା ଖରାପ ଥିବାରୁ ଅନେକ ଯାତ୍ରୀ ଯିବା ଷ୍ଟାଣ୍ଡ ଭିତରୁ ବସ୍‌ରେ ବସିକି ଆସିବା ପାଇଁ ଡ଼ରୁଛନ୍ତି। ଆଣ ରାସ୍ତା ଉପରକୁ ଚାଲି ଅସୁଛନ୍ତି ଫଳରେ ବସ୍‌ରେ ଯାତ୍ରୀ କମିଯାଉଛନ୍ତି। ରାସ୍ତା ଟିକେ ଖରାପ ହେଲେ ଏମିତି ପାଇଁ ଆମେ ଆମ ରୋଜଗାର ହରାଉଛୁ ବୋଲି ଜଣେ ପ୍ରାଇଭେଟ୍ ବସ୍ କଣ୍ଡକ୍ଟର କହିଛନ୍ତି।

ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ବିପଦସଂକୁଳ

# ମରାମତି ପାଇଁ ଯାଇଥିବା ଜେଇଙ୍କୁ ଗ୍ରାମବାସୀଙ୍କ ବିରୋଧ





ବେତନଟୀ, ୨୩।୧୦(ସମିସ): ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତର ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ବିପଦ ସଂକୁଳନ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ୫୭ ଜଣ କୁନି କୁନି ପିଲା ପଢୁଛନ୍ତି। ବୁଧବାର ବେତନଟୀ ଡିପିସିଜେଇ ପ୍ରଶାନ୍ତ କୁମାର ବେହେରା ବିଦ୍ୟାଳୟ ଗୃହ ମରାମତି ନିମନ୍ତେ ଯାଇଥିବା ବେଳେ ଗ୍ରାମବାସୀ ତାଙ୍କୁ ବିରୋଧ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସହିତ ସେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୂତାରଙ୍କ ସହ ମୋବାଇଲରେ କଥା କରାଇଥିଲେ; କିନ୍ତୁ ଗ୍ରାମବାସୀ ବିଡିଓଙ୍କ କଥା ଶୁଣି ଅଧିକ ଉତ୍ତେଜିତ ହୋଇଥିଲେ। ସୂଚନା ଅନୁସାରେ, ଗତ ୨୦୦୨ ମସିହାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଶ୍ରେଣୀ ପାଇଁ ଦୁଇଟି ଗୃହ ଏବଂ ଗୋଟିଏ ରୋଷେଇ ଗୃହ ନିର୍ମାଣ ହୋଇଛି। ପ୍ରାୟ ୮ ବର୍ଷ ପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ରୋଷେଇ ଗୃହକୁ ଅଚଳ ଘୋଷଣା କରାଯାଇଥିଲା। ପରେ ଅନ୍ୟ ଏକ ରୋଷେଇ ଘର ନିର୍ମାଣ କରାଯାଇଛି ବୋଲି ସହକାରୀ ଶିକ୍ଷୟିତ୍ରୀ ଜୋତ୍ସ୍ନା ସାହୁ କହିଛନ୍ତି; ମାତ୍ର ଗ୍ରାମବାସୀଙ୍କ କହିବା ଅନୁସାରେ ରୋଷେଇ ଗୃହ ଅଚଳ ଘୋଷଣା କରାଯାଇଥିବା ବେଳେ ବିଦ୍ୟାଳୟ ଗୃହ ମଧ୍ୟ ଏକ ସମୟରେ ନିର୍ମାଣ ହୋଇଥିବାରୁ ତାହା ଆଜି ପର୍ଯ୍ୟନ୍ତ ମରାମତି ହୋଇନାହିଁ। ଦୁଇଟି ଶ୍ରେଣୀ ଗୃହ ଓ ବାରଣ୍ଡାର ଭିତର ଓ ବାହାର ପାର୍ଶ୍ୱ ଫାଟିଗଲାଣି। ଅଧିକାଂଶ ସମୟ ଉପର ଛାତରୁ କଂକ୍ରିଟ ସିମେଣ୍ଟ ଖଣ୍ଡ ଖସୁଛି। ଶ୍ରେଣୀ ଗୃହ ଓ ବାରଣ୍ଡା ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ଖସୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାର ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେଣୁ ବହୁ ବିଳମ୍ବରେ ବ୍ଲକ ପ୍ରଶାସନ ଶ୍ରେଣୀ ଗୃହ ମରାମତି ପାଇଁ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ମିନତୀ ମହାକୁଡ଼ ଓ ନଡପୁର ପଞ୍ଚାୟତ ସମିତି ସଭ୍ୟ ସୁଦାମ ମହାକୁଡ଼ ଅଭିଯୋଗ କରିଛନ୍ତି ଯେ, ଖୁଣ୍ଟା ଗ୍ରାମରେ ନୂତନ ବିଦ୍ୟାଳୟ ଗୃହ ଗ୍ରାମବାସୀଙ୍କ ଦାବି ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ନୂତନ ଶ୍ରେଣୀ ଗୃହ ନିର୍ମାଣ କରାନଯାଇ ବିଳମ୍ବରେ ପ୍ରଶାସନ ମରାମତି ପାଇଁ ଆସୁଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଏ ନେଇ ନଡପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଷ ମହାନ୍ତଙ୍କୁ ପଚାରିବାରୁ, ମୁଁ ଏଠାକୁ ନୂଆ ଆସିଛି। ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ବିଷୟରେ ଜାଣିନାହିଁ ପରେ ଜଣାଇବି ବୋଲି କହିଛନ୍ତି। ସେହିପରି ଡିପିସି ଜେଇ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ୨୦୧୪ ମସିହା ପରେ ନୂତନ ବିଦ୍ୟାଳୟ ଗୃହ ନିମନ୍ତେ କୌଣସି ଅନୁଦାନ ଆସିନାହିଁ। ଏହାଠାରୁ ଅଧିକ ଖରାପ ଥିବା ବିଦ୍ୟାଳୟ ଗୃହରେ ପିଲାମାନେ ଅଧ୍ୟୟନ କରୁଛନ୍ତି। ମରାମତି ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଆସିଥିବାରୁ ମୁଁ ବିଦ୍ୟାଳୟକୁ ଯାଇଥିଲି; ହେଲେ ଗ୍ରାମବାସୀ ବିରୋଧ କରିଥିଲେ। ସରକାର ନୂତନ ଗୃହ ଯୋଗାଇ ନ ଦେଲେ ଆମେ କ'ଣ କରିବୁ ବୋଲି ସେ କହିଛନ୍ତି।

## ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ଣ୍ଣର-ନଗର ଉନ୍ନୟନ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା



ବେତନଟୀ, ୨୩।୧୦(ସମିସ): ବେତନଟୀ ଥାନା ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଛିଶୋଳ ଗ୍ରାମରେ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରୀଶ ଚନ୍ଦ୍ର ମୁର୍ମୁ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା। ଶ୍ରୀ ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭରନର ଭାବେ ଗତ ୮ ତାରିଖରେ ଦାୟିତ୍ୱ ଗ୍ରହଣ କରିବାପରେ ଏହା ତାଙ୍କର ପ୍ରଥମ ବେତନଟୀ ଗସ୍ତ। ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଛିଶୋଳସ୍ଥିତ ପୈତୃକ ଗ୍ରାମକୁ ସେ କିଛିଦିନ ପାଇଁ ଆସିଥିବା ବେଳେ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଗ୍ରାମରେ ପହଞ୍ଚିଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ରଙ୍କ ସମେତ ପୂର୍ବତନ ବିଧାୟକ କାହ୍ନା ସୋରେନ, ଜିଲ୍ଲା ଉପସଭାପତି ପରେଶଚନ୍ଦ୍ର ମହାନ୍ତ, ପ୍ରଦୀପ ମହାନ୍ତି, ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ, କୁନା ମହାନ୍ତ ପ୍ରମୁଖ ମଧ୍ୟ ଏହି ସୌଜନ୍ୟମୂଳକ ସାକ୍ଷାତ ଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

## ନାବାଳକଙ୍କ ହାତରେ ବାଇକ ଓ ସ୍କୁଟି; ପୁଲିସ ନୀରବ

ମୋରଡ଼ା, ୨୩।୧୦(ସମିସ): ଦିନକୁ ଦିନ ମୋରଡ଼ା ଥାନା ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଇବାରେ ଲାଗିଛି। ହାଇସ୍କୁଲ ଓ କଲେଜ ପଢୁଆ ପିଲାମାନେ କାହାରିକୁ ନ ମାନି ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଉଛନ୍ତି। ହେଲେ ଏସବୁ ଦେଖି ନ ଦେଖିଲା ପରି ରହୁଛି ପୁଲିସ। ଏଭଳି ଗାଡି ଚାଳନା ପାଇଁ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭିନ୍ନ ରାସ୍ତାଘାଟ ଏବଂ ଗାଁ ଗଣ୍ଡା ସବୁଠି ପିଲାଙ୍କ ହାତରେ ବାଇକ୍। ଗୋଟିଏ ଗୋଟିଏ ଗାଡ଼ିରେ ୨ରୁ ୩ ଜଣ ଲେଖାଏଁ ବସି ଅତି ବେପରୁଆ ଭାବେ ଅତି ଦ୍ରୁତଗତିରେ ଚଳାଚଳ କରୁଛନ୍ତି। ସରକାରୀ ନିୟମ ଅନୁସାରେ ନାବାଳକ ଓ ନାବାଳିକାଙ୍କୁ ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ ଦିଆଯାଇ ନାହିଁ; କିନ୍ତୁ ନାବାଳକମାନେ ଗାଡି ଚଳାଉଥିଲେ ମଧ୍ୟ ଅଭିଭାବକଙ୍କଠାରୁ ଆରମ୍ଭ କରି ପୁଲିସ ଓ ପ୍ରଶାସନ କାହାର ବି ଦୃଷ୍ଟି ପଡୁନାହିଁ।୧୮ ବର୍ଷରୁ କମ୍ ବୟସର ଯେ କୌଣସି ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ। ବିନା ଲାଇସେନ୍ସ ଓ ହେଲ୍‌ମେଟରେ ଗାଡି ଚଳାଇବା ମନା। କିନ୍ତୁ ସରକାରୀ ଆଇନକୁ ଫୁ କରୁଛନ୍ତି ନାବାଳକ। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦେଉଳିରେ ସାର୍ବଜନୀନ କାଳୀପୂଜା



ଶୁଳିଆପଦା, ୨୩।୧୦(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତସ୍ଥିତ ସାନ ଦେଉଳି ଗ୍ରାମରେ ମା' କାଳୀଙ୍କ ୮୨ତମ ସାର୍ବଜନୀନ ପୂଜା ମହାସମାରୋହରେ ପାଳିତ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଅତ୍ୟାଧୁନିକ ଆଲୋକ ସଜ୍ଜା ମନମୁଗ୍ଧକର ହୋଇଥିଲା। ପ୍ରଥମ ଦିବସରେ ବିଳମ୍ବିତ ରାତିରେ ଘଟ ଅଣାଯାଇଥି ପୂଜା ମଣ୍ଡପରେ ରୀତିନୀତି ଅନୁଯାୟୀ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ହଜାର ହଜାର ଭକ୍ତମାନେ ମାଆଙ୍କ ନିକଟରେ ପୂଜା କରିଥିଲେ। ପ୍ରତ୍ୟହ ସଂଧ୍ୟାରେ ମାଆଙ୍କ ଆରତୀ ଖୁବ ଭାବାବେଗ ପୂର୍ଣ୍ଣ ହୋଇଥାଏ। କମିଟି ପକ୍ଷରୁ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କମିଟିର ସମ୍ପାଦକ-ଶେଖର କୁମାର ବେହେରା, ସଭାପତି ବିରେନ କୁମାର ସାହୁ, କାହ୍ନୁ ସାହୁ ପ୍ରମୁଖ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ୩ ଦିନ ଧରି ଯାତ୍ରା ବାଦଶା ନାଟକ ପରିବେଷଣ ହୋଇଥିଲା। ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ପୂର୍ବତନ ବିଧାୟକ ରାଜକିଶୋର ଦାସ ପୂଜା ମଣ୍ଡପରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରିଥିଲେ।

## ଶୁକ୍ଳିରେ କୁଡୁମୀ ସମ୍ପ୍ରଦାୟର ବାନ୍ଦଣା ପରବ



ଖୁଣ୍ଟି, ୨୩।୧୦(ସମିସ): କାର୍ତ୍ତିକ ଅମାବାସ୍ୟା ତିଥିରେ କୁଡୁମୀ (ମହାନ୍ତ) ସମ୍ପ୍ରଦାୟର ନିଆରା ପର୍ବ 'ବାନ୍ଦଣା' ସମାରୋହରେ ପାଳିତ ହୋଇଛି। ପାରମ୍ପରିକ ରୀତିରେ ଏହି ପର୍ବକୁ ମୁଖ୍ୟତଃ ତିନିଦିନଧରି ପାଳନ କରାଯାଇଥାଏ। ପର୍ବର ପ୍ରଥମ ଦିନ ଗୋଠ ପୂଜା ବା ଅଣ୍ଡା ମଡା ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ଉପଲକ୍ଷେ ନିଜ ସମ୍ପ୍ରଦାୟର ଜଣେ ଦେହୁରୀ ଗୋରୁ ଗୋଠରେ ଗୋଟିଏ ଅଣ୍ଡା ପୂଜା କରିଥା'ନ୍ତି। ସେହି ଅଣ୍ଡାକୁ ଗୋଠରେ ସ୍ଥାପନ କରାଯାଇଥାଏ। ଯେଉଁ ଗ୍ରାମବାସୀଙ୍କ ଗୋରୁ ଏହି ଅଣ୍ଡାକୁ ମାଡିଥାଏ ତାଙ୍କ ଗୃହରେ ଲକ୍ଷ୍ମୀଙ୍କ କୃପା ରହିଛି ବୋଲି ବିଶ୍ୱାସ ରହିଛି। ସେହିପରି ଦ୍ୱିତୀୟ ଦିନ ହେଉଛି ଗୁହାଳ ବା ଗୋବର୍ଦ୍ଧନ ପୂଜା। ତୃତୀୟ ଦିନକୁ ବୁଢ଼ି ବାନ୍ଦଣା ବା ବଳଦ ଖୁଣ୍ଟା ପର୍ବ ଭାବେ ପାଳନ କରାଯାଏ। ଗୋଠ ପୂଜା ଅବସରରେ ବିଭିନ୍ନ କୁଡୁମୀ ଗ୍ରାମର କୌଣସି ଏକ ଖୋଲା ସ୍ଥାନକୁ ଗୋବରରେ ଲିପାପୋଛା କରି ସେଠାରେ ଗୋଟିଏ ଅଣ୍ଡା ସ୍ଥାପନ କରାଯଇଥାଏ। ପରେ ଗ୍ରାମର ସମସ୍ତ ଗାଇ ବଳଦ ସେହି ଅଣ୍ଡାଥିବା ସ୍ଥାନକୁ ଅତିକ୍ରମ କରିବା ସମୟରେ ଯେଉଁ ଗାଇ କିମ୍ବା ବଳଦର ଖୁରା ଆଘାତରେ ଅଣ୍ଡାଟି ଭାଙ୍ଗିଯାଏ, ସେହି ବଳଦର ମାଲିକ ସମସ୍ତ ଗ୍ରାମବାସୀଙ୍କୁ ଭୋଜି ଦେବାର ପରମ୍ପରା ଚାଲିଆସିଛି। ଏହି ଉପଲକ୍ଷେ ଗୁହାଳେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଅର୍ପଣ ପୂର୍ବକ ବିଧିମତେ ପୂଜାର୍ଚ୍ଚନା କରାଯାଇଥାଏ। ତୃତୀୟ ଦିବସରେ ଘର ଅଗଣା ଲିପାପୋଛା କରାଯାଏ। ଗାଇ, ବଳଦଙ୍କୁ ସ୍ନାନ କରାଇ ତାଙ୍କ ଶିଙ୍ଗରେ ତେଲ ସିନ୍ଦୂର ଲଗାଇ ଧାନକେଣ୍ଡାରେ ତିଆରି ମୁକୁଟ ପିନ୍ଧାଯାଏ। ଗାଇ ବଳଦଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ସନ୍ଧ୍ୟାରେ ନାଚ ଗୀତ ସହିତ ମାଦଲ, ନାଗରା ବଜାଇ ବଳଦକୁ ନଚାଇବା ପରମ୍ପରା ରହିଛି।

## କଲ୍ୟାଣୀ ମହିଳା ସମିତି ପକ୍ଷରୁ ଆଲୋଚନାଚକ୍ର

ବାରିପଦା, ୨୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ ଆନୁକୂଲ୍ୟରେ 'ଯୋଗ ଚେତନା ଓ ଦର୍ଶନ-ସୁସ୍ଥ ଶାରୀରିକ ଓ ମାନସିକ ସ୍ଥିତି ନିମିତ୍ତ ଅପରିହାର୍ଯ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ସଂଘର ଉପସଭାନେତ୍ରୀ କଳ୍ପନା ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରେମକାଲ ଯୋଗ ମନ୍ଦିରର ପ୍ରତିଷ୍ଠାତା ଯୋଗଗୁରୁ ରାକେଶ ମହାନ୍ତ ଯୋଗ ଦେଇ ଶୀର୍ଷକ ବିଷୟରେ ଆଲୋଚନା କରିବା ସହ ଯୋଗ ମାଧ୍ୟମରେ ଶରୀର, ମନ ଓ ଆଧ୍ୟାତ୍ମିକ ଚେତନା ମଧ୍ୟରେ ସନ୍ତୁଳିତ ସଂଯୋଗ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତି ସଭ୍ୟ/ସଭ୍ୟାଙ୍କୁ ଉଚ୍ଚ ରକ୍ତଚାପ, ଶ୍ୱାସ, ମଧୁମେହ, କନ୍ଧ, ଅଣ୍ଟା ଆଣ୍ଠୁ ଦରଜ, ପେଟରୋଗ ଆଦିର ନିଦାନ ପାଇଁ ସାପୋର୍ଟିଂ ଯୋଗ ଚିକିତ୍ସା ସରଳଭାବେ ବୁଝାଇବା ସହ ଯୋଗ ଅଭ୍ୟାସ କରାଇଥିଲେ। ଯୋଗ ଗୁରୁଙ୍କୁ ସହାୟତା କରିଥିଲେ ଯୋଗଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ରାଉତ ଏବଂ ମଧୁସ୍ମିତା ରାଉତ, ସଂଘର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ଭୋଇ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ସଂଘର କର୍ମକର୍ତ୍ତା ପ୍ରାଧ୍ୟାପକ ଗଙ୍ଗାଧର ବେହେରା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ପରିଷଦକୁ ମନୋନୀତ ହୋଇଥିବାରୁ ତାଙ୍କୁ ସଂଘର ପ୍ରାକ୍ତନ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା ସମ୍ବର୍ଦ୍ଧନା ଜଣାଇଥିଲେ। ଆଲୋଚନାଚକ୍ରରେ ପ୍ରତିଭା ମିଶ୍ର, ସୀତାକାନ୍ତ ବେହେରା, ଯୋଗେନ୍ଦ୍ର ନାଥ ପଣ୍ଡା, ରବିନାରାୟଣ ଚାଉପଟ୍ଟନାୟକ, ପ୍ରକାଶ ମହାପାତ୍ର, ରାମେଶ୍ୱର ସାହୁ, ପ୍ରକାଶ ଚନ୍ଦ୍ର ଦାଶ, ଉଷା ଶତପଥୀ, ମେଘମାଳା ବେହେରା ଓ ଆଶିଷ କୁମାର ଦେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ପ୍ରାଧ୍ୟାପକ ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



● ପିସିସି ସଭାପତିଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ

## ଜିଲ୍ଲା କଂଗ୍ରେସ ସାଇବର ଥାନାରେ ଦ୍ୱାରସ୍ଥ



ବାରିପଦା, ୨୩।୧୦(ସମିସ): ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପ୍ରତି ଫୋକସ୍ତ୍ର ପ୍ଲସର ମୁଖ୍ୟ ସୁଧାଂଶୁ ଶେଖର ରାଉତ, ଅଜୟ କୁମାର ପଣ୍ଡା, ଅନନ୍ତ ନାରାୟଣଧଳ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେବା ସହ ଗଣମାଧ୍ୟମରେ ଚରିତ୍ର ସଂହାର କରିଥିଲେ। ତେଣୁ ଗୁରୁବାର ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ନେତୃତ୍ୱରେ ଏକ ଟିମ୍ ବାରିପଦା ସାଇବର ଥାନାରେ ପହଞ୍ଚି ଥାନା ଅଧିକାରୀ ପ୍ରଦୀପ କୁମାର ମାଝୀଙ୍କୁ ଅଶାଳୀନ ମନ୍ତ୍ୟବ ଦେଇଥିବା ଉପରୋକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଏସଟି ସେଲ ଚୈତନ୍ୟ ହାଁସଦା, ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ ପାଲ, ନାରାୟଣ ପଟ୍ଟନାୟକ, ମୀନକେତନ ବେହେରା, ରବି ନାରାୟଣ ପରିଡ଼ା, ଅଶୋକ ଗିରି, ସମର ରଞ୍ଜନ ଦାସ, ସରୋଜ ସାହୁ, ଜଗନ୍ନାଥ ପରିଡ଼ା, ଜୀବନ ବାରିକ, ନିର୍ମଳ ପ୍ରଧାନ, ବନମାଳୀ ବାରିକ, ରାଣା ସତ୍ୟକାମ ସେନାପତି, ସୁନିତା ନାୟକ, ରଶ୍ମିତା ମିଶ୍ର, ଇତି ମିଶ୍ର, ୱାହିଦା ଅହମ୍ମଦ, ଭୁବନେଶ୍ୱରୀ ପରିଡ଼ା, ନିର୍ମଳ ପ୍ରଧାନ, ଭବାନୀ ସାହୁ, ବାଦଲ ହେମ୍ବ୍ରମ, ମନୋରଞ୍ଜନ ହେମ୍ବ୍ରମ, ବିରାମ ମୁର୍ମୁ, ମଦନ ମାଝୀ, ଚତୁର୍ଭୁଜ ପାତ୍ର ଓ ରାମଚନ୍ଦ୍ର ସିଂ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।

## ୨୭ରେ ଭଞ୍ଜସେନାର ହରତାଳ ଚେତାବନୀ

ବାରିପଦା, ୨୩।୧୦(ସମିସ): ଜିଲ୍ଲାର ଅଣରାଜନୈତିକ ଯୁବଛାତ୍ର ସଂଗଠନ ଭଞ୍ଜସେନା ଆସନ୍ତା ୨୮ ତାରିଖରେ ପ୍ରମୁଖ ରାସ୍ତାରେ ହରତାଳ କରିବାକୁ ଚେତାବନୀ ଦେଇଛି। ଦୀର୍ଘ ଦିନଧରି ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମୁଖୀ ଯୋଗୁଁ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଛି। ଶିକ୍ଷାଧିକାରୀଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ଠାକୁରମୁଣ୍ଡା ବ୍ଲକ ଅଧୀନ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁ ଆସନ୍ତା ୨୭ ତାରିଖରେ ନିଜେ ଆତ୍ମଦାହ କରିବେ ବୋଲି ଘୋଷଣା କରିଛନ୍ତି। ଏ ନେଇ ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଗୁରୁବାର ଏନେଇ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସୂଚନା ଅନୁସାରେ, ଦୀର୍ଘ ଦିନଧରି ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ବିବାଦୀୟ ପ୍ରସଙ୍ଗରେ ଜଡିତ ଥିବାରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭଞ୍ଜସେନା ପକ୍ଷରୁ ସରକାରଙ୍କୁ ବହୁବାର ନିବେଦନ କରାଯାଇଛି; ପରନ୍ତୁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଗଠନ ବାଧହୋଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନେଇଛି। ଆସନ୍ତା ୨୭ ତାରିଖ ସୋମବାର ମୟୂରଭଞ୍ଜ ଜିଲ୍ଲା ମଧ୍ୟ ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ପ୍ରମୁଖ ରାସ୍ତାରେ ସକାଳ ୧୦ଟାରୁ ହରତାଳ ଆରମ୍ଭ ହେବ ବୋଲି ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଯଥାଶୀଘ୍ର ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକାଳର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାରେ ଯଦି ସରକାର ପୁଣି ବିଳମ୍ବ କରନ୍ତି, ତେବେ ଉଚ୍ଚନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଫଳକ ଉନ୍ମୋଚନ ବେଳେ ବିଧାୟକ ହଟହଟା

## ଖରାପ ରାସ୍ତାକୁ ନେଇ ତାତିଲେ ଲୋକେ




ବେତନଟୀ, ୨୩।୧୦(ସମିସ): ବେତନଟୀ ବ୍ଲକ ଅଧୀନ ଖୁଣ୍ଟାପୁର ଆରଆଇ ଅଫିସର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ବିଧାୟକ ସନାତନ ବିଜୁଳି ଯାଇଥିବା ସମୟରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଲୋକେ ତାତିଥିଲେ। ସୂଚନା ମୁତାବକ ଖୁଣ୍ଟାପୁର ଏବଂ ଦିଗାନଗର ରାସ୍ତା ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମରାମତି ହୋଇ ନ ଥିବାରୁ ଖାଲଖମାରେ ଭର୍ତ୍ତି ହେବା ସହିତ କାଦୁଅ ପଚପଚ ହୋଇଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲୋକେ ବାରମ୍ବାର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ହେଲେ ଆଜି ରାସ୍ତାକୁ ପ୍ରାଥମିକତା ନ ଦେଇ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଅନ୍ୟ ପ୍ରକଳ୍ପ ମଞ୍ଜୁର ହେବାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଖୁଣ୍ଟାପୁରରେ ୫୧. ୫୧ ଲକ୍ଷ ଟଙ୍କା ବିନିମୟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ହେବାକୁ ଥିବା ଫଳକ ଉନ୍ମୋଚନ ନିମନ୍ତେ ବିଧାୟକ ଯାଇଥିବାବେଳେ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ତାତିଥିଲେ। ସ୍ଥାନୀୟ ଲୋକେ ବିଧାୟକଙ୍କୁ ରାସ୍ତା ସମ୍ପର୍କରେ ଅବଗତ କରାଯିବାରୁ ସେ ଅଣଦେଖା କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବିଧାୟକ ହଟହଟା ହୋଇ ଶୀଘ୍ର ସେଠାରୁ ପଳାଇଥିଲେ।

## ବ୍ଲକ୍ ଗଠନ ଦାବିରେ ଶରତ ବିକାଶ ମଞ୍ଚର ବିକ୍ଷୋଭ




ଶରତ, ୨୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ସବୁଠାରୁ ପଛୁଆ ତଥା ଅବହେଳିତ ଉପାନ୍ତ ଅଞ୍ଚଳଭାବେ ପରିଚିତ କପ୍ତିପଦା ଉପଖଣ୍ଡର ଶରତ ଅଞ୍ଚଳ। ଏହି ଅଞ୍ଚଳକୁ ନେଇ ବ୍ଲକ ଗଠନ ଦାବିରେ ଶରତ ବିକାଶ ମଞ୍ଚ ଅଣ୍ଟା ଭିଡିଛି। ଏହି ଅଞ୍ଚଳରେ ଶରତ, ରାଣୀପୋଖରୀ, ଦେଓାନବାହାଲି, ସରଡିହା, ନୋଟ, ଲାବଣ୍ୟଦେଇପୁର, କଳମଗଡ଼ିଆ, ରାମଚନ୍ଦ୍ରପୁର ଓ ପଦ୍ମପୋଖରୀ ପଞ୍ଚାୟତ ରହିଛି। ଏହି ସବୁ ପଞ୍ଚାୟତ ସମୂହକୁ ନେଇ ଶରତ ବ୍ଲକ ଗଠନ ଦାବିରେ ଶରତ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଗଣଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୩୦ ଦିନ ଭିତରେ ତଦନ୍ତ କରି ଶରତ ବ୍ଲକ ଗଠନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସଚିବ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସୂତ୍ରରୁ ପ୍ରକାଶ। ସେହିପରି ଶରତରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା, ଶରତ ଯୁକ୍ତ ଦୁଇ ମହାବିଦ୍ୟାଳୟକୁ +୩ ମହାବିଦ୍ୟାଳୟ ମାନ୍ୟତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ, ତହସିଲ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ ପ୍ରତିଷ୍ଠା, ଶରତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଆଦି ଦାବି କରାଯାଇଛି। ନିକଟ ଅତୀତରେ ଓଡ଼ିଶା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶାରେ ନୂତନ ବ୍ଲକ ଗଠନ ହେବାକୁ ନେଇ ରାଜ୍ୟ ସରକାର ଚିନ୍ତା କରୁଥିବା ଘୋଷଣା କରିଥିବାରୁ ଶରତଠାରେ ବ୍ଲକ ଗଠନ ସୁନିଶ୍ଚିତ ହେବାକୁ ଶରତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ବିକ୍ଷୋଭରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ଯୁବ ସମାଜସେବୀ ନବୀନ ମୁଣ୍ଡରୀ, ଡ଼କ୍ଟର ବିକ୍ରମ ବିରୁଲି, ସାମାଜିକ କର୍ମୀ ରମେଶ ବିରୁଆ, ମାହାନ୍ତି ଦେଓଗାମ, ମମତାମୟୀ ଗୋଇପାଇ, ପୁଷ୍ପଲତା ମୁଣ୍ଡୁରୀ, ବେଲମଣୀ ସିଂ, ଦାନିଏଲ ଖୁଣ୍ଟିଆ, ଘନବାବୁ ପାତ୍ର, ଲାମ୍ବୋଦର ଗୋଇପାଇ ପ୍ରମୁଖ ସାମିଲ ହୋଇଥିଲେ।

ସକାଳ
THE SAKALA



# ୧୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କଫ ସିରପ୍ ଜବତ


ପିକଅପ୍ ଭ୍ୟାନ୍ ଓ ବାଇକ୍ ଜବତ, ୨ ଗିରଫ

ବରଗଡ଼,୨୩ା୧୦(ସମିସ): ଅବକାରୀ ବିଭାଗର ପାଟ୍ରୋଲିଂରେ ୧୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କଫ ସିରପ୍ ଜବତ ହେବା ସହ ପିକଅପ୍ ଭ୍ୟାନ୍ ଓ ବାଇକ୍ ଜବତ ହୋଇଛି। ତଦନ୍ତ ଅଧିକାରୀ ଉପ ନିରୀକ୍ଷକ ଅବଦୁଲ ଅନୱରଙ୍କ ଅନୁସାରେ ସଂପୃକ୍ତ ୨ ଜଣ ଆସାମୀ ଆଶିଷ ଅଗ୍ରୱାଲ ଓ ଜମିଦାର ବାଗକୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ଅବକାରୀ ଅଧିକ୍ଷକ ସୁବନ ନାୟକଙ୍କ ନିର୍ଦ୍ଦେଶାନୁସାରେ ଉପ ଅଧିକ୍ଷକ ଦିବ୍ୟ ରଞ୍ଜନ ରାଉତ ଓ ଅବକାରୀ ନିରୀକ୍ଷକ ବିକାଶ ଟପ୍ନୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଟି ଟିମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରାତ୍ରିରେ ପାଟ୍ରୋଲିଂ କରୁଥିଲେ। ଗତକାଲି ରାତିରେ କଟକରୁ ସୋନପୁର ଦେଇ ବରଗଡ଼ ଆସୁଥିବା ଏକ ପିକଅପ ଭ୍ୟାନର ଗତିବିଧି ସନ୍ଦେହଜନକ ହେବାରୁ ତାର ପିଛା କରି ସଦର ଥାନା ଅଧୀନ ଏକାମ୍ର ଛକ ନିକଟରେ ଅଟକାଇଥିଲେ। ସେଥିରୁ ୫୪୦୦ ବୋତଲ ଏସକଫ ସିରପ ସହ ଗୋଟିଏ ପିକଅପ ଭ୍ୟାନ ଓ ଏହିଗାଡିକୁ ପାଇଲଟିଂ କରୁଥିବା ଏକ ବାଇକ୍ ଜବତ କରିଥିଲେ। ଜବତ କଫ୍ ସିରପର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ସୂଚନାନୁସାରେ ଅନ୍ୟ ସ୍ଥାନରେ ଚଢ଼ଉ ଜାରି ରହିଥିବା ସୂଚନା ମିଳିଛି। ବରଗଡ଼ ଜିଲ୍ଲା ତଥା ସହରରେ ସବୁଆଡେ ନିଶା କାରବାର ଜୋରଦାର ଭାବେ ଚାଲୁଛି। ଅବକାରୀ ବିଭାଗ ସୂଚନା ପାଇଲା ମାତ୍ରେ ଚଢ଼ଉ କରୁଛି। ବେଆଇନ ନିଶା କାରବାରର କୌଣସି ତଥ୍ୟ ମିଳିଲେ ତୁରନ୍ତ ଅବକାରୀ ବିଭାଗକୁ ଖବର ଦେବାକୁ ବରଗଡ଼ ଜିଲ୍ଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାଏକ କହିଛନ୍ତି।

# ଠକେଇର ଶିକାର ମହିଳାମାନେ ଭେଡେନ ଥାନା ଦ୍ୱାରସ୍ଥ

ଭେଡେନ,୨୩ା୧୦(ସମିସ): ଭେଡେନ ଥାନା ବକଟି ପଞ୍ଚାୟତ ଅପାମରା ଗାଁର ଅନେକ ମହିଳା ସମଗ୍ର ଜିଲ୍ଲାରେ ଚାକିରି ଦେବାକୁ କହି ମହିଳାଙ୍କୁ ଠକୁଥିବା ର୍‌ୟାକେଟର ଶିକାର ହୋଇଛନ୍ତି। ଝାଡୁଦାର କାମ ପାଇଁ ଚାକିରି କରିବା ଆଶାରେ ଜଣ ପିଛା ୧୩,୦୦୦ ହଜାର ଦେଇଥିଲେ। ପରେ ଚାକିରି ନ ମିଳିବାରୁ

## ୨ଜଣଙ୍କ ନାଁରେ ଅଭିଯୋଗ

ଠକେଇର ଶିକାର ହୋଇଥିବା ଜାଣି ଟଙ୍କା ନେଇଥିବା ୨ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗର୍ଭନା ଅଇଲାପାଲି ଗାଁର ତରଣୀ ମହାନନ୍ଦ ଓ ଯୁଗୀପାଲି ଗାଁର ତରଣୀ ସୁରୁଜାଲ ଅପମରା ଗାଁକୁ ଯାଇ ଝାଡୁଦାର ଚାକିରି କଲେ ୧୫ ଦିନରେ



୬୦୦୦ ଟଙ୍କା ଦରମା ମିଳିବ ବୋଲି ମିଛ ପ୍ରଲୋଭନ ଦେଖାଇଥିଲେ। ଜଣ ପିଛା ୧୩ ହଜାର ଟଙ୍କା ସିକ୍ୟୁରିଟି ଲାଗିବ ବୋଲି କହି ସମସ୍ତଙ୍କ ଠାରୁ ସିକ୍ୟୁରିଟି ଟଙ୍କା ନେଇଥିଲେ। ହେଲେ କାହାରିକୁ ମଧ୍ୟ ଚାକିରି ନଦେବାରୁ ଠକେଇର ଶିକାର ମହିଳାମାନେ ଆଜି ଭେଡେନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଛାତ୍ରବୃତ୍ତି ପାଇଁ ଓଟିଆର ପଞ୍ଜୀକରଣ ଉପରେ ତାଲିମ

ବରଗଡ଼,୨୩ା୧୦(ସମିସ): ପ୍ରି-ମାଟ୍ରିକ ଏବଂ ପୋଷ୍ଟ-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଏକକାଳୀନ ପଞ୍ଜୀକରଣ (ଓଟିଆର) ପ୍ରକ୍ରିୟା ଉପରେ ଧ୍ୟାନ ଦେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ତାଲିମ ତଥା ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ଏବଂ ସୋହେଲା ବ୍ଲକ୍ ଅଧୀନରେ ଥିବା ଅନୁଷ୍ଠାନ ଗୁଡିକର ସମସ୍ତ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷଙ୍କ ପାଇଁ ଏହି ଅଧିବେଶନ ସ୍ୱତନ୍ତ୍ର ଭାବେ ଆୟୋଜିତ ହୋଇଥିଲା। ଅଧିବେଶନର ମୁଖ୍ୟ ସମ୍ବଳ ବ୍ୟକ୍ତି, ଜିଲ୍ଲା ଛାତ୍ରବୃତ୍ତି ସଂଯୋଜକ ବିବେକାନନ୍ଦ ସିଂ ଓଟିଆର ପ୍ରକ୍ରିୟା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ଏବଂ ସମୟୋଚିତ ଆବେଦନକୁ ସୁଗମ କରିବା ପାଇଁ ବିଦ୍ୟାଳୟ ମୁଖ୍ୟ ମାନଙ୍କୁ ଆବଶ୍ୟକ ବୈଷୟିକ ଜ୍ଞାନ ସହିତ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।

# ଢୋଲବନ୍ଧରେ ଗାଁ ଦିବସ




ପଦ୍ମପୁର,୨୩ା୧୦(ସମିସ): ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗାଁରେ କଳାକ୍ଷେତ୍ର ଓଡ଼ିଶା ଅନୁଷ୍ଠାନ ଆହ୍ୱାନରେ ଗାଁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲାଲସାହେବ ସାହୁ ମୁଖ୍ୟ ଅତିଥି, ଘନଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ରାଜ ସାହୁ ଗାଁ ସଂସ୍କୃତି, ଚାଲିଚଳଣି ଓ ନାଟ୍ୟ ପରମ୍ପରାର କଥା ଲୋକଙ୍କୁ ବୁଝାଇଥିଲେ। ଜୟନ୍ତ ସାହୁ, ମହେନ୍ଦ୍ର ସାହୁ, ଆଦର୍ଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ କାର୍ତ୍ତିକ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଦକ୍ଷିଣକାଳୀ ପୂଜା ଉଦ୍‌ଯାପିତ



ପଦ୍ମପୁର,୨୩ା୧୦(ସମିସ): ପଦ୍ମପୁର ଖଦୀ ମଣ୍ଡଳ ସ୍ଥିତ ମାଁ ଦକ୍ଷିଣ କାଳୀ ମନ୍ଦିରରେ ମାଁଙ୍କ ଯୁଗାର ଯାତ୍ରା ୨୧ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଏଥିରେ ଯଶୋଦେବ ଭୁଏ ଓ ତାଙ୍କ ଧର୍ମପତ୍ନୀ ସୁପ୍ରଭା ଭୁଏ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗଣେଶ ସେଠ ଓ ତାଙ୍କ ଧର୍ମପତ୍ନୀ ବେଟିଖାଇ ସେଠଙ୍କ ଦ୍ୱାରା ଯୁଗାର ନିର୍ମିତ ହୋଇଥିଲା। ତାଙ୍କ ବାସଭବନରେ ପଣ୍ଡିତ ମୃତ୍ୟୁଞ୍ଜୟ ହୋତାଙ୍କ ମନ୍ତ୍ର ଉଚ୍ଚାରଣ, ମହିଳାଙ୍କ ହୁଳହୁଳି, ଶଙ୍ଖ, ଘଣ୍ଟ ଧ୍ୱନି, କଳଙ୍ଗୀ ବାଜା, ସମ୍ପ୍ରଦା, ନାମ ସଂକୀର୍ତ୍ତନ ସହିତ ସୁସଜ୍ଜିତ ରଥରେ ଯୁଗାରକୁ ସ୍ଥାପନା କରାଯାଇଥିଲା। ଅନ୍ୟ ରଥ ମାନଙ୍କରେ ମାଁ କାଳୀ ବେଶରେ ଯସିକା ଭୁଏ, ମାଁ ଲକ୍ଷ୍ମୀ ବେଶରେ ଅନ୍ୱେଶା ସାହୁ, ମାଁ ସରସ୍ୱତୀ ବେଶରେ ସିମ୍ରନ ମେହେର, ରାମ ବେଶରେ ପ୍ରତିତି ସାହୁ, ଲକ୍ଷ୍ମଣ ବେଶରେ ଅନନ୍ୟା ସାହୁ, ସୀତା ବେଶରେ ମନିଷା ପାଢ଼ୀ ଓ ହନୁମାନ ବେଶରେ ମହେଶ ପାଣିଗ୍ରାହୀ ରହିଥିଲେ। ସନ୍ଧ୍ୟାରେ ମାଁଙ୍କୁ କାକରା ଭୋଗ ଦିଆ ଯାଇଥିଲା। ୨୨ ତାରିଖ ବୁଧବାର କୁଷ୍ମାଣ୍ଡ ବଳି ଦିଆ ଯାଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ଣରେ ମାଁଙ୍କ ପୂଜା ପୂର୍ଣ୍ଣାହୁତି ପଡିଥିଲା ଓ କଳସି ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ବାଳମୁକୁନ୍ଦ ଭୁଏ, ରଘୁମଣି ସାହୁ, ପ୍ରତାପ ନାଥ, ଦୟାଶାଗର ସାହୁ, ଧର୍ମେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ମଙ୍ଗୁଲୁ ଗହୀର, ଶିବ ଭୁଏ, ଚନ୍ଦନ ସିଂ ବରିହା, ଦୀନବନ୍ଧୁ ହେମ୍ବ୍ରମ, କୁଞ୍ଜବନ ପଧାନ, ଗୋବିନ୍ଦ ଦାଶ, ମଦନ ବାଗ ଓ ଦେବରାଜ ବିଶ୍ୱାଲ ପ୍ରମୁଖ ସହଯୋଗ କରିଥିଲେ।

# 'ଗାନ୍ଧୀ ଅନନ୍ତ, ଗାନ୍ଧୀ କଥା ଅନନ୍ତ' ଶୀର୍ଷକ ଆଲୋଚନାଚକ୍ର

ଭଟଲି,୨୩ା୧୦(ସମିସ): ଭଟଲି ଦଧିବାମନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ 'ଗାନ୍ଧୀ ଅନନ୍ତ, ଗାନ୍ଧୀ କଥା ଅନନ୍ତ' ଶୀର୍ଷକ ଆଲୋଚନାଚକ୍ର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି। ସଭାକୁ ଶିକ୍ଷା ବିଭାଗର ପ୍ରଧ୍ୟାପକ ଚୁଡାମଣି ରଥ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଦାଶ, ମଞ୍ଚାସୀନ ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ବିଶ୍ୱଜିତ ହୋତା ଓ ସଂସ୍କୃତ ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜୀବ ସାହୁ ଗାନ୍ଧୀଙ୍କ ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଆଇଆଇଏମ ଜେନେରାଲ ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁଜିତ ପୃଷେଠ ମୁଖ୍ୟ ବକ୍ତା ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକ ବିରାଟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରଗୁପ୍ତଙ୍କ ବାର୍ଷିକ ଉତ୍ସବ



ବରଗଡ଼,୨୩ା୧୦(ସମିସ): ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ଦେବଙ୍କ ବାର୍ଷିକ ଉତ୍ସବ ୨୦୨୫ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ସଞ୍ଜୁବାଲା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁସୁମ ପଟ୍ଟନାୟକ ଓ ସୀମା ପଟ୍ଟନାୟକ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନ ଜୁନିୟର ବିଭାଗରେ ଅଂଶୁମାନ ପଟ୍ଟନାୟକ ପ୍ରଥମ ଓ ସୌମ୍ୟରଞ୍ଜନ ପଟ୍ଟନାୟକ ଦ୍ୱିତୀୟ ଓ ସବ୍ ଜୁନିଅର ବିଭାଗରେ ସାଇ ସାର୍ଥକ ସାହୁ ପ୍ରଥମ ତଥା ସଂପୂର୍ଣ୍ଣା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର, ମୋମେଣ୍ଟୋ ଓ ଉପଢୌକନ ସହ ପୁରସ୍କୃତ କରାଯାଇଥିଲା। ମମିତା ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଥିବାରୁ କରଣ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଝରଣା ପଟ୍ଟନାୟକ, କବିତା ପଟ୍ଟନାୟକ, ସବିତା ପଟ୍ଟନାୟକ, ମମତା ପଟ୍ଟନାୟକ, ସୀମା ପଟ୍ଟନାୟକ, ମିନୁ ପଟ୍ଟନାୟକ, ମଧୁସ୍ମିତା ପଟ୍ଟନାୟକ, ମିଲି ପଟ୍ଟନାୟକ ତଥା ମିନୁ ସାହୁ ପ୍ରମୁଖ କଳସ ଯାତ୍ରାରେ ସାମିଲ ହୋଇଥିଲେ। ସଭାପତି ନେତ୍ରାନନ୍ଦ ବକ୍ସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂଜାରେ ପାରସ ପଟ୍ଟନାୟକ ଓ ସ୍ନେହା ପଟ୍ଟନାୟକ କର୍ତ୍ତା ରୂପେ ବରଣ ହୋଇ ପୂଜା କାର୍ଯ୍ୟ ତୁଲାଇଥିଲେ। କରଣ ସମାଜର କୂଳ ଦେବତା ଭଗବାନ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବକୁ ମହା ଆଡମ୍ବରରେ ପାଳନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବିରତ୍ନ ସାହୁ, ଉମା ଶଙ୍କର ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ବନ ବିହାରି ପଟ୍ଟନାୟକ, ଶିଶିର ପଟ୍ଟନାୟକ, ପ୍ରେମାନନ୍ଦ ପୃଶେଠ, ମନୋଜ ମହାପାତ୍ର, ପ୍ରତାପ ପଟ୍ଟନାୟକ, ସବିତା ପଟ୍ଟନାୟକ, ଆଜାଦ ସାହୁ, ଶଙ୍କର ପଟ୍ଟନାୟକ, ଜ୍ଞାନ ପଟ୍ଟନାୟକ, ଶଶିଭୂଷଣ ପଟ୍ଟନାୟକ, ହରି ନାରାୟଣ ପଟ୍ଟନାୟକ, ଦେବୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର

ବରଗଡ଼,୨୩ା୧୦(ସମିସ): ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ ୨୦୨୫ ଅବସରରେ ଗୋଟିଏ ଦିନରେ ୨ଟି ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସକାଳେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଲଷ୍ଟଲା ଗାଁରେ ଗିରି ଗୋବର୍ଦ୍ଧନ ପୂଜା ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅତାବିରା ବିଧାୟକ

## ୭୦ ୟୁନିଟ୍ ରକ୍ତ ସଂଗ୍ରହ

ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଓ ଅନ୍ୟତମ ଅତିଥି ଭାବେ ଭିଡିସି ସଭାପତି ଖିରେଶ୍ୱର ପଧାନ ଶିବିରର ଶୁଭାରମ୍ଭ କରିଥିଲେ। ମୋଟ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ରାଜୁ ମହାକୁର, ସୁମନ୍ତ ନାୟକ (ରିଲୁ), ଉଷମାନ ଖାନ, ଶଶାଙ୍କ ନାୟକ, ଦିନେଶ ପ୍ରଧାନ, ବାବଲୁ ସାହୁ, ମୁକେଶ ପ୍ରଧାନ, ବାବୁ ନାୟକ, ବାବଲୁ ମେହେର, ଲଷ୍ଟଲା ଗାଁବାସୀ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ସେହିପରି ଗିରି ଗୋବର୍ଦ୍ଧନ ପୂଜା ଅବସରରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଧୀନ ଟିହିଁକି ପାଲି ଗାଁରେ ମଧ୍ୟ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଟିହିଁକି ପାଲି ଗାଁର ଉଗ୍ରସେନ କୁମରା, ମହୁଲ ପାଲି ସରପଞ୍ଚ ବିଜୟ କର୍ମୀ, ନିରଞ୍ଜନ ତ୍ରିପାଠୀ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ମୋଟ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉଭୟ ଶିବିରରୁ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରର ଉପଦେଷ୍ଟା ଉମେଶ ପ୍ରଧାନ, ଟିହିଁକି ପାଲି ଗାଁବାସୀ ଓ ନିଷ୍ଠା ପରିବାର ସଦସ୍ୟ ସଦସ୍ୟା ମାନେ ଶିବିରର ପରିଚାଳନା କରିଥିଲେ।



# ବାଲ୍ମୀକି ଜୟନ୍ତୀରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ବୁଝାମଣା ପତ୍ର

ଭଟଲି,୨୩ା୧୦(ସମିସ): ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ପଶ୍ଚିମୋକ୍ରଳର ସଂସ୍କୃତ ଭାରତୀ ଓ ଭଟଲି ଦଧିବାମନ ସ୍ନାତକ ମହାବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ସହିତ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ବାଲ୍ମୀକି ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତ ଭାରତୀର ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀ, ସଂପାଦକ ଅଜିତ ପଣ୍ଡା, ସଂସ୍କୃତ ଭାରତୀ ଭଟଲି ଶାଖାର ଅଧ୍ୟକ୍ଷ ଗିରିଧାରୀ ବାରିକ ଯଥାକ୍ରମେ ମୁଖ୍ୟବକ୍ତା, ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସେବାଶ୍ରୀ ମହାପାତ୍ର, ରଶ୍ମିତା ପଧାନ, ତୃପ୍ତି ସାହୁ, ଶାନ୍ତି ପାତିକାର ପ୍ରମୁଖ ଦୀପମନ୍ତ୍ର ଓ ସ୍ୱାଗତ ଗୀତ ପରିବେଷଣ ସହିତ ରାମାୟଣ ଓ ବାଲ୍ମୀକି ବନ୍ଦନା ସାମୂହିକ ଭାବେ ଗାନ କରାଯାଇଥିଲା। ସଂସ୍କୃତ ଅଧ୍ୟାପକ ରାଜୀବ ସାହୁ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଆଦିତ୍ୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ବିଶ୍ୱଜିତ୍ ହୋତା, ଅଧ୍ୟାପକ ବିରାଟ ପ୍ରଧାନ, ଦୀପକ ପତି, ଅଧ୍ୟାପିକା ପ୍ରତିମା ପଣ୍ଡା ଓ ରାଜଶ୍ରୀ ନାଥ ସମେତ ରମାକାନ୍ତ ପ୍ରଧାନ, ବେଦବ୍ୟାସ ପଧାନ, ସନ୍ତୋଷ ବାଗ, କୀର୍ତ୍ତି ବାଗ, ଉମେଶ ବନଛୋର୍, ହରି ପଧାନ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କୁଳିତାପାଲି ଓ ଗୋପାଳପୁର ଗାଁରୁ ଅନେକ ସଂସ୍କୃତ ପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ସାମୂହିକ ଶାନ୍ତି ପାଠ କରାଯାଇଥିଲା।

# ଖଇର ଓ ସାବୁନ କାଠ ସହିତ ଗାଡ଼ି ଜବତ



ପଦ୍ମପୁର,୨୩ା୧୦(ସମିସ): ପଦ୍ମପୁର ବନ ବିଭାଗ ଦ୍ୱାରା ଖଇରକାଠ ଓ ସାବୁନ କାଠ ଚୋରା ଚାଲାଣ ଗାଡ଼ି ଜବତ ହେବା ସହ ୨ଟି ପୃଥକ ମାମଲା ରୁଜୁ ହୋଇଛି। ପଦ୍ମପୁର ଥାନା ଅଧୀନ ମହୁଲପାଲି ଗାଁରେ ବେଆଇନ ଭାବେ ୩୬ ଗଣ୍ଡି ସାବୁନ ଗଛ ବୋଝେଇ ହୋଇଥିବା ଅଭିଯୋଗରେ ଗାଡି ଜବତ କରାଯାଇଛି। ସେହିପରି ଜଗଦଲପୁର ଥାନା ଅଧୀନ ବୁକୁରାମୁଣ୍ଡା ପଲସାନୀ ଛକ ପାଖରେ ଖଇରକାଠ ଚୋରା ଚାଲାଣ ହେଉଥିବା ଅଭିଯୋଗରେ ଅନ୍ୟ ଏକ ଗାଡିକୁ ଜବତ କରାଯାଇଛି। ଚାଲାଣ ହେଉଥିବା ଖଇର କାଠର ମୂଲ୍ୟ ପ୍ରାୟ ୮୪ହଜାର ଟଙ୍କା ବୋଲି ଜଣାପଡ଼ିଛି। ଏନେଇ ୨ଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି। ଚଢ଼ଉରେ ଭାରପ୍ରାପ୍ତ ରେଞ୍ଜର ରଣଜିତ ସିଂ ବାବୁ, ଫରେଷ୍ଟର ସରୋଜ ସାହୁ, ସ୍କ୍ୱାଡ଼ ମନୋରଞ୍ଜନ ଟେଟୁଆ, କେଶରଞ୍ଜନ ବୁଡେକ, ମନୋଜ ବଡ ଗୁଛିଆ, ତରଣି ଦାସ, ରତନ ବଏସାଁ, କୃଷ୍ଣ ବଡ ଗୁଛିଆ ପ୍ରମୁଖ ସାମିଲ ହୋଇଥିଲେ।

# ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭେଡେନ,୨୩ା୧୦(ସମିସ):




ଭେଡେନ ସ୍ଥିତ ରଣଜିତା ଖେଳ ପଡିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଲା ସାହୁ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦର ସମ୍ପାଦକ ପ୍ରଫେସର ଦେବେନ୍ଦ୍ର ମହାଲିଙ୍ଗ, ପିଇଓ ଅବିନାଶ କର ଯୋଗ ଦେଇଥିଲେ। ପ୍ରଥମ ଦିନରେ ଟୁର୍ଣ୍ଣାମେଣ୍ଟରେ ୧୪ଟି ମହାବିଦ୍ୟାଳୟର ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ପ୍ରଥମ ମ୍ୟାଚ୍ ପଲ୍ଲିଶ୍ରୀ ମହାବିଦ୍ୟାଳୟ ଚିଚିଣ୍ଡା ଓ ଡିଗ୍ରୀ କଲେଜ ତୋରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଡିଗ୍ରୀ କଲେଜ ତୋରା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଜେକେଏସ ପରମାନପୁର କଲେଜ ୨-୦ ଗୋଲରେ ଲରମ୍ଭା କଲେଜ ବିପକ୍ଷରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ବରପାଲି କଲେଜ ୧-୦ ଗୋଲରେ ବରଗଡ଼ ବିକାଶ ଡିଗ୍ରୀ କଲେଜକୁ ପରାଜିତ କରିଥିଲା। ଚତୁର୍ଥ ମ୍ୟାଚ୍‌ରେ ମୋଡେଲ ଡିଗ୍ରୀ କଲେଜ ଖେଳିବାକୁ ନ ଆସିବାରୁ ଜ୍ୟୋତିବିହାର ଏସୟୁଆଇଆଇଟି ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚ୍ ପିଏସଡି କଲେଜ ଲେଇକରା ଓ ବଉଦ ପଞ୍ଚାୟତ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଟ ଆଉଟ ଜରିଆରେ ୪-୨ ବଉଦ ପଞ୍ଚାୟତ କଲେଜ ବିଜୟୀ ହୋଇଥିଲା। ଷଷ୍ଠ ମ୍ୟାଚ୍‌ରେ କଟାପାଲି କଲେଜ ଖେଳିବାକୁ ନ ଆସିବାରୁ କୁଚିଣ୍ଡା କଲେଜ ବିଜୟୀ ହୋଇଥିଲା। ସପ୍ତମ ମ୍ୟାଚ୍ ପଞ୍ଚାୟତ କଲେଜ ବରଗଡ଼ ଓ ଏସଡି କଲେଜ ଗୋଡଭୋଗା ମଧ୍ୟରେ ହୋଇଥିଲା। ଶେଷରେ ସୁଟଆଉଟ ଜରିଆରେ ୫-୩ ଗୋଲରେ ଏସଡି କଲେଜ ବିଜୟୀ ହୋଇଥିଲା। ଅନୁଷ୍ଠିତ ସମସ୍ତ ଖେଳକୁ ସୁଧାଂଶୁ ସେଠ, ପ୍ରଦୀପ ବାଗ, ଗୋପୀନାଥ ପାଣ୍ଡେ, ନୀଳ ନାଏକ, ରାଜ ମଣ୍ଡଳ, ଅଜୟ ପଧାନ ପରିଚାଳନା କରିଥିବା ବେଳେ ସନ୍ତୋଷ ନାୟର, ସୁରେନ୍ଦ୍ର ମିଶ୍ର, ସୂର୍ଯ୍ୟ ଦେହେରି ଧାରାବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର କ୍ରୀଡା ଉପ ସଭାପତି ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନର ଖେଳ ଶେଷ ହୋଇଥିଲା। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟ ତରଫରୁ ପ୍ରକାଶ।

## ବେଲପାହାଡ଼ରେ ସମଲେଇ ମନ୍ଦିର ପ୍ରତିଷ୍ଠା ପାଇଁ ସାମ୍ବାଦିକ ସମ୍ମିଳନୀ



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସମଡା ବଜାରପଡାରେ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମନ୍ଦିରର ସ୍ଥାୟୀ କମିଟି ସହ ମନ୍ଦିର ପ୍ରତିଷ୍ଠା କମିଟି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଧୁମଧାମରେ ମାଁ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହେବ ବୋଲି କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ନଭେମ୍ବର ୧୧ ମଙ୍ଗଳବାର କଳସ ଯାତ୍ରା ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ବୁଧବାର ସୂର୍ଯ୍ୟପୂଜା, ଧାନ୍ୟଭିଷେକ, ଅନ୍ନାଭିଷେକ, ସ୍ନାନମଣ୍ଡପରେ ଦେବତା ସ୍ନାନ, ପ୍ରାଣ ପ୍ରତିଷ୍ଠା, ପାଶ୍ୱର୍ ଦେବତା ଆବାହନ, ଉପସ୍ତର ଏବଂ ଚଣ୍ଡୀପାଠ, ଗୁରୁବାର ସୂର୍ଯ୍ୟପୂଜା, ବିଷ୍ଣୁ ସହସ୍ରନାମ ଏବଂ ଚଣ୍ଡୀପାଠ, ଆରତି ଓ ପୁଷ୍ପାଞ୍ଜଳି, ଶୁକ୍ରବାର ସୂର୍ଯ୍ୟପୂଜା, ଶିଖର ସ୍ନାନ, ଧ୍ୱଜାରୋହଣ ଏବଂ ଚଣ୍ଡୀପାଠ, ଗର୍ଭଗୃହରେ ମାଁଙ୍କ ପ୍ରବେଶ, ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ହେବ। ପଣ୍ଡିତ ଡ.ପ୍ରଦୀପ ମିଶ୍ର ପୂଜାର୍ଚ୍ଚନା ଏବଂ ମୁଖ୍ୟ କର୍ତ୍ତା ଭାବେ ଗୋପୀନାଥ ବେହେରା ଦାୟିତ୍ୱ ତୁଲାଇବେ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କାୟସ୍ଥ କରଣ ସମାଜ ପକ୍ଷରୁ ଭଗବାନ ଚିତ୍ରଗୁପ୍ତଙ୍କ ପୂଜା



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ପୌରପରିଷଦ ସ୍ଥିତ କାଳୀ ମନ୍ଦିର ପରିସରରେ କାୟସ୍ଥ କରଣ ସମାଜ ପକ୍ଷରୁ ଭଗବାନ ଶ୍ରୀ ଚିତ୍ରଗୁପ୍ତଙ୍କ ପୂଜା ବହୁ ଆଡମ୍ବର ସହିତ ହୋଇଯାଇଛି। ପରେ କାୟସ୍ଥ କରଣ ସମାଜ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଡ.ଦିଲୀପ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକର ମଞ୍ଚରେ କରଣ ସମାଜର ସଭାପତି ଶ୍ରୀ ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ପ୍ୟାରେଲାଲ ଶ୍ରୀବାସ୍ତବ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ବିଧାୟିକା ଦିପାଲୀ ଦାଶ, ନେତାଜୀ ପଟ୍ଟନାୟକ, ତାପସରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କିଶୋର ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପିଏମ ସ୍କୁଲର ୨ ଛାତ୍ରୀ ରାଜ୍ୟସ୍ତରୀୟ କବାଡ଼ିକୁ ମନୋନୀତ



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଭଇଁରଖୋଲ ସ୍ଥିତ ବିପିଏମ ହାଇସ୍କୁଲ ଭଇଁରଖୋଲର ୨ ଜଣ ଛାତ୍ରୀ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଦଶମ ଶ୍ରେଣୀର ଛାତ୍ରୀ ମନୀଷା ମୁଣ୍ଡା ଏବଂ ଅନିମା ମୁଣ୍ଡା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ସଫଳତାରେ ବିପିଏମ ହାଇସ୍କୁଲ ସହ ଭଇଁରଖୋଲ ଅଞ୍ଚଳକୁ ଗର୍ବିତ କରିଥିବାରୁ ଆଜି ଉଭୟ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ଆରତି ଡିଗୀ, ଖେଳ ଶିକ୍ଷୟିତ୍ରୀ ସୁମିତା ସେଟଙ୍କ ସହ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ଦିବ୍ୟରଞ୍ଜନ ବାରିକ, ସିସିମା ବିଶ୍ୱାଳ, ରିତୁ ବିଶ୍ୱାଳ, ସରୋଜ ପ୍ରଧାନ, ହେମକାନ୍ତି ବାରିକ, ପର୍ଶୁରାମ ସା, ବୁଇ ସା, ଦ୍ରୋପଦୀ ଖିଲେଇ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଉଭୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା

# ବିଜେପିର ଅଭିଯୋଗକୁ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଖଣ୍ଡନ



- ମଞ୍ଚ ପକ୍ଷରୁ ଦେବଗଡ଼ବାସୀଙ୍କ ହକ୍‌ର ଲଢ଼େଇକୁ ଦେଖି ବିଜେପି ଛାନିଆ
- ଯୁବ ଏକତା ମଞ୍ଚକୁ ଭାଙ୍ଗିବାର ପ୍ରୟାସକୁ ନିନ୍ଦା କଲା ମଞ୍ଚ

ଦେବଗଡ଼,୨୩।୧୦(ସମିସ):

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠା ସ୍ଥାନାନ୍ତର ହେବା ଦିନ ଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଛି। ଏହି ଦାବିକୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚର ଆହ୍ୱାନ କ୍ରମେ ବିଭିନ୍ନ ସଙ୍ଗଠନ ଏବଂ ରାଜନୈତିକ ଦଳ ସମର୍ଥନ ଦେଉଛନ୍ତି। ବିଜେଡିରୁ ପ୍ରତିନିଧିତ୍ୱ କରୁଥିବା ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ଦୃଢ଼ ସମର୍ଥନ ଦେଇ ଆସୁଛନ୍ତି। ମାତ୍ର ମଙ୍ଗଳବାର ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ବିଜେପି ଏକ ସାମ୍ବାଦିକ ସମ୍ମିଳନୀ କରିଥିଲା। ଏଥିରେ ବିଧାୟକ ଶ୍ରୀ ବିଶ୍ୱାଳ ଶସ୍ତା ଲୋକପ୍ରିୟତା ପାଇଁ ଲୋକଙ୍କୁ ଉସକାଇ ହୀନ ରାଜନୀତି କରୁଥିବା ଅଭିଯୋଗ ହୋଇଥିଲା। ତେବେ ବିଜେପିର ଏଭଳି ଅଭିଯୋଗକୁ ଦେବଗଡ଼ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଖଣ୍ଡନ କରାଯାଇଛି। ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ଜିଲ୍ଲାବାସୀଙ୍କୁ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ଜିଲ୍ଲା ଯୁବ ଏକତା ମଞ୍ଚର ଦାବି। ଏହାକୁ ଯେକୌଣସି ରାଜନୈତିକ ଦଳ କିମ୍ବା ବ୍ୟକ୍ତି ବିଶେଷ ସମର୍ଥନ କଲେ ତାଙ୍କୁ ମଞ୍ଚ ସ୍ୱାଗତ ଜଣାଇବ ବୋଲି ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି। କୌଣସି ବ୍ୟକ୍ତି ବିଶେଷଙ୍କର ପ୍ରରୋଚନାରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କାଉନସିଲର ଶ୍ରୀ ଦେବତା ପ୍ରକାଶ କରିଥିଲେ। ଏହାସହ ବିଜେପି ଶସ୍ତା ରାଜନୀତି ପାଇଁ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏଭଳି ହୀନ ମନ୍ତବ୍ୟ ରଖିଥିବା ଅଭିଯୋଗ କରିଥିଲେ। ବିଜେପି ମିଥ୍ୟା ଅପପ୍ରଚାର କରି ଯୁବ ଏକତା ମଞ୍ଚର ମନୋବଳ ଏବଂ ଏକତାକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହର ଠାରୁ ପ୍ରାୟ ୬ କିମି ଦୂରକୁ ସ୍ଥାନାନ୍ତର ହୋଇଥିବା ବେଳେ ବିଜେଡିର ମନମାନି ପାଇଁ ଏଭଳି ହୋଇଥିବା ବିଜେପି ଅଭିଯୋଗ ଆଣିଥିଲା। ତେବେ ସେତେବେଳେ ବିଜେପିର ବିଧାୟକ ଏବଂ ସାଂସଦ ଦେବଗଡ଼ରୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ କାହିଁକି ମୁହଁ ଖୋଲିଲେ ନାହିଁ ବୋଲି ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି।

ସେହିପରି ଜିଲ୍ଲା ଯୁବ ଏକତା ମଞ୍ଚ କୌଣସି ଦଳକୁ ଆକ୍ଷେପ କରୁ ନଥିବା ବେଳେ ବିଜେପି କାହିଁକି କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ପ୍ରକାଶ କରିଥିଲେ। ପୁଣି ଜିଲ୍ଲା ଯୁବ ଏକତା ମଞ୍ଚ ଯେବେ ପୁରୁଣା ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ପାଇଁ ଆନ୍ଦୋଳନକୁ ବାହାରିଲା ବିଜେପି ଦଳର ଜିଲ୍ଲା ସଭାପତି ଅରୁଣ ସାହୁ, ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ, ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜଙ୍କ ସମେତ ବହୁ ନେତୃବୃନ୍ଦ ସମର୍ଥନ ଜଣାଇଥିଲେ। ସେହି ଦାବି ନେଇ ଜିଲ୍ଲା ନାଗରିକ କମିଟି ପ୍ରଥମେ ଏକ ବୈଠକ ଆୟୋଜନ କରିଥିଲା। ବୈଠକର ମୁଖ୍ୟ ପୁରୋଧା କମିଟି ସଭାପତି ସୁଶିଲ କପରଦାର ଏବଂ ସମ୍ପାଦକ ସୁଧିର କପରଦାର ରହିଥିଲେ। କିନ୍ତୁ ସୁଧିର କପରଦାର କେଉଁ ସ୍ୱାର୍ଥ ପାଇଁ ଏବେ ଆନ୍ଦୋଳନକୁ ବାରମ୍ବାର ଭଣ୍ଡୁର ପାଇଁ ଚେଷ୍ଟା କରୁଛନ୍ତି ବୋଲି ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି। ଆନ୍ଦୋଳନ କୌଣସି ଦଳର ନୁହେଁ ବରଂ ଦେବଗଡ଼ବାସୀଙ୍କ ହକର ଲଢ଼େଇ। ସେଥିପାଇଁ କାଦୁଅ ଫିଙ୍ଗା ରାଜନୀତି ନକରିବାକୁ ଶ୍ରୀ ଦେବତା ପ୍ରକାଶ କରିଛନ୍ତି।

## ଧନଲକ୍ଷ୍ମୀ ପୂଜାରେ ଜିଲ୍ଲାପାଳ ବାଣ୍ଟିଲେ ଅନ୍ନ ପ୍ରସାଦ





ଦେବଗଡ଼,୨୩।୧୦(ସମିସ): ଦେବଗଡ଼ ପୌରାଞ୍ଚଳ ଗୁରୁସାହି ସ୍ଥିତ ବାପୁଜୀ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଧନଲକ୍ଷ୍ମୀ ପୂଜା ଆୟୋଜନ କରାଯାଇଛି। ଗତ ୨୧ ତାରିଖ ଠାରୁ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେଉଥିବା ପୂଜାରେ ପୂଜକ ଭାବେ ଅମୀୟ ପଣ୍ଡା ଦାୟିତ୍ୱ ତୁଲାଉଥିବା ବେଳେ କର୍ତ୍ତାଭାବେ ପ୍ରଭାସ ଗିରି ଓ ତାଙ୍କ ଧର୍ମପତ୍ନୀ ଦୀପିକା ଗିରି ଦାୟିତ୍ୱ ତୁଲାଉଛନ୍ତି। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଆଜି ତୃତୀୟ ଦିବସରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ବନଖଣ୍ଡ ଅଧିକାରୀ ରଶ୍ମି ଜି, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ବରିଷ୍ଠ ନେତା ଉମା ଶଙ୍କର ସାହୁ ଓ ରାଜକିଶୋର ଦାଶ ଯୋଗ ଦେଇ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରିଥିଲେ। ଆସନ୍ତାକାଲି ମଧ୍ୟ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଅନ୍ନ ଓ କ୍ଷୀରି ପ୍ରସାଦ ବଣ୍ଟନର କାର୍ଯ୍ୟକ୍ରମ ରହିଛି। ଆୟୋଜନରେ କମିଟିର ସଭାପତି ସତ୍ୟ ନାରାୟଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଦାସ, ସମ୍ପାଦକ ତୁଷାର କାନ୍ତ ନନ୍ଦ, ସହ ସମ୍ପାଦକ ପ୍ରଭାତ ଗିରି, କୋଷାଧ୍ୟକ୍ଷ ମଦନ ମୋହନ ବେହେରା ଓ ସହ କୋଷାଧ୍ୟକ୍ଷ ଶୁଭାଂଶୁ ଶେଖର ଗିରି ପ୍ରମୁଖ ସହଯୋଗ କରୁଛନ୍ତି।

### ଭିତରପଦରେ ଧନଲକ୍ଷ୍ମୀ ପୂଜା

ଦେବଗଡ଼: ରିଆମାଳ ବ୍ଲକ୍ ଅଧୀନ ଭିତରପଦ ଠାରେ ମାଁ ଧନଲକ୍ଷ୍ମୀ ପୂଜା ଗତ ମଙ୍ଗଳବାର ଠାରୁ ମହାସମାରୋହରେ ଆଗେଇ ଚାଲିଛି। କମିଟିର ସଭାପତି ଏପୁନ୍ ପ୍ରଧାନ ଓ ସମ୍ପାଦକ ଲିକୁ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଛି। ସମାଜସେବୀ ଲୋକନାଥ ପ୍ରଧାନ ଓ ଧର୍ମପତ୍ନି ମୈଥିଳୀ ପ୍ରଧାନ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସୁରିୟା ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନା କରିଥିଲେ। ଦେବିବୁଆ ଝରଣା ଠାରେ ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଦୁଲ୍‌ଦୁଲି ବାଜା ଓ ତେଲିମୁଣ୍ଡା ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଗତକାଲି ସନ୍ଧ୍ୟାରେ ପାତ୍ରପଡା ସହିତ କଙ୍କରପାଲ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ମଧ୍ୟରେ ସଙ୍କୀର୍ତ୍ତନ ବାଦ ହୋଇଥିଲା। ରାତ୍ରୀରେ ତାଲଚେର ସୁଲେଇପାଲର ଦଣ୍ଡ ନୃତ୍ୟ ଦେଖିବାକୁ ମିଳିବ ଓ ଆସନ୍ତା କାଲି ପୂର୍ଣ୍ଣାହୁତି ପୂଜନ ସମାପନ ହେବ। ପ୍ରତ୍ୟେକ ଦିନ ମଧ୍ୟାହ୍ନରେ କମିଟି ପକ୍ଷରୁ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଉଛି। ଉପଦେଷ୍ଟା କମିଟି ସଭାପତି ତ୍ରିପୁରା ଦେହୁରୀ, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ, ମୁନା ମହାରଣା, ଫଣିନ୍ଦ୍ର ପ୍ରଧାନ, ମହେଶ୍ୱର ସାହୁ, ରମେଶ ସାହୁ, ଅନିଲ ମାଝୀ, ମାମୁନ ଦେହୁରୀ, ଅଶୋକ ସାହୁ, ଉତ୍ତମ ପ୍ରଧାନ, ବିଜୟ ମହାରଣା, ଅମୂଲ୍ୟ ପ୍ରଧାନ, ଗଣେଶ୍ୱର ପ୍ରଧାନ, ଦୁଲୁ କୁମୁରା, ଓ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫

ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ସହର ସ୍ଥିତ ଏମ୍‌ସିଏଲ ଅଡିଟୋରିୟମରେ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଝାରସୁଗୁଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ରାଘବେନ୍ଦ୍ର ରେଡ୍ଡୀ ଏହାର ଅଧ୍ୟକ୍ଷତା କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ସୋସିଆଲ ମିଡିଆ ବ୍ୟବହାର କରିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ ଏବଂ କୌଣସି ସାଇବର



ଠକେଇ ହେଲେ ୧୯୩୦କୁ ତୁରନ୍ତ କଲ କରନ୍ତୁ ବୋଲି ଜିଲ୍ଲାପାଳ କହିଛନ୍ତି। ନିଜ ପାସୱାର୍ଡକୁ ଦୃଢ଼ ରଖିବା ସହ କାହାକୁ ସେୟାର କରନ୍ତୁ ନାହିଁ ବୋଲି ଏସପି କହିଛନ୍ତି। ସେହିପରି ମୋବାଇଲରେ ନିଜ କିମ୍ବା ସମ୍ପର୍କୀୟଙ୍କ ଅନ୍ତରଙ୍ଗ ଫଟୋ ଓ ଭିଡ଼ିଓ ସେୟାର କରନ୍ତୁ ନାହିଁ। କୌଣସି ସାଇବର ଧମକ ଆସିଲେ ପୁଲିସରେ ରିପୋର୍ଟ କରନ୍ତୁ। ଗେମିଂ ଆପ୍ଲିକେସନରୁ ଦୂରେଇ ରହିବା ସହିତ ଅଜଣା ୟୁପିଆଇ ଲିଙ୍କରେ କ୍ଲିକ କରନ୍ତୁ ନାହିଁ ବୋଲି ଏସପି କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଓଏସଏପି କମାଣ୍ଡାଣ୍ଟ ପ୍ରସାଦ ତମଙ୍ଗ, ଅତିରିକ୍ତ ଏସପି ମଧୁସିକ୍ତା ମିଶ୍ର, ଅତିରିକ୍ତ ଏସପି ଜେମ୍ସ ସାମଦ, ଝାରସୁଗୁଡା ଏସଡିପିଓ ଉମା ଶଙ୍କର ସିଂ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନ, ଏସଡିପିଓ ଜ୍ୟୋତ୍ସ୍ନାମୟୀ ପ୍ରଧାନଙ୍କ ସହ ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ଶବ ବୋହି ଅନ୍ତିମ ସଂସ୍କାର କଲେ ଯୁବ ନେତା



ଝାରସୁଗୁଡ଼ା,୨୩।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ଗାଁର ଶତାୟୁ ମହିଳା ମୁଗ ଭୋଇଙ୍କ ଗୁରୁବାର ପରଲୋକ ହୋଇ ଯାଇଛି। ଝାରସୁଗୁଡ଼ା ବିଜେପିର ଯୁବନେତା ସୁଧାଂଶୁ ଦୋରା ମହିଳାଙ୍କ ଶବ ବୋହି ଅନ୍ତିମ ସଂସ୍କାର କରିଛନ୍ତି। ଗତ ୨୧ ତାରିଖ ସୁଧାଂଶୁଙ୍କ ସହିତ ବହୁ ଯୁବ ନେତା ଶ୍ରିପୁରାରେ ଥିବା ଶତାୟୁ ମହିଳା ମୁଗ ଭୋଇଙ୍କୁ ଶୀତ ବସ୍ତ୍ର, ମିଷ୍ଟାନ୍ନ ଆଦି ଦେଇ ଆସିଥିଲେ। କିନ୍ତୁ ଗୁରୁବାର ଭୋରରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୁଧାଂଶୁ, ଅନିଲ ସାହୁ ତଥା ଅନ୍ୟାନ୍ୟ ସମାଜସେବୀ ମାନେ ମିଶି ମୁଗ ଭୋଇଙ୍କ ଶବକୁ ବୋହି ତାଙ୍କରି ଜମିରେ ପୋତି ଅନ୍ତିମ ସଂସ୍କାର କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଗ ଭୋଇଙ୍କୁ ମା' ବୋଲି ମାନୁଥିବାରୁ ଗତ ଏକ ବର୍ଷ ହେବ ସୁଧାଂଶୁ ଏବଂ ଟିମ ମହିଳାଙ୍କ ସେବା କରି ଆସୁଥିଲେ।

# ପିସିସି ସଭାପତିଙ୍କୁ ଅପମାନ ଓ କଂଗ୍ରେସ ଦଳର ସମ୍ମାନହାନି ଅଭିଯୋଗ

### ଜିଲ୍ଲା କଂଗ୍ରେସ ପକ୍ଷରୁ ଦେବଗଡ଼ ଥାନାରେ ଏତଲା





ଦେବଗଡ଼,୨୩।୧୦(ସମିସ):

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଅପମାନିତ ଓ ସର୍ବସାଧାରଣରେ ତାଙ୍କ ସମ୍ମାନ ହାନି କରୁଥିବାରୁ ସୁଧାଂଶୁ ଶେଖର ରାଉତ, ଅଜୟ ପଣ୍ଡା ଓ ଅନନ୍ତ ନାରାୟଣ ଧଳଙ୍କ ନାମରେ ଗୁରୁବାର ଜିଲ୍ଲା କଂଗ୍ରେସ ପକ୍ଷରୁ ଦେବଗଡ଼ ଥାନାରେ ଅଭିଯୋଗ କରାଯାଇଛି। ଉକ୍ତ ୩ ଜଣ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଦଳକୁ ବଦନାମ କରିବା ସହ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସଙ୍କୁ ଅପମାନିତ କରିଥିବା ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜି ସଂଧ୍ୟାରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ପୂର୍ବ ମହିଳା କଂଗ୍ରେସ ସଭାପତି ଲିତା ଆଚାର୍ଯ୍ୟ, ପୂର୍ବ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ସୁଶିଲ ଗୁଡିଆ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଶ୍ରୀତମ ସାହୁ, କୃଷକ ରାଜ୍ୟ ସଂଯୋଜକ ଦେବେନ୍ଦ୍ର ଗଡନାୟକ, ପୂର୍ବ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ଆକାଶ ଦାଶ, ଅଲେଖ ଚନ୍ଦ୍ର ନାୟକ, ସନ୍ତୋଷ ଉଦାବର୍, ରାଜେଶ୍ ବାର୍ଲା, ବୁଲୁ ଧଳ, ନାଥକୃଷ୍ଣ ଜାଲ, ଜିତେନ୍ଦ୍ର ବେହେରା, ସୁମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଦେବଗଡ଼ ଥାନାରେ ଏତଲା ଦେଇଥିଲେ।

### ୱେବ ପୋର୍ଟାଲ ବିରୋଧରେ ଝାରସୁଗୁଡ଼ା କଂଗ୍ରେସ ପକ୍ଷରୁ ଅଭିଯୋଗ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ୱେବ ପୋର୍ଟାଲ ବିରୋଧରେ ଗୁରୁତର ଅଭିଯୋଗ କରାଯାଇଛି। ଜିଲ୍ଲା କଂଗ୍ରେସ ନେତାମାନେ ଏହି ପୋର୍ଟାଲ ଓ ଏହାର ସମ୍ପାଦକଙ୍କ ସହିତ ଅନ୍ୟ ୪ ଜଣଙ୍କ ନାମ ଉଲ୍ଲେଖ କରି ଝାରସୁଗୁଡ଼ା ଟାଉନ ପୁଲିସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଏହି ୱେବ ପୋର୍ଟାଲ ୟୁଟ୍ୟୁବ ଓ ଫେସବୁକ ମାଧ୍ୟମରେ ଭୁଲ, ନିରାଧାର ଖବର ପ୍ରସାରଣ କରି ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ଭକ୍ତଚରଣ ଦାସ ଓ ତାଙ୍କ ପୁଅ ସାଗର ଚରଣ ଦାସଙ୍କ ଛବିକୁ ମଳିନ କରିବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ଏହା ସହିତ ୧୫ ଅକ୍ଟୋବର ୨୦୨୫ ଠାରୁ ଉକ୍ତ ପୋର୍ଟାଲ ଅସତ୍ୟ ସମାଚାର ପ୍ରସାରଣ କରୁଥିବା ଅଭିଯୋଗ କରାଯାଇଛି। ପୋର୍ଟାଲର କାର୍ଯ୍ୟାଳୟ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ରହିଥିବା ଅଭିଯୋଗରେ କୁହାଯାଇଛି। ଝାରସୁଗୁଡ଼ା କଂଗ୍ରେସ ଦଳ ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ପତ୍ରରେ ପୁଲିସକୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଓ ସୋସିଆଲ ମିଡିଆ ମାଧ୍ୟମରେ ହେଉଥିବା ଏପରି କାର୍ଯ୍ୟକୁ ରୋକିବା ପାଇଁ କଠିନ ବ୍ୟବସ୍ଥା କରିବା ନେଇ ଦାବି କରାଯାଇଛି।

## ଜଙ୍ଗଲ ବିଭାଗ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଯାପିତ

ଦେବଗଡ଼,୨୩।୧୦(ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ପାଳିତ ହେଉଥିବା ୭୧ ତମ ବନ୍ୟପ୍ରାଣୀ ସପ୍ତାହ ଆଜି ଉଦ୍‌ଯାପିତ ହୋଇଛି। ଦେବଗଡ଼ ବନ ବିଭାଗ ବାରାକ ସମ୍ମିଳନୀ କକ୍ଷରେ ଦେବଗଡ଼ ବନଖଣ୍ଡ ଅଧିକାରୀଣି ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରଶ୍ମୀ ଜୀଙ୍କ ଅଧ୍ୟକ୍ଷତା ଓ ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧିନତା ସାହାଣୀଙ୍କ ସଂଯୋଜନାରେ ସଚେତନତା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା ଓ ମୁଖ୍ୟବକ୍ତା ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ମଞ୍ଚାସୀନ ଥିଲେ। ବନ୍ୟପ୍ରାଣୀଙ୍କର ସୁରକ୍ଷା ଏବଂ ସଂରକ୍ଷଣ ସହ ଚଳିତ ବର୍ଷର ବିଷୟ ବସ୍ତୁ 'ମନୁଷ୍ୟ-ବନ୍ୟଜନ୍ତୁ ସହାବସ୍ଥାନ' ଉପରେ ସବିଶେଷ ଆଲୋଚନା କରିଥିଲେ। ପୂର୍ବରୁ ଏହି ସପ୍ତାହ ପାଳନ ନିମନ୍ତେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବ୍ୟାଡମିଣ୍ଟନ ପ୍ରତିଯୋଗିତା (ଉଭୟ ମହିଳା ଓ ପୁରୁଷ ବିଭାଗ), ବନ୍ୟପ୍ରାଣୀ ସମ୍ପର୍କୀତ ଫଟୋଗ୍ରାଫି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଗଜସାଥୀ ଓ ବନ ସୁରକ୍ଷା ସମିତି ଗୁଡିକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମାଜିକ କର୍ମୀ ଅର୍ଣ୍ଣବ ପଣ୍ଡାଙ୍କୁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଏ ବାବଦରେ ତାଙ୍କୁ ମାନପତ୍ର ଓ ଟ୍ରଫି ସହିତ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



# ସଫେଇ କର୍ମଚାରୀ ନିଯୁକ୍ତ ପାଇଁ ଅଢେଇ କୋଟି ଡିଲ







**ସମ୍ବଲପୁର, ୨୩।୧୦(ସମିସ)**

ଟଙ୍କା ଦେଲେ ଚାକିରି ଦିଆଯାଉଛି। ତାହା ପୁଣି ସଫେଇ କର୍ମଚାରୀ। ଆରମାକ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଏହି ର୍‌ୟାକେଟ୍ ଚଲାଉଥିଲା। ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ, ସୁପରଭାଇଜର ଫିଲ୍ଡ ଅଫିସର ଭାବେ ନିଯୁକ୍ତି ଦେବା ପାଇଁ ଲୋକଙ୍କୁ ଠକି ୧୨ ହଜାର ଟଙ୍କା ନେଉଥିଲା। ପ୍ରାୟ ୨ ହଜାରରୁ ଅଧିକ ଲୋକଙ୍କୁ ଏହି ସଂସ୍ଥା ଠକି ଟଙ୍କା ନେଇଛି। ପ୍ରଥମେ ନିଯୁକ୍ତି ଦେଇ ଦିନକୁ ଦରମା ମଧ୍ୟ ଦିଆଯାଉଥିଲା। ଏହି ର୍‌ୟାକେଟ୍ ଆଜି ବୁର୍ଲା ପୁଲିସ ପର୍ଦ୍ଦାଫାଶ କରିଛି। ଗତ କାଲି ଚିପିଲିମା ଅଞ୍ଚଳରେ ବିରାଟ ସମାବେଶ ହୋଇଥିଲା। ପୁଲିସ ଏ ନେଇ ଖବର ପାଇଥିଲା। ଘଟଣା ସ୍ଥଳକୁ ଯାଇ ତଥ୍ୟ ଯୋଗାଡିଥିଲା। ୨-୩ ହଜାର ଲୋକଙ୍କ ଉପସ୍ଥିତିରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇନଥିଲା। କାର୍ଯ୍ୟକ୍ରମରୁ ଫେରିବା ବେଳେ ଗୋଡ଼ଭଗା ଅଞ୍ଚଳରୁ ଏମାନଙ୍କୁ ଗିରଫ କରିଥିଲା।ବିଶେଷ ଭାବେ ଏହି ର୍‌ୟାକେଟ୍ ଲୋକଙ୍କ ଭରସା ଜିତୁଥିଲା। ଦୁଇ ଜଣ ଅଭିଯୁକ୍ତ ପଦ୍ମାବତୀ ଓ ରାହୁଲଙ୍କୁ ଗିରଫ କରିବା ପରେ ବିଭିନ୍ନ ଚାଞ୍ଚଲ୍ୟକର କଥା ସାମ୍ନାକୁ ଆସିଛି।

## ସଫେଇ କର୍ମଚାରୀ ନିଯୁକ୍ତି ଦେଉଥିଲେ

ବର୍ତ୍ତମାନ ସମସ୍ତେ ଚାକିରୀ ପାଇଁ ଆଶାୟୀ। ତେଣୁ କୌଣସି ବଡ଼ ଚାକିରୀ ପାଇଁ ଦେବା ପାଇଁ ଯୋଜନା ନ କରି ସଫେଇ କର୍ମଚାରୀ ପାଇଁ ଯୋଜନା ହୋଇଥିଲା। ଗାଁ ଅପହଞ୍ଚ ଅଞ୍ଚଳରେ ପହଞ୍ଚି ସଫେଇ କର୍ମଚାରୀ ପାଇଁ ଲୋଭ ଦେଖାଯାଉଥିଲା।

## ୪ ଜିଲ୍ଲାକୁ ବ୍ୟାପିଥିଲା ର୍‌ୟାକେଟ୍

ସମ୍ବଲପୁର ମହାନଗର ନିଗମରେ ଚାକିରୀ ପାଇଁ କେବଳ ସମ୍ବଲପୁରବାସୀଙ୍କୁ ଠକିନଥିଲେ। ସମ୍ବଲପୁର ସମେତ ବୌଦ୍ଧ, ବରଗଡ଼ ଓ ସୋନପୁର ଜିଲ୍ଲାକୁ ଏହି ର୍‌ୟାକେଟ୍ ସକ୍ରିୟ ଭାବେ ଲାଗିରହିଥିଲା।

## ଗାଁ ଗାଁରେ ବୈଠକ କରୁଥିଲେ

ସମସ୍ତ ଜିଲ୍ଲାର ବିଭିନ୍ନ ଗାଁ ଅପହଞ୍ଚ ଅଞ୍ଚଳରେ ପଦ୍ମାବତୀ ପହଞ୍ଚୁଥିଲା। ନିରୀହ ଲୋକଙ୍କୁ ସଫେଇ କର୍ମଚାରୀ ଭାବେ କାମ କରିବାକୁ କହୁଥିଲା। କାମ କଲେ ଦିନକୁ ଟଙ୍କା ମିଳିବ। ପ୍ରାଥମିକ ପର୍ଯ୍ୟାୟରେ ମଧ୍ୟ ଦରମା ଦିଆଯାଉଥିଲା। ପରେ ଲୋକଙ୍କ ଭରସା ଜିଣି ଅନ୍ୟ ଲୋକଙ୍କୁ ଯୋଡିବାକୁ ପରାମର୍ଶ ଦିଆଯାଉଥିଲା।

## ଡେଲିଭରି ବୟରୁ ଠକେଇ ଯୋଜନା

ଅଭିଯୁକ୍ତ ରାହୁଲ ପୂର୍ବରୁ ଡେଲିଭରି ବୟ ଭାବେ କାମ କରୁଥିଲା। ବିଭିନ୍ନ ପଡ଼ା ଯାଇ ଡେଲିଭରି କରୁଥିଲା। ଏହି ସମୟରେ ପଦ୍ମାବତୀ ସହ ତାର ଦେଖା ହୋଇଥିଲା। ପରେ ସୌମ୍ୟ ସହ ମିଶି ୩ ଜଣ ନିଯୁକ୍ତି ଠକେଇର ଯୋଜନା କରିଥିଲେ।

## ନେଟୱାର୍କ ସିଷ୍ଟମରେ ଲୋକ ଯୋଡୁଥିଲେ

ନେଟୱାର୍କ ମାର୍କେଟିଂ ଭଳି ଏହି ଯୋଜନା କାମ କରୁଥିଲା। ଜଣକ ପାଖରୁ ଟଙ୍କା ନିଆଯାଇ ଅନ୍ୟଲୋକଙ୍କୁ ଯୋଡିବାକୁ କୁହାଯାଉଥିଲା। ଭରସା ଜିତିବା ପାଇଁ ଦ୍ୱିତୀୟ ବ୍ୟକ୍ତିଙ୍କ ଟଙ୍କା ପ୍ରଥମ ବ୍ୟକ୍ତିଙ୍କୁ ଦରମା ଆକାରରେ ଦିଆଯାଉଥିଲା। ପୁଣି ତୃତୀୟ ବ୍ୟକ୍ତିଙ୍କ ଟଙ୍କା ଦ୍ୱିତୀୟ ଲୋକଙ୍କୁ ଦରମା ମିଳୁଥିଲା। ଏହି ପରି ଭାବେ ଏହି ସଂସ୍ଥା କାମ କରୁଥିଲା।

## ଜଣକ ପିଛା କମିଶନ ୫ ହଜାର ଲେଖାଏ

ଜଣେ ୧୨ ହଜାର ଟଙ୍କା ଦେଲେ ସେଥିରୁ ପଦ୍ମାବତୀ ୫ ହଜାର, ରାହୁଲ ୨ ହଜାର ଲେଖାଏ କମିଶନ ପାଉଥିଲେ। ବଳକା ୫ ହଜାର ମୁଖ୍ୟ କାର୍ପଟଦାର ସୌମ୍ୟ ନେଇ ଦରମା ଆକାରରେ ଦେଉଥିଲା। ପଦ୍ମାବତୀ ଫିଲ୍ଡକୁ ଯାଇ ବୈଠକ କରି ଲୋକ ଯୋଡୁଥିଲା। ତେଣୁ ତାର କମିଶନ ଅଧିକା ରହିଥିଲା। ଏହା ସହ ଦୁଇ ଅଭିଯୁକ୍ତଙ୍କ ମାସିକ ୨୦ ହଜାର ଟଙ୍କା ଲେଖାଏଁ ଦରମା ମଧ୍ୟ ମିଳୁଥିଲା।

## ମୁଖ୍ୟ କାର୍ପଟଦାର ସୌମ୍ୟ ଗିରଫ କେବେ

ଏହି ଘଟଣାର ମୁଖ୍ୟ ଭୁବନେଶ୍ୱରର ସୌମ୍ୟ ବୋଲି କୁହାଯାଉଛି। ଯାହାର କିଛି ଖବରଏବେ ଯାଏଁ ପୁଲିସ ପାଖରେ ନାହିଁ। ମିଛି ଆଗଜ ପତ୍ର ଆଳରେ ଏହି ଦୁଇ ଅଭିଯୁକ୍ତ ଯୋଡି ହୋଇଥିଲେ। ନିଜ କମିଶନ କାଟିବା ପରେ ସମସ୍ତ ଟଙ୍କା ସୌମ୍ୟ ପାଖକୁ ଯାଉଥିଲା। ତେଣୁ ପୁଲିସ କେବେ ସୌମ୍ୟକୁ ଗିରଫ କରିବ ତାହା ଏବେ ପ୍ରଶ୍ନ।

## ରାତିରେ ଘଣ୍ଟାଏ କାମ କରି ଫଟୋ ଅପଲୋଡ୍

ରାତିରେ ମାତ୍ର ଘଣ୍ଟାଏ କାମ କରିବାକୁ ହେବ। ଝାଡୁ ଧରି ନିଜର ଏକ ଫୋଟ ପୋଷ୍ଟ କରିବାକୁ ପଡ଼ିବ। ଏଥି ପାଇଁ ଏକ ସ୍ୱତନ୍ତ୍ର ଗ୍ରୁପ ମଧ୍ୟ ପରିଚାଳନା ହେଉଥିଲା। ଅନେକ ମହିଳା କାମ ପରେ ଫୋଟ ମଧ୍ୟ ଅପଲୋଡ କରିଥାନ୍ତି। ପରେ ସେମାନଙ୍କୁ ୪୦୦ ଟଙ୍କା ଲେଖାଏଁ ଦରମା ମିଳୁଥିଲା।

## ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଲୋକ

ଗାଁ ଗାଁ ବୈଠକ କରି ଆମେ ସମସ୍ତେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଲୋକ ବୋଲି କହୁଥିଲେ। ତେଣୁ ଚାକିରୀ କଲେ କୌଣସି ଅସୁବିଧା ହେବ ନାହିଁ। ଏଭଳି ବାର୍ତା ଦେଇ ଅନେକ ଲୋକଙ୍କ ଭରସା ଜିତିଥିଲେ।

## ପୂର୍ବରୁ ଅତାବିରା ଥାନାରେ ଅଟକ ଥିଲେ

ପୂର୍ବରୁ ଠକେଇ ଅଭିଯୋଗରେ ଅତାବିରା ପୁଲିସ ଅଟକ ରଖିଥିଲା। କିନ୍ତୁ ଲୋକଙ୍କ ଉତ୍ତେଜନା ପାଇଁ ଏବଂ କୌଣସି ଅଭିଯୋଗ ନଥିବାରୁ ବାଧ ହୋଇ ଏହି ଦୁଇ ଅଭିଯୁକ୍ତକୁ ଛାଡ଼ିବାକୁ ପଡ଼ିଥିଲା। ଅଟକ ପରେ ଏହି ସଂସ୍ଥା ଲୋକଙ୍କୁ ଠକୁନାହି ଠିକ ଭାବେ ଦରମା ଦେଉଥିବା କହିଥିଲେ।

## ଅଧିକ ଲୋକ ଯୋଡିଲେ ପଦୋନ୍ନିତ

ପ୍ରଥମେ ସଫେଇ କର୍ମଚାରୀ ନିଯୁକ୍ତି। ପରେ ଅଧିକ ଲୋକ ଏହି ସଂସ୍ଥାକୁ ଯୋଗାଇଲେ ସୁପରଭାଇଜର ଓ ଫିଲ୍ଡ ଅଫିସର ଭାବେ ନିଯୁକ୍ତି ଦିଆଯିବା ପ୍ରଲୋଭନ ଦେଖାଯାଉଥିଲା। ଲୋକେ ଲାଭ ଆଶାରେ ଲୋକଙ୍କୁ ଯୋଡୁଥିଲେ।

# ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨୩।୧୦ (ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଗରାଗ୍ରାମର ନିଖୋଜ ବ୍ୟକ୍ତିଙ୍କ ଶବ ସେହି ଗ୍ରାମର ଏକ ଘରୁ ଉଦ୍ଧାର ହୋଇଛି। ଗୋବିନ୍ଦପୁର ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ସଗରା ଗ୍ରାମର ଭବାନୀ ଶଙ୍କର ସାହୁ ଚଳିତ ମାସ ୧୪ ତାରିଖ ସନ୍ଧ୍ୟାରୁ ନିଖୋଜ ଥିଲେ। ତାଙ୍କ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ କୌଣସି ସନ୍ଧାନ ମିଳି ନଥିଲେ। ଅନ୍ୟ ପଟେ ବୁଧବାର ଦିନ ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ତାଙ୍କ ପରିବାର ସେଠାକୁ ଯାଇଥିବା ବେଳେ ସେଠାରେ ଭବାନୀଙ୍କ ଗଳିତ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗୋବିନ୍ଦପୁର ପୁଲିସକୁ ସୂଚନା ଦେଇଥିଲେ।ସୂଚନା ପାଇ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ।ସନ୍ଧ୍ୟା ୬ଟା ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ବନ ବିଭାଗର ସ୍ଥାୟୀ ନର୍ସରୀରେ ଡ୍ରାଇଭର ମୃତ

**ନାକଟିଦେଉଳ, ୨୩।୧୦ (ସମିସ):** ନାକଟିଦେଉଳ ଥାନା ପେଣ୍ଡବାହାଲ ନିକଟସ୍ଥ ଚମ୍ପାଳି ନଦୀ ପାଖରେ ଥିବା ବନ ବିଭାଗର ସ୍ଥାୟୀ ନର୍ସରୀ ଭିତରେ ଗୁରୁବାର ଅପରାହ୍ନରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ଗୋଲାବନ୍ଧ ଗ୍ରାମର ରାଜେନ୍ଦ୍ର ମାଝୀ (୪୦)ବର୍ଷ।ସୂଚନା ଅନୁସାରେ ନାକଟିଦେଉଳ ବନ ବିଭାଗରେ ଧିରେନ କୁମାର ସାହୁଙ୍କ ବଲେରୋ ଗାଡ଼ି ଭଡାରେ ଲାଗିଥିବା ବେଳେ ରାଜେନ୍ଦ୍ର ମାଝୀ ସେଥିରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ନର୍ସରୀ ପାଖରେ ଥିବା ଚମ୍ପାଳି ନଦୀକୁ ଅପରାହ୍ନରେ ଗାଧୋଇବା ପାଇଁ ଯାଇଥିବା ବେଳେ ରାଜେନ୍ଦ୍ର ନଦିକଡ଼ରେ ପଡ଼ିଥିବା ଦେଖି ବନ କର୍ମଚାରୀ ମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନାକଟିଦେଉଳ ଡାକ୍ତରଖାନାକୁ ଆଣିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାକଟିଦେଉଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।ଅପରପକ୍ଷେ ମୃତକଙ୍କ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚି ପରିବାରର ଜଣକୁ ନିଯୁକ୍ତି ସହ କ୍ଷତିପୂରଣ ନଦେଲେ ଶବ ନେବା ପାଇଁ ମନକରିବାରୁ ରେଞ୍ଜରଙ୍କ ଅନୁପସ୍ଥିତିରେ ପୁଲିସ ଏବଂ ଅଞ୍ଚଳର ଭଦ୍ରବ୍ୟକ୍ତିମାନେ ଡିଏଫଓଙ୍କ ଉପସ୍ଥିତିରେ ଆଲୋଚନା କରି ସରକାରଙ୍କ ନିୟମ ଅନୁଯାଇ କ୍ଷତିପୂରଣ ଦେବାପାଇଁ ପ୍ରତିଶ୍ରୁତି ଦେବା ପରେ ଶବବ୍ୟବଛେଦ ପାଇଁ ରେଢ଼ାଖୋଲ ପଠାଯାଇଛି।

# ଦୁର୍ଘଟଣାରେ ଜଣେ ଆହତ, ଜଣେ ଗୁରୁତର

**ସମ୍ବଲପୁର, ୨୩।୧୦(ସମିସ):** ଟାଉନ ଥାନା ଅଞ୍ଚଳରେ ଆଜି ଦୁଇଟି ଦୁର୍ଘଟଣା ଘଟିଛି। ଧୁଚରାପଡ଼ାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକ ଆହତ ହୋଇଛି। ବୁଢାରଜା ଆଡ଼କୁ ଗଲା ବେଳେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।ସେହିପରି ଚାଉଁରପୁର ବ୍ରିଜ ଉପରେ ମଧ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। କୌଣସି ଅଭିଯୋଗ ହୋଇ ନଥିବା ପୁଲିସ କହିଛି।

ଗାଁ ବୈଠକରେ ଯୁବକଙ୍କ ଦୁର୍ବ୍ୟବହାର

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

**ନାକଟିଦେଉଳ, ୨୩।୧୦(ସମିସ):** ଗାଁ ବୈଠକରେ ଜଣେ ଯୁବକ ଦୁର୍ବ୍ୟବହାର କରିଥିବାରୁ ଯୁବକ ସହ ପରିବାରକୁ ଗିରଫ ଦାବିରେ ନାକଟିଦେଉଳ ଗ୍ରାମବାସୀ



ଥାନାକୁ ଯାଇ ଅଭିଯୁକ୍ତ ପରିବାରକୁ ଗିରଫ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ନାକଟିଦେଉଳ ଗ୍ରାମର ଉଗ୍ରସେନ ଧଳଙ୍କ ପରିବାରର ସଂଘବଦ୍ଧ ଆକ୍ରମଣରେ ଗ୍ରାମର ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସେହି ଘଟଣାରେ ପୁଲିସ ଉଗ୍ରେସନ ଧଳ ଓ ଅନ୍ତର୍ଯ୍ୟାମୀ ଧଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପରିବାରର ଅନ୍ୟମାନେ ଗାଁରେ ଅଶାନ୍ତି ସୃଷ୍ଟି କରିବାରୁ ଗ୍ରାମବାସୀ ଅତିଷ୍ଠ ହୋଇ ସମାଧାନ ପାଇଁ ବୁଧବାର ଅପରାହ୍ନରେ ନାକଟିଦେଉଳ ଗ୍ରାମର ସମସ୍ତ ମହିଳା ଓ ପୁରୁଷଙ୍କୁ ନେଇ ଗାଁରେ ବୈଠକ ବସିଥିଲା। ଗ୍ରାମର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେଉଥିବା ସମୟରେ ଉଗ୍ରେସନ ଧଳଙ୍କ ସ୍ତ୍ରୀ ସରୋଜିନୀ ଧଳ, ପୁଅ ନେତ୍ରାନନ୍ଦ ଧଳ ଓ ଝିଅ ପଙ୍କଜିନୀ ସାହୁ ସଭା ମଧ୍ୟରେ ଗ୍ରାମର ସମସ୍ତଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ଗ୍ରାମବାସୀ ପ୍ରତିବାଦ କରିଥିଲେ ହେଁ ଧଳ ପରିବାର ଶୁଣିନଥିଲେ। ଏହାକୁ ନେଇ ଗ୍ରାମରେ ଅଶାନ୍ତି ଲାଗି ରହିଥିବାରୁ ବାଧ ହୋଇ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଗୁରୁବାର ସନ୍ଧ୍ୟାରେ ନାକଟିଦେଉଳ ଥାନାର ଦ୍ୱାରସ୍ଥ ହୋଇ ଉଗ୍ରେସନଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଗିରଫ କରିବା ପାଇଁ ଅଭିଯୋଗ କରିଥିଲେ। ଝଗଡ଼ା ସୃଷ୍ଟି କରୁଥିବା ଉଗ୍ରେସନଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଗିରଫ କରା ନଯିବା ପର୍ଯ୍ୟନ୍ତ ଥାନା ପରିସର ମଧ୍ୟରେ ସମସ୍ତେ ରହିବେ ବୋଲି ଗ୍ରାମବାସୀ ଅଡିବସିବାରୁ ସରୋଜିନୀ ଧଳକୁ ପୁଲିସ୍ ଥାନାରେ ଅଟକ ରଖିଥିବା ବେଳେ ନେତ୍ରାନନ୍ଦ ଧଳ ଫେରାର୍ ରହିଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିଥିବା ବେଳେ ସରୋଜିନୀକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବା ସହ ଫେରାର ଥିବା ନେତ୍ରାନନ୍ଦକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ମହାନ୍ତିପଡ଼ାର ଚିତ୍ରଗୁପ୍ତଦେବଙ୍କ ପୂଜା



**ସମ୍ବଲପୁର, ୨୩।୧୦(ସମିସ):** ଶ୍ରୀଶ୍ରୀ ଚିତ୍ରଗୁପ୍ତଦେବଙ୍କ ପୂଜାନୋତ୍ସବ ମହାନ୍ତିପଡ଼ା ସ୍ଥିତ ଚିତ୍ରଗୁପ୍ତଦେବଙ୍କର ମନ୍ଦିରରେପାଳିତ ହୋଇଛି। ବୁଧବାର ସକାଳେ କଳସଯାତ୍ରା ମନ୍ଦିର ପରିସରରୁ ବାହାରି ବାଲିବନ୍ଧାସ୍ଥିତ ମହାନଦୀ ପର୍ଯ୍ୟନ୍ତ ଯାଇ ସେଠାରୁ ଜଳ କଳସରେ ଆଣି ସ୍ଥାପନା କରାଯାଇଥିଲା। ପୂଜାରେ ବିକାଶ ମହାନ୍ତି ଓ ତାଙ୍କ ସହଧର୍ମୀଣୀ ଭାଗ୍ୟସ୍ୱନୀ ପଟ୍ଟନାୟକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ପୁରୋହିତ ଭାବେ ଗୋପାଳ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ଶତାଧିକ ଶ୍ରଦ୍ଧାଳୁ ଅନ୍ନଭୋଗ କରିଥିଲେ। ପୂଜା ୧୯୨୮ ମସିହାରୁ ଆରମ୍ଭ ହୋଇଛି। ଆଗାମୀ ୨ ବର୍ଷ ପରେ ସୁବର୍ଣ୍ଣ ଜୟନ୍ତି ପାଳନ କରିବା ପାଇଁ ଚିତ୍ରଗୁପ୍ତ କଲ୍ୟାଣ ସଂଘ ଏବେ ଠାରୁ ପ୍ରସ୍ତୁତି ଜାରି ରଖିଛି। ପୂଜା ଉତ୍ସବରେ କରଣ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଇଁ ପ୍ରସ୍ତୁତି

**ସମ୍ବଲପୁର, ୨୩।୧୦(ସମିସ):** ସମ୍ବଲପୁର ଜିଲ୍ଲାରେ 'ଦୁର୍ନୀତି ନିବାରଣ ସପ୍ତାହ-୨୦୨୫'ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ସପ୍ତାହ ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯିବ। ଏବର୍ଷର ଥିମ୍ ହେଉଛି ଦୁର୍ନୀତି ନିବାରଣ ଆମର ସମୂହିକ ଦାୟିତ୍ୱ। ଏହା ସମ୍ବନ୍ଧରେ ଏକ ପ୍ରସ୍ତୁତି ସଭା ଆଜି ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଭିଜିଲାନ୍ସ ପୁଲିସ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ସିଡିଓକମ୍‌ଇଓ, ଜିଲ୍ଲା ପରିଷଦ ପ୍ରସନ୍ନ ପାତ୍ର ଓ ଜିଲ୍ଲାସ୍ତର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସଭାରେ ଜିଲ୍ଲା ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାଧ୍ୟମରେ ନିଷ୍ଠା, ପାରଦର୍ଶିତା ଓ ଦାୟିତ୍ୱବୋଧ ବୃଦ୍ଧି ପାଇଁ ଆଲୋଚନା କରାଯାଇଥିଲା। ୨୭ ଅକ୍ଟୋବର ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିଷ୍ଠା ସପଥ ଗ୍ରହଣ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, କୁଇଜ, ଚିତ୍ରାଙ୍କନ, କାର୍ଟୁନ ଓ ଲେଖନ ପ୍ରତିଯୋଗିତା ଆୟୋଜିତ ହେବ। ଜନସାଧାରଣଙ୍କ ମଧ୍ୟରେ ସଚେତନତା ପ୍ରସାର ପାଇଁ ରାଲି କରାଯିବ, ଏହା ସହିତ ନାଟକ (ଷ୍ଟ୍ରିଟ୍ ପ୍ଲେ) ମାଧ୍ୟମରେ ସତର୍କତାର ବାର୍ତ୍ତା ପ୍ରସାରିତ ମଧ କରିବା ପାଇଁ ନିର୍ଣ୍ଣୟ ନିଆ ଯାଇଛି।

# ରେଳ ଯାତ୍ରୀ ସୁରକ୍ଷା ଏବଂ ଭିଡ଼ ପରିଚାଳନା ସମୀକ୍ଷା

**ସମ୍ବଲପୁର, ୨୩।୧୦(ସମିସ):** ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଏବଂ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ବ୍ୟାପକ ବ୍ୟବସ୍ଥାର ସମୀକ୍ଷା ଏବଂ କଡ଼ା ତଦାରଖ କରିଛନ୍ତି। ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ପରିଚାଳନା କରିବା ପାଇଁ, ପ୍ରବେଶ ଏବଂ ପ୍ରସ୍ଥାନ ଫାଟକ, ବୁକିଂ କାଉଣ୍ଟର, ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ୍ ସମେତ ପ୍ରମୁଖ ସ୍ଥାନରେ ଅତିରିକ୍ତ ରେଳ ସୁରକ୍ଷା ବଳ କର୍ମଚାରୀ ଏବଂ



ବାଣିଜ୍ୟିକ କର୍ମଚାରୀଙ୍କୁ ରଣନୀତିକ ଭାବରେ ନିୟୋଜିତ କରାଯାଇଛି। ଯାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବା ଏବଂ ଷ୍ଟେସନ ପରିସରରେ ସୁବ୍ୟବସ୍ଥିତ ଗତିବିଧି ବଜାୟ ରଖିବା ପାଇଁ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମାଧ୍ୟମରେ ବାରମ୍ବାର ଘୋଷଣା କରାଯାଉଛି। ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ଟିକେଟ କାଉଣ୍ଟର ଏବଂ ସୁରକ୍ଷା ଚେକପୋଷ୍ଟଗୁଡ଼ିକରେ ଧାଡ଼ି ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କର ନିର୍ଦ୍ଧାରିତ ଟ୍ରେନ୍ ପ୍ରସ୍ଥାନର ଯଥେଷ୍ଟ ପୂର୍ବରୁ ପହଞ୍ଚିବା ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ଡିଭିଜନରେ ପ୍ରାୟ ୧୨୦ ସିସିଟିଭି କ୍ୟାମେରା ଭିଡ଼ ଗତିବିଧିର ନିରନ୍ତର ତଦାରଖ କରୁଛି। ନିରୀକ୍ଷଣକୁ ପୂର୍ଣ୍ଣ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣକୁ ସକ୍ରିୟ ଭାବରେ ବ୍ୟବହାର କରାଯାଉଛି। ଭିଡ଼ ପରିଚାଳନା କାର୍ଯ୍ୟକଳାପର ୨୪ ଘଣ୍ଟା ତଦାରଖ ପାଇଁ ଏକ ଉତ୍ସର୍ଗୀକୃତ ଜରୁରିକାଳୀନ ପ୍ରକୋଷ୍ଠ ପ୍ରତିଷ୍ଠା କରାଯାଇଛି। ସୁରକ୍ଷାକୁ ଆହୁରି ବୃଦ୍ଧି କରିବା ପାଇଁ, ପର୍ବପର୍ବାଣୀ ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ଆରପିଏଫ ଏସ୍କର୍ଟ ନିୟୋଜିତ କରାଯାଇଛି। ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପାଣି ବୋତଲ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ଷ୍ଟେସନଗୁଡ଼ିକରେ କ୍ୟାଟରିଂ ୟୁନିଟ୍ ୨୪x୭ କାର୍ଯ୍ୟ କରୁଛି। ଷ୍ଟେସନ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଯାତ୍ରୀମାନଙ୍କୁ କୌଣସି ଅସୁବିଧା ଏଡାଇବା ପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବା ଏବଂ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀମାନଙ୍କୁ ହାଲୁକା ଯାତ୍ରା କରିବାକୁ, ଷ୍ଟେସନରେ ପ୍ରଦର୍ଶିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଏବଂ ସୁରକ୍ଷିତ ଏବଂ ସୁଖଦ ଯାତ୍ରା ପାଇଁ ରେଳ କର୍ମଚାରୀଙ୍କ ସହିତ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି।

# ପଳାଶ ପାଲ୍ ହୋମିଓପାଥି ଛାତ୍ର ସଂଘ ସଭାପତି

**ସମ୍ବଲପୁର, ୨୩।୧୦ (ସମିସ):** ଗତକାଲି ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଏବଂ ରିସର୍ଚ୍ଚ ତରଫରୁ ଛାତ୍ର ସଂଘର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନବ ନିର୍ବାଚିତ ସଭାପତି ପଳାଶ ରଞ୍ଜନ ପାଲ୍, ଉପସଭାପତି ରାଜ କୁମାର ନାୟକ, ସାଧାରଣ ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ସାହୁ ଶପଥ ଗ୍ରହଣ କରିଛନ୍ତି। ସେହିପରି ସଦସ୍ୟ ଭାବେ ଅନୁଭବ ତ୍ରିପାଠୀ, ଶିବାନୀ ନାୟକ, କୋକିଳ ସାହୁ, ଅନ୍ୱେଶ୍ୱିତା ପାଣିଗ୍ରାହୀ, ସୁଭ୍ରଜିତ ପଣ୍ଡା, ବିଶ୍ୱଜିତ୍ ଦଲେଇ, ରାହୁଲ ରାୟ, ଆଶ୍ରା ସିଂଦେଓ, ସ୍ମୃତି ସୁଦ୍ଧା ସାହା, ଗୁଲ୍ସନ ସାହୁ, ଇନ୍ଦୁପ୍ରଭା ଘଡାଇ, ଖୁସବୁ ସାହୁ, ଧର୍ମେନ୍ଦ୍ର ଗିରି, ଇସାନ ଆମ୍ରିତ୍ ଘୋଡେଇ, ଅଭିଷେକ ସାହୁ, ଇତେସ ବିଶ୍ୱାଳ ରହିଛନ୍ତି। କଲେଜର ଅଧ୍ୟକ୍ଷ ଡ.ଦିପ୍ତିକାନ୍ତ ସିଂଙ୍କ ଅଧ୍ୟକ୍ଷତା କରିଥିଲେ।ଏଥିରେ ଛାତ୍ରସଂଘ ଉପଦେଷ୍ଟା ଡ. ଅରୂପ ଆନନ୍ଦ ଦାସ ଶପଥ ପାଠ କରାଇ ଥିଲେ।




NATIONAL COMPETITIVE BIDDING THROUGH e-Procurement
O-1094
Tel. No.06752222092, e-mail id-eerwpuri@gmail.com

TCN NO. TENDER ONLINE - 09 OF 2025-26

No. 8445 / Dt. 10.10.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.

1.Total no. of works: **74 nos.**

2 .Tender cost of packages: Amount varies from **Rs.5.04 lakh to Rs.42.02 lakh**

3.Class of contractor: **As per DTCN.**

4.Period of completion: **2 (Two) Calendar months.**

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 1.30 P.M. | 13.11.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W., Division, Puri

OIPR-25065/11/0029/2526

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

**କୁଚିଣ୍ଡା, ୨୩।୧୦(ସମିସ)**

ରାଜ୍ୟସ୍ତରୀୟ ୧୭ବର୍ଷରୁ ତଳ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭୋଜପୁର +୨ମହାବିଦ୍ୟାଳୟର ଦୁଇ ଜଣ ଛାତ୍ର ସମ୍ବଲପୁର ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରି ରାଜ୍ୟରେ ଚାମ୍ପିଅନ ହେବା ସହ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଉତ୍ତିର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଭୋଜପୁର ମହାବିଦ୍ୟାଳୟରେ କୃତୀ ଛାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟଯେ ନବରଙ୍ଗପୁର ଠାରେ ଅନୁଷ୍ଠିତ ୧୭ ବର୍ଷରୁ କମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭୋଜପୁର ବିଛାଲାଲ ରାମଚନ୍ଦ୍ର ଗୁପ୍ତା +୨ ମହାବିଦ୍ୟାଳୟର ଦୁଇ ଜଣ ଛାତ୍ର ସମ୍ବଲପୁର ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଗରୀବ ଓ ସାଧାରଣ ପରିବାରରୁ ଯାଇଥିବା ଉକ୍ତ ଦ୍ୱୟ ବାଳକ ଜୟକୃଷ୍ଣ ଗର୍ଡ଼ିଆ ଏବଂ ପ୍ରୟାସ ରଞ୍ଜନ ବାଘ ରାଜ୍ୟରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିଲେ। ଉଭୟ ଦିଲ୍ଲିରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ



ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ସେହିପରି ଭିନ୍ନ ଭାବେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଭୋଜପୁର ମହାବିଦ୍ୟାଳୟର ମିତେଶ ଖର୍‌ସେଲ ଚାମ୍ପିଅନ ହୋଇଥିଲେ। ମହାବିଦ୍ୟାଳୟ ଛାତ୍ର ତିନି ଜଣ ଜିଲ୍ଲା ତଥାର ରାଜ୍ୟରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ ଭୋଜପୁର ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ କୋଚ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦ ମୁଖ୍ୟଅତିଥି, ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ସଭାପତି ତଥା ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ସଭାରେ ଅର୍ନ୍ତଜାତୀୟ ପାରା ବ୍ୟାଡମିଣ୍ଟନରେ ବ୍ରୋଞ୍ଜ ପଦକ ହାସଲ କରିଥିବା

## ଭୋଜପୁର କଲେଜର ଚାମ୍ପିୟନ ତିନି ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଉକ୍ତ ଅଞ୍ଚଳର ପ୍ରତିଭାନ ଛାତ୍ର କୂଳଦୀପ ମହାକୁଳଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅଧାପକ ଜନ୍ମାଜୟ କୁମୁରା ସଭା ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ ଦେବେନ୍ଦ୍ର ନାଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉତ୍ସବରେ ଶତାଧିକ ଛାତ୍ରଛାତ୍ରୀ ସମେତ କୃତୀ ଖେଳାଳି, ପରିବାର ବର୍ଗ ଓ ଅଧାପକ, କର୍ମଚାରୀ ମାନେ ଯୋଗ ଦେଇଥିଲେ।

ପ୍ରଶାସନର ଅପାରଗତା

# ରାସ୍ତା ନିର୍ମାଣ କଲେ ଗ୍ରାମବାସୀ





**କୁଚିଣ୍ଡା, ୨୩। ୧୦(ସମିସ):** କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତରେ ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ ନ କରିବାରୁ ଶେଷରେ ଗ୍ରାମବାସୀ ରାସ୍ତା ମରାମତି କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତର ପ୍ରାୟ ୫୦ରୁ ଅଧିକ ଚାଷୀଙ୍କ କ୍ଷେତରେ ଯିବା ପାଇଁ ରାସ୍ତା ନ ଥିବା ବେଳେ ଚାଷୀଙ୍କ ସମେତ ଅନ୍ୟ ଲୋକମାନେ ରାସ୍ତା ସମସ୍ୟା ଭୋଗି ଆସୁଛନ୍ତି। ଅନ୍ୟପଟେ ଉକ୍ତ ରାସ୍ତାରେ ସିମାବର୍ତ୍ତି ସୁନ୍ଦରଗଡ଼ ଜିଲ୍ଲାର କେତେକ ଗ୍ରାମ ମଧ୍ୟ ନିର୍ଭର କରୁଛି। ଏନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ସମସ୍ୟା ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ସ୍ଥାନୀୟ ଚାଷୀମାନେ ବୁଧବାର ଶ୍ରମଦାନ କରି ରାସ୍ତା ମରାମତି କରିଛନ୍ତି। ଅନ୍ୟପଟେ ଉକ୍ତ ରାସ୍ତାରେ ଥିବା କୁରୁପୁଗୁଡ଼ାରୁ ଭୁକ୍ତାପଡ଼ା ମଧ୍ୟରେ ଘଡ଼ଘଡି ନାଳ ରହିଥିବାରୁ ୨ କିଲୋମିଟର ବାଟ ପାଇଁ ୧୪ କିଲୋମିଟର ବୁଲି କି ଯିବାକୁ ପଡୁଛି। ଉକ୍ତ ନାଳ ରେ ସେତୁ ନିର୍ମାଣ ପାଇଁ ମଧ୍ୟ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ଆଜିଠାରୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ସମ୍ବଲପୁର, ୨୩।୧୦(ସମିସ):** ଆଜି(ଶୁକ୍ରବାର)ଠାରୁ ସମ୍ବଲପୁରରେ ଦ୍ୱିତୀୟ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ ହେଉଛି। ସ୍ଥାନୀୟ ପିଏଚଡି ପଡ଼ିଆରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି. ପକ୍ଷରୁ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହାୟତାରେ ଏହି ମେଳା ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ପୂର୍ବରୁ ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଠାରେ ଆୟୋଜିତ ହୋଇ ଖୁବ୍ ପ୍ରଶଂସା ସାଉଣ୍ଟିବା ସହ ଏକ ମାଇଲଖୁଣ୍ଟ ଇଭେଣ୍ଟ ଭାବେ ଉଭା ହୋଇଛି। ସମ୍ବଲପୁରରେ ଏହି ମେଳାରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶରୁ ପ୍ରାୟ ୧୫୦ରୁ ଅଧିକ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିବେ। ଏସି ପାଭିଲିଏନ ଭିତରେ ଏହି ମେଳା ଆୟୋଜିତ ହେବ। ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସର ମଜା ଉଠାଇବେ। ଏହା ସହ ଆଫଗାନିସ୍ତାନ ଡ୍ରାଏ ଫ୍ରୁଟ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କାଶ୍ମୀରୀ ଫର୍ଣ୍ଣିଚର, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ସ୍ଥାନ ପାଇବ। ଏହା ୧୧ ଦିନ ଧରି ଚାଲିବ। ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା କହିଛନ୍ତି। ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏପରି ମେଳା ସମ୍ବଲପୁରବାସୀଙ୍କୁ ନୂଆ ଅନୁଭୂତି ଯୋଗାଇବ ବୋଲି ସମାଜସେବୀ ସିଦ୍ଧାର୍ଥ ସାହା କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆପେଲ୍ ସାଇନ୍‌ର ନିର୍ଦ୍ଦେଶକ ଦିନେଶ ଭୋଲ, ବିର୍ହାଦୂର୍ ସଂ ଉପସ୍ଥିତ ଥିଲେ।




# ରେଳ ଓଭରବ୍ରିଜ ରାସ୍ତାକଡ଼ ଜବରଦଖଲ ପୁନଃ ଉଚ୍ଛେଦ

**ବରପାଲି, ୨୩।୧୦(ସମିସ)**

ବରପାଲି ଜଗନ୍ନାଥ ନଗର ଅର୍ଦ୍ଧ ନିର୍ମିତ ରେଲୱେ ଓଭରବ୍ରିଜ ରାସ୍ତାକଡ ଉଚ୍ଛେଦ କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଓଭରବ୍ରିଜ ନିର୍ମାଣକାମ ଚାଲିବା ୮ ବର୍ଷ ବିତି ଗଲାଣି ହେଲେ କାର୍ଯ୍ୟ ଶେଷ ହେଇପାରୁ ନାହିଁ। ଅଞ୍ଚଳବାସୀଙ୍କ ବହୁ ଦିନର ଆଶା ବର୍ତ୍ତମାନ ନିରାଶାରେ ପରିଣତ ହେବାରେ ଲାଗିଲାଣି। ଜଗନ୍ନାଥ ନଗର ବାଟଦେଇ ଲମ୍ବିଥିବା ରାଜ୍ୟ ସଡ଼କଟି ପୁରୀ ଧାମକୁ ଯାଉଛି। କିନ୍ତୁ ସ୍ଥାନୀୟ ହାଇସ୍କୁଲ ନିକଟ ରେଲୱେ ଫାଟକଟି ଅନେକ ସମୟରେ ବନ୍ଦ ରହୁଥିବା ଯୋଗୁଁ ଜନସାଧାରଣ ବହୁ ଅସୁବିଧା ଭୋଗୁଛନ୍ତି। ବ୍ରିଜର ସର୍ଭିସରୋଡ



କାମ ଆରମ୍ଭ ପାଇଁ କିଛି ମାସ ପୂର୍ବେ ପ୍ରଶାସନ ପକ୍ଷରୁ ଜବରଦଖଲ ତଥା ରୟତି ଜମି ଚିହ୍ନଟ ହେବା ସହ ହିତାଧିକାରୀ ମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ପରେ ପ୍ରଶାସନ ଦ୍ୱାରା ବୁଲଡୋଜର ମାଧ୍ୟମରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଆଜି ପୁନଃ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍‌ଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ରୁକ୍ମଣ ମେହେରଙ୍କ ତତ୍ତ୍ୱାବଧାନରେ ଜବରଦଖକାରୀଙ୍କୁ ଚିହ୍ନଟ କରି ଭଙ୍ଗାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ଦେ ଓ ରେଭିନ୍ୟୁ ଇନ୍ସପେକ୍ଟର ଟିକେଶ୍ୱର୍ ମଲ୍ଲିକ, ସେବକ ବାଗ ଓ ପୁଲିସ ବାହିନୀଙ୍କ ରାଜସ୍ୱ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ମାଁ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା



**ବରପାଲି, ୨୩।୧୦(ସମିସ):** ବରପାଲି ଅଞ୍ଚଳରେ ମାଁ କାଳୀଙ୍କ ପୂଜନୋତ୍ସବ ନୀତିକାନ୍ତି ଅନୁସାରେ ଆଗେଇ ଚାଲିଛି। ଶ୍ୟାମା ଛକସ୍ଥିତ ମାଁ ଶ୍ୟାମାକାଳୀଙ୍କ ୫୭ତମ ପୂଜା ଗତ ଅମାବାସ୍ୟାରୁ ଆରମ୍ଭ ହୋଇଛି। ପ୍ରତ୍ୟହ ପୂଜା ସହିତ ଚଣ୍ଡିପାଠ ଓ ଚଣ୍ଡିହୋମ ହେଉଛି। ଗୁରୁବାରରେ ମାଁଙ୍କୁ ଛପନ ଭୋଗ ଶତଆଳତି ଅର୍ପଣ କରାଯାଇଥିଲା। ମାଁଙ୍କ ଦର୍ଶନ ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ପୂଜା ପରେ ରାୟଗଡ଼ା ଗାୟତ୍ରୀ କଳା ସଂଗଠନ, ବରଗଡ଼ ପଦ୍ମଶ୍ରୀ ଖଟେଇ ଓ ସାଥୀ କଳାଜୀବୀ ଅନୁଷ୍ଠାନ, ନୁପୂର, ପଞ୍ଚବାଦ୍ୟ ସାସ୍କୃତିକ ଅନୁଷ୍ଠାନ ସମ୍ବଲପୁର, ଗାଇସିଲାଟ ସରଗ ମଲ୍ଲୀ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରମାନନ୍ଦ ସ୍ୱାଇଁ ଏବଂ କମିଟି ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହେଉଛି।

ଜାମଡୋଲ ମହିଷାସୁର ରାଜ ଦରବାର

# ଦ୍ୱିତୀୟ ସନ୍ଧ୍ୟାରେ ମହିଷାସୁରଙ୍କ ସ୍ୱର୍ଗ ଅଧିକାର

**ଭେଡେନ, ୨୩।୧୦(ସମିସ):** ଭେଡେନ ବ୍ଲକ ଅଧୀନ ଭେଡେନ ପଞ୍ଚାୟତ ସ୍ଥିତ ଜମଡୋଲ ଗାଁରେ ମାଁ ଶ୍ୟାମାକାଳୀ ପୂଜା ଅବସରରେ ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହାର ଦ୍ୱିତୀୟ ସନ୍ଧ୍ୟାରେ ମହିଷାସୁର ସ୍ୱର୍ଗ ଆକ୍ରମଣ ପାଇଁ ସେନାପତି ଚଣ୍ଡମୁଣ୍ଡକୁ ପ୍ରେରଣ କରିଛି। ସ୍ୱର୍ଗାଧିପତି ଇନ୍ଦ୍ର ଯୁଦ୍ଧରେ ପରାସ୍ତ, ଦେବଗଣ ସ୍ୱର୍ଗରୁ ପଳାୟନ, ମହିଷାସୁରର ସ୍ୱର୍ଗାଧିକାର, ତାଙ୍କ ଅତ୍ୟାଚାରରେ ଅତିଷ୍ଠ ଦେବଗଣ ଦେବଗୁରୁ ବୃହସ୍ପତିଙ୍କ ନିକଟକୁ ଯାଇ ମହିଷାସୁରର ଦୋରାତ୍ମ୍ୟ ବିଷୟରେ ଆଲୋଚନା, ବ୍ରହ୍ମା, ବିଷ୍ଣୁ ଓ ମହାଦେବଙ୍କ ନିକଟକୁ ଯାଇ ଶେଷରେ କାର୍ତ୍ତାୟନ ଋଷିଙ୍କ ନିକଟରେ ମହିଷାସୁର ବିନାଶ ପାଇଁ ମନ୍ତ୍ରଣା କରିଛନ୍ତି। ଅଞ୍ଚଳର ବିଭିନ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେପଟେ ମାଁ ଶ୍ୟାମାକାଳୀ ପୂଜା ମଣ୍ଡପରେ ପଣ୍ଡିତ ସମୀର ରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ହୋମ, ଯଜ୍ଞ ସହ ଚଣ୍ଡୀପାଠ ଅନୁଷ୍ଠିତ ହେବା ସହିତ ଅଞ୍ଚଳ ଶତାଧିକ ଭକ୍ତ ମାଁଙ୍କ ଦର୍ଶନ କରିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଆଜି ରାଜ ଦରବାରରେ ରାଜ ଅତିଥିଭାବେ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ସାମ୍ବାଦିକ ଜ୍ୟୋତିରଞ୍ଜନ ମହାପାତ୍ର, ମୁକୁନ୍ଦ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।



# ପୁଲିସ ପକ୍ଷରୁ ସାଇବର୍ ସଚେତନତା

**ପଦ୍ମପୁର, ୨୩।୧୦(ସମିସ):** ଦିନକୁ ଦିନ ସାଇବର ଠକେଇ ବଢ଼ି ବଢ଼ି ଚାଲିଛି। ଶିକାର ହୋଇ ଟଙ୍କା ହରାଉଛି। ଏମିତି ଅନେକ ପ୍ରକାରର ସାଇବର ଠକେଇର ଅନେକ ନିରୀହ ଲୋକ ସାଇବର ଠକେଇର ଶିକାର ହେଉଛନ୍ତି। ସାମାନ୍ୟ ସାମାନ୍ୟ ଭୁଲ ପାଇଁ କାହା ଆକାଉଣ୍ଟରୁ ଆଖି ପିଛୁଳାକେ ଟଙ୍କା ଗାଏବ ହୋଇ ଯାଉଛି ତ କିଏ ଅଶ୍ଳୀଳ ଭିଡିଓ ଭାଇରାଲ ହେବା ବ୍ଲାକମେଲିଂର ଶିକାର ହୋଇ ସାଧାରଣ ଜନତା ସର୍ବସ୍ୱାନ୍ତ ହେଉଛନ୍ତି। ଏହି ସବୁକୁ ବିଚାରକୁ ନେଇ ପଦ୍ମପୁର ଆଦର୍ଶ ଥାନା ଅଧିକାରୀ ମମତା ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ହନୁମାନ ପଡ଼ା କାଳୀପୂଜା ଓ ସର୍ଗିବାହାଲ କାଳୀପୂଜା ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଥାନା କର୍ମଚାରୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ସାମିଲ ଥିଲେ।




## ମାଣ୍ଡୋସିଲ ଡିଗ୍ରୀ କଲେଜ

**ପାଇକମାଳ:** ପାଇକମାଳ ଥାନା ପକ୍ଷରୁ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସାଇବର ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏଥିରେ କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡା, ଏଏସଆଇ ଶଶିକାନ୍ତ ବାରିକ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ସୁମିତାପ ନାୟକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କୁ ବଢୁଥିବା ସାଇବର କ୍ରାଇମ ଉପରେ ଅବଗତ କରାଇ କିପରି ଏହାକୁ ରୋକାଯାଇ ପାରିବ ସେନେଇ ବୁଝାଇଥିଲେ।

# ବ୍ୟବସାୟୀ ଇନ୍ଦ୍ରମଣି ସାହୁଙ୍କ ପରଲୋକ

**ପାଇକମାଳ, ୨୩।୧୦(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଗାଁର ବିଶିଷ୍ଟ ବ୍ୟବସାୟୀ ଇନ୍ଦ୍ରମଣି ସାହୁ(୭୦)ଙ୍କ ନୂଆପଡ଼ା ସ୍ଥିତ ନିଜ ବାସଭବନରେ ଗୁରୁବାର ସକାଳେ ପରଲୋକ ହୋଇଛି। ସେ କଂଗ୍ରେସ ନେତା ଟଙ୍କଧର ସାହୁଙ୍କ ବାପା ଥିଲେ ତଥା ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ଭାଇ ଥିଲେ। ମାଣ୍ଡୋସିଲ ଅଞ୍ଚଳର ଜଣେ ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଭାବେ ସେ ପରିଚିତ ଥିଲେ। ପଛରେ ତିନି ପୁଅ, ପୁତ୍ରବଧୂ, ତିନି ଝିଅ, ନାତି ନାତୁଣୀ ତଥା ପରିବାରବର୍ଗଙ୍କୁ ଛାଡି ଚାଲିଯାଇଛନ୍ତି। ମାଣ୍ଡୋସିଲ ତାଙ୍କ ପୈତୃକ ଗାଁରେ ଅନ୍ତିମ ସଂସ୍କାର କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିବା ବେଳେ ବଡ ପୁଅ ଟଙ୍କଧର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ରାଷ୍ଟ୍ର ପ୍ରବକ୍ତା ଡ.ହମିଦ ହୁସେନ, ପ୍ରଦେଶ କଂଗ୍ରେସ କମିଟି ମିଡିଆ ଚେୟାରମ୍ୟାନ ଅରବିନ୍ଦ ଦାସ, ପଦ୍ମପୁର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ନୂଆପଡ଼ା ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ, ରବି ମଙ୍ଗରାଜ, ସୁଧିର ମିଶ୍ର, ଆଲୋକ ଗୁରୁ, ଗୋପାଳ ସାହୁ, ବିଜେପି ନେତା ମୁରଲୀଧର ସୁନା, କଂଗ୍ରେସ ନେତା ଗୌନ୍ତିଆ ସାହୁ, ବିନୋଦ କାଳିଆ, ମନୋଜ ତ୍ରିବେଦୀ, ବିଜୟାନନ୍ଦ ପଟ୍ଟନାୟକ, ମହେନ୍ଦ୍ର ଖୁଣ୍ଟିଆ, ମୁଜାଫର ହୁସେନ, ପ୍ରଦୀପ ବେହେରା, ଗଜାନନ ଶର୍ମା, ଦିଲ୍ଲୀପ ଦାନି, ତେଲି ସମାଜର ସଭାପତି ଲକ୍ଷ୍ମଣ ସାହୁ ସମେତ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।



# ଡକାୟତି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୩।୧୦(ସମିସ):** କ୍ଷେତରାଜପୁର ପୁଲିସ୍ ଚୋରି ଅଭିଯୋଗରେ ଜଣକୁ ଗିରଫ କରିଛି । ସେ ହେଉଛି ଦଲଦଲି ପଡ଼ାର ଆଜାଦ ବିଭାର (୧୮)। କ୍ଷେତରାଜପୁର ଷ୍ଟେସନ ପାଖରୁ ଗତ ମଙ୍ଗଳବାର ମୋବାଇଲ,ସ୍କୁଟି ଓ ୪ ହଜାର ଟଙ୍କା ଡକାୟତି କରିଥିବା ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଗିରଫ କରି କୋର୍ଟ ଚାଲାଣ କରିଛି। ତା ନିକଟରୁ ମୋବାଇଲ ୨୦୦୦ ଟଙ୍କା ଓ ସ୍କୁଟି ଉଦ୍ଧାର କରିଛି

# ପଦଯାତ୍ରା ଏକତା ଯାତ୍ରାର ପ୍ରସ୍ତୁତି



**ସମ୍ବଲପୁର, ୨୩।୧୦(ସମିସ):** ପଦଯାତ୍ରା ଏକତା ଯାତ୍ରା କାର୍ଯ୍ୟକ୍ରମ ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ, ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ପଦଯାତ୍ରାର ଉଦ୍ଦେଶ୍ୟ ଜିଲ୍ଲାସ୍ତରରେ ଏକତା, ପରିଶୁଚିତା ଓ ଯୁବ ଯୋଗାଯୋଗକୁ ବୃଦ୍ଧି କରିବା ବିଷୟରେ ଆଲୋଚନା ହୋଇଥିଲା। କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରେରିତ ସନ୍ଦର୍ଭ ପତ୍ର ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା ହୋଇଥିଲା। ଜିଲ୍ଲା ସ୍ତରରେ ପ୍ରସ୍ତୁତି ପାଇଁ ଏକ କାର୍ଯ୍ୟପନା ତିଆରି ହୋଇଥିଲା, ଯେଉଁଠାରେ ରଚନା, ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତା, ପରିଶୁଚିତା ଅଭିଯାନ, ପ୍ରେସ ସମ୍ମେଳନ, ସୋସିଆଲ ମିଡିଆ ପ୍ରଭାବଶାଳୀଙ୍କ ବ୍ରିଫିଂ ଓ ଗଣ୍ୟମାନ୍ୟ ଅତିଥିଙ୍କୁ ଆମନ୍ତ୍ରଣ ସମ୍ମିଳିତ ହୋଇଛି। ଉକ୍ତ ବୈଠକରେ ବିଭାଗୀୟ ଦାୟିତ୍ୱ ଓ ଭୂମିକା ନିର୍ଦ୍ଧାରଣ ମଧ୍ୟ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଯୁବ କ୍ଲବ, କ୍ରୀଡ଼ା ସଂସ୍ଥା ଓ ସେବା ସଂଗଠନଙ୍କ ସହଯୋଗ ସୁନିଶ୍ଚିତ କରାଯିବ। ଲଜିଷ୍ଟିକ ସହଯୋଗ ଭିତରେ ଯାନବାହନ ଓ ଖାଦ୍ୟସୁବିଧା, ମଞ୍ଚ ବ୍ୟବସ୍ଥା, ଧ୍ୱନି ସଜାଣା ଏବଂ ଟି-ସାର୍ଟ, ଟୋପି ବଣ୍ଟନ ପାଇଁ ଆଲୋଚନା ହୋଇଛି। ସୁରକ୍ଷା ଓ ଆପତ୍କାଳୀନ ବ୍ୟବସ୍ଥା ଯଥା ଭିଡ଼ ନିୟନ୍ତ୍ରଣ ଓ ପ୍ରଥମ ଚିକିତ୍ସା ବ୍ୟବସ୍ଥା ଉପରେ ମଧ୍ୟ ଜୋର ଦିଆଯାଇଛି। ସଭା ଶେଷରେ ସମସ୍ତ ବିଭାଗ ଓ ହିତାଧିକାରୀଙ୍କ ଏକତ୍ର ପ୍ରୟାସ ଦ୍ୱାରା 'ପଦଯାତ୍ରା ଏକତା ଯାତ୍ରା' କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲାରେ ସଫଳ ଭାବେ ଆୟୋଜନ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସାଇବର୍ ଥାନାରେ ଏତଲା

**ଭବାନୀପାଟଣା, ୨୩।୧୦(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱ ରେ ଅପରାହ୍ନରେ କଂଗ୍ରେସର ଏକ ପ୍ରତିନିଧି ଦଳ ଫୋକାସ ପ୍ଲସ୍ ୱେବ୍ ଚାନେଲ ବିରୋଧରେ ସାଇବର ଥାନା ରେ ଏତଲା ଦିଆଯାଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସ ଓ ସଦର ବିଧାୟକ ସାଗର ଚରଣ ଦାସଙ୍କ ବିରୋଧରେ ଫୋକସ୍ ପ୍ଲସ ଏବଂ ଫେସବୁକ୍ ମାଧ୍ୟମରେ ସୁଧାଂଶୁ ଶେଖର ରାଉତ, ଅଜୟ କୁମାର ପଣ୍ଡା, ଅନନ୍ତ କୁମାର ଧଳ(ନାଣ୍ଟୁ) ଗତ କିଛି ଦିନ ଧରି କୌଣସି ସତ୍ୟତା ନ ଥିବା ମିଥ୍ୟା ଅଭିଯୋଗ ଏବଂ ଅପପ୍ରଚାର କରି ବଦନାମ କରିବାରେ ଲାଗିଛନ୍ତି। ପିସିସିର ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲ୍ଲାର ମୁଖ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟି ଦ୍ୱାରା ସାଇବର ଥାନାରେ ଏତଲା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଗଣ ଏବଂ କଂଗ୍ରେସ ଦଳର ସମସ୍ତ ଶାଖାର ନେତୃବୃନ୍ଦ ଉପସ୍ଥିତ ଥିଲେ।



# ବରଗଡ଼ ଜିଲ୍ଲାସ୍ତରୀୟ ସ୍କୁଲ ଫୁଟବଲ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ବରପାଲି, ୨୩।୧୦(ସମିସ)**

ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ବରଗଡ଼ ଜିଲ୍ଲା ସ୍ତରୀୟ ସ୍କୁଲ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁଙ୍କ ସଭାପତିତ୍ୱରେ ଚାମ୍ପିଅନସିପ୍ କାର୍ଯ୍ୟକାରୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ନିର୍ଦ୍ଦେଶିକା ସୁନିତା ମୁଣ୍ଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼, ପଦ୍ମପୁର ଓ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ଲୋକନାଥ ଭୋଇ ଓ ଶୁଭମ ପତି ତଥା ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସାଶ୍ୱତୀ ଦାଶ, ଶାନ୍ତି ସୁନା, ସନୋଜ ସେଟ୍ଠି ଓ ନାରାୟଣ ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ଡିପିଇଓ ଜ୍ୟୋତିଷ ପଧାନ ଓ ବରପାଲି ବିଇଓ ମୁକୁନ୍ଦ ମହରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ଜିଲ୍ଲାର ୩୮୪ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବେ ସାମିଲ ହୋଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ବାଳକ ବିଭାଗରେ ପଦ୍ମପୁର ଓ ବରପାଲି ମଧ୍ୟରେ ହୋଇଥିବା ବେଳେ ବରପାଲି ଦଳ ବିଜୟୀ ହୋଇଥିଲେ। ପ୍ରଧାନଶିକ୍ଷକ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା ଓ ସନୋଜ ସେଟ୍ଠି ଧନ୍ୟବାଦ ଅର୍ପଣ କରିଥିଲେ।




# କୋକସରା ବ୍ଲକ୍‌ସ୍ତରୀୟ ସ୍ପୋର୍ଟ୍ସ ମିଟ୍

**କୋକସରା, ୨୩।୧୦(ସମିସ) :** କୋକସରା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡାରେ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳିଙ୍କୁ ନେଇ ଗୋଷ୍ଠି ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ସ୍ପୋର୍ଟସ ମିଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମାଝୀଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦାସ, ରେଙ୍ଗାଳପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟିକେଶ୍ୱର ପୁଞ୍ଜି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ବ୍ଲକସ୍ତରୀୟ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ମନୋବଳକୁ ବଢ଼ାଇବା ସହ ଉତ୍ସାହିତ କରିଥିଲେ। ଏହି କ୍ରମରେ ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ କ୍ରୀଡାକୁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ମାନେ ପରିଚାଳନା କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ଟିକେଶ୍ୱର ପୁଞ୍ଜି, ପ୍ରଦୀପ କୁମାର ଦାସ, ସାମ୍ବାଦିକ ସନତ କୁମାର ପ୍ରଧାନୀ, ବ୍ଲକସ୍ତରୀୟ କ୍ରୀଡା ରେ ମନୋନୀତ ହୋଇ ଜିଲ୍ଲାସ୍ତରୀୟ ସ୍ପୋର୍ଟସ କୁ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କ୍ରୀଡା କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା ରେ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ କୁ କୋକସରା ବ୍ଲକ ପିଇଟି ସଙ୍ଘର ସଭାପତି ରାଧାକାନ୍ତ ପଟ୍ଟନାୟକ, କ୍ରୀଡା ଶିକ୍ଷକ ଦୀପ୍ତି ରଞ୍ଜନ ଠାକୁର, ସମୀର ରଞ୍ଜନ ପଣ୍ଡା, ଶଙ୍କର ପୋଢ଼, ଅଜିତ ମେହେର, ଉତ୍ତମ ସାହୁ, ଅଜୟ ସରାଫ, ଅଜିତାଭ ସାହୁ, କିଶନ ଲାଲ ଧଙ୍ଗଡ଼ା ମାଝୀ, ବିଶ୍ୱମର ଧଙ୍ଗଡ଼ା ମାଝୀ ସମେତ ଜବାହାର ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

ସକାଳ THE SAKALA



ନୂଆପଡ଼ା ଉପନିର୍ବାଚନ

# ବଞ୍ଜାରୀ ଦେବୀ ମନ୍ଦିରରୁ ବିଜେଡିର ପ୍ରଚାର ଅଭିଯାନ ଆରମ୍ଭ









ନୂଆପଡ଼ା, ୨୩।୧୦(ସମିସ)

ନୂଆପଡ଼ାରେ ବିଜେଡିର ବିଶାଳ ଶକ୍ତି ପ୍ରଦର୍ଶନ ପରେ ବିଜୁ ଜନତା ଦଳ ଗୁରୁବାର ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି। ସ୍ଥାନୀୟ ମା'ବଞ୍ଜାରୀ ଦେବୀ ମନ୍ଦିରରେ ବିଜେଡିର ବରିଷ୍ଠ ନେତାମାନେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ତଥା ନୂଆପଡ଼ାର ଶାନ୍ତି, ଉନ୍ନତି ଓ ସମୃଦ୍ଧି ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜାର୍ଚ୍ଚନା ପରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତଥା ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗ ଦେଇ ବଡ ବ୍ୟବଧାନରେ ବିଜେଡିର ବିଜୟ ପାଇଁ ଆହ୍ୱାନ ଜଣାଇଛନ୍ତି। ବିପୁଳ ଜନସମାଗମକୁ ସମ୍ବୋଧିତ କରି ଛୁରିଆ କହିଥିଲେ ଯେ ନୂଆପଡ଼ାର ସାମଗ୍ରୀକ ବିକାଶ ପାଇଁ ଆଜିଠାରୁ ତାଙ୍କର ଅଭିଯାନ ଆରମ୍ଭ ହେଲା ବିଜୁ ଜନତା ଦଳ ସଦା ସେବା ଓ ଲୋକକଲ୍ୟାଣ ପାଇଁ କାମ କରୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମର ସ୍ୱାର୍ଥ ବିହୀନ ସେବା ଓ ଜନକଲ୍ୟାଣ ଧାରା ଜାରି ରହିଛି। ବିଜୁ ପଟ୍ଟନାୟକଙ୍କ ଶାସନକାଳରେ ନୂଆପଡ଼ା ଏକ ଜିଲ୍ଲାର ମାନ୍ୟତା ପାଇଥିଲା। ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱକୁ ଆଜି ମଧ୍ୟ ନୂଆପଡ଼ାବାସୀ ସମ୍ମାନର ସହ ସ୍ମରଣ କରି ଆସୁଛନ୍ତି। ସଭାରେ ବକ୍ତବ୍ୟ ରଖି ଦଳର ନେତୃବୃନ୍ଦ ବିଜେପି ନେତୃତ୍ୱର ଡବଲ୍ ଇଞ୍ଜିନ୍ ସରକାର ଉପରେ ତୀବ୍ର ଆକ୍ରମଣ କରି କହିଥିଲେ ଯେ ଗତ ୧୬ ମାସ ଧରି ଏହି ସରକାର ନୂଆପଡ଼ାରେ ଡବଲ୍ ଧ୍ୱଂସ ଲୀଳା ଚଳାଇଛି। ବିଜେପି ସରକାର ଜନସାଧାରଣଙ୍କ ଆକାଂକ୍ଷା ପୂରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଜିଲ୍ଲାବାସୀଙ୍କ ଆଶା ଓ ଆକାଂକ୍ଷା ପ୍ରତି ବିଜେପି ସରକାର କୁଠାରଘାତ କରିବା ସହିତ ମୌଳିକ ଭିତ୍ତିଭୂମି, ଜନକଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାକୁ ଅଟକାଇଛି। ଜିଲ୍ଲାବାସୀଙ୍କ ଜୀବନଜୀବିକା ଘୋର ବିପଦରେ ପଡ଼ିଛି। ସଭାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଜୋଷୀ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟିକା ମନୋରମା ମହାନ୍ତି, ମନୋଜ ମିଶ୍ର (ସାଧାରଣ ସମ୍ପାଦକ) ଓ ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଉଦ୍‌ବୋଧନ ଦେଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ଲାଗି ଆହ୍ୱାନ ଦେଇଛନ୍ତି। ନୂଆପଡ଼ାର ଲୋକମାନେ ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନତାର ଫଳ ଭୋଗୁଛନ୍ତି।ବରିଷ୍ଠ ବିଜେଡି ନେତା ରମେଶ ମାଝୀ, ମନୋହର ରନ୍ଧାରୀ, ରମେଶ ବେହେରା, ବିଜୟ ନାୟକ, ସରସ୍ୱତୀ ବାଗ ଓ ଶେଫାଳୀ ସଲମା ପ୍ରମୁଖ ଉପସ୍ଥିତ ରହି ଛୁରିଆଙ୍କ ବିଜୟ ନେଇ ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ନୂଆପଡ଼ା ସ୍ଥିତ ଟାନୱାଟ ଆଦିବାସୀ ସମାଜ ଭବନରେ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଠାରେ ଅନେକ ଆଦିବାସୀ ନେତା ଓ ସମୁଦାୟ ନିବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳର ଅନେକ ନେତା ଏବଂ କର୍ମୀମାନେ ବିଜୁ ଜନତା ଦଳରେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି।ସଭାରେ ଦେବୀ ପ୍ରସାଦ ମିଶ୍ର କହିଥିଲେ, ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଆଦିବାସୀ ଲୋକମାନଙ୍କର ଉନ୍ନତି ତଥା କଲ୍ୟାଣ ପାଇଁ ବହୁ ପଦକ୍ଷେପ ନିଆଯାଇଥିଲା। ଆଦିବାସୀ ସମୁଦାୟର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ସାମାଜିକ ନ୍ୟାୟକୁ ନବୀନ ପଟ୍ଟନାୟକ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି ଆଦିବାସୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ଛୁରିଆ କହିଥିଲେ ଯେ ବର୍ତ୍ତମାନର ବିଜେପି ଶାସନକାଳରେ ଆଦିବାସୀ ମାନଙ୍କର ଅଧୋଗତି ଘଟିଛି। ଆଦିବାସୀମାନେ ଆଜି ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଆଦିବାସୀ ହଷ୍ଟେଲରେ ଛାତ୍ରୀମାନେ ଗର୍ଭବତୀ ହେଉଥିବା ବେଳେ ନିର୍ଯାତନା, ବଳାତ୍କାର ସମ୍ପର୍କିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଆଗାମୀ ଦିନରେ ମଧ୍ୟ ଆଦିବାସୀଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ପାଇଁ ବିଜେଡି ନିଜର ସଂଘର୍ଷ ଜାରି ରଖିବ। ଏହି ଅବସରରେ ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ରମେଶ ବେହେରା, ଭାନୁ ପ୍ରତାପ ସିଂହ ମାଝୀ, ବିହାରୀଲାଲ ବିଶ୍ୱାଳ, ହରପ୍ରସାଦ ମାଝୀ, ତେଜରାଜ ଶବର, ଲିଲେଶ୍ୱର ମାଝୀ, ପର୍ଶୁରାମ ମାଝୀ, କପୁରଚନ୍ଦ ମାଝୀ, ମାନିକ ମାଝୀ, ହୀରାଲାଲ ମାଝୀ, ଚଗନ ମାଝୀ ଓ ତୀରଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜର ଦୃଢ଼ ସଂକଳ୍ପକୁ ଦୋହରାଇ ଜିଲ୍ଲାର ଭବିଷ୍ୟତ ନବୀନ ପଟ୍ଟନାୟକଙ୍କ ପ୍ରଗତିଶୀଳ ଶାସନ ଓ ଲୋକକଲ୍ୟାଣମୁଖୀ ଦୃଷ୍ଟିକୋଣରେ ଅନ୍ତର୍ନିହିତ ଅଛି ବୋଲି କହିଥିଲା। ଦଳ ନୂଆପଡ଼ାର ପ୍ରତ୍ୟେକ ବର୍ଗର ଲୋକଙ୍କ ଶାନ୍ତି, ସମୃଦ୍ଧି ଓ ବିକାଶ ପାଇଁ ଏକତାର ସହ ବିଜୁ ଜନତା ଦଳ ପଛରେ ଛିଡା ହେବା ଲାଗି ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ।

## ମା'ଙ୍କ ଆଶିଷ ନେଇ ଗାଁ ମୁଖିଆଙ୍କୁ ଭେଟିଲେ ସ୍ନେହାଙ୍ଗିନୀ







# ମତଦାନ କର୍ମଚାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ



**ନୂଆପଡ଼ା, ୨୩।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପୋଲିଂ ଅଧିକାରୀ ଏବଂ କର୍ମଚାରୀମାନଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଏନଆଇସି କାର୍ଯ୍ୟାଳୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଯାଇଛି। ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିନୟ କୁମାର ତିୱାରୀ ପାୱର ପଏଣ୍ଟ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ପ୍ରକ୍ରିୟା ପ୍ରଦର୍ଶନ କରିଥିଲେ। ବୈଠକରେ ଏଡିଏମ୍ ସୁବାଷ ଚନ୍ଦ୍ର ରଇତ, ଏଡିଏମ ପ୍ରଫୁଲ କୁଜୁର, ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନ, ଡେପୁଟି କଲେକ୍ଟର ଶେଖ ନସିମ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଏନଆଇସି- ବିକଶିତ ପୋଲିଂ କର୍ମଚାରୀ ରାଣ୍ଡମାଇଜେସନ ପାଇଁ ବ୍ୟବହୃତ ଆପ୍ଲିକେସନ, ଏହାର ସଠିକତା ଏବଂ ସ୍ୱଚ୍ଛତାକୁ ପ୍ରଶଂସା କରିଥିଲେ। ସେ ନିରପେକ୍ଷତା ଏବଂ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ସକ୍ରିୟ ଭାବରେ ତଦାରଖ କରିଥିଲେ। ଡିଇଓ ଏବଂ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବରେ ସମ୍ପାଦିତ ହୋଇଛି। ଏହାପରେ ପୋଲିଂ କର୍ମଚାରୀଙ୍କ ପାଇଁ ତାଲିମ ବ୍ୟବସ୍ଥା ଶୀଘ୍ର ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ନିର୍ବାଚନ ପରିଚାଳନାରେ ଆଇଟି-ଆଧାରିତ ସମସ୍ୟା ସମାଧାନର ସମନ୍ୱୟରେ ଆଉ ଏକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ପାଇଁ ନିର୍ବାଚନ କମିଶନରଙ୍କ ନିରନ୍ତର ପ୍ରୟାସକୁ ପ୍ରଦର୍ଶନ କରୁଛି।

ସମ୍ମିଳନୀରେ ହଜାର ହଜାର ଆଦିବାସୀ ସାମିଲ

# ବିଜୁ ଜନତା ଦଳରେ ନୂତନ ଶକ୍ତିର ସଞ୍ଚାର

**ନୂଆପଡ଼ା, ୨୩।୧୦(ସମିସ):** ଶବର ଭବନ ଖୋକ୍ସାରେ ଆୟୋଜିତ ହୋଇଥିଲା ବିଶାଳ ଆଦିବାସୀ ସମ୍ମିଳନୀ। ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ ଆଦିବାସୀ ନେତା ବିହାରୀ ଲାଲ ବିଶ୍ୱାଳ। ସମ୍ମିଳନୀରେ ପ୍ରାୟ ୨ ହଜାର ଆଦିବାସୀ ଯୋଗଦେଲେ। ସଭାରେ ବିଶିଷ୍ଟ ଅତିଥି ଭାବେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜେଡି ଉପାଧ୍ୟକ୍ଷ ଓ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ରମେଶ ମାଝି, ଦଶପଲ୍ଲା ବିଧାୟକ ରମେଶ ବେହେରା ଓ ବିଧାୟକ ମନୋହର ରନ୍ଧାରି। ସଭାରେ ନେତାମାନେ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଭଙ୍ଗୀ ନେତୃତ୍ୱ ଓ ଆଦିବାସୀ, ଶ୍ରମିକ ଓ ଗରିବ ମାନଙ୍କ ପ୍ରତି ମୁଖୀ ଯୋଜନାଗୁଡ଼ିକ ପ୍ରଶଂସା କରିଥିଲେ। ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତି ପ୍ରତି ତୀବ୍ର ଅସନ୍ତୋଷ ବ୍ୟକ୍ତ କଲେ। ସେମାନେ ବିଜେପିକୁ ଗୋ ହତ୍ୟା ପାର୍ଟି ବୋଲି ଅଭିହିତ କରି ୧୬ ଅକ୍ଟୋବର ୨୦୨୫ରେ ନୂଆପଡ଼ାରେ ବିଜେପି ସଭାରେ ବିଷାକ୍ତ ଖାଦ୍ୟ ଖାଇ ୧୩ଟି ଗାଈ ମୃତ୍ୟୁବରଣ କଲେ, ଯାହା ଦୁଃଖଦ ଓ ନିନ୍ଦନୀୟ। ଆହୁରି ଆଦିବାସୀମାନେ ବିକ୍ଷୋଭର କରି କହିଲେ ଯେ ବିଜେପି ସରକାର ମନରେଗାରେ ୨୦୦ ଦିନର କାମ କମାଇ ୧୦୦ ଦିନ କରିଛି ଓ ଦିନକର ମଜୁରୀ ୩୫୨ ଟଙ୍କାରୁ କମାଇ ୨୦୦ ଟଙ୍କା କରିଛି, ଯାହା ଶ୍ରମିକ ଓ ଗରିବ ବିରୋଧୀ ନୀତି। ଏହାର ଫଳରେ ରାଜ୍ୟ ଛାଡ଼ି ଦାଦନ ଶ୍ରମିକ ଓ ବେରୋଜଗାରି ବୃଦ୍ଧି ପାଇଛି।ସଭାରେ ଆଦିବାସୀ ନେତାମାନେ ତେଜରାଜ ଶବର, ଛକନ ମାଝି, ସୁଶିଲ ବିଶ୍ୱାଳ, ହରପ୍ରସାଦ ମାଝି, ତପନ ଶବର, ରୋହିତ ପାଣ୍ଡେ, ଦେବା ଶବର, ବଳେଶ୍ୱର ଦୀପ, ଚିନ୍ତାମ ମାଝି, ମହେନ୍ଦ୍ର ଲୁହାର, ଗୋପବନ୍ଧୁ ପ୍ରଧାନ, ରମେଶ ଶବର, ହରେକୃଷ୍ଣ ଶବର, ରାମଜି ବରିହା, ଚେତନାନନ୍ଦ ଶବର, ସୁରେନ୍ଦ୍ର ଲୁହାର, କାଶୀରାମ ପାଣ୍ଡେ, ମୁରଳି ରାଉତ, ଚନ୍ଦ୍ରମଣି ରାଉତ, ପ୍ରଫୁଲ୍ଲ ଶବର, କହେଁଇ ମାଝି, ରାଜୁ ମାଝି, ଦୁଖନାସନ ମାଝି, ସୁବାଶ ପ୍ରଧାନ, ସୁଦାମ ପ୍ରଧାନ, ଚନ୍ଦ୍ରଶେଖର ଭୋଇ, ରଞ୍ଜିତ ବାରିକ, ଭାସ୍କର ଶବର, ଅଲେଖ ବାରିକ, ରଘୁ ଶବର, ପରମେଶ୍ୱର ଗୌଡ଼, ସୁବନ୍ତ ବାରିକ ଓ ସଞ୍ଜିବ ପ୍ରଧାନ ଉପସ୍ଥିତ ଥିଲେ।







ଅବକାରୀ ବିଭାଗ ତରଫରୁ ତଲାସୀ ଜୋର୍‌ଦାର୍

# ୪ ବାଇକ୍ ସହ ବିପୁଳ ଅବକାରୀ ସାମଗ୍ରୀ ଜବତ

**ନୂଆପଡ଼ା, ୨୩।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ତଲାସୀ ଅଭିଯାନ ଜୋର ସୋରରେ ଚାଲିଛି। ଗତ ୨୧ ତାରିଖରେ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୨୨୯ ଲିଟର ହାତ ରନ୍ଧା ମଦ, ୧୮ ଲିଟର ବାହାର ଭାଟି ମଦ, ୫.୪ ଲିଟର ବିଦେଶୀ ମଦ, ୬ ଲିଟର, ବିଅର ଏବଂ ୭୩୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୨ ହଜାର ଟଙ୍କା ହେବ। ଅଦ୍ୟାବଧି ଅବକାରୀ ବିଭାଗ ୬୯ଲି ବିଅର, ୩୮ଲିଟର ବିଦେଶୀ ମଦ, ୩୬୩୦ଲି ହାତ ରନ୍ଧା ମଦ, ୫୮୮ଲିଟର ବାହାର ଭାଟି ମଦ, ୪ କେଜି ଗଞ୍ଜେଇ ଏବଂ ୮୫, ୬୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୫୪ ଲକ୍ଷ ୪୯ ହଜାର ଟଙ୍କା ହେବ। ଏହା ସହିତ ଚାରୋଟି ବାଇକ ମଧ୍ୟ ଅବକାରୀ ବିଭାଗ ଜବତ କରିଛନ୍ତି। ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଆଶା ଓ ଆଶଙ୍କାରେ ଆଦିବାସୀ ଓ ପାରମ୍ପରିକ ବନବାସୀ

ସିନାପାଲି, ୨୩।୧୦(ସମିସ)



## ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ସେଲ୍ ବନ୍ଦ
## ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ହଟାଇବା ପାଇଁ ଚକ୍ରାନ୍ତ

ଜଙ୍ଗଲ ଜମି ରେ ପୁରୁଷାନୁକ୍ରମେ ବସତି କରିବା ସହ ଚାଷ କରି ଜୀବିକା ନିର୍ବାହ କରୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ଥଇଥାନ କରି ହକ୍ ପ୍ରଦାନ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସରକାର ଜଙ୍ଗଲ ଅଧିକାର ଆଇନ - ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ କାର୍ଯ୍ୟକାରୀ କରିଥିଲେ। ଏହି ଆଇନ ବଳରେ ଆଦିବାସୀ ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ୨୫ ବର୍ଷ ଓ ଅଣ ଆଦିବାସୀ କିମ୍ବା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ କ୍ଷେତ୍ରରେ ତିନି ପିଢ଼ି (୭୫ ବର୍ଷ) ଧରି ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ବସବାସ କରିବା ସହ ଚାଷବାସ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ ଏହି ଜମିର ଅଧିକାର ପ୍ରଦାନ କରିବା ପାଇଁ ନିୟମ ରହିଛି। ସେହିପରି ବସବାସ କରୁଥିବା ଗ୍ରାମରେ ଥିବା ଜଳାଶୟ, ମନ୍ଦିର, ପୋଖରୀ, ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଗ୍ରାମର ଆବଶ୍ୟକତା ପୂରଣ କରୁଥିବା ସ୍ଥଳୀ ବିଶେଷକୁ 'ଗୋଷ୍ଠିଗତ ଅଧିକାର' ଓ ଗୋଟିଏ ଗ୍ରାମର ପରିସୀମା ଠାରୁ ଅନ୍ୟ ଏକ ଗାଁ ସୀମା ପର୍ଯ୍ୟନ୍ତ ରହିଥିବା ଜଙ୍ଗଲ ଜମିର ପରିମାଣ ଅନୁସାରେ 'ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର' ପ୍ରଦାନ ଦେବା ସହ ଜଙ୍ଗଲରେ ଥିବା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାର ନିୟମ ରହିଛି। ହେଲେ ଏହି ଆଇନକୁ ପାଳନ କରି ସରଳୀକରଣ କରିବା ସହ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ପ୍ରଶାସନିକ କ୍ଷେତ୍ର ରେ ସହଯୋଗ କରି ଜଙ୍ଗଲ ଅଧିକାର ହକ ପ୍ରଦାନ କରିବା ପାଇଁ ନବୀନ ସରକାର 'ମୋ ଜଙ୍ଗଲ ଜମି ଯୋଜନା' ଗତ ୨୦୨୩ ମସିହାରେ କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟ ର ୨୪୭ ତହସିଲ କାର୍ଯ୍ୟାଳୟ ଅଧିନରେ ଜଙ୍ଗଲ ଜମି ମୋ ସେଲ ଖୋଲା ଯାଇଥିଲା। ଏହି ସେଲ ଜରିଆରେ ଜଙ୍ଗଲ ଜମି ମାପ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବିଭିନ୍ନ ସମସ୍ୟାର ସମାଧାନ କରିବା ଓ ଜଙ୍ଗଲ ଜମିର ହକ ପ୍ରଦାନରେ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଯୋଜନା କାର୍ଯ୍ୟକାରୀ କରାଯାଇ କର୍ମଚାରୀ ନିଯୁକ୍ତି କରାଯାଇ ଥିଲା। ଏହାକୁ ପରିଚାଳନା କରିବା ପାଇଁ ଏକ ବେସରକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ହେଲେ ବର୍ତ୍ତମାନର ସରକାର ଏହାକୁ ବନ୍ଦ କରିବା ପାଇଁ ଯୋଜନା କରିବା ସହ ଆଦିବାସୀଙ୍କ ହକ ଅଧିକାର ଛଡ଼ାଇ ନେବାର ଯୋଜନା ଆରମ୍ଭ କରି ମୋ ସେଲ୍‌ଫକୁ ବନ୍ଦ କରି ଦିଆଯାଉଛି ବୋଲି ଆଦିବାସୀ ସଂଗଠନ ଓ ଜଙ୍ଗଲ ଜମିମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରିଛି।ନୂଆପଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ୫ ଗୋଟି ବ୍ଲକ ରହିଛି। ଅନେକ ଗାଁ ଗଣ୍ଡା ଗୁଡ଼ିକ ଜଙ୍ଗଲ ପରିବେଷ୍ଟିତରେ ରହିଥିବା ବେଳେ ଜଙ୍ଗଲ ଅଧିକାର ଆଇନ ବଳରେ ହକ ପାଇଁ ବ୍ୟକ୍ତି ଗତ ଦାବି, ଗୋଷ୍ଠିଗତ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବୀ ଫର୍ମ ଗୁଡ଼ିକ ଗ୍ରାମ ସଭାର ସୁପାରିଶ କ୍ରମେ ଦାଖଲ କରାଯାଇଛି। ସୂଚନା ଅନୁଯାୟୀ ସିନାପାଲି ବ୍ଲକର ୧୧୯ଟି ପଡ଼ା ଓ ରାଜସ୍ୱ ଗ୍ରାମର ୧୦୬୬୯ ଜଣ ବ୍ୟକ୍ତିଗତ, ୧୧୮ ଟି ଗୋଷ୍ଠୀଗତ ଓ ୧୦୭ ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବି ଫର୍ମ ଦାଖଲ କରିଛନ୍ତି। ସେହିପରି ନୂଆପଡ଼ା ବ୍ଲକର ୧୪୮ ଗ୍ରାମର ୨୦୩୮ଜଣ ବ୍ୟକ୍ତିଗତ, ୪୬ ଟି ଗୋଷ୍ଠୀଗତ, ୪୬ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ପାଇଁ ଦାବୀ ଫର୍ମ ଦାଖଲ କରିଛନ୍ତି। ସେହିପରି କୋମନା ବ୍ଲକର ୧୫୬ଟି ଗ୍ରାମର ୮୫୮୨ଜଣ ବ୍ୟକ୍ତିଗତ, ୭୨ ଟି ଗୋଷ୍ଠୀଗତ, ୫୯ ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ରହିଛି। ଖଡିଆଳ ବ୍ଲକର ୧୦୬ ଗ୍ରାମରୁ ୬୩୩୩ ଜଣ ବ୍ୟକ୍ତିଗତ, ୭୫ ଗୋଷ୍ଠିଗତ, ୫୧ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ, ବୋଡ଼େନ ବ୍ଲକର ୭୮ ଗ୍ରାମରୁ ୯୯୮୧ଜଣ ବ୍ୟକ୍ତିଗତ, ୬୩ ଜଣ ଗୋଷ୍ଠିଗତ ଓ ୬୧ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବୀ ଫର୍ମ ଦାଖଲ କରିସାରିଛନ୍ତି। ହେଲେ ଏବେ ବି ଆହୁରି ଅନେକ ବାକି ରହିଥିବା ବେଳେ ଅନେକ ପଡ଼ା ଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ନୂଆପଡ଼ା ଜିଲ୍ଲା ର ୬୦୭ ଗୋଟି ଗ୍ରାମରୁ ୪୫୮୯୩ ଜଣ ବ୍ୟକ୍ତିଗତ, ୩୭୪ ଟି ଗୋଷ୍ଠୀଗତ ଓ ୩୧୫ ଟି ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବୀ ଫର୍ମ ଦାଖଲ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କେବଳ ପ୍ରାୟ ୭ହଜାର ଜଣ ଙ୍କୁ ବ୍ୟକ୍ତିଗତ ପ୍ରଦାନ କରାଯାଇଥିବା ବେଳେ ଅଣ ଆଦିବାସୀଙ୍କୁ କାହାରିକୁ ବ୍ୟକ୍ତିଗତ ପଟ୍ଟା ପ୍ରଦାନ କରାଯାଇ ନାହିଁ। ଏଭଳି ଅନେକ ବାକି ରହିଥିବା ବେଳେ ସରକାର ହଠାତ ମୋ ସେଲ କୁ ବନ୍ଦ କରିବାର ଅସଲ ଉଦ୍ଦେଶ୍ୟ କଣ ହୋଇ ପାରେ ବୋଲି ସଂଗଠନ ତରଫରୁ ପ୍ରଶ୍ନ କରାଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଯେଉଁ ସରକାର ଆଦିବାସୀ ପ୍ରୀତି ଦେଖାଇ ଶାସନକୁ ଆସିଲେ ଏବେ ଏଭଳି ଚକ୍ରାନ୍ତକୁ ନପାସନ୍ଦ୍ କରିବା ସହ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଏ ସମ୍ପର୍କରେ ସିନାପାଲି ମୋ ସେଲରେ ନିୟୋଜିତ କର୍ମଚାରୀ ଚତୁର୍ଭୁଜ ନାଗଙ୍କୁ ପଚାରିବାରୁ ରାଜ୍ୟର ସମସ୍ତ ସେଲ ବନ୍ଦ କରିବାକୁ ନିର୍ଦ୍ଦେଶ ହେଇଛି। ହେଲେ ନୂଆପଡ଼ାରେ ଉପନିର୍ବାଚନ ଆଚରଣ ବିଧି ଲାଗୁ ପାଇଁ ଆମକୁ କୁହାଯାଇ ନାହିଁ। ନିର୍ବାଚନ ସରିଲେ ବନ୍ଦ ହେଇଯିବ ବୋଲି ପ୍ରକାଶ କରିଥିଲେ।

ସକାଳ
THE SAKALA



www.sakalaepaper.com

## ନହଙ୍ଗି ଗ୍ରାମରେ ଶ୍ୟାମାକାଳୀ ପୂଜା



ଆନନ୍ଦପୁର, ୨୩।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ନହଙ୍ଗି ଗ୍ରାମରେ ୫୨ ବର୍ଷ ଧରି ଧୁମଧାମରେ ପାଳିତ ହେଉଛି ଶ୍ୟାମାକାଳୀ ପୂଜା। କାଳୀପୂଜା କମିଟି ପକ୍ଷରୁ ମା' ଶ୍ୟାମା କାଳୀ ପୂଜା ବିଧି ପାଇଁ ଆଚାର୍ଯ୍ୟ କୃପାକର ପଣ୍ଡା ମୁଖ୍ୟ କର୍ତ୍ତା ଭାବେ ଦୋଳଗୋବିନ୍ଦ ଭୂୟାଁ ସହଯୋଗୀ ବାବାଜୀ ଭୂୟାଁ, ପ୍ରମୋଦ ରାଉତ, ଲକ୍ଷ୍ମୀଧର ରାଉତ, ସୀତାରାମ ଦେଓ, ବିଜୟ ଧଳ, ମାନସ ମହାରଣା, ପ୍ରଦୀପ ଭୂୟାଁ, ହେମନ୍ତ ସେଠୀ, ପ୍ରଫୁଲ୍ଲ ବେହେରା, କୋଦଣ୍ଡ ରାଉତ, ଶେଷଦେବ ବେହେରା, ଉଦୟନାଥ ସା ପୂଜା ସଙ୍କଳ୍ପରେ ଉପସ୍ଥିତ ଥିଲେ। ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ତୋରଣ ସାଂଗକୁ ରଙ୍ଗିନ ଆଲୋକରେ ବହୁ ଭକ୍ତ ମା'ଙ୍କ ଦର୍ଶନ କରୁଛନ୍ତି। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ସ୍ୱର୍ଣ୍ଣ ମନ୍ଦିର ୨୮ରୁ ୩୦ ତିନି ଦିନ ଧରି ମଞ୍ଚସ୍ଥ ବ୍ୟବସ୍ଥା କରାଯାଇଛି। ନହଙ୍ଗି ପୂଜା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ରାମଚନ୍ଦ୍ରପୁର ପୁଲିସ ନଜର ରଖିଛି। ଆଖପାଖରୁ ବହୁ ଭକ୍ତ ମା'ଙ୍କ ଆଶିଷ ନେବା ପାଇଁ ଆସୁଛନ୍ତି।

## ସାମ୍ବାଦିକଙ୍କୁ ହତ୍ୟା ଧମକ; ମାମଲା ରୁଜୁ

ବେଲବାହାଲି/ଆନନ୍ଦପୁର, ୨୩।୧୦ (ସମିସ): ବେଆଇନ୍ ମାଟି ଚାଲାଣକୁ ନେଇ ଖବର ପ୍ରକାଶ କରିବାରୁ ସାମ୍ବାଦିକଙ୍କୁ ବିଟ୍ ବଜାରରେ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଛି। ଠିକାଦାର ଓ ତାଙ୍କ ସହଯୋଗୀଙ୍କ ନାମରେ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଘଟଣା ଘଟିଛି ଘଷିପୁରା ବସଷ୍ଟାଣ୍ଡ ନିକଟରେ। ଅଭିଯୋଗ ଅନୁସାରେ, ବେଲବାହାଲିଠାରୁ ଟୋଲଙ୍କପଡା ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକାମ ଚାଲିଛି। ଏହି କାମକୁ ଅରୁଣ ଘଡେଇ ନାମକ ଠିକାଦାର କରୁଥିବାବେଳେ ଗତକାଲି ନିକଟସ୍ଥ କୁଶେଇ ନଦୀ ଟୋଲଙ୍କପାଡା ଶ୍ମଶାନ ଘାଟରୁ ବେଆଇନ୍ ଭାବେ ମେସିନ୍ ଲଗାଇ ମାଟି ତାଡି ରାସ୍ତା କାମରେ ଲଗାଉଥିଲେ। ଏହାକୁ ବିରୋଧକରି ଗ୍ରାମବାସୀ ଆନ୍ଦୋଳନ କରିବାସହ ରାସ୍ତାରୋକ ମଧ୍ୟ କରିଥିଲେ। ଗତରାତିର ଏହି ଘଟଣାକୁ ଆନନ୍ଦପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ମନୋଜ କୁମାର ବାରିକ ଖବର ସଂଗ୍ରହ କରି ପ୍ରସାରଣ କରିଥିଲେ। ଏଥିରେ ଆକ୍ରୋଶ ଭାବ ରଖି ଆଜି ମଧ୍ୟାହ୍ନରେ ଘଷିପୁରା ବସଷ୍ଟାଣ୍ଡ ନିକଟରେ ଏକାକି ପାଇ ଉକ୍ତ ସାମ୍ବାଦିକଙ୍କୁ ଠିକାଦାର ଅରୁଣ ଘଡେଇ ଓ ସହଯୋଗୀ ଲକ୍ଷ୍ମୀଧର ସାହୁ ଗାଳିଗୁଲଜ କରିବାସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମନୋଜ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଟୋଲଙ୍କପଡା ଗ୍ରାମବାସୀ ଘଟଣାକୁ ଘୋର ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଘସିପୁରା ବ୍ଲକସ୍ତରୀୟ ଆଥଲେଟିକ୍ ମିଟ



ଆନନ୍ଦପୁର, ୨୩।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁରସ୍ଥିତ ବଂଶୀଧର ସରକାରୀ ଉଚ୍ଚବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଆଥଲେଟିକ ମିଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରକ୍ଷାକର ଦାସଙ୍କ ସଭାପତିତ୍ୱରେ ଏକ ସଭାରେ ବିଶିଷ୍ଟ ଅତିଥି ଭାବେ ଦରିଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା, ସମ୍ମାନିତ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାର୍ତ୍ତିକଚନ୍ଦ୍ର ଶତପଥୀ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ ପଣ୍ଡା ଯୋଗ ଦେଇଥିଲେ। ଘସିପୁରା ବ୍ଲକର କ୍ରୀଡ଼ା ସମ୍ପାଦକ ବିଜୟ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକ ଓ କ୍ରୀଡ଼ା ପ୍ରତିଯୋଗୀ ଏଥିରେ ସମିଲ ହୋଇଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ଶିକ୍ଷକ ଉତ୍ତମ ସାହୁ, ଶରତ ସାହୁ, ଦେବାଳିନ ରାଉତ, ଡଲି ପ୍ରଧାନ, ରାମଚନ୍ଦ୍ର ମୁଣ୍ଡା, କର୍ମଚାରୀ ପ୍ରତିଭା ସାହୁ ଓ ଜୟନ୍ତ କୁଅଁର ସହଯୋଗ କରିଥିଲେ।

## ବିପଦସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ମହୁଲଡିହା,୨୩।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଗ୍ରାମପଞ୍ଚାୟତ ନୂଆଗାଁ-ମୂଳାପାଳ ପ୍ରଧାନମନ୍ତ୍ରୀ ସଡ଼କ କଡ଼ରେ ଥିବା ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫର୍ମର ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟକୁ ଲାଗି ରହିଛି। ଟାଟା କମ୍ପାନୀ ଅଧିଗ୍ରହଣ କରିବା ପରେ ସମସ୍ତ ଲାଇନର ଟ୍ରାନ୍ସଫର୍ମର ପରିବର୍ତ୍ତନ ହୋଇଛି; କିନ୍ତୁ ନୂଆଗାଁ ଟ୍ରାନ୍ସଫର୍ମରକୁ ଦୃଷ୍ଟି ଦିଆଯାଉ ନ ଥିବାରୁ ବିପଦସଂକୁଳ ଅବସ୍ଥାରେ ରହିଛି। ହଷ୍ଟେଲରେ ଛାତ୍ରୀ ରହୁଥିବା କାରଣରୁ ସେମାନଙ୍କୁ ବିପଦମୁକ୍ତ ରଖିବାକୁ ଟିପିଏନଓଡିଏଲ ତୁରନ୍ତ ଧ୍ୟାନ ଦେବାକୁ ଦାବି କରାଯାଇଛି।

### ପ୍ରତିଭା ଚୟନ ଆଳରେ ପାତରଅନ୍ତର ଓ ତଞ୍ଚକତା ଅଭିଯୋଗ

# ସ୍କୁଲ ଫାଟକରେ ତାଲା ପକାଇ ରାସ୍ତାରେ ବସିଲେ ଛାତ୍ରଛାତ୍ରୀ

ଭୋଗରାଇ,୨୩।୧୦ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ବୁଧବାର ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପ୍ରତିଭା ଚୟନରେ ପାତରଅନ୍ତର ଓ ତଞ୍ଚକତା ଅଭିଯୋଗକୁ ନେଇ ଗୁରୁବାର ହରିଦାସପୁର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଫାଟକରେ ତାଲା ପକାଇ ରାସ୍ତାରେ ବସିଥିଲେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ। ଅନଳିଆ କ୍ଲଷ୍ଟର ଅନ୍ତର୍ଗତ ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟପରିସରରେ କ୍ଲଷ୍ଟରସ୍ତରୀୟସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜିତ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ କାର୍ତ୍ତିକଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଶ୍ରେଷ୍ଠ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲା ବେଳେ ଉପସ୍ଥିତ ଶହଶହ ଛାତ୍ରଛାତ୍ରୀ, ଅଭିଭାବକ ସମେତ କ୍ଲଷ୍ଟରଅନ୍ତର୍ଗତ ୧୮ ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀ ମଧ୍ୟ ଏହି ବିଦ୍ୟାଳୟକୁ ସର୍ବାଧିକ ନମ୍ବର ଦେଇଥିବା ଅଭିଯୋଗ ଜୋର୍ ଧରିଥିଲା। ମାତ୍ର ସିଆରସିସି ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ କ୍ଲଷ୍ଟର ଅନ୍ତର୍ଗତ ଏକ ବିଦ୍ୟାଳୟରେ ଡେପୁଟେସନରେ ଥିବା ଜନୈକ କଳା ଶିକ୍ଷକ ମିଳିତ ଭାବେ ତଞ୍ଚକତା କରିଥିବାର ଅଭିଯୋଗ ହୋଇଥିଲା । ଏପରିକି କୌଣସି କାରଣ ନ ଦର୍ଶାଇ କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କ୍ୟାନସେଲ କରିଦେଇ ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ସ୍ଥାନରେ ପୁରସ୍କୃତ କରିଥିଲେ। ଏହାକୁ ନେଇ କାର୍ଯ୍ୟକ୍ରମ ସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ତଞ୍ଚକତାପୂର୍ଣ୍ଣ କାର୍ଯ୍ୟକୁ ବିରୋଧ କରିବା ସହ ନ୍ୟାୟ ଦାବିରେ ଗୁରୁବାର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ରାସ୍ତାରେ ଧାରଣାରେ ବସିଥିଲେ। ଏହି ବିକ୍ଷୋଭ ଯୋଗୁଁ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ପ୍ରବେଶ କରିପାରିନଥିଲେ। ଏହି ଅଭିଯୋଗ ନେଇ ମଧ୍ୟାହ୍ନରେ କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି, ସହକାରୀ ଶିକ୍ଷକ ରଞ୍ଜନ କୁମାର ଗିରି, ଅନଳିଆ କ୍ଲଷ୍ଟର ସିଆରସିସିମା ଦିଲ୍ଲୀପ କୁମାର ଦତ୍ତଙ୍କ ସମେତ ବିଆରସିସି ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ପୂର୍ବତନ ସିଆରସିସି ତଥା ବରିଷ୍ଠ ଶିକ୍ଷକ ଅଶୋକ କୁମାର ସାହୁ ଏବଂ ଅନ୍ୟ କିଛି ଭଦ୍ରବ୍ୟକ୍ତିଙ୍କୁ ନେଇ ବିଇଓ ନିହାର ରଂଜନ ଦାସ ନିଜ କାର୍ଯ୍ୟାଳୟରେ ଏକ ଆଲୋଚନା ବୈଠକ କରିଥିଲେ। ସମସ୍ତ ବିଷୟ ଅବଗତ ହେବା ପରେ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କାର୍ତ୍ତିକଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଂଶଗ୍ରହଣ କରିବା ଲାଗି ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯାଇଥିବାର ସୂଚନା ମିଳିଛି। ସମୁଦାୟ ୨୫ କ୍ଲଷ୍ଟର ମଧ୍ୟରୁ ଅନଳିଆ କ୍ଲଷ୍ଟର ବ୍ୟତୀତ ଅନ୍ୟ ୨୪ ଟି କ୍ଲଷ୍ଟରରୁ ମନୋନୀତ ୨୪ ଟି ସାଂସ୍କୃତିକ ଦଳ ପ୍ରଥମେ ସେମାନଙ୍କ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିବେ। ପରେ ଅନଳିଆ କ୍ଲଷ୍ଟରରୁ ମନୋନୀତ ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ମନୋନୟନରୁ ବାଦ ପଡିଥିବା ହରିଦାସପୁର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହେବ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟକୁ ଅନ୍ୟ ୨୪ଟି କ୍ଲଷ୍ଟରର ସାଂସ୍କୃତିକ ଦଳର ପ୍ରତିଯୋଗୀତା ମଧ୍ୟରେ ସ୍ଥାନ ଦିଆଯିବ ବୋଲି ବିଇଓ ଶ୍ରୀ ଦାସ ନିଷ୍ପତ୍ତି ଜଣାଇବା ସହ ଫୋନ୍ ମାଧ୍ୟମରେ ଆନ୍ଦୋଳନରତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ମାଝୀ, ସଦସ୍ୟ ନିମାଇଁ ଚରଣ ମହାନ୍ତି, ଯୁଗଳ କିଶୋର ଦାସ, ସୁଶାନ୍ତ ପାତ୍ର, ସବିତା ଦାସ ପ୍ରମୁଖଙ୍କ ସମେତ ବହୁ ଅଭିଭାବକ ଓ ସମସ୍ତ ଛାତ୍ରଛାତ୍ରୀ ଧାରଣାରେ ସାମିଲ ହୋଇଥିଲେ।

## ମହିଳାଙ୍କ ଅଧିକାର ଓ ବିକାଶ ସମ୍ପର୍କିତ ସଚେତନତା



କେନ୍ଦୁଝର,୨୩।୧୦(ସମିସ): ମହିଳା ଅଧିକାର, ସୁରକ୍ଷା ବିକାଶ ଓ ପଞ୍ଚାୟତ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ଜୀବିକା ମିଶନ ବ୍ଲକସ୍ତରୀୟ ଅଧିକାରୀ ସରୋଜ କୁମାର ପାଣି ଏବଂ ବିକ୍ରମ କେଶରୀ ଦାଶ, ପିସିଆଇରୁ କାର୍ଯ୍ୟରତ ଥିବା ଜିଲ୍ଲା ସଂଯୋଜିକା ରଶ୍ମିରେଖା ସାହୁ, ଜେଣ୍ଡର ସିଆରପି/ପ୍ରେରଣା ଦିଦିମାନେ ସଚେତନତାକୁ ତ୍ୱରାନ୍ୱିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେନ୍ଦୁଝର ଟାଉନ ପୁଲିସ ଥାନା ପରିଦର୍ଶନ କରି ଥାନାଧିକାରୀ ଶ୍ରୀକାନ୍ତ ସାହୁ ଓ ଏସଆଇ ପୁନମ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମହିଳା ଏବଂ ଶିଶୁଙ୍କ ପାଇଁ ପୁଲିସ ପକ୍ଷରୁ ସମସ୍ତ ଆଇନଗତ ସୁରକ୍ଷା ସମ୍ପର୍କରେ ଅବଗତ କରାଯାଇଥିଲା। ମହିଳା ଓ ଶିଶୁଙ୍କ ପାଇଁ ଥିବା ସ୍ୱତନ୍ତ୍ର ମହିଳା ଶିଶୁ ଡେସ୍କ ବିଷୟରେ ମଧ୍ୟ ସମସ୍ତ ଭାଗୀଦାରି ଅବଗତ ହୋଇଥିଲେ।

● ଶ୍ରୀ ଜଗନ୍ନାଥ ବସ ଚଳାଚଳ ଦାବି

## ଜଙ୍ଗଲ ପାର ହୋଇ ଯିବାକୁ ପଡୁଛି ରେଳ ଷ୍ଟେସନ

ମୋରଡ଼ା, ୨୩।୧୦(ସମିସ): ଶୁଳିଆପଦା, ମୋରଡ଼ା ଓ ରାସଗୋବିନ୍ଦପୁରର ଅଧିକାଂଶ ଲୋକ ରାଜଧାନୀ ଭୁବନେଶ୍ୱର ଓ କଟକରେ ବସବାସ କରୁଛନ୍ତି। ଏହି ୩ଟିଯାକ ବ୍ଲକରେ ସମୁଦାୟ ୫୨ଟି ପଞ୍ଚାୟତ ଥିବାବେଳେ ପାଖାପାଖି ୩ଲକ୍ଷ ଲୋକ ବସବାସ କରୁଛନ୍ତି। ତେଣୁ ଏହି ୩ଟିଯାକ ବ୍ଲକ ଦେଇ ଶ୍ରୀଜଗନ୍ନାଥ ବସ୍ ଚଳାଚଳ କରିବାକୁ ଦାବି ହେଉଛି। ଏଠାରୁ ରାଜଧାନୀ ଯିବା ଆସିବା ପାଇଁ ହାଇରାଣ ହେଉଥିବା ବେଳେ କଟକ



ମେଡିକାଲ ସୁବିଧା ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଶୁଳିଆପଦାର ଦେଉଳିଠାରୁ ଭୁବନେଶ୍ୱରକୁ ଏକ ସରକାରୀ ବସ ସେବା ଯୋଗାଇବା ପାଇଁ ଦୀର୍ଘଦିନ ହେଲା ଲୋକେ ଦାବି କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ତେଣୁ ଶ୍ରୀ ଜଗନ୍ନାଥ ବସ ସେବା ଯୋଗାଇବା ପାଇଁ ମୋରଡ଼ା ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ଦାବି କରିଛନ୍ତି। ଏଠାରୁ ବସ୍‌ସେବା ରାଜଧାନୀକୁ ନ ଥିବାରୁ ଲୋକେ ବାଧହୋଇ ଜଙ୍ଗଲ ପାରକରି ବେତନଟୀ, କେସିପୁର ଓ ଜାମବଣି ରେଳ ଷ୍ଟେସନକୁ ଯାଉଛନ୍ତି। ଏଣୁ ଶୁଳିଆପଦାରୁ ଚିତ୍ରଡା ଦେଇ ଦାନ୍ତିଆମୁହାଁ ଜାତୀୟ ରାଜପଥ କିମ୍ବା ଶୁଳିଆପଦାରୁ ବାହାରି ଚିତ୍ରଡା ଶୀର୍ଷାପାଳ ଛକ ହୋଇ ରାସଗୋବିନ୍ଦପୁର ବ୍ଲକ ଦେଇ କଲିକତା-ମୁମ୍ବାଇ ଜାତୀୟ ରାଜପଥରେ ଶ୍ରୀ ଜଗନ୍ନାଥ ବସସେବା ଯୋଗାଇ ଦେଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସୋର ଉପକାରାଗାରରୁ କଏଦୀ ଫେରାର ଘଟଣାର ତଦନ୍ତ କଲେ ଏଡିଜି

ସୋର, ୨୩।୧୦(ସମିସ): ସୋର ଉପକାରାଗାରରୁ ଜଣେ କଏଦୀ ଫେରାର ହେବା ଘଟଣାରେ ଏଡିଜି ଅମିତାଭ ଠାକୁର ତଦନ୍ତ କରି ଫେରିଥିବା ଜଣାପଡିଛି। ଏକ ଚୋରି ଘଟଣାରେ ସିମୁଳିଆ ପୁଲିସ ଦ୍ୱାରା ଗିରଫ ହୋଇ ସୋର ଜେଲରେ ରହୁଥିବା ଝାଡଖଣ୍ଡ ଅଞ୍ଚଳର କଏଦୀ ଦୀପକ ରାୟ ଜେଲ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା। ଏ ବାବଦରେ ଦୁଇ ଜଣ ୱାର୍ଡେନଙ୍କୁ ଡିଜି ନିଲମ୍ବନ କରିଛନ୍ତି। ସନ୍ଧ୍ୟାରେ ଏଡିଜି ଅମିତାଭ ଠାକୁର, ବାରିପଦା ଜେଲର ସର୍କଲ ସୁପରିଟେଣ୍ଡେଣ୍ଟ ଉପକାରାଗାରରେ ପହଞ୍ଚି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଡିଜି ଶ୍ରୀ ଠାକୁର ଜେଲରେ ପହଞ୍ଚି କଏଦୀ ଜଣଙ୍କ ଯେଉଁ ଠାରେ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା ସେହି ସ୍ଥାନ ପରିଦର୍ଶନ କରିଥିଲେ। ପରେ ଜେଲରଙ୍କ ସହିତ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଜେଲରେ କର୍ମଚାରୀ ଅଭାବ ବାବଦରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଡିଜି ସାରଙ୍କ ସହ କଥା ହୋଇ ପଦକ୍ଷେପ ନେବା ସହିତ ଫେରାର କଏଦୀଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

ଠାକୁରମୁଣ୍ଡା,୨୩।୧୦(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର କଣ୍ଟାମଲ୍ଲି ନାଳ ପୋଲ ନିକଟରେ ଗୁରବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁରତ ହୋଇଛନ୍ତି। ରୁତର ବାଇକ ଚାଳକ ଜଣକ ହେଉଛନ୍ତି ତରାମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡକେଇପାଳ ଗ୍ରାମର ଧନେଶ୍ୱର ନାଏକଙ୍କ ପୁଅ ଗୌତମ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୌତମ ଓ ବ୍ରଜମୋହନ ଏକ ବାଇକ ଯୋଗେ ଠାକୁରମୁଣ୍ଡା ଆସୁଥିବା ବେଳେ ଠାକୁରମୁଣ୍ଡାରୁ ବୁଲେଟ ଯୋଗେ ଯାଉଥିବା ରିତିକ ରାମ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗୌତମଙ୍କ ମୁହଁ, ଛାତିରେ ଶକ୍ତ ଆଘାତ ଲାଗିଥିବାବେଳେ ବାମ ଗୋଡ ଭାଙ୍ଗିଯାଇଛି।

● ବର୍ଜ୍ୟବସ୍ତୁ ପରିଚାଳନା ନେଇ ଡାକ୍ତରଖାନାରେ ଅଚଳାବସ୍ଥା

## ଶୀଘ୍ର ଉଠା ନଗଲେ କଂଗ୍ରେସର ଆନ୍ଦୋଳନ

କରଞ୍ଜିଆ, ୨୩।୧୦(ସମିସ): କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନାର ବର୍ଜ୍ୟବସ୍ତୁ ପରିଚାଳନା ନେଇ ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଡାକ୍ତରଖାନାର ସଫା କରାଯାଉଥିବା ବର୍ଜ୍ୟବସ୍ତୁ ଡାକ୍ତରଖାନା ପରିସରରୁ ଉଠାନଯିବା ଫଳରେ କୁଢ଼ କୁଢ଼ ମଇଳା, ଆବର୍ଜନା ଡାକ୍ତରଖାନା ପରିସରରେ ପଡ଼ିରହିଛି। ଫଳରେ ଡାକ୍ତରଖାନା ପରିବେଶ ଦୂଷିତ ହୋଇଛି। ବର୍ଜ୍ୟବସ୍ତୁ ଗୁଡିକ ପାଚିଯାଇ ଉତ୍କଟ ଗନ୍ଧ ହେଉଥିବାରୁ ଡାକ୍ତର ମାନେ ମଧ୍ୟ ଆସିବାକୁ ଭୟ କରୁଛନ୍ତି ଋରୋଗୀ ମାନେ ଭଲ ହେବା ବଦଳରେ ଆହୁରି ରୋଗଗ୍ରସ୍ତ ହେବେ ବୋଲି ଡାକ୍ତରଖାନାକୁ ଆସିବାକୁ ରାଜି ହେଉନାହାନ୍ତି। ଡାକ୍ତରଖାନା ପରିଚାଳନା ପକ୍ଷରୁ ଜଣାପଡିଛି ଯେ, ଡାକ୍ତରଖାନାର ବର୍ଜ୍ୟବସ୍ତୁ ସଫା ସୁତୁରା କରିବା ପାଇଁ ସ୍ୱତନ୍ତ୍ର ସଫେଇ କର୍ମଚାରୀ ଅଛନ୍ତି; କିନ୍ତୁ ତାହା ହେଉନାହିଁ। ବର୍ତ୍ତମାନ ଏନଏସି ଆଉ ଡାକ୍ତରଖାନା ପରିସରରୁ ଉଠାଉନାହିଁ। ଏଣୁ ଏଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଡପିଙ୍ଗ ୟାଡର୍‌ରେ ସ୍ଥାନ ନଥିବାରୁ ସେଠାରେ ବାର୍ଜ୍ୟବସ୍ତୁ ପକାଯାଉନାହିଁ। ଜିଲ୍ଲା ପ୍ରଶାସନ ଜମି ଯୋଗାଇଲେ ନୂଆ ଡପିଙ୍ଗ ୟାଡର୍ ନିର୍ମାଣ କରାଯିବ। ଜିଲ୍ଲା ପ୍ରଶାସନ ସହଯୋଗ କଲେ ତୁରନ୍ତ ଏହାର ସମାଧାନ ହେବ ବୋଲି ଏନଏସି ପକ୍ଷରୁ କୁହାଯାଇଛି। ଦୀର୍ଘଦିନ ଧରି ଶିଶୁ ଓ ମହିଳା ୱାଡର୍ ନିକଟରେ ପଡିରହିଥିବା ବର୍ଜ୍ୟବସ୍ତୁକୁ ତୁରନ୍ତ ଉଠା ନଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ବୈଶିଙ୍ଗା ବଜାର କମିଟି ପକ୍ଷରୁ କାଳୀପୂଜା



ବୈଶିଙ୍ଗା,୨୩।୧୦(ସମିସ): ବୈଶିଙ୍ଗା ଅଞ୍ଚଳର ଏକାଧିକ ସ୍ଥାନରେ ଚାଲିଛି ଗଣପର୍ବ କାଳୀପୂଜା। ଆଖପାଖ ଏକାଧିକ ମଣ୍ଡପରେ ଚଳିତ ବର୍ଷ ଶତାଧିକ ଭକ୍ତଙ୍କ ସମାଗମରେ ମଣ୍ଡପରେ ପୂଜା ପାଉଛନ୍ତି ମା' ଶ୍ୟାମାକାଳୀ। ତେବେ ବୈଶିଙ୍ଗା ବଜାର ଭିତରେ ବଜାର କମିଟି ପକ୍ଷରୁ ୬୬ତମ ସର୍ବପୁରାତନ କାଳୀପୂଜା ଉତ୍ସବ ଚଳିତ ବର୍ଷ ବେସ ଧୂମଧାମରେ ପାଳିତ ହୋଇଛି। ସଭାପତି ଉମାକାନ୍ତ ପଣ୍ଡା ଏବଂ ସମ୍ପାଦକ ସତ୍ୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ବୈଶିଙ୍ଗା ବଜାର କମିଟିର ପ୍ରତ୍ୟକ ସଦସ୍ୟଙ୍କ ପ୍ରତ୍ୟକ୍ଷ ସହଯୋଗରେ ପୂଜା କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଥିବା ବେଳେ ପୂଜା ମଣ୍ଡପରେ ଜମିଥିଲା ଭକ୍ତଙ୍କର ଭିଡ଼। ସୁନ୍ଦର ସାଜସଜ୍ଜା ଓ ବହୁ ଆଡମ୍ବରରେ ପାଳିତ ହେଉଛି ଏବର୍ଷର ଗଣପର୍ବ କାଳୀପୂଜା। ଚତୁର୍ଦ୍ଦଶୀରେ ଲକ୍ଷ୍ମୀନାରାୟଣ ପୂଜା ପାଇଥିବା ବେଳେ ଅମାବାସ୍ୟାରେ ଶ୍ୟମାକାଳୀ ପୂଜା ପାଇଛନ୍ତି। ସୁନ୍ଦର ତୋରଣ ସାଙ୍ଗକୁ ଆକର୍ଷଣୀୟ ମୂର୍ତ୍ତି ଭକ୍ତଙ୍କ ମନମୋହିଛି। ଗତ ୩ଦିନ ଧରି କମିଟି ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଓଡ଼ିଶା କୁଡୁମୀ ସେନା ପକ୍ଷରୁ ବାନ୍ଦଣା ପରବ୍



ସାରସକଣା,୨୩।୧୦(ସମିସ): ସାରସକଣା ବ୍ଲକରେ ଓଡ଼ିଶା କୁଡୁମୀ ସେନା ତରଫରୁ ଘଣ୍ଟିଆବୁଡା ଗ୍ରାମରେ ଆଦିମ ଜନଜାତି କୁଡୁମୀ ସମ୍ପ୍ରଦାୟର ମହାନ୍ ଗଣପର୍ବ ବାନ୍ଦଣା ପରବ୍ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୁଖ୍ୟ ବକ୍ତା ଭାବେ ଝାଡଖଣ୍ଡ ରାଜ୍ୟର ଯୁବ ସେନ୍ ସନ୍ କ୍ରାନ୍ତିକାରୀ ଯୁବ ସଂଗଠକ ଅମିତ୍ କୁମାର ମାହାତୋ, ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ପୂର୍ବତନ ସାଂସଦ ଇଁ . ରାମଚନ୍ଦ୍ର ହାଁସଦା, ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ଆଡଭୋକେଟ ବସନ୍ତ କୁମାର ମହାନ୍ତ, ଅବନୀ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ମମତା ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ଅଶେଷ କୁମାର ମହାନ୍ତ, ରବିନ୍ଦ୍ର ମହାନ୍ତ ଝାଡଖଣ୍ଡ ରାଜ୍ୟର ଯୁବ ସଂଗଠକ ସୁମିତ କୁମାର ମାହାତୋ, ମନିକ୍ ଲାଲ୍ ମାହାତୋ, ସାରସକଣା ବ୍ଲକ ସଭାପତି ମାନସ ମହାନ୍ତ, ହିରାଲାଲ୍ ମହାନ୍ତ, ମନୋଜ ମହାନ୍ତ ପ୍ରମୁଖ ଯୋଗଦେଇ କୁଡୁମୀ ଜାତିର ମହାନ୍ ସଂସ୍କୃତି, ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ ବମ୍ବେଛକ ଠାରେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଚୁହାଡ ବିଦ୍ରୋହର ମହାନ୍ ଜନ ନାୟକ ଶହୀଦ ରଘୁନାଥ ମାହାତୋଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଏବଂ କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ୍ କରିବା ପାଇଁ ଓଡ଼ିଶା ବିଧାନ ସଭାରେ ଦାବି ଉପସ୍ଥାନ କରିବା ପାଇଁ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁଙ୍କୁ ନିବେଦନ କରିଛନ୍ତି। ମନୋଜ ମହାନ୍ତ ମଞ୍ଚ ପରିଚାଳନା ଓ ଓଡ଼ିଶା କୁଡୁମୀ ସେନା ରାଜ୍ୟ ସମ୍ପାଦକ ଦୁର୍ଗା ଚରଣ ମହାନ୍ତ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ଝୁମର ପରିବେଷଣ ହୋଇଥିଲା।

## ଦରବାରପୁରରେ ଦିନିକିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ମାଣତ୍ରୀ, ୨୩।୧୦(ସମିସ): ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ଦରବାରପୁର ଗ୍ରାମ ସିନ୍ଦୂର ଗୌରା ୟୁଥ୍ କ୍ଲବ ପକ୍ଷରୁ ୨୪ତମ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଶ୍ରୀରାମ ଓ ଭୁରୁଡୁବଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇବେକରେ ଶ୍ରୀରାମପୁର ଭୁରୁଡୁବଣିକୁ ୨-୦ରେ ପରାସ୍ତ କରି ପ୍ରଥମ ପୁରସ୍କାର ବିଜେତା ହୋଇଥିଲା। ଏଥିର ପୁରସ୍କାର ପ୍ରଦାନ ମଞ୍ଚରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ମାନଗୋବିନ୍ଦପୁର ପଞ୍ଚାୟତ ସମିତି ସଭ୍ୟ ରାକେଶ ମହାପାତ୍ର ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସମ୍ମାନି ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦୀପକ ସାହୁ ଅଜିତ କୁମାର ବାରିକ ଯୋଗଦେଇ ବିଜେତା ଦୁଇ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସଭାପତି ଟୁଟୁ ସିଂ, ତପନ ମହାନ୍ତ, ମିଟୁ ସିଂ, ହିମାଂଶୁ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ଅଳପୁଆ ନୋଡାଲ ହାଇସ୍କୁଲ

# ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ




ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୩।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଧୋୟାଅଞ୍ଚଳର ସର୍ବପୁରାତନ ଅଳପୁଆ ହାଇସ୍କୁଲରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ସନ୍ତୋଷ ପଣ୍ଡାଙ୍କୁ ଦୀର୍ଘଦିନ ହେବ ବଦଳି କରାଯାଇଛି। ଏ ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ କୌଣସି ସଂସ୍କୃତ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହି ହାଇସ୍କୁଲରେ ପ୍ରାୟ ୪ ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଶିଶିର ନାୟକଙ୍କ ସ୍ଥାନରେ ପ୍ରଧାନଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ବିଦ୍ୟାଳୟର ବହୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ଡେପୁଟେସନରେ ଅନ୍ୟ ବିଦ୍ୟାଳୟରେ ନିୟୋଜିତ କରାଯାଉଛି। ନିକଟ ଅତୀତରେ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବରୁ ଅଳପୁଆ ହାଇସ୍କୁଲରେ ଶିକ୍ଷାଦାନ ବ୍ୟାହତ ହେବା ସହିତ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏସମ୍ପର୍କରେ ଅଳପୁଆ ହାଇସ୍କୁଲ ପରିଚାଳନା କମିଟି ଓ ଆଲମୁନି ଆସୋସିଏସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ଜିଲ୍ଲା ଶିକ୍ଷା ବିଭାଗର ବୈମାତୃକ ମନୋଭାବ ଯୋଗୁଁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

# ମିଥ୍ୟା ମାମଲାରେ ଫସାଇବା ଧମକ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୨୩।୧୦(ସମିସ):



ମାର୍ଶାଘାଇ ବ୍ଲକ୍ ମିଶନ ଶକ୍ତି ବିଭାଗ ଅଧୀନରେ ଥିବା ବ୍ଲକ୍ସ୍ତରୀୟ ଫେଡେରେସନ (ବିଏଲଏଫ) ସଭାନେତ୍ରୀ ଓ ସମ୍ପାଦିକା, ସମସ୍ତ ୨୩ଟି ପଞ୍ଚାୟତସ୍ତରୀୟ ଫେଡେରେସନ (ଜିପିଏଲଏଫ)ର ସଭାନେତ୍ରୀ, ସମ୍ପାଦିକା ଓ ସମସ୍ତ କାର୍ଯ୍ୟନିର୍ବାହୀ କମିଟି ଇସି ସଭ୍ୟ ବ୍ଲକ୍ ପ୍ରକଳ୍ପ ପରିଚାଳକ ବିପିଏମଙ୍କ ଦୁର୍ବ୍ୟବହାର ଓ ମିଥ୍ୟା ମୋକଦ୍ଦମାରେ ଫସାଇ ଦେବାକୁ ଧମକ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ୨୦୨୪ ଅକ୍ଟୋବର ମାସରୁ ୨୦୨୫ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମୋଟ ୬ ମାସ ଆମ୍ଭମାନଙ୍କ ଖର୍ଚ୍ଚ ବାବଦକୁ ଥିବା ବକେୟା ପ୍ରାପ୍ୟ ଥାଇ ସମ୍ପୃକ୍ତ ଓଡିଶା ଜୀବିକା ମିଶନରେ ବ୍ଲକ୍ ପରିଚାଳକ ବିପିଏମ ମାତ୍ର ଦୁଇଟି ପଞ୍ଚାୟତର ବକେୟା ପୈଠ କରି ବ୍ଲକ୍ସ୍ତରୀୟ ଫେଡେରେସନ ସହିତ ଅବଶିଷ୍ଟ ୨୧ଟି ପଞ୍ଚାୟତସ୍ତରୀୟ ଫେଡେରେସନର ପ୍ରାପ୍ୟ ବକେୟା ରଖିଛନ୍ତି। ଏ ସମ୍ବନ୍ଧରେ ମିଶନ ଶକ୍ତିର ବିପିସିଙ୍କ ସମେତ ଓଡ଼ିଶା ଜୀବିକା ମିଶନର ବିପିଏମ ପ୍ରଭାତ ମଲିକଙ୍କୁ ବାରମ୍ବାର ଜଣାଇବାରୁ ସେ କିଛି ପ୍ରତିକାର କଲେ ନାହିଁ। ଫଳରେ ସେମାନେ ମିଳିତ ଭାବେ ବିଡିଓଙ୍କୁ ସାକ୍ଷାତ କରି ଜଣାଇବାରୁ ସେ ଓଏଲଏମର ବିପିଏମଙ୍କୁ ପରାମର୍ଶ ନେବାକୁ ନିର୍ଦ୍ଦେଶ ଦେଲେ। ନିର୍ଦ୍ଦେଶ ମୁତାବକ ସେମାନେ ଦୀର୍ଘଦିନର ବକେୟା ପ୍ରାପ୍ୟ ପାଇବାରେ ବିଳମ୍ବ ସମ୍ବନ୍ଧରେ ବୁଝିବା ସହିତ କିପରି ବିକେୟା ରାଶି ପାଇବେ, ସେ ସମ୍ବନ୍ଧରେ ବିଏଲସି ମୀନାବାଳା ସ୍ୱାଇଁଙ୍କ ଉପସ୍ଥିତିରେ ବିପିଏମ ଶ୍ରୀ ମଲିକଙ୍କୁ ଆପତ୍ତି କରିବାରୁ ସେ ହଠାତ ଉତକ୍ଷିପ୍ତ ହୋଇ ମୁଁ ତୁମମାନଙ୍କୁ ତୁମ ପଦବୀରୁ ଉଚ୍ଛେଦ କରିସାରିଛି, ତୁମେମାନେ ଆଉ କିଛି ପ୍ରାପ୍ୟ ପାଇବାକୁ ହକଦାର ନୁହଁ। ଏଠି ଅଜଥା ଭିଡ କରନାହିଁ। ମୋର କ'ଣ ତାଡିବା କଥା ତାଡ଼, ଏ ଅଫିସରୁ ଶୀଘ୍ର ବାହାର ନଚେତ ମିଛ ହରିଜନ କେସରେ ଫସାଇଦେବି। ମୋର ବିଧାୟକ, ଜିଲ୍ଲାପାଳଙ୍କ ସହିତ ସୁସମ୍ପର୍କ ଅଛି। ମୋର କେହି କିଛି କରିପାରିବେନି ବୋଲି ଧମକ ଦେଲେ। ଏହି ଘଟଣା ସମୟରେ ଉପସ୍ଥିତ ବିଏଲସି ମଧ୍ୟ ତାଙ୍କୁ ସହଯୋଗ କରିବା ସହିତ ସେମାନଙ୍କର ଚରିତ୍ର ସଂହାର କରି ଅତ୍ୟନ୍ତ କଟୁ ଭାଷା ପ୍ରୟୋଗ କରି କଦର୍ଯ୍ୟ ବ୍ୟବହାର ଦେଖାଇଲେ। ଏ ବିଷୟରେ ଆଜି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଇ ଅର୍ଥ ହଡ଼ପ କରିବାକୁ ମସୁଧା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେମାନଙ୍କୁ ବକେୟ ପ୍ରାପ୍ୟ ପାଇବାକୁ ଦାବି କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, ମିଶନ ଶକ୍ତିର ନିର୍ଦ୍ଦେଶକଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାନେତ୍ରୀ ଶର୍ମିଷ୍ଠା ନାୟକ, ସମ୍ପାଦକ ଭାରତୀ ଦଳାଇଙ୍କ ସମେତ ବ୍ଲକ୍ସ୍ତରୀୟ, ପଞ୍ଚାୟତସ୍ତରୀୟ ସଭାନେତ୍ରୀ, ସମ୍ପାଦିକା ଓ କାର୍ଯ୍ୟନିର୍ବାହୀ କମିଟିର ସଭ୍ୟା ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ବ୍ଲକ୍ ଶିକ୍ଷକଙ୍କ ଦ୍ୱାରା ଚାରାରୋପଣ



କେନ୍ଦ୍ରାପଡ଼ା,୨୩।୧୦(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକ ସଂଘ ଆନୁକୂଲ୍ୟରେ ଗରାପୁରସ୍ଥ ଶିକ୍ଷକ ଭବନରେ ଶତାଧିକ ଚାରାରୋପଣ କରାଯାଇଛି। ଅଶୋକ, କଦମ୍ବ, ଅଗସ୍ତି, ଅର୍ଜୁନ, ହରିଡା, ବଉଳ, ଶିଶୁ ଆଦି ବହୁ ବୃକ୍ଷ ଚାରା ସଂଘ ସଭାପତି ମାନଭଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା। ମହାକାଳପଡ଼ା ବ୍ଲକ୍‌ର ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଅଜୟ ପରିଡ଼ା, ଶିକ୍ଷାବିତ୍ ତଥା ପରିବେଶବିତ୍ କାଶୀନାଥ ରାଉତରାୟ ଓ କେନ୍ଦ୍ରାପଡ଼ା ବ୍ଲକ୍ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବଳଭଦ୍ର ଜେନା ଶୁଭାରମ୍ଭ କରିଥିଲେ। ସଂଘ କର୍ମକର୍ତ୍ତା ପ୍ରଶାନ୍ତ ମହାକୁଡ, ଅନୀଲ ମିଶ୍ର, ମହେନ୍ଦ୍ର ସେଠୀ, କମଳାକାନ୍ତ ସ୍ୱାଇଁ, ସନ୍ଧ୍ୟାରାଣୀ ମହାପାତ୍ର, ଶଙ୍କର୍ଷଣ ମେକାପ, ଦେବବ୍ରତ ମିଶ୍ର, ମନୋଜ ଜେନା, ବାବୁରି ଚରଣ ବେହେରାଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ବିଶ୍ୱାଳ, ଭାସ୍କର ଦାଶ, ପ୍ରମୋଦ ସିଂହ, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରହ୍ଲାଦ ପୃଷ୍ଟି, ଡେରାବିଶ ବ୍ଲକ୍‌ର ବିଜୟ ଖୁଣ୍ଟିଆ, ରାଜକନିକା ବ୍ଲକ୍‌ର ସୁବାସ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଗିରିଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର



ପଞ୍ଚୁପାଣ୍ଡବ,୨୩।୧୦(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ଗିରିଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସୁଧାଂଶୁ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକ ପକ୍ଷରୁ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାଶ, ସନ୍ଦୀପ ସ୍ୱାଇଁ, ଅବିନାଶ ଦାଶ, ଭାଗ୍ୟଧର ସାହୁ, ମୃତ୍ୟୁଞ୍ଜୟ ବେଜ, କୀର୍ତ୍ତନ ବନଛୋର୍ ଓ ସୁଜିତ୍ ସାହୁ ୩୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଗିରିଗୋବର୍ଦ୍ଧନ ପୂଜା କମିଟି ଓ ଆଞ୍ଚଳିକ, ସାମାଜିକ, ସାଂସ୍କୃତିକ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ କମିଟି ସଭାପତି ବିଭୂତି ଭୂଷଣ ଘଡାଇ, ସୁବାସ ଘଡାଇ, କାଜଲ ଘଡାଇ, ସଞ୍ଜୟ ମଣ୍ଡଳ, ପ୍ରଭାତ ଗାହାଣ, ଅରୁଣ ଘଡାଇ, ବିପିନ ଘଡାଇ, ଗିରିଧାରୀ ମଣ୍ଡଳ ଶିବିର ପରିଚାଳନା କରିଥିଲେ।

# ମୁକୁନ୍ଦପୁର ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ




ଡେରାବିଶ,୨୩।୧୦(ସମିସ): ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଦୋହଲିସ୍ଥ ବିବି ମଡ଼େଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜନ ବିଶ୍ୱଜିତ ମୁଦୁଲିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଦାସ, ଆରତୀବାଳା ରଥ, କୁନା କୁମାରୀ ସ୍ୱାଇଁ, ମନୋରଞ୍ଜନ ଦାଶ, ଅବସରପ୍ରାପ୍ତ ଶିକ୍ଷକ ମନୋଜ ପଟ୍ଟନାୟକ ଯୋଗ ଦେଇଥିଲେ। ୧୧ଟି ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲେଖନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଡେରାବିଶର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସଚିକାନ୍ତ ମିଶ୍ର, ବିଆର୍‌ସିସି ଦେବଦତ୍ତ ଶତପଥୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବିଧୂଭୂଷଣ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅନାଦୀ ଓଝା, ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଳିକ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ କିଶୋର ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ସନ୍ତୋଷ ମଳିକ ଓ ପ୍ରଶାନ୍ତ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦୀପକ ବାରିକ, ଭାବଗ୍ରାହୀ କର, ଜୀବନ ନାୟକ, ଅଶୋକ ଜେନା, ଚୌଧୁରୀ ସରୋଜକାନ୍ତ ପ୍ରହରାଜ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ, ଅନୀତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କ ଘରୁ ଚୋରି

ଡେରାବିଶ,୨୩।୧୦(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର (ମହାବୀର କଲୋନୀ) ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଶ୍ରୀଚରଣ ସାହୁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଛି। ଶ୍ରୀ ସାହୁଙ୍କ ପୁଅ ଦୀପ୍ତିକାନ୍ତ ଚାନ୍ଦୋଳ ଫାଣ୍ଡିରେ କରିଥିବା ଅଭିଯୋଗ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଘର ପଛପଟ ଦୁଇଟି ଝରକା ତାଡ଼ି ଚୋରମାନେ ପଶି ତଳ ମହଲାର ଦୁଇଟି ବଖରାରେ ଥିବା ଦୁଇଟି ଆଲମିରା ତାଡ଼ି ସେଥିରେ ଥିବା ନଗଦ ୧୩ ହଜାର ଟଙ୍କା, ୨ଟି ସୁନା ମୁଦି ଓ ଦୁଇଟି ସୁନା ଚେନ୍ ଓ ରୂପା ଗହଣା ଚୋରି କରି ନେଇଛନ୍ତି। ଏଥିସହିତ ଗୋଟିଏ ମୋବାଇଲ୍ ଚୋରି କରି ନେଇଯାଇଛନ୍ତି। ପରେ ଉପର ମହଲାରେ ଭଡ଼ାରେ ରହୁଥିବା ବିଦ୍ୟୁତ୍ ମହାନ୍ତିଙ୍କ ଘରୁ ଏକ ଡିଜିଟାଲ୍ କ୍ୟାମେରା, ମୋବାଇଲ୍ ଫୋନ୍, ନଗଦ ୪୮ ହଜାର ଟଙ୍କା ଓ ୪୦ଟି ରୂପା କଏନ୍ ଲୁଟି ନେଇଛନ୍ତି। ରାତି ଦୁଇଟାରେ ଶ୍ରୀ ମହାନ୍ତି ଉଠି ଘରର କାଗଜପତ୍ର ଓ ଜିନିଷପତ୍ର ଏଣେ ତେଣେ ପଡ଼ିଥିବା ଦେଖି ଘରେ ଚୋର ପଶିଥିବା ନିଶ୍ଚିତ ହୋଇ ତଳମହଲାକୁ ଆସି ଘର ଲୋକଙ୍କୁ ଉଠାଇଥିଲେ। ସେତେବେଳକୁ ଚୋରମାନେ ଚାଲିଯାଇଥିଲେ। ଅଭିଯୋଗ ପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ପହଞ୍ଚି ତଦନ୍ତ କରିବା ସହ ସନ୍ଧ୍ୟାରେ ପୁଲିସ୍ କୁକୁର ଡକାଇ ଘଟଣାର ଛାନଭିନ୍ କରୁଥିବା ଜଣାଯାଇଛି।

## ବାଲକାଟୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ




ଆଳି,୨୩।୧୦(ସମିସ): ବାଲକାଟୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ୍ 'ସୁରଭି' ସ୍ଥାନୀୟ ବଡ଼ଆଙ୍କୋ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ୧୯୨ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସୁଶାନ୍ତ ନାୟକଙ୍କ ତତ୍ତ୍ୱାବଧାନ ଓ କ୍ଲଷ୍ଟର ଅଧୀନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରତିଯୋଗିତା ପରିଚାଳନା ଓ ମୂଲ୍ୟାୟନ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମଲିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ବାଲକାଟୀ ସରପଞ୍ଚ ସୁକାନ୍ତୀ ପରିଡା, ମହୁ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସବିତା ରାଉତ, ବିଦାୟୀ ସିଆରସିସି ଶେଖ ମତିଉଲ୍ଲା, ଅଚ୍ୟୁତାନନ୍ଦ ନାଥ, ରୀନା ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷକ ରତିକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଅବଦୁଲ ସମିମ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ କର୍ମଶାଳା



ରାଜନଗର, ୨୩।୧୦(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶୈଶବ ଅବସ୍ଥା, ପ୍ରଜନନ ସ୍ୱାସ୍ଥ୍ୟ ଓ ପୋଷଣର ଆବଶ୍ୟକତା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡକ୍ଟର ମିଥିଲା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କିଶୋର କିଶୋରୀଙ୍କ ବିଭିନ୍ନ ପ୍ରକାର ଶାରୀରିକ, ମାନସିକ ଓ ସାମାଜିକ ପରିବର୍ତ୍ତନ ଓ ଏ ସମୟରେ ବିଭିନ୍ନ ପ୍ରଜନନଜନିତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରା କୈଶୋର ଅବସ୍ଥାରେ ହରମୋନଜନିତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟ ପାଇଁ ପୋଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ଛାତ୍ର ସତ୍ୟବ୍ରତ ପରିଡା ଓ ପ୍ରଦୀପ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶନୀ ପ୍ରଧାନ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀ ସୁଭସ୍ମିତା ରାଉତ ଓ ସୁଶ୍ରୀ ସଂଗୀତା ଭାଗନେଇ ନିଜ ମତ ରଖିଥିଲେ।

## ନାହିଁ ନିଜସ୍ୱ ଗୃହ; ଭଡ଼ାଘରେ ଚାଲିଛି ଡାକ ଅଫିସ୍

ପଞ୍ଚୁପାଣ୍ଡବ,୨୩।୧୦(ସମିସ): ଡେରାବିଶ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଥିବା ଡାକ ବିଭାଗ ଅଫିସ୍ ଭଡ଼ାରେ ଚାଲିଥିବା ଦେଖିବାକୁ ମିଳୁଛି। କେତେକ ଡାକ କର୍ମଚାରୀଙ୍କ ନିଜସ୍ୱ ଘରେ ଚାଲୁଥିବାବେଳେ କେତେକ ଜାଗାରେ କ୍ଲବ୍ ଘର ଓ କେତେକ ଭଡ଼ାଘରେ ଚାଲିଥିବା ଦେଖିବାକୁ ମିଳୁଛି। ଡାକ ବିଭାଗ କେନ୍ଦ୍ରସ୍ତରୀୟ ହୋଇଥିବାବେଳେ ସରକାରଙ୍କ ଅବହେଳା ଯୋଗୁଁ ଡାକ ଅଫିସ୍‌ରେ ନାହିଁ ନ ଥିବା ଅସୁବିଧା ହେଉଥିବା ଅଭିଯୋଗ ହେଉଛି। ଠାକୁରପାଟଣା ଅଧୀନସ୍ଥ ବେଣୀପୁର ପଞ୍ଚାୟତର ଅଗ୍ରଣୀ ଯୁବକ ସଂଘର କ୍ଲବ୍ ଘର, ପଣସୁଧା ଗ୍ରାମ କର୍ମଚାରୀଙ୍କ ଘର, ରଘୁଦେଇପୁର ପଞ୍ଚାୟତର ବେଲାରପୁର ଗ୍ରାମରେ ଥିବା ପାଠାଗାର, ଛୋଟିରେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଏକ ଘରେ ଏମିତିକି ବହୁତ୍ ଜାଗାରେ ଭଡ଼ାରେ ଚାଲିଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଡାକ ବିଭାଗ ପାଇଁ ନିଜସ୍ୱ ଗୃହ ନ ଥିବାରୁ ସରକାରଙ୍କ ଅବହେଳାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଡାକ ବିଭାଗ କର୍ମଚାରୀ ସତ୍ୟରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଡାକ ବିଭାଗ ପାଇଁ ନିଜସ୍ୱ ଗୃହ ନ ଥିବାରୁ ଏବେ ପ୍ରାୟ ତିନିବର୍ଷ ହେବ କ୍ଲବ୍ ଘରେ ଚାଲୁଛି। ଆଗରୁ ଜଣଙ୍କ ଘରେ ଚାଲୁଥିଲା ବୋଲି ସେ କହିଛନ୍ତି।



## ଛୋଟି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



ପଞ୍ଚୁପାଣ୍ଡବ,୨୩।୧୦(ସମିସ):ଡେରାବିଶ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ଛୋଟି ରାମଚଣ୍ଡୀ ଶିକ୍ଷା ନିକେତନରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସବଜୁନିୟର, ଜୁନିୟର, ସିନିୟର୍ ବିଭାଗ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ନାଚ, ଗୀତ ଆଦି ପ୍ରତିଯୋଗିତାରେ ୧୧ଟି ବିଦ୍ୟାଳୟର ୧୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରଜନୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସଚ୍ଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ଭାଗୀରଥି ମହାନ୍ତି, ଶଶୀକାନ୍ତ ସାହୁ, ଅମରେନ୍ଦ୍ର ଦାଶ, ପ୍ରଦୀପ ମଲ୍ଲ, ବରିଷ୍ଠ ବିଜ୍ଞାନ ଶିକ୍ଷକ ସତ୍ୟରାମ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ତ୍ରିଲୋଚନ ମଲ୍ଲିକଙ୍କ ସହ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋ ସ୍କୁଲ୍ ସଭାପତି ପ୍ରଭାତ ସାହୁ, ପରିଚାଳନା କମିଟି ଅଧ୍ୟକ୍ଷ ଭାଗବତ ମଲ୍ଲିକ, ବିଚାରକ ଭାବେ ସଂଗ୍ରାମ ସାମଲ, ଶାନ୍ତନୁ ଦାଶ ଓ ବଟକୃଷ୍ଣ ସ୍ୱାଇଁ ଯୋଗ ଦେଇଥିଲେ। ଶିକ୍ଷକ ଭାଗବତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚୁକ ବ୍ରତ ପାଳନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୨୩।୧୦(ସମିସ): ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ କାର୍ତ୍ତିକ ପଞ୍ଚୁକ ବ୍ରତ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୩୧ରୁ ନଭେମ୍ବର ମାସ ୫ ତାରିଖ ପର୍ଯ୍ୟନ୍ତ ତୁଳସୀକ୍ଷେତ୍ରରେ ଏହି ବ୍ରତ ପାଳନ କରାଯିବ। ପ୍ରସ୍ତୁତି ବୈଠକରେ ବଳଦେବଜୀଉ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ନୃସିଂହ ଚରଣ ପତ୍ରୀ, ବଳଦେବ ସେନା ସଭାପତି ପପୁନ ସ୍ୱାଇଁ, ସେନା ସମ୍ପାଦକ ଓ ଅନ୍ୟ ସଦସ୍ୟ, ଧର୍ମଜାଗରଣ ସେନା ପିଲାମାନେ, ଅଭିଜିତ ବେହେରା, ଆଳିଜଙ୍ଗା ମାତୃ ସତସଙ୍ଗ କେନ୍ଦ୍ର ସଦସ୍ୟା କମଳା ମହାନ୍ତି, ସଂଯୁକ୍ତା ମହାନ୍ତି, ଧିରେନ୍ଦ୍ର ନାୟକ, କୁଳମଣି ଦାସ, ସୁଦର୍ଶନ ମହାନ୍ତି, ଅନନ୍ତ ଲେଙ୍କା, ଗୀତାଞ୍ଜଳି ନାଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଳଦେବଜୀଉଙ୍କ ଯାତ୍ରୀ ନିବାସରେ ହବିଷ୍ୟାଳୀଙ୍କ ପାଇଁ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ଅବସରରେ ଦୈନିକ ବିଭିନ୍ନ ସାଧୁସନ୍ଥଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ, ଆଲୋଚନାଚକ୍ର ଓ ସଂକୀର୍ତ୍ତନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ରହ୍ମଚାରୀ ନୃସିଂହ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ତୁଳସୀକ୍ଷେତ୍ରରେ ରହି କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ କରିବାକୁ ଚାହୁଁଥିବା ମାଆମାନେ ଯଥାଶୀଘ୍ର ଗରାପୁର ଶିବାନନ୍ଦ ଆଶ୍ରମ ସହିତ ଯୋଗାଯୋଗ କରିବାକୁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି।

# ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୨୩।୧୦(ସମିସ):



ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରବମୟ କଳା, ସାହିତ୍ୟ, ସଂସ୍କୃତିକୁ ପୁନଃଜୀବିତ କରିବା ସହିତ ଋଦ୍ଧିମନ୍ତ କରିବା ପାଇଁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ୧୫ ବର୍ଷ ଧରି ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଆସୁଛି। ଆସନ୍ତା ନଭେମ୍ବର ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସଂଲଗ୍ନ ପତ୍ରପୁର ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ ତଟରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ଉତ୍ସବକୁ ସଫଳ ଆୟୋଜନ ପାଇଁ ପଟ୍ଟାମୁଣ୍ଡାଇ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବକୁ ସଫଳତାର ପାଳନ କରିବା ପାଇଁ ସବୁବର୍ଗର ଲୋକ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୌର ପରିଷଦ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ ବେହେରା, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ଇଂ ନିର୍ମଳ ଜେନା, ଅଙ୍ଗନବାଡି ସୁପରଭାଇଜର ଖୁଲଣା ସୁନ୍ଦରୀ ଜେନା, ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଓ ସ୍ନେହଲତା ମହାନ୍ତି, ପଟ୍ଟାମୁଣ୍ଡାଇ କଲେଜ ପ୍ରାଧ୍ୟାପକ ମନୋଜ ପରିଡା, ଏମଏନ ହାଇସ୍କୁଲ ଶିକ୍ଷକ ସରୋଜ ସ୍ୱାଇଁ, ବାଳିକା ହାଇସ୍କୁଲ ଶିକ୍ଷକ ତିତିକାନ୍ତ ନାୟକ, ଭଜନେଶ୍ୱର ହାଇସ୍କୁଲ ପ୍ରଧାନଶିକ୍ଷକ ଗୋଲକ ଭୂୟାଁ, ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ ଶ୍ରୀଧର ରାଉତ, କାଉନସିଲର ଲାସ୍ୟମୟୀ ସାହୁ, ସମାଜସେବୀ ଦୀପକ ପ୍ରତାପ ଜେନା, ସାମ୍ବାଦିକ ପତିତପାବନ ଭଦ୍ର, ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, ପ୍ରବୀର ନାୟକ, ଅଲେଖ ଶର୍ମା, ପ୍ରଦୋଷ ବିଶ୍ୱାଳ, ଉପେନ୍ଦ୍ର ନାୟକ, ସୂର୍ଯ୍ୟନାରାୟଣ ଦାଶ, ଧୀରେନ୍ଦ୍ର ମଳିକ, ସୁଶାନ୍ତ କର, ପ୍ରତାପ ପାଢ଼ୀ, ଗଗନ ପ୍ରଧାନ, କୁମାରେଶ ନାୟକ, ମହିଳା କଲେଜର ଲମ୍ବୋଦର ପାଢ଼ୀ, ବିକାଶ ପରିଷଦ ସଦସ୍ୟ ବିଜୟ ସାହୁ, କସ୍ତୁରୀ ସ୍ୱାଇଁ, ନୃସିଂହ ଚୌଧୁରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିକାଶ ପରିଷଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ବିବରଣୀ ପାଠ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିକାଶ ପରିଷଦ ସଦସ୍ୟ ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପରଲୋକଗତ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ



ପଞ୍ଚୁପାଣ୍ଡବ,୨୩।୧୦(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀପାଟଣା ଗ୍ରାମର ପରଲୋକଗତ ଅବସର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ପରିବାରକୁ ଭେଟିଛନ୍ତି ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର। ଗତ ୧୬ ତାରିଖ ଦିନ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ପରଲୋକ ହୋଇଥିଲା। ଆଜି ତାଙ୍କ ପରିବାରକୁ ଭେଟି ତାଙ୍କ ସମବେଦନା ଜଣାଇଛନ୍ତି ପୂର୍ବତନ ମନ୍ତ୍ରୀ ଶ୍ରୀ ମହାପାତ୍ର। ତାଙ୍କ ସହ ବିଜେଡି ନେତା ସରୋଜ ନାୟକ, ସୁକାନ୍ତ ଦ୍ୱିବେଦୀ, ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ, ଟୁପୁଲି ବାବୁ ଓ ମନୋରଞ୍ଜନ ଉପାଧ୍ୟାୟ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକ, ୱାର୍ଡ ମେମ୍ବର ସୁଶାନ୍ତ ପଲେଇ, ସମାଜସେବୀ ଦିଗମ୍ବର ମିଶ୍ର, ଚିତ୍ତରଞ୍ଜନ ଦାସ, ବନମାଳୀ ମହାରଣା, ନୟନ ନାୟକ, ସୁଶାନ୍ତ ସାହୁ, ପ୍ରସନ୍ନ ନାୟକ, ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ସରକାରଙ୍କ ଘରୋଇକରଣ ନୀତି ପାଇଁ ଆରଏସ୍‌ପି ଭବିଷ୍ୟତ ସଂକଟରେ: ସିଟୁ

**ରାଉରକେଲା, ୨୩।୧୦(ସମିସ):** ଦୁଇ ବର୍ଷ ପରେ ମଧ୍ୟ ଆରଏସ୍‌ପିର ୩୩ ହଜାର କୋଟି ବ୍ୟୟରେ ୧୦ ମିଲିୟନ ଟନ କ୍ଷମତା ଆଧୁନିକରଣ କରାଯାଉ ନାହିଁ। ଅନ୍ୟପକ୍ଷରେ କାରଖାନା ବିଭିନ୍ନ ବିଭାଗ, ଖଣି, ବିଦ୍ୟାଳୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ସହର ସେବାକୁ ଘରୋଇକରଣ ପ୍ରକ୍ରିୟାକୁ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ତୀବ୍ର ନିନ୍ଦା କରିବାସହ ସମସ୍ତ ଶ୍ରମିକ, ସଂଗଠନ ଓ ରାଉରକେଲା ଜନସାଧାରଣ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ରକ୍ଷା କରିବାପାଇଁ ଏକ ହେବାକୁ କହିଛନ୍ତି। ଉତ୍ପାଦନ ତଥା ଲାଭକୁ ସର୍ବ ଶ୍ରେଷ୍ଠ ପର୍ଯ୍ୟାୟରେ ପହଞ୍ଚାଇବା ସତ୍ତ୍ୱେ ଇସ୍ପାତ ଶ୍ରମିକ ଓ ଠିକା ଶ୍ରମିକଙ୍କ ପ୍ରାୟ ୯ ବର୍ଷ ପରେ ମଧ୍ୟ ଏନଜେସିଏସ୍ ଚୁକ୍ତି ନହେବା ମଧ୍ୟ ଦୁର୍ଭାଗ୍ୟଜନକ। ସିଆଇଟିୟୁର ବିରୋଧ ସତ୍ତ୍ୱେ ସଂଖ୍ୟାତ୍ମକ ଆଳରେ ତ୍ରୁଟିପୂର୍ଣ୍ଣ ବୋନସ୍ ଚୁକ୍ତିନାମାରେ ଶ୍ରମିକଙ୍କୁ ମାତ୍ର ୨୯ ହଜାର ୫୦୦ ଟଙ୍କା ପ୍ରଦାନ କରି ଅଧିକାରୀମାନଙ୍କୁ ଲକ୍ଷ ଲକ୍ଷ ବା ସର୍ବୋପରି ୮ ଲକ୍ଷ ପର୍ଯ୍ୟନ୍ତ ପିଆର୍‌ପି ପ୍ରଦାନ କରୁଛନ୍ତି। କାରଣ ଶ୍ରମିକ ମାନଙ୍କ ସଂଗଠନ ଏକତାର ଅଭାବ। ରାଉରକେଲା ଇସ୍ପାତ କାରଖାନାର ଆଧୁନିକରଣ କରାଯାଉନାହିଁ। ବ୍ୟାପକ ଶ୍ରମିକ ସଂଖ୍ୟା ହ୍ରାସ କରାଯାଇ ବାହାର ଠିକାଦାର ଓ ଠିକା ଶ୍ରମିକଙ୍କୁ ଠିକା କରଣ ପ୍ରଦାନ କରାଯାଉଛି। ସ୍ଥାନୀୟ ଠିକାଦାର କାମ ପାଉନାହାଁନ୍ତି କିମ୍ବା ସ୍ଥାନିୟ ବେକାରି ନିଯୁକ୍ତି ପାଉନାହାନ୍ତି। ବାହାର ଠିକାଦାର କାମ ପାଉଥିବାରୁ ସଠିକ୍ କାର୍ଯ୍ୟ ହେଉନାହିଁ ଏବଂ ଠିକା ଶ୍ରମିକ ମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ସେଲ୍‌ର ନିଜସ୍ୱ ୪୦୦ କୋଟିର ସୁପର ସ୍ପେସାଲିଟି ହସ୍‌ପିଟାଲକୁ ବିଏମଏସ ସହାୟତାରେ ଏକ ଘରୋଇ ଡାକ୍ତରଖାନାକୁ ପ୍ରଦାନ କରାଗଲା। ଏବେ ସମସ୍ତଙ୍କ ବିରୋଧସତ୍ତ୍ୱେ ବିଏମଏସ୍ ସହାୟତାରେ ସମସ୍ତ ବିଦ୍ୟାଳୟକୁ ରବିଶଙ୍କର ସଂସ୍ଥାକୁ ପ୍ରଦାନ କରାଗଲା। ହଜାର ହଜାର ଖାଲି କ୍ୱାର୍ଟରକୁ ଅବସର ଶ୍ରମିକଙ୍କୁ ଦିଆଯାଉନାହିଁ। ତେଣୁ ଏହାକୁ ହାସଲ କରିବା ପାଇଁ ଶ୍ରମିକ ସଂଗଠନମାନେ ତୁରନ୍ତ ଏନ୍‌ଜେସିଏସ୍ ଚୁକ୍ତିନାମା ସହ ଆର୍‌ଏସପି ଆଧୁନିକରଣ ଓ ଘରୋଇରକଣ ପ୍ରକ୍ରିୟା ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ଏକ ହୁଅନ୍ତୁ ବୋଲି ସିଆଇଟିୟୁ ସାଧାରଣ ସମ୍ପାଦକ ବସନ୍ତ ନାୟକ ନିବେଦନ କରିଛନ୍ତି।

# ଆର୍‌ଏସ୍‌ପିରେ ଜରୁରିକାଳୀନ ପ୍ରସ୍ତୁତି ନିମନ୍ତେ ସୁରକ୍ଷା ଅଭ୍ୟାସ






**ରାଉରକେଲା, ୨୩।୧୦(ସମିସ)**

ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ରୋଲ୍ ସପ୍-୧ ବିଭାଗରେ ଆଜି ଅଗ୍ନି ନିରାପତ୍ତା ଉପରେ ଏକ ସୁରକ୍ଷା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭ୍ୟାସଟିକୁ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା ଏସ୍ କାର୍ଥା ରୋଲ୍ ସପ୍ ବିଭାଗର ଜିଏମ ଇନଚାର୍ଜ ସମୀର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଅଗ୍ନିଶମ ସେବା ଦଳ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ତଥା ରୋଲ ସପ୍ ସାମୂଦାୟିକ ଏହି ସୁରକ୍ଷା ଅଭ୍ୟାସ ପାଇଁ ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ ଯୋଗାଇ ଦେଇଥିଲେ। ସୁରକ୍ଷା ଅଭ୍ୟାସର ଦୃଶ୍ୟପଟ୍ଟ ରୋଲ୍ ସପ୍-୧ ବିଭାଗର ଆଣ୍ଟି-ଫ୍ରିକ୍ସନ୍ ବିୟରିଂ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାର ଏକ ଦୃଶ୍ୟ ପ୍ରସ୍ତୁତି କରାଯାଇଥିଲା, ଯେଉଁଥିରେ ଜଣେ ଆଘାତପ୍ରାପ୍ତଙ୍କ ଉଦ୍ଧାର ସାମିଲ ଥିଲା। ଏହି ଘଟଣା ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ, ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା। ଏହି ସୁରକ୍ଷା ଅଭ୍ୟାସରେ ତିନୋଟି ଉତ୍ସର୍ଗୀକୃତ ଦଳ ଯଥା - ଉଦ୍ଧାର, ଆନୁଷଙ୍ଗିକ ଓ ସାମରିକ ଭଳି ବିଭିନ୍ନ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ଗଠିତ, ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଲ୍ ସପ୍ ବିଭାଗର ଏକେ. ମହାପାତ୍ର, ଅଗ୍ନିଶମ ସେବା ବିଭାଗର ଡିଜିଏମ ଏମ୍‌ଆଇ ସୋଙ୍କୁସାରେ, ରୋଲ୍ ସପ୍ ବିଭାଗର ଏଜିଏମ୍ ଏସ୍ କେ ମିଶ୍ର, ଡେପୁଟି ମ୍ୟାନେଜର ଏବଂ ଏରିଆ ଇନଚାର୍ଜ ଜୟନ୍ତ କୁମାର ରାଉତରାୟ ଏବଂ ଏନ୍.ସେଠୀ ସଂଯୋଜନା କରିଥିଲେ। ଏହି ଅଭ୍ୟାସରେ ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର୍ଯ୍ୟ ପଦ୍ଧତି ପ୍ରକ୍ରିୟା (ଏସଓପି) ପାଳନ ଭଳି ପ୍ରମୁଖ ସୋପାନଗୁଡ଼ିକୁ ସମାଲୋଚନାମୂଳକ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା। ଏହି ଅଭ୍ୟାସଟି ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ଡିବ୍ରିଫିଂ ଏବଂ ମୂଲ୍ୟାଙ୍କନ ଅଧିବେଶନ ସହିତ ଶେଷ ହୋଇଥିଲା।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



**ରାଉରକେଲା, ୨୩।୧୦(ସମିସ):** ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ଦେବା ସହ ଭାରତର ସଂସ୍କୃତି ସୁରକ୍ଷା ଓ ସଂସ୍କାର ଦେବା ଉଦ୍ଦେଶ୍ୟରେ ଚିନ୍ମୟ ମିଶନ, ରାଉରକେଲା ପକ୍ଷରୁ ଚିନ୍ମୟ ବିଦ୍ୟାଳୟ, ଛେଣ୍ଡ ଠାରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଚିନ୍ମୟ ମିଶନର ରାଜ୍ୟ ସଂଯୋଜକ ପୂଜ୍ୟ ସ୍ୱାମୀ ଅରୂପାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୪ଟି ଚିନ୍ମୟ ବିଦ୍ୟାଳୟର ପ୍ରାୟ ୮୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନର୍ସରୀ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ମୋଟ ୬ ଟି ବିଭାଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ରାଉରକେଲାରୁ ପୂଜ୍ୟ ସ୍ୱାମୀ ଅରୂପାନନ୍ଦ ଓ ପୂଜ୍ୟା ବ୍ରହ୍ମଚାରିଣି ପ୍ରତିଭା ଚୈତନ୍ୟ, ଦେବଗଡ଼ରୁ ପୂଜ୍ୟା ସ୍ୱାମୀନୀ ତନିଷ୍ଠାନନ୍ଦ, ଲାଠିକଟାରୁ ପୂଜ୍ୟା ସ୍ୱାମୀନୀ ଋଷିପ୍ରିୟାନନ୍ଦ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ରାଉରକେଲା ଚିନ୍ମୟ ସେବା ଟ୍ରଷ୍ଟର ମୁଖ୍ୟ ସ୍ୱାମୀ କେବଳାନନ୍ଦ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୀତାର ଉପାଦେୟତା ବୁଝାଇବା ସହ ପୁରସ୍କାର ପ୍ରଦାନ କରିଥିଲେ। ଚିନ୍ମୟ ମିଶନ, ରାଉରକେଲାର ସମ୍ପାଦକ ନିର୍ମଳ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ୮ ଜଣ ଚିନ୍ମୟ ମିଶନର ସଦସ୍ୟ ବିଚାରକ ଭାବରେ ପିଲାମାନଙ୍କର ଆବୃତ୍ତି ଶୁଣିଥିଲେ। ଚିନ୍ମୟ ମିଶନର ଅନେକ ସଦସ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ଓ ଅଭିଭାବିକାଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ରୂପ ଦେଇଥିବା ପୂଜ୍ୟ ସ୍ୱାମୀ ଅରୂପାନନ୍ଦ, କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଇଜିଏଚ୍‌ରେ କ୍ୱାଡ୍ରିପାରେସିସ୍ ସହ ମେରୁଦଣ୍ଡ ଚିକିତ୍ସା

**ରାଉରକେଲା, ୨୩।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ର ଅଭିଜ୍ଞ ଡାକ୍ତରମାନେ କ୍ୱାଡ୍ରିପାରେସିସ୍ ସହିତ ମେରୁଦଣ୍ଡ ଯକ୍ଷ୍ମାରେ ପୀଡ଼ିତ ଜଣେ ୫୯ ବର୍ଷୀୟ ବୃଦ୍ଧଙ୍କ ଗତିଶୀଳତାକୁ ପୁନଃସ୍ଥାପିତ କରିବା ସହ ଶ୍ୱାସକ୍ରିୟା ଜନିତ ଅସୁବିଧାର ସଫଳ ଚିକିତ୍ସା କରିଛନ୍ତି। ନିକଟରେ ଆଇଜିଏଚରେ ଭର୍ତ୍ତି ହୋଇଥିବା ଏହି ରୋଗୀଜଣକ ତିନି ସପ୍ତାହ ଧରି ନିଜ ଅଙ୍ଗପ୍ରତ୍ୟଙ୍ଗକୁ ଚଳପ୍ରଚଳ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହେବା ସହିତ ଶଯ୍ୟାଶାୟୀ ଥିଲେ। ସେ ପୂର୍ବରୁ ରାଉରକେଲାର ଅନେକ ହସ୍ପିଟାଲ ସହିତ ପରାମର୍ଶ କରିଥିବା ବେଳେ ଶେଷରେ ଏକ ଘରୋଇ ହସ୍ପିଟାଲରେ ହୋଇଥିବା ଏମ୍‌ଆରଆଇ ପରୀକ୍ଷାରୁ ଯକ୍ଷ୍ମା ସର୍ଭିକାଲ୍ ଏବଂ କଟି ମେରୁଦଣ୍ଡ ଉଭୟକୁ ପ୍ରଭାବିତ କରିଥିଲା ବୋଲି ସ୍ପଷ୍ଟ ହୋଇଥିଲା। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇ ପାରି ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଆଇଜିଏଚ୍‌କୁ ଅଣାଯାଇଥିଲା। ଆଇଜିଏଚ୍‌ରେ ଭର୍ତ୍ତି ହେବା ସମୟରେ ରୋଗୀଙ୍କ ଅବସ୍ଥା ଗୁରୁତର ଥିଲାବେଳେ ସେ ଶ୍ୱାସକ୍ରିୟାରେ ଅସୁବିଧା ଅନୁଭବ କରିଥିଲେ, ଯାହା ପାଇଁ ଭେଣ୍ଟିଲେଟୋରୀ ସହାୟତାର ଆବଶ୍ୟକ ପଡ଼ିଥିଲା। ସର୍ଭାଇକାଲ୍ ମେରୁଦଣ୍ଡର ଏମ୍‌ଆରଆଇରୁ ସି୪ସି୫ ସ୍ତରରେ ଯକ୍ଷ୍ମା ଦେଖା ଦେଇଥିଲା, ଯାହାଦ୍ୱାରା ପୂଜ ସହ ମେରୁଦଣ୍ଡକୁ ସଙ୍କୁଚିତ କରିଦେଇଥିଲା। ରୋଗୀଙ୍କୁ ୭୨ ଘଣ୍ଟା ମଧ୍ୟରେ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ କରାଯାଇଥିଲା। ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ଅସ୍ତ୍ରୋପଚାର କରିଥିଲାବେଳେ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡାକ୍ତର ସଂଯୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ଏହି ଅସ୍ତ୍ରୋପଚାରରେ ସିଷ୍ଟର ଗୋଧୂଳି ଏବଂ ବ୍ରଦର କମଳାକର ନିଜର ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା। ସେ ଉଭୟ ଉପର ଏବଂ ତଳ ଅଙ୍ଗରେ ପୁନଃ ଗତିଶୀଳତା ଫେରିପାଇବା ସହ ଶ୍ୱାସକ୍ରିୟାର ସମୟ ୧୦ ସେକେଣ୍ଡରୁ ୨୪ ସେକେଣ୍ଡକୁ ବୃଦ୍ଧି ପାଇଥିଲା। ଅସ୍ତ୍ରୋପଚାର ପରବର୍ତ୍ତୀ ସେବାକୁ ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ସୋନିଆ, ସିଷ୍ଟର ମନୀଷା, ସିଷ୍ଟର ରୁବି, ସିଷ୍ଟର ନମିତା ଏବଂ ସିଷ୍ଟର ପ୍ରିୟଙ୍କା ଅତି ସାବଧାନତାର ସହ ପ୍ରଦାନ କରିଥିଲେ। ଆଇଜିଏଚରେ ପ୍ରାପ୍ତ ବ୍ୟାପକ ଚିକିତ୍ସା ଏବଂ ଉତ୍ସାହପୂର୍ଣ୍ଣ ସେବା ପାଇଁ ରୋଗୀଜଣକ ଗଭୀର ଆତ୍ମସନ୍ତୋଷ ପ୍ରକାଶ କରିଥିଲା ବେଳେ ସେ ଏବେ ଗୋଟିଏ ମାସ ପରେ ଏହି ଠାରେ ହିଁ ତାଙ୍କର ଲୁମ୍ବାର ସ୍ପାଇନ ଟ୍ୟୁବରକୁଲୋସିସ ପାଇଁ ଶଲ୍ୟଚିକିତ୍ସା ନିମନ୍ତେ ଯୋଜନା କରିଛନ୍ତି।



# ବରିଷ୍ଠ ନାଗରିକଙ୍କ ଆର୍ଥିକ ସୁରକ୍ଷା ସଚେତନତା ଶିବିର




**ବଣାଇଁ, ୨୩।୧୦(ସମିସ):** ବଣାଇଁ ଉପ-କୋଷାଗାର କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଆର୍ଥିକ ସୁରକ୍ଷା ଓ ଭବିଷ୍ୟତ ସଞ୍ଚୟ ସୁରକ୍ଷା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଆର୍ଥିକ ସୁରକ୍ଷା ଉପରେ ସଚେତନା କରାଇଥିଲା। ଏହି କାର୍ଯ୍ୟକ୍ରମ ବଣାଇଁ ଉପ-କୋଷାଗାର କାର୍ଯ୍ୟାଳୟର ଅଧିକାରୀ ହେପ ଶିବା ଡୁମଡୁଙ୍ଗଙ୍କ ଅଧ୍ୟକ୍ଷତାରେ ହୋଇଥିବାବେଳେ ଏଥିରେ ବଣାଇଁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାର ତଥା ଭାରପ୍ରାପ୍ତ ଉପଖଣ୍ଡସ୍ତରୀୟ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅଜୟ କୁମାର ସାହୁ, ବଣାଇଁ ଏସଏଏସ ରେବତୀ କାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବଣାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସନ୍ତୋଷ କୁମାର ଦାସ, ଉପକୋଷାଗାର କାର୍ଯ୍ୟାଳୟ କର୍ମଚାରୀ ହିସାବ ରକ୍ଷକ ନଟବର ସାହୁ, ପଦ୍ମଲୋଚନ ଜେନା, ରିତିକା ସିଂହ ପ୍ରମୁଖ ସହାୟତା କରିଥିଲେ।

## ମାଓପ୍ରବଣ ଅଞ୍ଚଳରେ ସ୍ୱତନ୍ତ୍ର ଗ୍ରାମସଭା

# ଭତ୍ତା ଓ ରାସନ୍‌କାର୍ଡ ବାଣ୍ଟିଲେ ଉପଜିଲ୍ଲାପାଳ



**କୋଇଡ଼ା, ୨୩।୧୦(ସମିସ):** ମାଓବାଦୀଙ୍କ ହଟ୍‌ସ୍ପଟ୍ କୁହାଯାଉଥିବା ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ସୋୟମ୍ବା ପଞ୍ଚାୟତ ଟୋପାଡିହି ଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାରମ୍ପାରିକ ବସ୍ତ୍ର, ବାଦ୍ୟ ନୃତ୍ୟ ଗାନ ସହ ସ୍ୱାଗତ କରିଥିଲେ। ପରେ କୋଇଡ଼ା ବିଡିଓ ସମରେନ୍ଦ୍ର ସାରା, ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ସରପଞ୍ଚ ସରିତା ଓରାମ, ଉପଖଣ୍ଡ ଭତ୍ତା ଅଧିକାରୀ ଅଜୟ ସାହୁ, ବ୍ଲକ ଭତ୍ତା ଅଧିକାରୀ ପଙ୍କଜ ସାମଦ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶିଶ କୁମାର ଦାଶ, ଯନ୍ତ୍ରୀ ସଞ୍ଜୟ ନାଏକ ଓ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଟୋପାଡିହି ଅଞ୍ଚଳବାସୀଙ୍କ ମଧ୍ୟରୁ ୭ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୬ ଜଣଙ୍କୁ ଭିନ୍ନକ୍ଷମ ଓ ଭତ୍ତା ବିଧବା ଭତ୍ତା ଏବଂ ବହୁ ଜଣଙ୍କୁ ଅନ୍ୟାନ୍ୟ ସରକାରୀ ସୁବିଧା ନୂତନ ଭାବେ ପ୍ରଦାନ କରିଥିଲେ। ଗ୍ରାମରେ ବାକି ରହିଥିବା ସମସ୍ତ ବିକାଶମୂଳକ କାର୍ଯ୍ୟ ଖୁବଶୀଘ୍ର ତ୍ୱରାନ୍ୱିତ ହେବବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉକି ଗତମାସ ଏକ ସିଆର୍‌ପିଏଫ୍ କ୍ୟାମ୍ପ ଉଦ୍‌ଘାଟନ ଦିବସରେ ସ୍ଥାନୀୟବାସୀନ୍ଦା ଉପଜିଲ୍ଲାପାଳଙ୍କୁ ନିଜର ବହୁ ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ସେବେଠାରୁ ବଣାଇଁ ଉପଜିଲ୍ଲାପାଳ ( ଆଇଏଏସ୍ ) ଅକ୍ଷୟ ପିଲ୍ଲେ ବ୍ଲକ ର ସମସ୍ତ ଅଧିକାରୀଙ୍କୁ ଗ୍ରାମରେ ପହଞ୍ଚି ଲୋକଙ୍କ ଗୁହାରି ଶୁଣି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଏନ୍‌ଆଇଟିରେ ପ୍ରୟୋଗିକ ରସାୟନ ବିଜ୍ଞାନ ଉପରେ କର୍ମଶାଳା

**ରାଉରକେଲା, ୨୩।୧୦(ସମିସ):** ଏନ୍‌ଆଇଟି ରାଉରକେଲାର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଅଭ୍ୟାସ ପାଇଁ ମୌଳିକ ତତ୍ତ୍ୱଗୁଡ଼ିକୁ ବ୍ରିଜିଂ: ଜୈବ ରସାୟନ ବିଜ୍ଞାନ ଉପରେ ଏକ କର୍ମଶାଳା' ଆୟୋଜିତ ହୋଇଥିଲା। ଏହି କର୍ମଶାଳାକୁ ପ୍ରଫେସର ନିରଞ୍ଜନ ପଣ୍ଡା ଏବଂ ପ୍ରଫେସର ସସ୍ମିତା ମହାପାତ୍ର ସଂଯୋଜନା କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ଜଣ ଶିକ୍ଷକ ଏବଂ ଗବେଷକ ଅଂଶଗ୍ରହଣ କରିଥିଲେ। ସଂଯୋଜକ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇ ଏଏନ୍‌ଆରଏଫ ଏସ୍‌ଏସ୍‌ଆର ନୀତିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କର୍ମଶାଳାକୁ ଆଇଆଇଟି ମୁମ୍ବାଇ ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ରାଘବନ ବି. ସୁନୋଜ ମୁଖ୍ୟଅତିଥି ଭାବରେ ଯୋଗ ଦଇ ବ୍ୟକ୍ତିବିଶେଷଙ୍କ ସମ୍ଭାବନାକୁ ଗବେଷଣା ଏବଂ ଗବେଷଣା ଦିଗରେ ପ୍ରଭାବଶାଳୀ ଭାବରେ ଚିହ୍ନିତ କରିବା ଏବଂ ପରିଚାଳନା କରିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ରସାୟନ ବିଭାଗର ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରଶଂସା କରିବା ସହ ସ୍ଥାୟିତ୍ୱ ଦିଗରେ ରସାୟନର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସହ-ସଂଯୋଜକ ପ୍ରଫେସର ସସ୍ମିତା ମହାପାତ୍ରଙ୍କ ଧନ୍ୟବାଦ ଦେଇଥିଲେ।



# ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ ଘଣ୍ଟାକୁ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




**ରାଉରକେଲା, ୨୩।୧୦(ସମିସ)**

ରାଜ୍ୟ ବିଜେପି ସରକାରଙ୍କ କ୍ୟାବିନେଟ୍ ଗତ ସେପ୍ଟେମ୍ବର ୨୯ରେ ଏକ ପାଖିଆ ଭାବରେ ରାଜ୍ୟରେ ଫ୍ୟାକ୍ଟ୍ରି ଆଇନ୍ -୧୯୪୮ ର ଧାରା ୫୧ ଓ ଧାରା ୫୪ ରେ ସଂଶୋଧନ ଆଣି ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୦ ଘଣ୍ଟା ବୃଦ୍ଧି କରିଛନ୍ତି। ଯାହା ପ୍ରକୃତ ପକ୍ଷେ କାର୍ଯ୍ୟକାରୀ ହେଲେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ ଘଣ୍ଟା ହେବ ଏବଂ ସପ୍ତାହକୁ ୪୮ ଘଣ୍ଟା ବଦଳରେ ୬୦ ଘଣ୍ଟା ହେବ। ମହିଳା ଶ୍ରମିକମାନଙ୍କୁ ରାତ୍ରିକାଳୀନ କାର୍ଯ୍ୟ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ଫ୍ୟାକ୍ଟ୍ରି ଆଇନ୍‌ର ଧାରା ୬୬/୧(ବି)କୁ ପରିବର୍ତ୍ତନ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସିଆଇଟିୟୁ ରାଜ୍ୟ କମିଟି ଡାକରାରେ ଏନ୍‌ଏସପିସିଏଲ ୱାର୍କର୍ସ ୟୁନିୟନ, ସିଆଇଟିୟୁ ପକ୍ଷରୁ ସ୍ଥାନୀୟ ସେକ୍ଟର ୭-୧୭ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ତୁରନ୍ତ ଏପରି ଶ୍ରମିକ ବିରୋଧୀ ନିଷ୍ପତ୍ତିରୁ ସରକାର କ୍ଷାନ୍ତହେବାକୁ ଚେତାଇ ଦିଆଯାଇଛି, ନଚେତ୍ ଆଗାମୀ ଦିନରେ ସଂଗଠନ ପକ୍ଷରୁ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି। ଆଜିର ବିକ୍ଷୋଭରେ ସିଆଇଟିୟୁ ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତି ସଭାପତିତ୍ୱ କରିଥିଲାବେଳେ ଅନ୍ୟତମ ବରିଷ୍ଠ ଜିଲ୍ଲା ଉପସଭାପତି, ଶ୍ରୀମନ୍ତ ବେହେରା, ବିପି ମହାପାତ୍ର, ଦିବାକର ମହାରଣା, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଜଗବନ୍ଧୁ ରାଉତ, ସୁରଜ ଦାସ୍, ଅଜିତ କୁମାର ରାୟ, ସୁରେନ୍ଦ୍ର ବେହେରା, ହିତେଶ ମଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାକୁ ସରକାର ତୁରନ୍ତ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

**NATIONAL COMPETITIVE BIDDING THROUGH e-Procurement** O-1094

**Tel. No.06752222092, e-mail id-eerwpuri@gmail.com**

**TCN NO. TENDER ONLINE - 09 OF 2025-26**

**No. 8445 / Dt. 10.10.2025**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.

1.Total no. of works: **74 nos.**

2 .Tender cost of packages: Amount varies from **Rs.5.04 lakh to Rs.42.02 lakh**

3.Class of contractor: **As per DTCN.**

4.Period of completion: **2 (Two) Calendar months.**

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 1.30 P.M. | 13.11.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W., Division, Puri

OIPR-25065/11/0029/2526